ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ମେ ୧୪/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, May 14/2025 | Page 16 | ₹ 7.00
୫୧ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 168 | ମୂଲ୍ୟ₹୭/-

**ସିବିଏସ୍‌ଇ ପରୀକ୍ଷାଫଳ**

# ଓଡ଼ିଶାରେ ୯୨.୪% ଦଶମ ପାସ୍

## ଦ୍ୱାଦଶ ପାସ୍ ହାର ୭୮.୭୪%

## ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ



ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଖୁସି ମନାଉଛନ୍ତି।

## ଏଥର ବି ଝିଅ ଆଗରେ

**ଭୁବନେଶ୍ୱର,୧୩ା୫(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଭୟ ପରୀକ୍ଷାରେ ପୁଅଙ୍କ ଅପେକ୍ଷା ଝିଅମାନେ ଆଗରେ ରହିଛନ୍ତି। ସର୍ବଭାରତୀୟସ୍ତରରେ ଦଶମ ପାସ୍ ହାର ୯୩.୬୬% ରହିଥିବାବେଳେ ଦ୍ୱାଦଶ ପାସ୍ ହାର ୮୮.୩୯% ରହିଛି। ଓଡିଶାରେ ଦଶମ ପାସ୍ ହାର ୯୨.୪୦% ଓ ଦ୍ୱାଦଶରେ ୭୮.୭୪% ରହିଛି। ଚଳିତବର୍ଷ ଦଶମ ପାସ୍ ହାର ଗତବର୍ଷ ତୁଳନାରେ ୦.୦୬% ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୫% ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୨.୬୩% ଓ ଟ୍ରାନ୍ସଜେଣ୍ଡରଙ୍କ ପାସ୍ ହାର ୯୫% ରହିଛି। ଭୁବନେଶ୍ୱର ଜୋନରେ ୯୨.୬୪ ପ୍ରତିଶତ ପାସ୍ ହାର ରହିଛି। ଦଶମ ବୋର୍ଡ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ମୋଟ ୨୩ ଲକ୍ଷ ୮୫ ହଜାର ୭୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ପ୍ରଥମ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନରେ ସର୍ବାଧିକ ପାସ୍ ହାର ୯୯.୭୯% ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ବିଜୟୱାଡା ରିଜିଅନ ୯୯.୭୯% ରଖିଥିବା ବେଳେ ବେଙ୍ଗାଲୁରୁ ରିଜିଅନ ୯୮.୯୦% ମାର୍କ ରଖି ତୃତୀୟ ସ୍ଥାନରେ ରହିଛି। ୯୮.୭୧% ସହ ଚତୁର୍ଥ ସ୍ଥାନରେ ଚେନ୍ନାଇ, ୯୬.୫୪% ସହ ପଞ୍ଚମରେ ପୁଣେ ରହିଛି। ତେବେ ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ପାସ୍‌ହାର ୯୨.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୪୯ ପ୍ରତିଶତ ପାସ୍ ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୪୫ ପ୍ରତିଶତ ଏବଂ ଇଣ୍ଡିପେଣ୍ଡେଣ୍ଟରେ ୯୪.୧୭ ପ୍ରତିଶତ ପାସ୍‌ହାର ରହିଛି। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ କୃତକାର୍ଯ୍ୟ ହାର

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଷାକ୍ତ ସ୍ପର୍ଶ**

# ଲକ୍ଷ୍ମଣରେଖା ଡେଇଁଲେ ଘରେ ପଶି ମାରିବୁ: ମୋଦି



## ଆଦମ୍‌ପୁର ବାୟୁସେନା ଘାଟିରୁ ପାକିସ୍ତାନକୁ କଡ଼ା ଚେତାବନୀ

ଆତଙ୍କବାଦ ବିରୋଧରେ ଭାରତ ସ୍ପଷ୍ଟ ଲକ୍ଷ୍ମଣରେଖା ଆଙ୍କିଛି। ଆଗକୁ ପାକିସ୍ତାନ ଏହାକୁ ଅତିକ୍ରମକଲେ ଭାରତ ଦୃଢ଼ ଜବାବ ଦେବ। ଦେଶରେ କୌଣସି ଆତଙ୍କବାଦୀ ଆକ୍ରମଣ ହେଲେ ଘରେ ପଶି ମାରିବୁ। ପଞ୍ଜାବର ଜଳନ୍ଧର ଜିଲାସ୍ଥିତ ଆଦମ୍‌ପୁର ଭାରତୀୟ ବାୟୁସେନା (ଆଇଏଏଫ୍) ଘାଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପାକିସ୍ତାନକୁ ଏଭଳି ଭାଷାରେ ଜବାବ ଦେଇଛନ୍ତି। ଆଦମ୍‌ପୁର ଏୟାରବେସ୍ ହେଉଛି ଆଇଏଏଫ୍‌ର ସେହି ସୀମାନ୍ତ ସାମରିକ ପ୍ରତିଷ୍ଠାନ, ଯାହାକୁ ପାକିସ୍ତାନ ମେ’ ୯ ରାତିରେ ମିଶାଇଲ ମାଡ଼ କରି ଉଡ଼ାଇଦେବାକୁ ଉଦ୍ୟମ କରିଥିଲା। ତେବେ ଭାରତର ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ୍ ପାକିସ୍ତାନୀ ବାୟୁସେନାର ଉଦ୍ୟମକୁ ପଣ୍ଡ କରିଦେଇଥିଲା। କିନ୍ତୁ ପାକିସ୍ତାନ ଏହାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରିଥିଲା। ‘ଅପରେଶନ୍ ସିନ୍ଦୂର’ ପରେ ସଶସ୍ତ୍ର ବଳକୁ ପ୍ରଥମ ଥର ୨୭ ମିନିଟ୍ ଧରି ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତର ସାମରିକ ବଳକୁ ପ୍ରଶଂସା କରିବା ସହ ଆତଙ୍କବାଦ ବିରୋଧରେ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ଏଥିସହ ପାକିସ୍ତାନର ଡାହା ମିଛକୁ ଧରାପକାଇ ଦେଇଛନ୍ତି।

**ନୂଆଦିଲ୍ଲୀ,୧୩ା୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବର ଆଦମ୍‌ପୁର ଏୟାରବେସ୍‌ରେ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ସମ୍ମୁଖରେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇ କହିଛନ୍ତି, ପାକିସ୍ତାନ ମାଟିରୁ ଯଦି ଆତଙ୍କବାଦ ଜାରି ରହେ, ତେବେ ଏହାକୁ ମାଟିରେ ମିଶାଇଦେବୁ। ‘ଅପରେଶନ ସିନ୍ଦୂର’ ପରେ ସଶସ୍ତ୍ର ବଳକୁ ପ୍ରଥମ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ସେନାର ବୀରତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ୪ ଦିନର ସଂଘର୍ଷରେ

☞ପୃଷ୍ଠା-୪

DSPL - 64

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଓଡ଼ିଶା ଶାସନ
ଜଳଧାରା
ଯାନ୍ତ୍ରିକ ପଦ୍ଧତିରେ କ୍ଷେତ ପୋଖରୀ ଖନନ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ନିଜସ୍ୱ ଜମିରେ କ୍ଷେତ ପୋଖରୀ ଖନନ ନିମନ୍ତେ ସ୍ଥାନୀୟ ଚାଷୀ ମାନଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ଆହ୍ୱାନ କରାଯାଉଛି
ଅନୁସୂଚିତ ଜାତି, ଜନଜାତି, ମହିଳା ଓ ତୃତୀୟ ଲିଙ୍ଗ ହିତାଧିକାରୀଙ୍କ ନିମନ୍ତେ ୯୫% ରିହାତି ଏବଂ ସାଧାରଣ ବର୍ଗ ହିତାଧିକାରୀଙ୍କ ନିମନ୍ତେ ୯୦% ରିହାତି ରାଶି ରାଜ୍ୟ ସରକାର ପ୍ରଦାନ କରୁଛନ୍ତି
ଯୋଜନାର ଅବଧି : ୨୦୨୪-୨୫ ରୁ ୨୦୨୬-୨୭
କ୍ଷେତ ପୋଖରୀ ମାଧ୍ୟମରେ ସମନ୍ୱିତ ଚାଷ ପଦ୍ଧତି ଆପଣେଇ ନିଜର ଆୟ ବୃଦ୍ଧି କରନ୍ତୁ
କୋରାପୁଟ: କୋଟିଆ ଗ୍ରାମପଞ୍ଚାୟତ
ମାଲକାନଗିରି: ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ
ବଲାଙ୍ଗୀର: ଆଗଲପୁର, ବେଲପଡ଼ା, ବଙ୍ଗମୁଣ୍ଡା, ଗୁଡୁଭେଲା, ଖପ୍ରାଖୋଲ, ମୁରିବାହଲ, ପାଟଣାଗଡ଼, ସଇଁତଲା, ଟିଟିଲାଗଡ଼ ଓ ତୁରେଇକେଲା
ନୂଆପଡ଼ା: ଖରିଆର, ସିନାପାଲ୍ଲୀ ଓ ବୋଡ଼େନ
ବରଗଡ଼: ଗାଇସିଲଟ, ଝାରବନ୍ଧ, ସୋହେଲା, ଆମ୍ବାଭୋନା, ପାଇକମାଳ ଓ ପଦ୍ମପୁର
କଳାହାଣ୍ଡି: ଭବାନୀପାଟଣା, ଲାଞ୍ଜିଗଡ଼, ମଦନପୁର ରାମପୁର, ନର୍ଲା ଓ ଥୁଆମୂଳ ରାମପୁର

ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ
ଉପ- ନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ( ଜଳ ବିଭାଜିକା )
ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-01510/13/0047/2526
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର



ଆଦମପୁର ଏୟାରବେସ୍‌ରେ ବାୟୁସେନା ଯବାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପାକିସ୍ତାନୀ କୂଟନୀତିଜ୍ଞ ବହିଷ୍କୃତ

**ନୂଆଦିଲ୍ଲୀ, ୧୩।୫**

ନୂଆଦିଲ୍ଲୀସ୍ଥିତ ଉଚ୍ଚାୟୁକ୍ତରେ ନିଯୁକ୍ତ ପାକସ୍ତାନୀ କୂଟନୀତିଜ୍ଞମାନଙ୍କୁ ମଙ୍ଗଳବାର ବହିଷ୍କାର କରାଯାଇଛି। ସେମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡ଼ି ଚାଲିଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କୂଟନୈତିକ ସୁବିଧା ହାସଲ କରୁଥିବା ଏହି ଅଧିକାରୀମାନେ ଅସଙ୍ଗତ କାର୍ଯ୍ୟରେ ଲିପ୍ତ ଥିବାରୁ ସେମାନଙ୍କୁ ଅବାଞ୍ଛିତ ଘୋଷରା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ନୂଆଦିଲ୍ଲୀସ୍ଥିତ ପାକସ୍ତାନୀ ହାଇକମିଶନରେ ନିଯୁକ୍ତ ଅଫିସରମାନେ ଅସଙ୍ଗତ କାର୍ଯ୍ୟରେ ଲିପ୍ତ ଥିବାରୁ

### ୨୪ ଘଣ୍ଟାରେ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

କେନ୍ଦ୍ର ସରକାର ସେମାନଙ୍କୁ 'ପର୍ସୋନା ନନ୍ ଗ୍ରାଟା' ଘୋଷଣା କରିଛନ୍ତି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଆତଙ୍କବାଦ ନିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ସଫଳତା ସମ୍ପର୍କରେ ୭୦ଟି ଦେଶର ପ୍ରତିରକ୍ଷା ବିଭାଗ ପ୍ରତିନିଧିଙ୍କୁ ଭାରତର ବରିଷ୍ଠ ସାମରିକ ଅଧିକାରୀ ଅବଗତ କରାଇବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ଗତ ୭ ତାରିଖରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ୯ଟି ସ୍ଥାନରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ୍‌କୁ ଧ୍ୱଂସ କରାଯାଇଥିଲା। ଏହାର ଜବାବରେ ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ଟାର୍ଗେଟ୍ କରି ଅନେକ ଡ୍ରୋନ୍ ଏବଂ ମିଶାଇଲ ଛାଡ଼ିଥିବାବେଳେ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ସେଗୁଡ଼ିକୁ ସଫଳତାର ସହ ପ୍ରତିହତ କରିଥିଲା। ପରେ ଭାରତ ପାକିସ୍ତାନର ୮ଟି ଏୟାରବେସ୍ ଉପରେ ଆକ୍ରମଣ କରି ଏହାକୁ ଉଡ଼ାଇଦେବାରୁ ଇସ୍‌ଲାମାବାଦର ଉଦ୍ୟମକ୍ରମେ ଗତ ଶନିବାର ୨ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା।

# ପାକିସ୍ତାନ କହିଲା ୧୧ ସୈନ୍ୟ ମୃତ

**ଇସ୍‌ଲାମାବାଦ, ୧୩।୫**

ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ସିନ୍ଦୂର'ରେ ପାକିସ୍ତାନୀ ବାୟୁସେନାର ମୁଖ୍ୟ ଟେକ୍‌ନିସିଆନ୍‌ଙ୍କ ସମେତ ୧୧ ସୈନ୍ୟ ନିହତ ହେବା ସହ ୭୮ ଜଣ ଆହତ ହୋଇଥିବା ଏହାର ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ ମଙ୍ଗଳବାର ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ଭାରତୀୟ ବାୟୁସେନା ପାକିସ୍ତାନର ଏଫ୍-୧୬ ଏବଂ ଜେଏଫ୍-୧୭ ଯୁଦ୍ଧବିମାନକୁ ଭାରତ ଖସାଇଥିଲା। ଭାରତର ଆକ୍ରମଣରେ ପାକିସ୍ତାନର ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

ଭାରତର ଅପରେଶନ ସିନ୍ଦୂର ଜବାବରେ ପାକିସ୍ତାନ ସେନା ପକ୍ଷରୁ 'ଅପରେଶନ ବୁନ୍ୟାନ-ଅଲ୍-ମର୍‌ସସ୍' ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ସେନାର ଅନ୍ୟୂନ ୩୫ରୁ ୪୦ ସୈନ୍ୟ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିଲା।

# ପିଓକେ ଖାଲିକରୁ ପାକିସ୍ତାନ

**ନୂଆଦିଲ୍ଲୀ, ୧୩।୫**



ରଣଧୀର ଜୟସ୍ୱାଲ

### କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ ଅପରିବର୍ତ୍ତିତ

### ପାକ୍ ବିରୋଧରେ କୂଟନୈତିକ କଟକଣା ଜାରି ରହିବ

ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳକୁ ଫେରାଇଦେଉ। ଏହା ହେଉଛି ଜମ୍ମୁ-କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ, ଯାହା ଅପରିବର୍ତ୍ତିତ ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଙ୍ଗଳବାର କହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁନଦୀ ଜଳ ଚୁକ୍ତି ସମେତ ପାକିସ୍ତାନ ବିରୋଧରେ ଲଗାଯାଇଥିବା କୂଟନୈତିକ ଓ ଅର୍ଥନୈତିକ କଟକଣା ଜାରି ରହିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ପୂର୍ବରୁ ପାକିସ୍ତାନ ଏଥିରେ ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହୁଁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଥିପାଇଁ ୨ ଥର ପ୍ରସ୍ତାବ ଦେଇଛନ୍ତି। ତେବେ ୨ ଦେଶ ମଧ୍ୟରେ କଶ୍ମୀର ପ୍ରସଙ୍ଗର ସମାଧାନ କରିବାକୁ ଭାରତ ପ୍ରତିବଦ୍ଧ ବୋଲି ଜୟସ୍ୱାଲ ମଙ୍ଗଳବାର ସନ୍ଧ୍ୟାରେ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଆମର ଦୀର୍ଘଦିନରୁ ଜାତୀୟ ଆଭିମୁଖ୍ୟ ଅପରିବର୍ତ୍ତିତ ରହିଆସିଛି। ଏହା କେବଳ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହୋଇପାରିବ। ଉକ୍ତ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ।

ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧକୁ ବନ୍ଦ କରିଦେଲୁ ବୋଲି ଟ୍ରମ୍ପ୍ ଦାବି କରୁଥିବା ବେଳେ ଜୟସ୍ୱାଲ କହିଛନ୍ତି, ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ପାରମ୍ପରିକ ଅସ୍ତ୍ରରେ କରାଯାଇଥିଲା। ପାକିସ୍ତାନର ନ୍ୟାଶନାଲ କମାଣ୍ଡ ଅଥରିଟି ବୈଠକ ୧୦ ତାରିଖରେ ବସୁଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ତାହାକୁ ଖଣ୍ଡନ କରାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ନିଜେ ଆଣବିକ ଆକ୍ରମଣ ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ସେହିପରି ଯୁଦ୍ଧବିରତି ପାଇଁ ଭାରତ ଓ ପାକିସ୍ତାନକୁ ରାଜି କରାଇବା ନିମନ୍ତେ ଆମେରିକା ବାଣିଜ୍ୟ ଚୁକ୍ତିକୁ ବ୍ୟବହାର କରିଥିଲା ବୋଲି ଟ୍ରମ୍ପ୍ କରୁଥିବା ଦାବିକୁ ନୂଆଦିଲ୍ଲୀ ଖଣ୍ଡନ କରିଛି। ଆମେରିକା ନେତାମାନଙ୍କ ସହ କଥା ହେଲା ବେଳେ ଟ୍ରେଡ୍ ଡିଲ୍ ଆଲୋଚନାକୁ ଆସି ନ ଥିଲା ବୋଲି ଜୟସ୍ୱାଲ କହିଛନ୍ତି।

ସେ କହିଛନ୍ତି, ଭାରତର ସ୍ପଷ୍ଟ ଆଭିମୁଖ୍ୟ ହେଲା, ଏହା କାହାକୁ ଆଣବିକ ଆକ୍ରମଣ ଧମକ ଦେବ ନାହିଁ କିମ୍ବା ସୀମାପାର ଆତଙ୍କବାଦକୁ ଅନୁମତି ଦେବ ନାହିଁ। ବିଭିନ୍ନ ରାଷ୍ଟ୍ର ସହ ଆଲୋଚନା ବେଳେ ସେମାନଙ୍କୁ ସତର୍କ କରି ଦିଆଯାଇଛି ଯେ, ଆଣବିକ ଅସ୍ତ୍ରର ଧମକ କିମ୍ବା ଆତଙ୍କବାଦକୁ ପ୍ରଶ୍ରୟ ଦେଲେ ତାହା ସେମାନଙ୍କ ନିଜ କ୍ଷେତ୍ରରେ କାଳ ସାଜିବ। ସୀମାପାର ଆତଙ୍କବାଦକୁ ସମର୍ଥନ ପାକିସ୍ତାନ ବିଶ୍ୱସନୀୟ ଭାବେ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖାଯିବ ବୋଲି ଜୟସ୍ୱାଲ ସ୍ପଷ୍ଟ କରିଦେଇଛନ୍ତି। ପାକିସ୍ତାନ ଆତଙ୍କବାଦକୁ ଶିଳ୍ପଭଳି ବଢ଼ାଇଚାଲିଛି। ଅପରେଶନ ସିନ୍ଦୂରରେ ଭାରତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିଛି। ସେହି ଭିତ୍ତିଭୂମିଗୁଡ଼ିକ କେବଳ ଭାରତୀୟଙ୍କ ମୃତ୍ୟୁ ପାଇଁ ନୁହେଁ ସାରା ବିଶ୍ୱର ଅନେକ ନିରୀହଙ୍କ ମୃତ୍ୟୁ ପାଇଁ ଦାୟୀ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# କଶ୍ମୀର, ପଞ୍ଜାବରେ ଖୋଲିଲା ସ୍କୁଲ



ଶ୍ରୀନଗର ସ୍ଥିତିରେ ଉନ୍ନତି ଆସିବା ପରେ ମଙ୍ଗଳବାର ପିଲାମାନେ ସ୍କୁଲକୁ ଯାଉଛନ୍ତି।

**ଶ୍ରୀନଗର/ଅମୃତସର, ୧୩।୫**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ଜମ୍ମୁ-କଶ୍ମୀର ସୀମାବର୍ତ୍ତୀ ଜିଲାଗୁଡ଼ିକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ମଙ୍ଗଳବାରଠାରୁ ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଖୋଲାଯାଇଛି। ଜମ୍ମୁ ଡିଭିଜନର ଡୋଡା, କିସ୍ତୱାର, ରେଆସି ଏବଂ ରାମବନ ଜିଲାରେ ସ୍କୁଲ ଖୋଲିଛି। ତେବେ କଠୁଆ, ଜମ୍ମୁ, ରାଜୌରୀ, ପୁଞ୍ଚ୍, ସାମ୍ବା ଏବଂ ଉଧାମପୁର ଜିଲାରେ ସ୍କୁଲ ବନ୍ଦ ରହିଛି। ସେହିପରି କଶ୍ମୀରରେ କୁପ୍‌ୱାରା ଏବଂ ବାରାମୁଲାକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲିଛି। ଗତ ସପ୍ତାହରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ଜମ୍ମୁ-କଶ୍ମୀରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ପଞ୍ଜାବର ୫ ସୀମାନ୍ତ ଜିଲା ଅମୃତସର, ପଠାନକୋଟ, ଫାଜିଲକା, ଫିରୋଜପୁର ଏବଂ ତରନ ତରନକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲାଯାଇଛି। ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟର ୫ ସୀମାନ୍ତ ଜିଲାରେ ସ୍କୁଲ୍ ବନ୍ଦ ରଖାଯାଇଥିବା ନେଇ ପଞ୍ଜାବ ରାଜ୍ୟ ପ୍ରଶାସନ କହିଛି।

# ସୀମାନ୍ତ ଗ୍ରାମରେ ବ୍ୟାପକ ତଲାସି

**ଜମ୍ମୁ, ୧୩।୫**

ଜମ୍ମୁ-କଶ୍ମୀରର ସୀମାନ୍ତ ଗ୍ରାମଗୁଡ଼ିକରେ ପାକିସ୍ତାନୀ ସେନା ଛାଡ଼ିଥିବା ଗୋଳା ଓ ମୋର୍ଟାଲ ଶେଲ୍ ମଧ୍ୟରୁ କେତେକ ବିସ୍ଫୋରଣ ନ ହୋଇ ରହିଯାଇଥିବାରୁ ସେଗୁଡ଼ିକୁ ଅକାମୀ କରିବା ପାଇଁ ସେନା ଏବଂ ପୋଲିସର ମିଳିତ ବମ୍ବ ଡିସ୍‌ପୋଜାଲ ସ୍କ୍ୱାଡ୍ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ତଲାସି ଅଭିଯାନ ଶେଷ ହେବା ପରେ ବିସ୍ଥାପିତ ହୋଇଥିବା ସୀମାନ୍ତ ଅଞ୍ଚଳର ଲୋକଙ୍କୁ ଘରକୁ ଫେରିବା ପାଇଁ ଅନୁମତି ଦିଆଯିବ ବୋଲି ଜମ୍ମୁ-କଶ୍ମୀରର ମୁଖ୍ୟ ସଚିବ କହିଛନ୍ତି। ଶେଲ୍ ମାଡ଼ରେ ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୩।୫**

ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ମଙ୍ଗଳବାର ସୁରକ୍ଷାବଳ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତାଇବାର ୩ ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଉଛନ୍ତି ଶାହିଦ କୁଟ୍ଟେ ଏବଂ ଅଦନାନ୍ ଶାଫି। କୁଟ୍ଟେ ୨୦୨୩ରେ ଲଶ୍କରରେ ଯୋଗଦେଇଥିଲେ। ଗତ ବର୍ଷ ଶୋପିଆନର ଦାନିଶ ରିସର୍ଟରେ ହୋଇଥିବା ଗୁଳିକାଣ୍ଡ ମାମଲାରେ କୁଟ୍ଟେଙ୍କ ସମ୍ପୃକ୍ତି ଥିଲା। ସେହିପରି ଗତବର୍ଷ ମେ'ରେ ସହରର ହିରପୋରାଠାରେ ଜଣେ ଭାଜପା ସରପଞ୍ଚଙ୍କ ହତ୍ୟାରେ ମଧ୍ୟ ତାଙ୍କର ସମ୍ପୃକ୍ତି ରହିଥିଲା। ଶାଫି ଲଶ୍କର ସହ ୨୦୨୪ରେ ଜଡ଼ିତ ହୋଇଥିଲେ। ଗତବର୍ଷ ଶୋପିଆନର ୱାଚିଠାରେ ଜଣେ ପ୍ରବାସୀ ଶ୍ରମିକଙ୍କ ହତ୍ୟାରେ ତାଙ୍କର ସମ୍ପୃକ୍ତି ରହିଥିଲା। ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାବଳ ଉକ୍ତ ଅଞ୍ଚଳରେ ଅପରେଶନ କେଲ୍ଲେର ଆରମ୍ଭ କରିଥିଲା। ମୃତ ୩ ଆତଙ୍କବାଦୀଙ୍କ ନିକଟରୁ ଏକେ-୪୭ ରାଇଫଲ୍ସ ସହ ଅନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

ପ୍ରକାଶ ଯେ, ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ପହଲଗାମ୍‌ର ବୈସରନରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଏହାପରଠୁ ଭାରତ, ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ କଶ୍ମୀରରେ ଅସ୍ଥିରତା ସୃଷ୍ଟିଲାଗି ପାକିସ୍ତାନ ଉଦ୍ୟମ ଚଳାଇଛି। ଆତଙ୍କବାଦର ମୁହଁତୋଡ଼ ଜବାବ ଦିଆଯିବ ବୋଲି ଭାରତ ଚେତାବନୀ ଦେଇଛି।



ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାବଳ ପକ୍ଷରୁ ତଲାସି ଅଭିଯାନ କରଯାଉଛି।

# ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ କିଣିବ ଭାରତ

**ନୂଆଦିଲ୍ଲୀ, ୧୩।୫**

'ଅପରେଶନ ସିନ୍ଦୂର' ବେଳେ ପାକିସ୍ତାନୀ ମିଶାଇଲ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବାରେ ଭାରତର ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଘାତକ ପ୍ରମାଣିତ ହୋଇଛି। ଏହି ସିଷ୍ଟମ୍ ୬୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରୁ ଶତ୍ରୁପକ୍ଷର ମିଶାଇଲ୍‌କୁ ଚିହ୍ନଟ କରିବା ସହ ଏହାକୁ ଟାର୍ଗେଟ କରିପାରେ ଏବଂ ୪୦୦ କିଲୋମିଟର ଦୂରରୁ ପ୍ରତିହତ କରିପାରେ। ଅପରେଶନ ସିନ୍ଦୂର ସମୟରେ ଏହାର ସଫଳ ବ୍ୟବହାର ପରେ ଭାରତ ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ରୟ କରିବାକୁ ନିବେଦନ କରିଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି।

ଭାରତୀୟ ସେନାରେ ନିୟୋଜିତ ରୁଷିଆ ନିର୍ମିତ ଏସ୍-୪୦୦ ସିଷ୍ଟମ୍ ପାକିସ୍ତାନର ମିଶାଇଲ୍ ଓ ଡ୍ରୋନ୍‌ଗୁଡ଼ିକୁ ଧ୍ୱଂସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ପଶ୍ଚିମ ସୀମାନ୍ତରେ ଆକାଶମାର୍ଗରୁ ଆସିଥିବା ସମସ୍ତ ବିପଦକୁ ପ୍ରତିହତ କରିବାରେ ଏହା ଅତ୍ୟନ୍ତ ଉପଯୁକ୍ତ ଓ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଏହାର ପ୍ରଦର୍ଶନରେ ପ୍ରୋତ୍ସାହିତ ହୋଇ ନୂଆଦିଲ୍ଲୀ ମସ୍କୋରୁ ଅଧିକ ଏସ୍-୪୦୦ ସିଷ୍ଟମ୍ କିଣି ନିଜର ଏୟାର ଡିଫେନ୍ସ ସାମର୍ଥ୍ୟ ବଢ଼ାଇବାକୁ ଚାହୁଁଛି।



ନୂଆଦିଲ୍ଲୀର ସାଉଥ୍ ବ୍ଲକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସିଡିଏସ୍ ଅନିଲ ଚୌହାନ ଓ ୩ ସେନା ମୁଖ୍ୟ।

# ପାକ୍ ଏୟାରବେସ୍‌ର ଧ୍ୱଂସ ଚିତ୍ର ସାଟେଲାଇଟ୍‌ରୁ ସ୍ପଷ୍ଟ

**ନୂଆଦିଲ୍ଲୀ, ୧୩।୫**

'ଅପରେଶନ ସିନ୍ଦୂର' ଜରିଆରେ ଭାରତୀୟ ସେନା ପାକିସ୍ତାନୀ ଏୟାରବେସ୍‌ରେ କରିଥିବା ଆକ୍ରମଣର ନୂଆ ସାଟେଲାଇଟ୍ ଚିତ୍ର ପ୍ରକାଶ ପାଇଛି। ପାକ୍ ସେନା ମିଶାଇଲ୍ ଏବଂ ଡ୍ରୋନ୍ ସହାୟତାରେ ଭାରତର ପଶ୍ଚିମ ସୀମାରେ ଥିବା ଜନବସତି ଅଞ୍ଚଳ ଏବଂ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବାକୁ ଉଦ୍ୟମ କଲାବେଳେ ଭାରତୀୟ ସଶସ୍ତ୍ର ବଳ ସେଗୁଡ଼ିକୁ ପ୍ରତିହତ କରିବା ସହ ଏହାର ୮ଟି ଏୟାରବେସ୍‌କୁ ଧ୍ୱଂସ କରିଦେଇଥିଲା। ଆମେରିକାର ଏରୋସ୍ପେସ୍ କମ୍ପାନୀ ମାକ୍ସର ଟେକ୍ନୋଲୋଜି ପକ୍ଷରୁ ଜାରି ହାଇରିଜଲ୍ୟୁଶନ ଚିତ୍ରରେ ଏହା ସ୍ପଷ୍ଟ ହୋଇଛି। ଭାରତୀୟ ସେନା ପାକିସ୍ତାନର ରାଓଲପିଣ୍ଡି ଅନ୍ତର୍ଗତ ନୁର୍ ଖାନ୍ ସାମରିକ ଘାଟି, ସିନ୍ଧ୍ ପ୍ରଦେଶର ସୁକ୍କୁର ଏବଂ ପଞ୍ଜାବ ପ୍ରଦେଶର ରହିମ୍‌ୟାର୍‌ଖାନ୍‌ଘାଟିକୁ ଟାର୍ଗେଟ କରି ମିଶାଇଲ୍ ଆକ୍ରମଣ କରିଥିଲା। ଫଟୋରେ ନୁର୍ ଖାନ୍ ଏୟାରବେସ୍‌ର ଏକ ବିଲ୍ଡିଂ ଧ୍ୱଂସ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ସୁକ୍କୁର ଏୟାରବେସ୍‌ର ବିଲ୍ଡିଂ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଏହା ବ୍ୟତୀତ ସରଗୋଧାସ୍ଥିତ ମୁଶାଫ ଏୟାରବେସ୍, ଉତ୍ତର ସିନ୍ଧର ଶାହବାଜ ଜାକୋବାବାଦ ବେସ୍ ଏବଂ ଉତ୍ତର ଥାଟ୍ଟାର ଭୋଲାରି ଏୟାରବେସ୍ ଧ୍ୱଂସ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ଜାକୋବାବାଦ ଏୟାରବେସ୍‌ର ହ୍ୟାଙ୍ଗର୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ମୁଶାଫ ଏୟାରବେସ୍‌ର ରନ୍‌ୱେ କ୍ଷତିଗ୍ରସ୍ତ ହୋଇଛି। ଭାରତୀୟ ସେନା ପାକିସ୍ତାନୀ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିବା ଗତ ଶନିବାର ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ସ୍ପଷ୍ଟ କରିଥିଲେ।






# ପାରାଦୀପ ବନ୍ଦର: ତୈଳବାହୀ ଜାହାଜରେ ୨୧ ପାକିସ୍ତାନୀ ନାବିକ

**ପାରାଦୀପ, ୧୩।୫(ଶରତ ରାଉତ)**

ପାରାଦୀପ ବନ୍ଦର ଏସ୍‌ପିଏମ୍ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ) ବର୍ଥରେ ବୁଧବାର ତୈଳବାହୀ ଜାହାଜ ଏକତଟି ସିରେନ-୨ ଲାଗିବ। ଉକ୍ତ ଜାହାଜରେ ୨୫ ନାବିକଙ୍କ ମଧ୍ୟରୁ ୨୧ଜଣ ପାକିସ୍ତାନୀ ଥିବା ମଙ୍ଗଳବାର ଜଣାପଡ଼ିଛି। ଏ ନେଇ ଇମିଗ୍ରେଶନ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଛି। ଜାହାଜରେ ପାକିସ୍ତାନୀ ନାବିକ ଥିବାରୁ ପଣ୍ୟ ଖଲାସ ସମୟ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ଇମିଗ୍ରେଶନ ବିଭାଗ ମେରାଇନ ପୋଲିସ, ପାରାଦୀପ ବନ୍ଦର ପ୍ରଶାସନକୁ ଅବଗତ କରାଇଛି। କାରଣ ପାକିସ୍ତାନୀ ନାଗରିକ ଭାରତ ସୀମା ମଧ୍ୟରେ ପ୍ରବେଶ ଉପରେ ବୈଦେଶିକ କଟକଣା ରହିଛି। ଉକ୍ତ ଜାହାଜରେ ହଂକଂ ପତାକା ରହିଛି। ଦକ୍ଷିଣ କୋରିଆ ଦେଶରୁ ୧୩୫ ମେଟ୍ରିକ ଟନ ଅଶୋଧିତ ତୈଳ ବୋଝେଇ ହୋଇ ଆସୁଛି। ଉକ୍ତ ତୈଳ ଏସ୍‌ପିଏମ୍ ବର୍ଥରେ ବୁଧବାର ଖଲାସ ହେବ ବୋଲି ବନ୍ଦର ଡିଟିଆର (ଡେଲି ଟ୍ରାଫିକ ରିପୋର୍ଟ)ରୁ ଜଣାପଡିଛି। ନାବିକଙ୍କ

### ସତର୍କ ରହିବାକୁ ପରାମର୍ଶ ଦେଲା ଇମିଗ୍ରେଶନ ବିଭାଗ

ମଧ୍ୟରେ ୨୧ ପାକିସ୍ତାନ, ୨ ଭାରତୀୟ, ଜଣେ ଶ୍ରୀଲଙ୍କା, ଜଣେ ଥାଇଲାଣ୍ଡ ଦେଶର ବୋଲି ଇମିଗ୍ରେଶନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପାରାଦୀପ ବନ୍ଦର ଏସ୍‌ପିଏମ୍ ପୋତାଶ୍ରୟଠାରୁ ୨୦ କି.ମି. ଦୂର ସମୁଦ୍ର ମଧ୍ୟରେ ଜାହାଜ ରହିଛି। ସେଠାରେ ଭାସମାନ ବର୍ଥକୁ ଏସ୍‌ପିଏମ୍ ବୋଲି କୁହାଯାଏ। ସେଠାରେ କେବଳ ବୃହତ ତୈଳବାହୀ ଜାହାଜରୁ ଅଶୋଧିତ ତୈଳ ପାଇପ୍‌ଲାଇନ ଯୋଗେ ଖଲାସ କରାଯାଇଥାଏ। ବୁଧବାର ଜାହାଜ ଲାଗିବା ପାଇଁ କ୍ଲିୟରାନ୍ସ ମିଳିଛି। କିନ୍ତୁ ଅପସାରଣ ଶେଷ ପର୍ଯ୍ୟନ୍ତ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ, ମେରାଇନ ପୋଲିସର ପାଟ୍ରୋଲିଂ ବୋଟ ଏ ପର୍ଯ୍ୟନ୍ତ ମହାନଦୀ ମୁହାଣ ଅତିକ୍ରମ କରିନାହିଁ। ବୁଧବାର କିପରି ଏସ୍‌ପିଏମ୍ ପର୍ଯ୍ୟନ୍ତ ପୋଲିସ ଯିବ ତାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି।

# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୧୩।୫(ସୁନିତ୍ ମିଶ୍ର)**

ଆଜି ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟା ୫ଟା ସମୟରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପଞ୍ଚାୟତିରାଜ, ନଗର ଉନ୍ନୟନ, ଗୃହ, ଜଳ ସମ୍ପଦ ଏବଂ ପୂର୍ତ୍ତ ବିଭାଗର କେତେକ ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆସନ୍ତା ଗୋଟିଏ ମାସ ପରେ ଭାଜପା ଶାସନାଧୀନ ସରକାରକୁ ବର୍ଷେ ପୂର୍ତ୍ତି ପାଳନ ହେବାକୁ ଥିବାବେଳେ କ୍ୟାବିନେଟ୍‌ରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ମୋହର ବାଜିପାରେ ବୋଲି ଶୁଣିବାକୁ ମିଳିଛି।

# ସରକାରଙ୍କ ତ୍ରିରଙ୍ଗା ଯାତ୍ରା ଆଜି

### ସବୁ ବିଭାଗୀୟ ମୁଖ୍ୟଙ୍କୁ ସାମିଲ ପାଇଁ ଅନୁରୋଧ

**ଭୁବନେଶ୍ୱର, ୧୩।୫(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ ସମସ୍ତ ବିଭାଗର ମୁଖ୍ୟ ଏବଂ ଅଧସ୍ତନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଅବଗତ କରାଯାଇଛି।

ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଭାରତୀୟ ସେନାଙ୍କ ସମର୍ଥନ ଏବଂ ଏକତାର ଏକ ବାର୍ତ୍ତା ଭାବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତ୍ରିରଙ୍ଗା ରାଲି(ମୋଟରସାଇକେଲ ଶୋଭାଯାତ୍ରା)କୁ ଶୁଭାରମ୍ଭ କରିବେ। ବୁଧବାର ସକାଳ ୮ଟାରେ ଏହି ରାଲି ଆୟୋଜନ କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିପାଇଁ ୭ଟା ୩୦ରେ ନିଜସ୍ୱ ମୋଟରସାଇକେଲ ଜରିଆରେ ପହଞ୍ଚିବାକୁ ସଚିବ ପତ୍ରରେ ଦର୍ଶାଇଛନ୍ତି।

# ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ

### ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି), ୧୩।୫**


ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା କରାଯାଇ ନିଯୁକ୍ତି ସୁଯୋଗ ଦିଆଯିବ ବୋଲି ମଙ୍ଗଳବାର ମୟୂରଭଞ୍ଜ ଜିଲା ବିଶୋଇ ମିନି ଷ୍ଟାଡିୟମଠାରେ ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ପଛୁଆ ରହିଛି। ଭାଜପା ସରକାରରେ ଜିଲାକୁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ତଥା ପ୍ରତିଶ୍ରୁତିବଦ୍ଧ। ଜିଲାର ଗୋରୁମହିଷାଣୀ, ବାଦାମପାହାଡ଼ ଓ ସୁଲେଇପାଟଠାରେ ଥିବା ଖଣି ଅଞ୍ଚଳର ଖଣିଜସମ୍ପଦ ସାରା ଭାରତବର୍ଷକୁ ସମୃଦ୍ଧ କରିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛି। ଜିଲାରେ ଖଣି ରହିଛି, ମାତ୍ର ଶିଳ୍ପ ନାହିଁ। ଏହି ଅଞ୍ଚଳରେ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ମୟୂରଭଞ୍ଜ ଜିଲାରେ ପାଖାପାଖି ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଥିବା ବେଳେ ୬ଟି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ୭/୮ ହଜାର ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶୋଇ ବ୍ଲକ୍ ସଦର ମହକୁମାଠାରେ ଏକ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଓ ବିଶୋଇସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନ ଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତା'ର ସମାଧାନର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକମାନଙ୍କ କନ୍ୟାଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବଙ୍ଗୋପସାଗରରେ ଉଡ଼ିଲା ଡ୍ରୋନ୍

**ଭୋଗରାଇ, ୧୩।୫(ପ୍ରଦୀପ ଦାସ)**




ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପ୍ରତିରକ୍ଷା ବିଭାଗ ଓ ତାଳସାରୀ ମେରାଇନ ଥାନା ସହଯୋଗରେ ଏକ ବଡ଼ ଡ୍ରୋନ ଆକାଶମାର୍ଗକୁ ଛଡ଼ାଯାଇଛି। ଏହି ସାମରିକ ଡ୍ରୋନ ବଙ୍ଗୋପସାଗରରେ ଜଳଯାନରେ ଆସୁଥିବା ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ଗତିବିଧିକୁ ନଜର ରଖିବ ବୋଲି ଏହାର ଅପରେଟର କହିଛନ୍ତି। ସୂଚନାନୁଯାୟୀ, ପାକିସ୍ତାନ ବିରୋଧରେ ଅବଶମ୍ଭାବୀ ସମ୍ମୁଖ ଯୁଦ୍ଧ ସ୍ଥଗିତ ରଖାଯାଇ ଶତ୍ରୁପକ୍ଷକୁ କଡା ବାର୍ତ୍ତା ଦିଆଯାଇଥିବା ବେଳେ 'ଅପରେଶନ ସିନ୍ଦୂର'କୁ ସଜାଗ ରହିବା ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପଡୋଶୀ ବାଂଲାଦେଶ ଏବେ ପାକିସ୍ତାନର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଭାରତୀୟ ଗୋଇନ୍ଦା ସଂସ୍ଥା ଜାଣିବା ପରେ ପଶ୍ଚିମବଙ୍ଗ ସୀମାନ୍ତ ଏବଂ ବଙ୍ଗୋପସାଗରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଓଡ଼ିଶା ଉପକୂଳରୁ ବାଂଲାଦେଶକୁ ଜଳପଥ ଆଧୁନିକ ଜଳଯାନରେ ଦୂରତ୍ୱ ୪ ରୁ ୫ ଘଣ୍ଟା ଲାଗୁଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବଢ଼ିଛି। ଏଭଳି ସ୍ଥିତିରେ ବଙ୍ଗୋପସାଗରରେ ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକୁ ନଜର ରଖିବା ନିମନ୍ତେ ପାରାଦ୍ୱୀପ ଓ ହଳଦିଆ ତଟରକ୍ଷୀ ବାହିନୀ ମିଳିତ ଭାବେ ସାମରିକ ଅଭିଯାନ ଜାରି ରଖିଛନ୍ତି। ଆକାଶମାର୍ଗକୁ ଛଡ଼ାଯାଇଥିବା ଡ୍ରୋନ ବିଶେଷ ଭାବେ ନଜରଦାରୀ ବଢାଯାଇଛି। ତାଳସାରୀ ମେରାଇନ ଥାନାକୁ ଆସିଥିବା ଏହି ଡ୍ରୋନକୁ ପରିଚାଳିତ କରିବା ପାଇଁ ୩ ଜଣ ପ୍ରଶିକ୍ଷକ କେନ୍ଦ୍ରରୁ ଆସିଥିବା ବେଳେ ମେରାଇନ ଥାନାର ପୋଲିସ ମିଳିତ ଭାବେ ୨୪ ଘଣ୍ଟିଆ ତଲାସୀ ଅଭିଯାନ ଜାରି ରହିଛି ବୋଲି ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।


ପୁରୀ ଶ୍ରୀନହରସ୍ଥିତ ରଥଖଳାରେ ମଙ୍ଗଳବାର ମହାରଣା ସେବକମାନେ ରଥର ପଇରେ ବିନ୍ଧ କରୁଛନ୍ତି। **(ଫଟୋ- ଯଜ୍ଞେଶ୍ୱର ମହାନ୍ତି)**

# ଋଣବୋଝ: କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

**ଜମନକିରା, ୧୩।୫(ରବୀନ୍ଦ୍ର ପ୍ରସାଦ ଦାନୀ)**


ମୃତ ଚାଷୀ ଶରତ ମାଝୀ

ସମ୍ବଲପୁର ଜିଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗାଁର ଜଣେ ଦିବ୍ୟାଙ୍ଗ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଋଣଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ମୃତ ଚାଷୀଙ୍କ ସ୍ତ୍ରୀ ସ୍ନେହଲତା ମାଝୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ଶରତ ମାଝୀ (୩୨)। ସୂଚନା ଅନୁସାରେ, ମୃତ ଚାଷୀ ଶରତଙ୍କର ୪ଭାଇ। ସେମାନଙ୍କ ପୈତୃକ ସମ୍ପତ୍ତି ୨ ଏକର ଜମିକୁ ଶରତ ଚାଷ କରୁଥିଲେ। ୨୦୧୪ରେ ଜମିକୁ ବନ୍ଧକ ଦେଇ ସେ କୁଲୁଣ୍ଡି ଲ୍ୟାମ୍ପସରୁ ୬୦ ହଜାର ଟଙ୍କା ଋଣ କରିଥିଲେ। ୨୦୨୦ରେ ଏକ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀରର ଅଣ୍ଟାରୁ ତଳଭାଗ କାମ କରୁ ନ ଥିଲା। ଏହାପରେ ସେ ଚାଷକାମ ଆଉ କରିପାରି ନ ଥିଲେ। ଏହି କାରଣରୁ ସେ ଋଣଟଙ୍କା ଶୁଝିପାରୁ ନ ଥିଲେ। ମୂଳ ଟଙ୍କା ସହ ସୁଧ ମିଶି ଏବେ ତାହା ୧ ଲକ୍ଷ ୨୦ ହଜାରରେ ପହଞ୍ଚିଛି। ଋଣ ଖିଲାପ ଯୋଗୁ ଅନ୍ୟ ଭାଇମାନେ ମଧ୍ୟ ବ୍ୟାଙ୍କଋଣ ପାଇପାରୁ ନ ଥିଲେ। ଏହାକୁ ନେଇ ଭାଇମାନଙ୍କ ଭିତରେ ଅସନ୍ତୋଷ ଥିଲା। ଦୁଇଦିନ ତଳେ ଶରତ ଅନ୍ୟ ଭାଇମାନଙ୍କ ସହ ଋଣ ଶୁଝିବା ନେଇ କଥା ହୋଇଥିଲେ। ହେଲେ ଋଣଅର୍ଥ ପରିଶୋଧ ନେଇ କୌଣସି ରାସ୍ତା ବାହାରି ନ ଥିଲା। ଅପରପକ୍ଷରେ ତାଙ୍କର ଏକମାତ୍ର ପୁଅ ଚଳିତବର୍ଷ ୫ମ ପାସ୍ କଲାପରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାର ଥିଲା। ଆର୍ଥିକ ସ୍ଥିତିକୁ ନେଇ ଚିନ୍ତାରେ ଥିବା ଶରତ ପୁଅର ପଢ଼ାକୁ ନେଇ କୌଣସି ବାଟ ପାଉ ନ ଥିଲେ। ସ୍ୱାମୀ ଅକର୍ମଣ୍ୟ ହୋଇଯିବା ପରେ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଶରତଙ୍କ ସ୍ତ୍ରୀଙ୍କ ପାଇଁ ଘର ଚଳାଇବା କଠିନ ହେଉଥିଲା। ଏପରିସ୍ଥଳେ ଭିନ୍ନକ୍ଷମ ଭତ୍ତା ହିସାବରେ ମାସିକ ୧୨ ଶହ ଟଙ୍କା ହିଁ ଏକମାତ୍ର ଭରସା ଥିଲା। ତେବେ ଭିନ୍ନକ୍ଷମ ପ୍ରମାଣପତ୍ର ନବୀକରଣ କରି ନ ଥିବାରୁ ଗତ ୫ ମାସ ହେବ ଭତ୍ତା ଟଙ୍କା ବନ୍ଦ ହୋଇଯାଇଥିଲା। ଏସବୁକୁ ନେଇ ଶରତ ସବୁବେଳେ ଚିନ୍ତାରେ ରହୁଥିଲେ। ଶେଷରେ ସୋମବାର ରାତି ପ୍ରାୟ ୯ଟାରେ ସେ ଘରେ ଥିବା କୀଟନାଶକ ପିଇଦେଇଥିଲେ। ସ୍ନେହଲତା ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ବୁର୍ଲା ଭିମ୍‌ସାର ନେଇଥିଲେ। ହେଲେ ମଧ୍ୟରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶରତଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଥାନା ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଆହୁରି ୪ ଦିନ ଖରା ଗୁଳୁଗୁଳି, ୨୦ ଯାଏ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୫ (ଅନୁରାଧା ମହାରଣା)**

ରାଜ୍ୟରେ ଅସମ୍ଭାଳ ଖରା ସହ ସ୍ଥାନେ ସ୍ଥାନେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଖରା ଓ ଗୁଳୁଗୁଳି ପ୍ରଭାବ ଜାରି ରହିବ। ଅନ୍ୟପଟେ ୨୦ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ବହିବା ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, କନ୍ଧମାଳ, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି ଓ କଟକ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଏହି ସମସ୍ତ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାରେ ଉଷ୍ମ ଓ ଆର୍ଦ୍ର ଅବସ୍ଥା ପାଇଁ ୟେଲୋ ୱାର୍ନିଂ ରହିଛି। ସୂଚନା ଥାଉକି, ମଙ୍ଗଳବାର ନୟାଗଡ଼, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଯାଜପୁର, ଢେଙ୍କାନାଳ ଜିଲାର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି।

# ସୀମା ସୁରକ୍ଷାରେ ଯବାନ: ଝିଅ ଜନ୍ମର ୧୫ଦିନ ପରେ ଆଖିବୁଜିଲେ ସ୍ତ୍ରୀ

**ସମ୍ବଲପୁର, ୧୩।୫(ପ୍ରମୋଦ ବହିଦାର)**

ଦେଶ ମାତୃକାର ସୁରକ୍ଷା ପାଇଁ ସୀମାରେ ନିୟୋଜିତ ଜଣେ ଯବାନଙ୍କ ସ୍ତ୍ରୀ ବୁର୍ଲା ଭିମସାରରେ ୧୫ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସୋମବାର ବିଳମ୍ବିତ ରାତିରେ ଆଖି ବୁଜିଛନ୍ତି। ସେ ନବଜନ୍ମିତ ଶିଶୁକନ୍ୟାକୁ ଛାଡି ଯାଇଛନ୍ତି। ରାତିରେ ତାଙ୍କୁ ରକ୍ତ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ରକ୍ତ ଶରୀରକୁ ଯାଉ ନ ଥିବା ଦେଖି ପରିବାର ଲୋକ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ଆସି ପରୀକ୍ଷା କରିବା ପରେ ଜସ୍ମିନ ଗଣ୍ଡ(ଲିପି)ଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍ତ୍ରୀଙ୍କ ପ୍ରସବ ପାଇଁ ଆସିଥିବା ଦେବରାଜଙ୍କ ଛୁଟି ଯୁଦ୍ଧଜନିତ ଘନାଘଟା ମଧ୍ୟରେ ବାତିଲ ହୋଇଯିବା ପରେ ଶନିବାର କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ। ଏଠାରୁ ଯିବାର ଦୁଇଦିନ ପରେ ସ୍ତ୍ରୀ ଜସ୍ମିନଙ୍କ ମୃତ୍ୟୁ ଘଟିଛି। ୧୫ଦିନର ଶିଶୁକନ୍ୟା ମା'କୁ ହରାଇ ଏବେ ଆଈଙ୍କ କୋଳରେ ରହିଛନ୍ତି।

ଭାରତୀୟ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ରେ ଯବାନ ଭାବେ କାର୍ଯ୍ୟରତ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଜସ୍ମିନ ଗତ ଏପ୍ରିଲ ୨୮ତାରିଖରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ


ମୃତା ଜସ୍ମିନ ଗଣ୍ଡ

ପ୍ରସବ ହେବାପରେ ହଠାତ ସେ ଗୁରୁତର ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏପ୍ରିଲ ୨୯ ତାରିଖରେ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ସଂଜ୍ଞା ଫେରି ନ ଥିଲା। ଗତ ଶନିବାର ତାଙ୍କୁ ରକ୍ତର ଆବଶ୍ୟକ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ କାରଣରୁ ତାଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କେତେକ ସ୍ୱେଚ୍ଛାସେବୀ ଆଗେଇ ଆସି ୪ ୟୁନିଟ ରକ୍ତଦାନ କରିଥିଲେ। ସ୍ତ୍ରୀଙ୍କ ପ୍ରସବ ପାଇଁ ଛୁଟିରେ ଆସିଥିବା ଦେବରାଜ ଜରୁରିକାଳୀନ ପରିସ୍ଥିତିରେ ଏସ୍‌ଏସ୍‌ବି ହେଡକ୍ୱାର୍ଟର୍ସରୁ ଡାକରା ପାଇ ଶନିବାର ୧୩ ଦିନର ଝିଅ ଓ ଶଯ୍ୟାଶାୟୀ ସ୍ତ୍ରୀଙ୍କୁ ଛାଡ଼ି କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: କଳିଙ୍ଗ ଷ୍ଟାଡିୟମ ୩ ନଂ. ଗେଟ୍, ସମୟ: ସକାଳ ୮ଟା।
- ସୋଲୋ ଆର୍ଟ ଏକ୍ସଜିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଓଡ଼ିଶା ମେଲୋଡି ଆସୋସିଏଶନର ବାର୍ଷିକୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀ ଶ୍ରୀ ଆଖଣ୍ଡଳମଣି ବାବା ସେବା ସଂସଦ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଜନସ୍ୱାସ୍ଥ୍ୟ ଅଭିଯାନ ଓ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ୫୭ତମ ବାଣୀଚିତ୍ର ସିନେ ପୁରସ୍କାର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ସନ୍ଧ୍ୟା ୭ଟା।
- ଉନବିଂଶତମ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ : ଶଙ୍ଖାମେରୀ, କପାପଦା ସାହି, ସମୟ: ସନ୍ଧ୍ୟା ୮ଟା।

## ପୁରୀ

- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।
- ସ୍ୱରାଜ ଦ୍ୱିତୀୟା ପର୍ବ, ସମବେତ ପ୍ରସାଦସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ଗ୍ରାମ ନୂଆଗାଁ, ସାକ୍ଷୀଗୋପାଳ, ସମୟ: ରାତି ୮ଟା।

## ବାଲେଶ୍ୱର

- ଷଷ୍ଠ ଜିଲା ପରିଷଦର ସପ୍ତମ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଟିୟୁଏସିସି ପକ୍ଷରୁ ଜିଲାସ୍ତରୀୟ କନଭେନସନ୍, ସ୍ଥାନ: ପରିବହନ ଶ୍ରମିକ ଭବନ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜହ୍ନତା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ବଚ୍ଛଦା, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ତାଳବନ୍ଧ ପ୍ରକୃତି ଶିବିରର ଶୁଭ ଉଦ୍‌ଘାଟନ, ସ୍ଥାନ:ତାଳବନ୍ଧ ରେଞ୍ଜ ତାଳବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା,ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଫେଛକ) ଝାରପୋଖରିଆ,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- କଳିଙ୍ଗ ପାରମ୍ପରିକ ଖାଦ୍ୟ ମେଳା, ସ୍ଥାନ: କରୋନେଶନ ପଡ଼ିଆ ଫୁଲବାଣୀ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଲଳିତ କଳା ସଂସଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ 'ଏମିତିକା ଜୀବନ ଇଏ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବି.ଏନ. ମହାନ୍ତି ଏଣ୍ଡ ଆସୋସିଏଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଦୁର୍ଗା କଲୋନୀ ହରେକୃଷ୍ଣ ଭବନ, ସମୟ: ସକାଳ ୮ଟା।

## ନୟାଗଡ଼

- ବିଶ୍ୱ ଶାନ୍ତି ମହାଯଜ୍ଞର ଅୟାମ୍ଭରମ୍ଭ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା ।
- ନୟାଗଡ଼ ବିଧାନସଭାସ୍ତରୀୟ କମିଟି ବୈଠକ, ସ୍ଥାନ ; ଜିଲା ପରିଷଦ ସମ୍ମିଳନୀ କକ୍ଷ, ସ୍ଥାନ: ପୂର୍ବାହ୍ନ ୧୦ଟା୩୦।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୫ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୫ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୫ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜାର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୮ଟା ।
- ମାରୱାଡି ଯୁବା ମଞ୍ଚ ଆୟୋଜିତ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର, ସ୍ଥାନ: କ୍ଷେତରାଜପୁର ମାରୱାଡି ଧର୍ମଶାଳା, ସମୟ: ସକାଳ ୮ଟା ।
- ଏକତା ଅନ୍ୱେଷା ଅନୁଷ୍ଠାନ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦ ।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା ।

## ସୁନ୍ଦରଗଡ଼

- ସୁନ୍ଦରଗଡ ସରକାରୀ ନର୍ସିଂ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଲୁହୁରାଡିପା ସ୍ଥିତ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ଶଙ୍କରା ସ୍ଥିତ ଶିକ୍ଷାନୁଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଆବାସିକ ସଂସ୍କୃତ ପ୍ରବୋଧନ ବର୍ଗର ସମାରୋପ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ

- ଚତୁର୍ଥ ଗନ୍ଧରାଡ଼ୀ ଲୋକକଳା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଓପିଏସ୍‌ସି, ଓଏସ୍‌ଏସ୍‌ସିରେ ନୂତନ ସଦସ୍ୟ

- ଓପିଏସ୍‌ସିକୁ ଉଦୟ ନାରାୟଣ ଓ ମିହିର ପ୍ରସାଦ
- ସ୍ମୃତି, ସୁଧାକର ଓଏସ୍‌ଏସ୍‌ସି ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର,୧୩।୫(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ରେ ଦୁଇ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ବର୍ଗର ରହିଥିବାବେଳେ ଆଉ ଜଣେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ।

ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଜନଗଣନା (ଅପରେଶନ) ନିର୍ଦ୍ଦେଶକ ଉଦୟ ନାରାୟଣ ଦାସଙ୍କୁ ଆୟୋଗର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ କାର୍ଯ୍ୟରେ ଯୋଗଦେବା ଦିନଠାରୁ ୬ ବର୍ଷ ନଚେତ୍ ୬୨ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ପୁରୀସ୍ଥିତ ଏସ୍‌ସିଏସ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ରଙ୍କୁ ମଧ୍ୟ ଓଡ଼ିଶା ଲୋକସେବା ଆୟୋଗର ନୂଆ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ ଚାକିରିରେ ଯୋଗଦେବା ଦିନଠାରୁ ୬ ବର୍ଷ ନଚେତ୍ ୬୨ ବର୍ଷ ଯାଏ ଦାୟିତ୍ୱରେ ରହିବେ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି।

ଅନ୍ୟପକ୍ଷରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁର୍ଗୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ସ୍ମୃତି ଦାସଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ (ଓଏସ୍‌ଏସ୍‌ସି)ର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ନବନିଯୁକ୍ତ ସଦସ୍ୟମାନେ ଆୟୋଗରେ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୫ ବର୍ଷ ନଚେତ୍ ୬୫ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଛତିଆରେ ବିସ୍ଫୋରଣ: ୨ ମୃତ, ଜଣେ ଗୁରୁତର

- ବୋମା କି ଡିନାମାଇଟ ସ୍ପଷ୍ଟ ହୋଇନାହିଁ
- ପୋଲିସର ତଦନ୍ତ ଆରମ୍ଭ

**ଚଣ୍ଡିଖୋଲ/ଛତିଆ,୧୩/୫ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ବିସ୍ଫୋରଣ ଘଟିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ରାମ ପିଙ୍ଗୁଆ(୩୮), ଚଣ୍ଡିତଳ ଗ୍ରାମର ମଣ୍ଟୁ ପାତ୍ର(୩୫)। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୁଷୁଣୀ ଗ୍ରାମର ନେପାଳି ପୂର୍ତ୍ତି(୨୮)। ଘଟଣା ପରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ ତଦନ୍ତ କରିଛନ୍ତି। ବୈରୀ ଥାନା ଅଧିକାରୀ ଅଂଶୁମାଳା ଦାସ, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ପ୍ରମୁଖ ପହଞ୍ଚି ତଦନ୍ତରେ ସହଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉପରୋକ୍ତ ୩ ବ୍ୟକ୍ତି ଏକ ବାଇକ୍(ଓଡି୦୪ଡି୭୭୪୧)ରେ ଆସୁଥିଲେ। ସେମାନେ ଛତିଆଠାରେ



ବିସ୍ଫୋରଣରେ ଜଳିଯାଇଥିବା ବାଇକ୍।

୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ଚୋରା ବିଦେଶୀ ମଦ ଦୋକାନ ନିକଟରେ ଅଟକିଥିଲେ। ଏହି ସମୟରେ ସେମାନେ ସାଙ୍ଗରେ ଆଣିଥିବା ସାମଗ୍ରୀର ବିସ୍ଫୋରଣ ହୋଇଥିଲା। ଫଳରେ ରାମ ଓ ମଣ୍ଟୁଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ୫୦ ମିଟର ଆକାରରେ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଗୁରୁତର ନେପାଳିଙ୍କୁ ବୈରୀ ପୋଲିସ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ବୋମା କି ଡିନାମାଇଟ୍ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ପରେ କଣ ବିସ୍ଫୋରଣ ହେଲା ଜଣାପଡ଼ିବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସମ୍ପୃକ୍ତ ୩ ବ୍ୟକ୍ତି ହେଉଛନ୍ତି ମାଛଧରାଳି। ସେମାନେ ମାଛ ମାରିବା ପାଇଁ ସାଥିରେ ଡିନାମାଇଟ ନେଇ ଯାଉଥିଲେ। ବାଇକ୍‌ରେ ପଛରେ ବସିଥିବା ବ୍ୟକ୍ତି ଓହ୍ଲାଇବାବେଳେ ସେ ଅଣ୍ଟାରେ ବାନ୍ଧି ରଖିଥିବା ଡିନାମାଇଟର ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ବାଇକ୍‌ଟି ମଧ ଅଧା ଜଳିଯାଇଥିଲା। ବିସ୍ଫୋରଣର ଶବ୍ଦ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଶୁଭିଥିଲା। ବିସ୍ଫୋରଣ ସମୟରେ ସେଠାରେ ୨ଟି ଦୋକାନ ଖୋଲାଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ଅନ୍ୟ ସବୁ ଦୋକାନ ବନ୍ଦଥିଲା। ଘଟଣାସ୍ଥଳରେ କେହି ଲୋକ ନ ଥିଲେ, ନଚେତ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲା।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ମାଲକାନଗିରି,୧୩।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ମଙ୍ଗଳବାର ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧରେ ମହିଳା ଓ ପୁରୁଷ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫ ମହିଳା ଓ ୩ ପୁରୁଷଙ୍କ ଉପରେ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ବହୁ ପୋଲିସ ଗୁଳିରେ ନିହତ ହେବା ଫଳରେ ସଂଗଠନ ଦିନକୁ ଦିନ ଭୁଶୁଡ଼ି ଯାଉଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୁକ୍‌ମା ପୋଲିସ ସୂଚନା ଦେଇଛି।

# ୧୫ରେ ସରିବ ପିଏମ୍‌ଏୱାଇ ନେଇ ଆବେଦନ: ମନ୍ତ୍ରୀ

- ଆଜି ଅନ୍ତ୍ୟୋଦୟ ଯୋଜନା ତାଲିକା ପ୍ରଦାନର ଶେଷ ଦିନ
- ରାଜ୍ୟରେ ବଣ୍ଟାଯିବ ୧,୦୦,୯୧୭ ଘର

**ଭୁବନେଶ୍ୱର,୧୩।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଲାଗି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଖାପାଖି ୩୫ ଲକ୍ଷ ହିତାଧିକାରୀ ଆବେଦନ କରିଛନ୍ତି। ରାଜ୍ୟରେ ପିଏମ୍‌ଏୱାଇ ଲାଗି ଯେଉଁ ଆବେଦନ ପ୍ରକ୍ରିୟା ଚାଲିଛି ତାହା ଆସନ୍ତା ୧୫ରେ ଶେଷ ହୋଇଯିବ। ଏହାପରେ ଆଉ କେହି ପିଏମ୍‌ଏୱାଇ ଲାଗି ଆବେଦନ କରିପାରିବେ ନାହିଁ। ଏଥିଲାଗି ମଝିରେ ଆଉ ଗୋଟିଏ ଦିନ ବାକି ରହିଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ କହିଛନ୍ତି। ମନ୍ତ୍ରୀ ନାଏକ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହାପରେ ପ୍ରତ୍ୟେକ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ସର୍ଭେ ପ୍ରକ୍ରିୟାର ନାଁ ଆୱାସ୍ ପ୍ଲସ୍ ଟୁ ରଖାଯାଇଛି। ବ୍ଲକ୍‌ସ୍ତରରୁ ଏକ ଟିମ୍ ଗଠନ କରାଯାଇ ଏହି ସର୍ଭେ କରାଯିବ। ରାଜ୍ୟରେ ଏବେ ୩ ଲକ୍ଷ ଘରର ଛାତ ପଡ଼ିସାରିଥିବା ବେଳେ ୫ ଶହ ସ୍ଥାନରେ ରାସ୍ତାକୁ ନେଇ ସମସ୍ୟା ରହିଥିବା ମନ୍ତ୍ରୀ ନାଏକ କହିଛନ୍ତି। ତେବେ ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ଅବଧି କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଥର ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମୋଟ୍ ରାଜ୍ୟରେ ୧ ଲକ୍ଷ ୯୧୭ ଖଣ୍ଡ ଘର ବଣ୍ଟାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଜିଲାୱାରି କେତେ ଲେଖାଏ ଘର ବଣ୍ଟାଯିବ ତା'ର ମଧ ତାଲିକା ପ୍ରସ୍ତୁତ ସରିଛି। ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ଜିଲାପାଳମାନଙ୍କୁ ନିଜ ଜିଲାର ଟାର୍ଗେଟ ରଖାଯାଇଥିବା ହିତାଧିକାରୀଙ୍କ ତାଲିକା ଦେବାକୁ ଚିଠି କରାଯାଇଛି। ଏଥିଲାଗି ମଧ ମଝିରେ ଆଉ ଗୋଟିଏ ଦିନ ରହିଛି। ଜିଲାପାଳମାନେ ଏହି ତାଲିକା ପ୍ରଦାନକଲେ ତାହା ଅନୁମୋଦନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବ ବୋଲି ମଧ ଚିଠିରେ ଉଲ୍ଲେଖ କରାଯାଇଛି। ତେଣୁ ବାସ୍ତବରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କ ଠିକ୍ ତାଲିକା ପ୍ରସ୍ତୁତକରି ୧୫ ତାରିଖ ସୁଦ୍ଧା ଦେବାକୁ ଡେପୁଟି ସେକ୍ରେଟାରି କୁଳମଣି ମିଶ୍ର ସବୁ ଜିଲାପାଳଙ୍କୁ ଗତ ୨୪ ତାରିଖରେ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଏଥର ବି ଝିଅ...

୮୮.୩୯ ପ୍ରତିଶତ ରହିଛି। ଗତବର୍ଷ ତୁଳନାରେ ପାସ୍ ହାର ସାମାନ୍ୟ ଅଧିକ ରହିଛି। ଗତବର୍ଷ ୮୭.୯୮ପ୍ରତିଶତ ରହିଥିବାବେଳେ ଏଥର ୦.୪୧ ପ୍ରତିଶତ ଅଧିକ ରହିଛି। ତେବେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଏଥର ବାଜି ମାରି ନେଇଛନ୍ତି। ଛାତ୍ରୀଙ୍କ ପାସ୍ ହାର ଛାତ୍ରଙ୍କ ତୁଳନାରେ ୫.୯୪% ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୧.୬୪% ଥିବାବେବେଳେ ଛାତ୍ରଙ୍କ ପାସ୍‌ହାର ୮୫.୭୦% ରହିଛି। ଦ୍ୱାଦଶରେ ୨୪,୮୬୭ ପରୀକ୍ଷାର୍ଥୀ ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ୧ଲକ୍ଷ ୧୧ହଜାର ୫୪୪ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶ ପାସ୍ ହାରରେ ବିଜୟୱାଡ଼ା ୯୯.୬୦ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନର ପାସ୍ ହାର ୯୯.୩୨% ରହିଥିବା ବେଳେ ତୃତୀୟ ସ୍ଥାନରେ ଚେନ୍ନାଇ ରିଜିଅନ୍ ୯୭.୩୯% ରହିଛି। ତେବେ ୧୧ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ଏହାର ପାସ୍ ହାର ୮୩.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୨୯ ପ୍ରତିଶତ ପାସ୍ ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୦୫ ପ୍ରତିଶତ ପାସ୍ ହାର ରହିଛି।

## ଲକ୍ଷ୍ମଣରେଖା ଡେଇଁଲେ...

ସେନା ପାକିସ୍ତାନର ଗର୍ବ ଭାଙ୍ଗିବାରେ ସମର୍ଥ ହୋଇଥିଲା। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନରେ ଥିବା ୯ ଆତଙ୍କବାଦୀ ଭିତ୍ତିଭୂମି ଏବଂ ୮ ସାମରିକ ସ୍ଥଳ ଧ୍ୱଂସ ହୋଇଥିଲା। ଆପଣମାନେ ଯାହା କରିଛନ୍ତି, ତାହା ଅଦ୍ଭୁତ, ଅକଳ୍ପନୀୟ ଏବଂ ଅଭୂତପୂର୍ବ ବୋଲି ପ୍ରଧାନମନ୍ତ୍ରୀ ସେନାକୁ କହିଛନ୍ତି।

ପାକିସ୍ତାନ ସୀମାଠାରୁ ୧୦୦ କି.ମି. ଦୂରରେ ଆଦମ୍‌ପୁର ଏୟାରବେସ୍ ଅବସ୍ଥିତ। ସେଠାରେ ମୁତୟନ ଏସ୍-୪୦୦ ମିଶାଇଲ୍ ଲଞ୍ଚରକୁ ଧ୍ୱଂସ କରିଥିବା ନେଇ ପାକିସ୍ତାନ ଦାବି କରୁଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଥିଲା। ପ୍ରଧାନମନ୍ତ୍ରୀ ସେହିଠାରୁ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, 'ଅପରେଶନ ସିନ୍ଦୂର' ଏବେ ପାକିସ୍ତାନ ପାଇଁ ଏକ ସ୍ପଷ୍ଟ ଲକ୍ଷ୍ମଣରେଖା ଟାଣିଛି। ଭାରତୀୟ ସେନା କେବଳ ଆତଙ୍କବାଦୀଙ୍କୁ ନୁହେଁ, ଏହାର ସମର୍ଥନକାରୀ ପ୍ରତିପକ୍ଷ ସେନାକୁ ମଧ ଧୂଳି ଚଟାଇଛି। ପାକିସ୍ତାନୀ ସେନାକୁ ଆମେ ଦେଖାଇଦେଇଛୁ ଯେ ସେଠାରେ ଆଉ କୌଣସି ସ୍ଥାନ ବାକି ନାହିଁ, ଯେଉଁଠି ଆତଙ୍କବାଦୀମାନେ ଶାନ୍ତିରେ ବସି ନିଃଶ୍ୱାସ ମାରିପାରିବେ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ନୀତି ହେଲା, ଆମେ ଘରେ ପଶି ମାରିବୁ ଏବଂ ବଞ୍ଚିବାର କୌଣସି ସୁଯୋଗ ଦେବୁନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ଅଘୋଷିତ ଭାବେ ଆଦମପୁର ବେସ୍‌ରେ ପହଞ୍ଚିବାବେଳେ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଉଥିବା ବାୟୁସେନା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆପଣମାନଙ୍କ ବୀରତ୍ୱ ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିବ। ସ୍ଥଳସେନା, ବାୟୁସେନା ଏବଂ ନୌସେନା ଯବାନମାନଙ୍କୁ ସାଲ୍ୟୁଟ୍ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଦେଶର ନୂଆ ନୀତି। ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣରେଖା ଏବେ ସ୍ଫଟିକ ଭଳି ସ୍ପଷ୍ଟ। ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ, ଭାରତ ଏହାର ଉପଯୁକ୍ତ ଜବାବ ଦେବ। ପୂର୍ବର ସର୍ଜିକାଲ ଷ୍ଟ୍ରାଇକ୍, ଏୟାରଷ୍ଟ୍ରାଇକ୍ ଏବଂ ବର୍ତ୍ତମାନର ଅପରେଶନ ସିନ୍ଦୂର ମାଧ୍ୟମରେ ଆମେ ଏହା ସ୍ପଷ୍ଟ କରିଦେଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ ଅନ୍ୟମାନେ ଭୁଲ୍ ବୁଝିବେ। ରୋହିଣୀ ନକ୍ଷତ୍ରର ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ।

**ମିଥୁନ** ମୃଗଶିରା ନକ୍ଷତ୍ର ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ,ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଅଶ୍ଳେଷା ନକ୍ଷତ୍ରର ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ କର୍ମକ୍ଷେତ୍ରରେ ସାହାଯ୍ୟ କରିବ।

**ସିଂହ** ସମସ୍ୟା ଲାଗି ରହିଥିଲେ ମଧ ମନରେ ସାହସ ବାନ୍ଧି କାମ ଆରମ୍ଭ କରିପାରିଲେ ସଫଳତା ପାଇବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ତଥାପି ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅର୍ଥ ଲାଭ ଖୋଜୁଥିବା ସଙ୍ଗକୁ ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଅଫିସରେ ମତାନ୍ତରରୁ ବିତର୍କ ଆଶଙ୍କା ରହିଛି। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ। ବିବାଦ ଓ ପରିବହନରେ କଳହ ପ୍ରଭୃତି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଚିତ୍ରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବାରୁ ପରିବାର ଭିତରେ ସାଧାରଣ କଥାରୁ ଝଡ଼ ଉଠିପାରେ। ବିଶାଖା ନକ୍ଷତ୍ର କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜି ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଅଭାବ ଦୂରେଇବାର ପ୍ରୟାସ କଲେ ମଧ କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ। ଅନୁରାଧା ନକ୍ଷତ୍ର ବକେୟା ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ** ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ୍ୟ ହୋଇପାରନ୍ତି। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସୀ ରହିବେ।

**ମକର** ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଧନିଷ୍ଠା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ରର ଆଜି ରପ୍ତାନି ବାଣିଜ୍ୟ, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଉତ୍ତରାଭାଦ୍ର ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ଆଶାଜନକ ସୁଫଳ ପାଇବେ। ରାଜନୀତି, ସଂଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ମେ ୧୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ବୁଧବାର, ମାସାନ୍ତ। ରାଶିନକ୍ଷତ୍ର- ଦିବା ଘ.୧୧.୪୬ମି. ପର୍ଯ୍ୟନ୍ତ, ଅନୁରାଧା/ବିଛା, ତା'ପରେ ଜ୍ୟେଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୦ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ. ୦୧.୨୦ମି. ମଧ୍ୟେ ରାହୁ କାଳ।



ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

# ଉତ୍ସାହ ଭରିଛି ପରୀକ୍ଷାଫଳ

ଭୁବନେଶ୍ୱର, ୧୩।୫(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଓଡ଼ିଶାରେ ଦଶମରେ ପାସହାର ୯୨.୪୦ପ୍ରତିଶତ ଥିବାବେଳେ ଦ୍ୱାଦଶରେ ୭୮.୭୪ ପ୍ରତିଶତ ରହିଛି। ଦଶମରେ ୬୦,୩୧୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧,୮୯୩ ଜଣ ଛାତ୍ର ରହିଥିବାବେଳେ ୨୮,୪୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୫୫,୭୩୪ ଜଣ ପରୀକ୍ଷାରେ ପାସ୍ କରିଛନ୍ତି। ୨୬,୫୨୮ଜଣ ଛାତ୍ରୀ ରହିଥିବାବେଳେ ୨୯,୨୦୬ ଜଣ ଛାତ୍ର ରହିଛନ୍ତି। ଚଳିତବର୍ଷ ଦଶମରେ ଛାତ୍ରୀଙ୍କ ପାସ୍‌ହାର ୯୩.୩୪ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୧.୫୭ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ପାସହାର ୭୮.୭୪ପ୍ରତିଶତ ରହିଛି। ଦ୍ୱାଦଶରେ ମୋଟ ୪୦,୭୨୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୨,୨୨୮ ଜଣ ଛାତ୍ର ଓ ୧୮,୫୦୦ ଜଣ ଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ମୋଟ ୩୨,୦୭୦ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୧୪,୯୪୩ଜଣ ଛାତ୍ରୀ ଓ ୧୭,୧୨୭ଜଣ ଛାତ୍ର ରହିଛନ୍ତି। ଦ୍ୱାଦଶରେ ଛାତ୍ରୀଙ୍କ ପାସ୍ ହାର ୮୦.୭୭ ପ୍ରତିଶତ ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୭୭.୦୫ ପ୍ରତିଶତ ରହିଛି। ଚଳିତ ବର୍ଷ ଦୁଇଟି ଯାକ ପରୀକ୍ଷାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ରେଜଲ୍ଟ କରିଛନ୍ତି।



ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡିଏମ୍ ସ୍କୁଲର ଛାତ୍ରୀଛାତ୍ର।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶତପ୍ରତିଶତ ସଫଳତା

ଭୁବନେଶ୍ୱର, ୧୩।୫(ସୁଚିସ୍ମିତା ସାହୁ)

ସିବିଏସ୍ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିଟ୍‌ରେ ଦଶମରେ ୪୦ ପ୍ରତିଶତ ଏବଂ ଦ୍ୱାଦଶରେ ୫୦ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶରେ ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ଏବଂ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲର ଉଶ୍ୱସ୍ତି ଉବିକା ପାଢଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି ।



ଟିଏସ୍‌ଜି ଗୁରୁକୁଳ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି



ବିଜେଇଏମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷାଫଳକୁ ଅପେକ୍ଷା କରିଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ବଢ଼ିଛି ପାସ୍ ହାର

ଓଡ଼ିଶା ଆର୍ଦଶ ବିଦ୍ୟାଳୟରେ ଦଶମ ଓ ଦ୍ୱାଦଶ ପାସ୍ ହାର ପୂର୍ବାପେକ୍ଷା ବଢ଼ିଛି। ଦଶମରେ ଗତ ବର୍ଷ ୮୨.୨୬% ପାସ୍ ହାର ରହିଥିବା ବେଳେ ଚଳିତବର୍ଷ ୯୧.୮% ହୋଇଛି। ମୋଟ ୧୦୬୨ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ପଲ୍ଲାସଗାଡ଼ିଆସ୍ଥିତ ଆଦର୍ଶ ବିଦ୍ୟାଳୟର କାବ୍ୟରଞ୍ଜନ ମାଝୀ ୯୯.୪% ନମ୍ବର ହାସଲ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷାରେ ପାସ୍ ହାର ପୂର୍ବ ବର୍ଷ ୬୩.୧୯% ରହିଥିବା ବେଳେ ଚଳିତବର୍ଷ ୭୧.୦୫%ରେ ପହଞ୍ଚିଛି। ବଲାଙ୍ଗୀର ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ଓମ୍‌ପ୍ରସାଦ ସାହୁ ଦ୍ୱାଦଶ (ବିଜ୍ଞାନ) ପରୀକ୍ଷାରେ ୯୭.୪% ନମ୍ବର ହାସଲ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ (ବାଣିଜ୍ୟ) ପରୀକ୍ଷାରେ ପାସ୍ ହାର ୭୭.୬୦% ରହିଛି। ସମ୍ବଲପୁର ରେଙ୍ଗାଲିର ମଧୁସ୍ମିତା ବେହେରା ୯୪.୬% ମାର୍କ (ବାଣିଜ୍ୟ) ଛାତ୍ରୀଛାତ୍ରଙ୍କ ମଧରେ ଶୀର୍ଷରେ ଅଛନ୍ତି।



କଟକ ନଖରାସ୍ଥିତ ଡିପିଏସ୍ କଳିଙ୍ଗା କୃତୀ ଛାତ୍ରୀଛାତ୍ର।



ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର କୃତୀ ଛାତ୍ରୀଛାତ୍ର।

# କୃତୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

### ଭବିଷ୍ୟତରେ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ସେଥିପାଇଁ ୯୮.୨% ନମ୍ବର ରଖିଛି। ଏହି ଫଳାଫଳ ଶୁଣିବା ପରେ ମୁଁ ବହୁତ ଖୁସି। ମନରେ ଟିକେ ଡର ଥିଲା। ଶିକ୍ଷକ ଓ ମୋର ମାତାପିତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ପଲିଟିକାଲ ସାଇନ୍ସ ପାଠ୍ୟକ୍ରମ ସହିତ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

–ଅନୁଷ୍କା ପଣ୍ଡା ( ଦ୍ୱାଦଶ ଶ୍ରେଣୀ, ହ୍ୟୁମାନିଟିଜ୍ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର

### ଭବିଷ୍ୟତରେ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି



ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ତେଣୁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୯୮% ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଥିଲେ। ମୋର ଏହି ସଫଳତାରେ ଶିକ୍ଷକ ଓ ପରିବାରର ସଦସ୍ୟଙ୍କୁ ମୁଁ ଧନ୍ୟବାଦ ଦେବି। ଭବିଷ୍ୟତରେ ଜେଇଇ ଆଡଭାନ୍ସ ପରୀକ୍ଷା ଦେଇ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି।

–ଏନ୍. ଶ୍ରେୟା ଆମୋଲିକା (ଦ୍ୱାଦଶ ଶ୍ରେଣୀ, ବିଜ୍ଞାନ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ଆଶାନୁରୂପକ ଫଳ ମିଳିଛି



–ପରିଶ୍ରମ ଅନୁଯାୟୀ ମୋତେ ଆଶାନୁରୂପକ ଫଳ ମିଳିଛି। ପରୀକ୍ଷାରେ ୯୮.୮% ନମ୍ବର ରଖିଛି। ବିଶେଷକରି ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ଅଧ୍ୟୟନ କରିବା ମୋ ପାଇଁ ଏତେବଡ ସଫଳତା ଆଣିଦେଇଛି।

–ଧୀରଜ ଧାନୁଜା (ଦ୍ୱାଦଶ ଶ୍ରେଣୀ, ବାଣିଜ୍ୟ ଛାତ୍ର), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି



ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। ମାତ୍ର ଭଗବାନଙ୍କ ଉପରେ ପୂରା ବିଶ୍ୱାସ ରଖିଥିଲି। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଫଳରେ ଆଜି ମୋତେ ୯୯.୨% ନମ୍ବର ମିଳିଛି। ପ୍ରତିଦିନ କ୍ଲାସ୍‌ରେ ରହୁଥିବା ଡାଉଟ୍‌କୁ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ସମାଧାନ କରୁଥିଲି। ଫଳରେ ବୋର୍ଡ ପରୀକ୍ଷା ବେଳକୁ ମତେ ଅତ୍ୟଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।

–ଆହାନା ପରିଜା (ଦଶମ ଶ୍ରେଣୀ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର

### ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ



ଦଶମ ପରୀକ୍ଷାରେ ୯୯.୬% ନମ୍ବର ରଖିଛି। ଏହି ସଫଳତା ପାଇଁ ମୁଁ କଠିନ ପରିଶ୍ରମ କରିଥିଲି। ପ୍ରତିଦିନ ୫ରୁ ୬ଘଣ୍ଟା ପଢୁଥିଲି। ଏଥିପାଇଁ ଘରଲୋକ ବହୁତ ସହଯୋଗ କରିଥିଲେ। ଏବେ ଜେଇଇ ପାଇଁ ପ୍ରସ୍ତୁତ ହେଉଛି। ଆଗକୁ ଇଞ୍ଜିନିୟରିଂ ପଢିବା ନିମନ୍ତେ ଯୋଜନା ରଖିଛି।

–ସୋମେଶ ପ୍ରଧାନ, ବିଜେଇଏମ୍ ସ୍କୁଲ,ଭୁବନେଶ୍ୱର

### ମାଇକ୍ରୋବାୟୋଲୋଜିରେ ରିସର୍ଚ୍ଚ କରିବି



ଦଶମ ପରୀକ୍ଷାରେ ୯୮.୪% ନମ୍ବର ରଖିଛି। ଏହି ପରୀକ୍ଷାଫଳ ଭବିଷ୍ୟତର ପାଠପଢ଼ା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ତେଣୁ ଏହାକୁ ଗୁରୁତ୍ୱର ସହିତ ନେଇ ପଢ଼ାପଢ଼ି କରୁଥିଲି। ଆଗକୁ ମାଇକ୍ରୋବାୟୋଲୋଜି କ୍ଷେତ୍ରରେ ରିସର୍ଚ୍ଚ କରିବାକୁ ଯୋଜନା କରିଛି।

–ଈଶାନ୍ ଦାସ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

### ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି



ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିବା ପାଇଁ ଦିନରାତି କଠିନ ପରିଶ୍ରମ କରିଥିଲି। ଈଶ୍ୱରଙ୍କ ଆଶୀର୍ବାଦ ଏବଂ ବିଦ୍ୟାଳୟର ଅଧକ୍ଷ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ମାର୍ଗଦର୍ଶନ, ଅଭିଭାବକଙ୍କ ପ୍ରେରଣା ମୋ ସଫଳତାର ଶ୍ରେୟ। ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି। ଶିକ୍ଷାର୍ଥୀମାନେ ସମୟାନୁଯାୟୀ ପ୍ରତ୍ୟେକ ବିଷୟ ଉପରେ ଗଭୀର ଧ୍ୟାନ ଦେଲେ ସଫଳତା ନିଶ୍ଚୟ ପ୍ରାପ୍ତ ହେବ।

–ତିତିକ୍ଷା ଦତ୍ତ, ଦ୍ୱାଦଶ ଶ୍ରେଣୀ, ଡିଏଭି ପବ୍ଲିକ ସ୍କୁଲ, ଭୁବନେଶ୍ୱର

### ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକ ପଢାଇଥିବା ପାଠକୁ ଗୁରୁତ୍ୱ ଦେଇ ପାଠପଢ଼େ। ଦିନକୁ ପ୍ରାୟ ୭ଘଣ୍ଟା ପାଠ ପଢ଼ିଛି। ୯୫ %ରୁ ଅଧିକ ମାର୍କ ଆଶା କରିଥିଲି। ୯୭.୪ % ମାର୍କ ଆସିଥିବାରୁ ବହୁତ ଖୁସି ଲାଗୁଛି। ଆଗାମୀ ଦିନରେ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି ଏବଂ ସେହି ଅନୁଯାୟୀ ପ୍ରସ୍ତୁତି କରିବି।

–ଶ୍ରୁତି ଶତପଥୀ, ଦ୍ୱାଦଶ ଛାତ୍ରୀ, ସିଡିଏ ଡିଏଭି ସ୍କୁଲ, କଟକ

### ପରୀକ୍ଷା ମାର୍କରେ ଖୁସି



ପାଠପଢା ପାଇଁ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପରାମର୍ଶ ଓ ନୋଟ୍ସ ଅଧିକ ସହାୟକ ହୋଇଛି। ଘରେ ୮ଘଣ୍ଟା ପ୍ରତ୍ୟେକ ଦିନ ପାଠ ପଢେ। ପରୀକ୍ଷାରେ ଅଧିକ ମାର୍କ ପାଇଁ ଆଶା ରଖିଥିଲି ହେଲେ ଯାହା ମାର୍କ ଅଛି ସେଥିରେ ଖୁସି ଅଛି। ଆଗାମୀ ଦିନରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

–ଶ୍ରେୟନ ଖୁଣ୍ଟିଆ, ଦ୍ୱାଦଶ ଶ୍ରେଣୀ ଛାତ୍ର, ଏଲଆର୍ ଡିଏଭି, କଟକ

### ଅଧିକ ନମ୍ବର ରଖିବା ଆଶା ଥିଲା



ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିଥିବା ନୋଟ୍ସ ପଢ଼ିବା ଦ୍ୱାରା ଏହା ବହୁତ କାମରେ ଆସିଛି। ପରୀକ୍ଷା ପାଇଁ ପ୍ରାୟ ୫ଘଣ୍ଟା ପାଠ ପଢେ। ପରୀକ୍ଷାରେ ଇଂଲିଶ ପେପରରେ ମାର୍କ ସାମାନ୍ୟ କମିବାରୁ ନିରାଶ ହୋଇଛି। ଆଶା ଥିଲା ୯୯ ପ୍ରତିଶତ ଅଧିକ ମାର୍କ ରଖିବି। ଆଗାମୀ ଦିନରେ ଯୁକ୍ତ ୨ ପାଠ ଅଧ୍ୟୟନ କରିବା ପରେ ରିସର୍ଚ୍ଚ କରିବା ଲକ୍ଷ୍ୟ ରହିଛି।

–ଶ୍ରେୟସ ଷଡ଼ଙ୍ଗୀ, ଦଶମ ଛାତ୍ର, ଏଲଆର ଡିଏଭି ସ୍କୁଲ, କଟକ

### 'ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବି'



ସିବିଏସ୍ଇ ଦଶମ ପରୀକ୍ଷାରେ ୯୯.୪ ପ୍ରତିଶତ ନମ୍ବର ରଖିଛି। ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ମିଳିଛି ଏବଂ ଏହି ସଫଳତା ପାଇଁ ବହୁତ ଖୁସି ଅଛି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଲୋକଙ୍କ ସେବା କରିବି। ବିଦ୍ୟାଳୟର ଅଧକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ପରିବାର ଲୋକଙ୍କ ପ୍ରେରଣା, ଆର୍ଶୀବାଦରୁ ଏହି ସଫଳତା ମିଳିଛି। ବାପା ରବୀନ୍ଦ୍ର ମୋହନ ମାଝୀ ଜଣେ ଜୁନିୟର କ୍ଲର୍କ ହୋଇଥିବା ବେଳେ ମୋ ପାଠପଢ଼ା ପାଇଁ ବହୁତ ପରିଶ୍ରମ କରିବା ସହ ମୋତେ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ତାଙ୍କ ଉଦ୍ୟମ ଓ ଆଶାକୁ ସଫଳ କରିବା ପାଇଁ ସବୁବେଳେ ଚେଷ୍ଟା ଜାରି ରଖିବି।

–କାବ୍ୟରଞ୍ଜନ ମାଝୀ, ଛାତ୍ର, ବନ୍ତ ଆଦର୍ଶ ବିଦ୍ୟାଳୟ

### ଡାକ୍ତର ହେବାକୁ ଲକ୍ଷ୍ୟ



ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ସିବିଏସ୍ଇ ଦଶମ ପରୀକ୍ଷାରେ ୯୬.୪ ପ୍ରତିଶତ ନମ୍ବର ରହିଛି। ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ବଡ଼ଭଉଣୀଙ୍କ ପ୍ରେରଣା ଯୋଗୁ ଏହି ସଫଳତା ମିଳିଛି। ବର୍ତ୍ତମାନ ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଡାକ୍ତର ହୋଇ ଗରିବ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ମୋତେ ପାଠ ପଢ଼ାଇ ଭଲ ମଣିଷ ହେବାକୁ ମା' ବାପା ସବୁବେଳେ ପ୍ରେରଣା ଦେଇଆସୁଛନ୍ତି। ସେମାନଙ୍କ ଆଶା ନିଶ୍ଚୟ ପୂରଣ କରିବି।

–ଶିବାଦିତ୍ୟ ନାୟକ, ଛାତ୍ର, ଓଲଙ୍ଗ ଆଦର୍ଶ ବିଦ୍ୟାଳୟ, ଭଦ୍ରକ

# ବିଷାକ୍ତ ସ୍ପର୍ଶ

ଭାରତରେ ବିଷାକ୍ତ ମଦ ପିଇ ଲୋକଙ୍କ ମୃତ୍ୟୁ ହେବା ଖବର ନିୟମିତ ଶୁଣିବାକୁ ମିଳେ। ଅଧିକାଂଶ କ୍ଷେତ୍ରରେ ଦେଶୀ ମଦ ଅପମିଶ୍ରଣ ମୁଖ୍ୟ କାରଣ ହୋଇଥାଏ। ଏହି ମଦ ପ୍ରସ୍ତୁତ ଭାଟି ଓ ସେଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିଷୟରେ ପ୍ରାୟତଃ ସ୍ଥାନୀୟ ଅଞ୍ଚଳର ପୋଲିସ ସମେତ ଲୋକେ ଜାଣିଥାଆନ୍ତି। ଅନେକ ସମୟରେ ମଦ ବିରୋଧୀ ଆନ୍ଦୋଳନରେ ଏମାନଙ୍କ ସହ ମହିଳାମାନଙ୍କର ଗଣ୍ଡଗୋଳ ଓ ବାଡ଼ିଆପିଟା ମଧ ହୁଏ। କଥା ଗୋଟେ ବଡ଼ ଅଘଟଣ ଯାଏ ନ ଗଲେ ବର୍ଷବର୍ଷ ଧରି ପୋଲିସ ଓ ପ୍ରଶାସନ ଏହାକୁ ଅଣଦେଖା କରିଚାଲନ୍ତି। ମଦମୃତ୍ୟୁ ଘଟଣା ପ୍ରଚାର ହେଲେ କିଛି ଦିନ ପର୍ଯ୍ୟନ୍ତ ଧରପଗଡ଼ ହେବା ପରେ ପୁଣି ଯେଉଁ କଥାକୁ ସେହି କଥା। ସମସ୍ୟା ହେଲା ଅଣସଙ୍ଗଠିତ ମଦ କାରବାର ବହୁ ବଡ଼ ବେପାରରେ ପହଞ୍ଚିଲାଣି। ଏଥିରେ ଆର୍ଥିକ ଲାଭ ବାଣ୍ଟିକୁଣ୍ଟି ସମସ୍ତେ ନେଇଥାଆନ୍ତି। ମଦୁଆ ନିଜ ଜୀବନ ବରବାଦ୍ କରିବା ସହ ପରିବାରକୁ ମଧ ତଳିତଳାନ୍ତ କରିଦେଇ ଥାଆନ୍ତି। ଏହି ଦେଶୀ ମଦ ବେପାର ଉପରେ ସରକାରଙ୍କ ନିୟନ୍ତ୍ରଣ ଆସିବା ଜରୁରୀ। କିନ୍ତୁ ଏଥିରେ ଇଚ୍ଛାଶକ୍ତିର ଘୋର ଅଭାବ ଦେଖାଦେଉଛି। ଏପରିକି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନକୁ ମଧ କେତେକାଂଶରେ ଦବେଇ ଦିଆଗଲାଣି।

ପଞ୍ଜାବର ଅମୃତସର ଅନ୍ତର୍ଗତ ମାଜିଥା ଅଞ୍ଚଳରେ ୧୨ ମେ'ରେ ବିଷାକ୍ତ ମଦ୍ୟପାନ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୨୧ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଶୁଣିବାକୁ ମିଳିଛି। ଏମିତି ଦେଖିଲେ ପଞ୍ଜାବରେ ମାଦକଦ୍ରବ୍ୟ ସେବନର ରେକର୍ଡ ରହିଛି। ୨୦୨୨ ଫେବୃଆରୀରେ ଚଣ୍ଡିଗଡ଼ସ୍ଥିତ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍) ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ପଞ୍ଜାବରେ ୨୦ ଲକ୍ଷ ଲୋକ ମଦ୍ୟପାନ କରୁଥିବା ବେଳେ ପ୍ରାୟ ୧୫ ଲକ୍ଷ ତମାଖୁ ସେବନ କରୁଥିଲେ। ତେବେ ଅମୃତସର ମାଜିଥା ଅଞ୍ଚଳରେ ଘଟିଥିବା ଅଘଟଣକୁ ଦେଖି ପୋଲିସ ପକ୍ଷରୁ କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ଅଞ୍ଚଳକୁ ଅନ୍‌ଲାଇନ୍‌ରେ ବହୁ ପରିମାଣରେ ମିଥାନଲ୍ ମଗାଯାଇଥିଲା। ତେଣୁ ମଦ ପ୍ରସ୍ତୁତ ବେଳେ ଭାଗମାପରେ ଏପଟସେପଟ ହେବାରୁ ତାହା ବିଷାକ୍ତ ହୋଇଯାଇଥିବା କୁହାଯାଉଛି। ଅଘଟଣ ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ନୁହେଁ, ବରଂ ହତ୍ୟା ଆଖ୍ୟା ଦେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଇତିମଧ୍ୟରେ କେତେ ଜଣଙ୍କୁ ଗିରଫ କରାଯାଇଛି। ସେପଟେ ବିରୋଧୀ ଦଳ ବେଆଇନ ମଦ ମାଫିଆଙ୍କୁ ସରକାର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ୨୦୨୦ ଜୁଲାଇରେ ପଞ୍ଜାବରେ ବିଷାକ୍ତ ମଦ୍ୟପାନ ଯୋଗୁ ୧୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

କେବଳ ପଞ୍ଜାବ ନୁହେଁ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟରେ ମଦ ମୃତ୍ୟୁ ବିଭୀଷିକା ଅତୀତରେ ଦେଖିବାକୁ ମିଳିଛି। ଚିନ୍ତାର ବିଷୟ ହେଉଛି ଗୁଜରାଟ ରାଜ୍ୟ ଗଠନ ଦିନଠାରୁ ଏହା ଏକ ଡ୍ରାଏ ଷ୍ଟେଟ୍ ବା ମାଦକଦ୍ରବ୍ୟ ବିହୀନ ରାଜ୍ୟର ଶିରପା ଧାରଣ କରିଥିବା ବେଳେ ନିକଟ ଅତୀତକୁ ଦେଖିଲେ ୨୦୦୯ରେ ମଦ ପିଇ ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୨ରେ ୪୨ ଜଣଙ୍କ ପ୍ରାଣ ଯାଇଥିଲା। ଏଥିରୁ ବୁଝିବାକୁ ହେବ ଯେ ଗୋଟିଏ ରାଜ୍ୟରେ ମଦ ବାରଣ ହୋଇଗଲେ ମଧ ଦେଶୀ ମଦ କାରବାରକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଏଥିସହ ଗୁଜରାଟ ପୋଲିସର ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୪ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ ବୋତଲ ଜବତ ହୋଇଥିଲା। ହିସାବ କହେ ଯେ, ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ ହେଉଥିଲା। କେବଳ ସେତିକି ନୁହେଁ, ମୁନ୍ଦ୍ରା ବନ୍ଦରରୁ ୧୩ ସେପ୍ଟେମ୍ବର ୨୦୨୧ରେ ୨୧ ହଜାର କୋଟି ଟଙ୍କାର ହେରୋଇନ୍ ଜବତ ହୋଇଥିଲା। ଏହାବାଦ୍ ବହୁ ସମୟରେ ଗୁଜରାଟ ଉପକୂଳରୁ ମାଦକଦ୍ରବ୍ୟ ଜବତ ହେବାର ଖବର ମିଳିଥାଏ। ସେହିପରି ୨୦୧୬ରେ ବିହାରକୁ ଡ୍ରାଏ ଷ୍ଟେଟ୍ ଘୋଷଣା କରାଯାଇଥିଲେ ମଧ ସେଠାରେ ମାଦକଦ୍ରବ୍ୟ କାରବାର ବଢ଼ିଥିବା ଦେଖିବାକୁ ମିଳିଛି।

ଦେଶର ବିଭିନ୍ନ ପ୍ରାନ୍ତରେ ଦେଖାଦେଉଥିବା ବିଷାକ୍ତ ମଦମୃତ୍ୟୁ ପଛରେ ଅସାଧୁ ପ୍ରସ୍ତୁତକର୍ତ୍ତା ଓ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି ରହୁଛି। ଅଧିକ ଅର୍ଥ ରୋଜଗାର ଲକ୍ଷ୍ୟରେ ଏମାନେ ଅପମିଶ୍ରିତ ମଦକୁ ସହରାଞ୍ଚଳ ଉପକଣ୍ଠରେ ଗରିବ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏହାର ନିୟମିତ ଯାଞ୍ଚ କରୁ ନ ଥିବାରୁ ମଦ ବ୍ୟବସାୟୀମାନେ ଚାହିଦାକୁ ଲକ୍ଷ୍ୟରେ ରଖି ଅପମିଶ୍ରଣ କରିବାରେ ଲାଗୁଛନ୍ତି। କିନ୍ତୁ ଯେତେବେଳେ ଅସ୍ୱାଭାବିକ ସ୍ଥିତି ଉପୁଜୁଛି ପୋଲିସ କାଁଭାଁଙ୍କୁ ଗିରଫ କରି ଦାୟିତ୍ୱ ମୁଣ୍ଡରୁ ଖସାଇ ଦେଉଛି। ସରକାରଙ୍କ ଉପରେ ଚାପ ପଡ଼ିଲେ କମିଶନ ବସାଇବାର ଭେଳିକି ଦେଖାନ୍ତି। କିନ୍ତୁ କମିଶନ ରିପୋର୍ଟ କେତେବେଳେ କେମିତି ବାହାରେ ଓ କେଉଁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ ତାହାର କେହି ଆଦିଅନ୍ତ ପାଇ ନ ଥାନ୍ତି।

ଗୋଟିଏ ଦୃଷ୍ଟିରୁ ଦେଖିଲେ ମଦୁଆମାନେ ନିଜ ଇଚ୍ଛାରେ ବିଷ ପିଇବାକୁ ପ୍ରସ୍ତୁତ। ଅନେକ ସମୟରେ ସେମାନେ ତାଙ୍କ ପରିବାର ଓ ସମାଜ ଉପରେ ବୋଝ ପାଲଟି ଥାଆନ୍ତି। କିନ୍ତୁ ସେଇମାନେ ହିଁ ମଦ ବେପାରୀଙ୍କ ପାଇଁ ସମ୍ପତ୍ତି। ଏହି ବେପାରକୁ ସରକାର ଗୁରୁତ୍ୱର ସହ ନିୟନ୍ତ୍ରଣକୁ ନ ଆଣିଲେ କେବଳ ଯେ ଜୀବନ ଯାଉଛି ତାହା ନୁହେଁ, ମଦର ବିଷାକ୍ତ ସ୍ପର୍ଶ ପରିବାର ସହ ସ୍ଥାନୀୟ ଅର୍ଥନୀତିକୁ ଛାରଖାର କରିଚାଲିଥିବ।

# ଜାତୀୟ ଆବଶ୍ୟକତା: ଭାରତୀୟଙ୍କ ସାଧୁତା



ଡ. ଶରତ ଚନ୍ଦ୍ର ପରିଡ଼ା

ଆଜି ବିଶ୍ୱରେ ଭାରତର ଜାତୀୟ ଚରିତ୍ର ଏକ ଦୋ'ଛକିରେ। ନୀତିନୈତିକତା ଓ ଆଧ୍ୟାତ୍ମିକ ପରମ୍ପରାରେ ସମୃଦ୍ଧ ଭାରତର ସାଂସ୍କୃତିକ ଜୀବନ ବିଡ଼ମ୍ବିତ। ଆଦର୍ଶ କମ୍ ଆଡ଼ମ୍ବର ବେଶି। ଆଚାର କମ୍ ପ୍ରଚାର ବେଶି। ନୀତି କମ୍, ଦୁର୍ନୀତି ବେଶି। ବିଶ୍ୱର ୧୮୦ ଦେଶ ମଧ୍ୟରୁ ସ୍ୱଚ୍ଛତା(ଟ୍ରାନ୍ସପରେନ୍ସି)ରେ ଭାରତ ୮୫ ଓ ଦୁର୍ନୀତିରେ ୯୬ ତମ ସ୍ଥିତିରେ ରହିଛି। ସଚ୍ଚୋଟତା ଆକଳନରେ ଦୁର୍ନୀତିକୁ ବିରୋଧ କରିବାର ସାହସର ଅଭାବ, ସମାଜରେ ଉଚ୍ଚ ନୀଚ ଶ୍ରେଣୀ ସୃଷ୍ଟି, କ୍ଷମତାର ଅପବ୍ୟବହାର, ଦଳିତଙ୍କ ଶୋଷଣ କଷଣ ତଥା ଜନସାଧାରଣଙ୍କ ସଚେତନତାର ଅଭାବ ଆଦି ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାପଦଣ୍ଡ ଗ୍ରହଣ କରାଯାଇଥିଲା। ମିଥ୍ୟା, ଛଳନାରେ ବ୍ୟକ୍ତି ଓ ଜାତୀୟ ଜୀବନ ଆଜି ଅଣନିଃଶ୍ୱାସୀ, ଅତିଷ୍ଠ। ସାଧୁତା ସାର୍ବଭୌମିକ ଓ ସାର୍ବଜନୀନ। ଏକାଧିକ ଭଲ/ଉତ୍ତମ/ସକାରାତ୍ମକ ଗୁଣର ସଂହତ ଓ ସନ୍ତୁଳିତ ଆଚରଣ ସାଧୁତାର ପରିଭାଷା। ଏହା କାୟମନୋବାକ୍ୟର ଏକତା ଓ ଅଖଣ୍ଡତା। ଚରିତ୍ରରେ ଥିବା ଦୟା, ଉଦାରତା, ସମାନାନୁଭୂତି, ସହାନୁଭୂତି, ସମ୍ବେଦନା, ସତ୍ୟ, ଧର୍ମ, ନ୍ୟାୟ ଆଦି ସଚ୍ଚୋଟତାର ଭିତ୍ତିଭୂମି। ପରପାଇଁ ଚିନ୍ତା/ଭାବନା ଦ୍ୱାରା ସାଧୁତା ସଞ୍ଚାଳିତ। ବ୍ୟକ୍ତି ନିଜ ପାଇଁ ସାଧୁ ଓ ପରପାଇଁ ଅସାଧୁ। ନାଗରିକର ବ୍ୟକ୍ତିଗତ ସାଧୁତା ଦ୍ୱାରା ଦେଶର ଚରିତ୍ର ନିର୍ମାଣ କରାଯାଇଥାଏ। ଆକବର ବୀରବଲଙ୍କ ପୋଖରୀରେ ରାତିରେ କ୍ଷୀର ଢାଳିବା କାହାଣୀ ଦ୍ୱାରା ରାଜ୍ୟବାସୀଙ୍କ ଅସାଧୁ ପ୍ରକୃତି ବୀରବଲ ପ୍ରମାଣ କରି ଦେଇଥିଲେ। ସର୍ତ୍ତ ଥିଲା- ଅଦେଖାରେ ରାଜ୍ୟବାସୀ ନିର୍ଦ୍ଦିଷ୍ଟ ପୋଖରୀରେ ରାତିରେ କ୍ଷୀର ଢାଳିବେ। ପ୍ରଜା ଭାବିଲେ-ମୁଁ ପାଣି ଢାଳିଲେ ଅନ୍ୟ ଢାଳିଥିବା କ୍ଷୀରରେ ମିଶିଯିବ। କେହି ଜାଣିପାରିବେ ନାହିଁ। ପରିଣାମରେ କ୍ଷୀରପୋଖରୀ ପରିବର୍ତ୍ତେ ରାତି ପାହିଲାବେଳକୁ ଜଳପୋଖରୀ ଦେଖିବାକୁ ମିଳିଥିଲା। ସାଧୁତା ସହିତ ମୁହାଁମୁହିଁ ହୋଇଗଲେ ସ୍ୱାର୍ଥପର ମୁହଁମୋଡ଼ି ଚାଲିଗଲାବେଳେ ନିଃସ୍ୱାର୍ଥପର ତାକୁ ପାଛୋଟି ନିଏ।

ଅସାଧୁତାପ୍ରବଣ ମଣିଷର ପ୍ରବୃତ୍ତି ପ୍ରଦୂଷିତ। ବୃତ୍ତିଧାରୀ, ବ୍ୟବସାୟୀ, ଉଦ୍ୟୋଗୀ ବା ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ। ମିଥ୍ୟା ମୂଲ୍ୟବୋଧ ନିଶାରେ ମଣିଷ ମତୁଆଲା। ତୃଷ୍ଣା ଅତୃପ୍ତ। ଅନୀତି କରି ଦଣ୍ଡକୁ ଡରି ଉତ୍କୋଚ ଭରି ମୁକ୍ତି ପାଇବାର ବିଫଳ ପ୍ରୟାସ। ଅଳ୍ପ ବା ବିନା ଶ୍ରମରେ ଧାର୍ଯ୍ୟ ପ୍ରାପ୍ୟଠାରୁ ଅଧିକ ପ୍ରାପ୍ତି ପାଇଁ ଅସାଧୁତା ସହଜ ସରଳ ବାଟ। ମନରେ ଅସରନ୍ତି କାମନା ବାସନାର ବସା। ଧର୍ମନିଷ୍ଠାରେ ଦେଖାଇହେବାର ପରାକାଷ୍ଠା। 'କର୍ମ ଏକା ତା'ର ଜୀବନର ମାନଦଣ୍ଡ'-ଗୋପବନ୍ଧୁଙ୍କ ଏହି ଉକ୍ତି ଉପରେ ବିଶ୍ୱାସ ଦୁର୍ବଳ। ସତ୍ୟ ବିକଳ। ଧର୍ମ ଅଚଳ। ନ୍ୟାୟ କୁଚକ୍ରୀଙ୍କ ଷଡ଼ଯନ୍ତ୍ର କବଳିତ। କିଣାବିକାର ଦ୍ରବ୍ୟ। ସାପଶିଡ଼ିର ଲୁଡୁଖେଳ। ବିଚାରରେ ବିଭ୍ରାଟ। ବିବେକ ବେକହୀନ। ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ସ୍ୱାଧୀନ ଚିନ୍ତା ନୀରବତାରେ ଅପହୃତ। ଯୁକ୍ତି ବାଟବଣା। ସାଧୁ ଚିନ୍ତା ଓ ଚେତନା



ଦୈନନ୍ଦିନ ଜୀବନରେ ପଦେ ପଦେ ପ୍ରତିହତ। ଅସାଧୁତା-ଜାଲରେ ସାଧୁତା ମୀନ ପରି ଛଟପଟ। ଉଦାରତା ଆଜି ଚରମ ଉଦାସୀନତା। ମଣିଷ ମଣିଷ ଭିତରେ ପ୍ରୀତି ବଦଳରେ ଭୀତି। ସେବା ଶୋଷଣର ଶୋଷ। ସ୍ୱଦେଶ ବତ୍ସଳତା ଓ ମାତୃଭୂମିର ମମତା ବଦଳରେ ଧନବତ୍ସଳତା, କ୍ଷମତାବତ୍ସଳତା, ନାମଯଶବତ୍ସଳତାର ପ୍ରାବଲ୍ୟ। ଜ୍ଞାନ ପ୍ରତି ବିତୃଷ୍ଣା। ଚରିତ୍ରରେ ପକ୍ଷାଘାତ। ଅସାଧୁତାର ରାଜ୍ୟରେ ସାଧୁତା ନୂଆ ଆଗନ୍ତୁକ। ମଣିଷ ବସ୍ତ୍ର ବଦଳାଇଥାଏ, ସମ୍ପର୍କ ବଦଳାଇଥାଏ ଆଉ ଶେଷରେ ଘର ବଦଳାଇଥାଏ, ତଥାପି ଦୁଃଖୀ ରହିଥାଏ ; କାହିଁକି ନା ନିଜର ଅସାଧୁ ସ୍ୱଭାବ ବଦଳାଇ ନ ଥାଏ।

ଭାରତୀୟ ସଂସ୍କୃତିର ଅନ୍ତରାତ୍ମା କହେ ସାଧୁତା ପ୍ରତ୍ୟେକ ଭାରତୀୟର ମର୍ମ ଓ ଧର୍ମ। ଭାରତୀୟମାନେ ସଚ୍ଚୋଟ ଓ ନ୍ୟାୟପରାୟଣ ହୁଅନ୍ତୁ। ଅନ୍ତରକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଆତ୍ମବିଶ୍ଳେଷଣ ଲୋଡ଼ା। ସତ୍ୟବିଚାର ସତ୍ୟ ଆଚାରର ଅପେକ୍ଷା ରଖେ। ଅଜ୍ଞାନତା ଅସାଧୁତାର ମାତା। ସାଧୁତା ଜ୍ଞାନ ପୁସ୍ତକର ପ୍ରଥମ ଅଧ୍ୟାୟ। ସାଧୁତା ଅବଲମ୍ବନରେ ଜ୍ଞାନର ଧାରା ପ୍ରବାହିତ ହୁଏ। ବିଚାର ଅନନ୍ତ ଶକ୍ତିଯୁକ୍ତ। ନକାରାତ୍ମକ ପଞ୍ଝାରୁ ସ୍ୱୟଂକୁ ବଦଳାଇବାକୁ ହେବ। ଏହା ସତ ଯେ ସାଧୁତା ଉନ୍ମୁଖ ହେଲାବେଳେ ନାନା ନକାରାତ୍ମକ ଶକ୍ତି ବାଟ ଓଗାଳେ। କାମନା କଣ୍ଟା ସାଜେ। ବାସନା ବାସି ଉଠେ। ଆତ୍ମସ୍ୱାର୍ଥ ଭ୍ରମାତ୍ମକ ନିଷ୍ପତ୍ତି ନିଏ। ଗୋଟିଏ ପକ୍ଷରେ ଅବିଚାର, ଦୁଷ୍ପ୍ରବୃତ୍ତି, ଅନ୍ୟ ପକ୍ଷରେ ସାଧୁତାର ଆହ୍ୱାନ-ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ। ସାଧୁତାରେ ଦୃଢ଼ତା ଥିଲେ ଅନ୍ତର୍ଦ୍ୱନ୍ଦ୍ୱରେ ବ୍ୟକ୍ତି ବିଜୟୀ ହୁଅନ୍ତି। ସାଧୁତାରେ ବିମଳ ଆନନ୍ଦ ଓ ଅସାଧୁତାରେ ଆସୁରିକ ଆନନ୍ଦ ମିଳିଥାଏ। ଅସାଧୁତା ଆଚରଣରେ ମାନବ ନିଜକୁ ବ୍ରହ୍ମାଣ୍ଡୀୟ ଚେତନାରୁ ନିଜକୁ ବିଚ୍ଛିନ୍ନ କରି ଦିଏ। ସାଧୁତାର ସ୍ପନ୍ଦନ ବାହାରକୁ ଦେଖା ନ ଗଲେ ମଧ୍ୟ ଜୀବନକୁ ବଞ୍ଚେଇ ରଖିଥାଏ। ଜଣେ ଅନ୍ୟ ପାଇଁ ବଞ୍ଚିଲେ ଅନ୍ୟମାନେ ତାଙ୍କ ପାଇଁ ବଞ୍ଚନ୍ତି। ସାଧୁତା ଏକ ବୃକ୍ଷ ହେଲେ ଈଶ୍ୱରୀୟ ଚିନ୍ତା/ଚେତନା ତାହାର ମାଟି, ସତ୍ସାହସ ବୀଜ, ସତ୍ୟ ଚେର, ଅଖଣ୍ଡତା ଶାଖାପ୍ରଶାଖା, ନ୍ୟାୟପରାୟଣତା ପତ୍ର, ବିବେକ ରସ, ଆନ୍ତରିକତା ଛାଇ, ସେବା ତାହାର ପୁଷ୍ପ ଓ ନିର୍ଲୋଭତା ତାହାର ଫଳ। ପ୍ରତିବଦ୍ଧତା ସୂର୍ଯ୍ୟକିରଣ। ବିପଦ/ସଙ୍କଟ/ଆହ୍ୱାନ ତା'ପାଇଁ ଝଡ଼ବତାସ। ସାଧୁତା ଚେଇଁଲେ ଆତ୍ମସଂଶୋଧନ ଆରମ୍ଭ ହୁଏ। ସେବାର ରୂପ ନିଏ। ନେତା ଜନତା ସତ୍ୟନିଷ୍ଠ ଓ ସଚେତନ ହେଲେ ଦେଶ ସ୍ୱଚ୍ଛ ହେବାରେ ବେଶି ଡେରି ହୁଅନ୍ତା ନାହିଁ।

ସାଧୁତା ଏକ ନୈତିକ ଦିଗ୍‌ନିର୍ଣ୍ଣୟ ଯନ୍ତ୍ର। ବ୍ୟକ୍ତି ଓ ଜାତିର ନିଷ୍ପତ୍ତି ଓ କାର୍ଯ୍ୟକୁ ଆଗକୁ ଯିବାକୁ ବାଟ ଫିଟାଏ। ସାଧୁତା ଏକ ଅଳଙ୍କାର ନୁହେଁ; ଅଙ୍ଗେନିଭା ଅନୁଭୂତି। ମନୋବିକାରର କାରଣ ଥିବା ସତ୍ତ୍ୱେ ଯେଉଁମାନଙ୍କର ମନୋବିକାର ଘଟେ ନାହିଁ, ସେହିମାନେ ହିଁ ପ୍ରକୃତରେ ସାଧୁ/ଧୀର। ସାଧୁତା ପ୍ରତି ପ୍ରତିଶ୍ରୁତିବଦ୍ଧ ହେଲେ ଭୁଲ୍ ବୁଝାମଣା, ସନ୍ଦେହ ଓ ଭୟ ସମାଜରେ ହ୍ରାସ ପାଇଥାଏ। ସାଧୁତା ଏକ ପାରସ୍ପରିକ ଦାୟିତ୍ୱ। ଏକ ଉପହାର ଯାହା ଜଣେ ନିଜକୁ ଓ ଅନ୍ୟକୁ ଭେଟି ଦେଇଥାଏ। ସାଧୁତା ନିଜ ବ୍ୟକ୍ତିତ୍ୱର ସୁରକ୍ଷା କବଚ ଓ ପରପାଇଁ ଆଶୀର୍ବାଦ। ଆସ୍ଥା, ସମ୍ମାନ ଓ ଗଭୀର ଆନ୍ତରିକତାକୁ ଏହା ପାଳନ ପୋଷଣ କରିଥାଏ। ଖୋଲାପଣ ଓ ବିଶ୍ୱାସଯୋଗ୍ୟତାର ସଂସ୍କୃତିକୁ ଆଗକୁ ନିଏ। ଗୋଟିଏ ଭୁଲ୍‌କୁ ରୋକିବାକୁ ଏହା ସବୁଠାରୁ ତ୍ୱରିତ ମାର୍ଗ। ବୁଦ୍ଧିର ମୋହ/ ଜଡ଼ତା ଦୂର କରି ମାନ ବୃଦ୍ଧି କରେ। ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଘଟାଏ।

ସାଧୁତା ଏକ ସାଧନା। ବଡ଼ମାନେ ଆଚରଣ କଲେ ସାନମାନେ ଅନୁପ୍ରାଣିତ ହୁଅନ୍ତି। ସକାରାତ୍ମକ ସମାନ-ଅନୁଭୂତି ଓ ସହ-ଅନୁଭୂତିରୁ ସାଧୁତାର ଅଙ୍କୁରୋଦ୍‌ଗମ। କଳ୍ପନାଶକ୍ତିର ଆଧିକ୍ୟରେ ବିଚାର ଘନୀଭୂତ ହୁଏ। ମନୁଷ୍ୟ ଯେପରି ହେବାକୁ ସଂକଳ୍ପ କରେ, ସେହିପରି ହୋଇଯାଏ। ଯେଉଁମାନଙ୍କର ସ୍ୱପ୍ନ ଓ ସଂକଳ୍ପ, କଳ୍ପନା ଓ ରଚନାରେ ସଂହତିର ଅନ୍ତଃସ୍ରୋତ ପ୍ରବାହିତ, ସେମାନେ ପ୍ରାଣାନ୍ତକ ସଙ୍କଟ ଆସିଲେ ମଧ୍ୟ ନିଜ ପ୍ରକୃତିକୁ ବିକୃତ କରି ନ ଥା'ନ୍ତି। ସାଦାସିଧା ଜୀବନରେ ଉଚ୍ଚ ଚିନ୍ତା ଆପଣେଇବା ସାଧୁର ଧର୍ମ। ସଚ୍ଚୋଟ ହେବା ପାଇଁ ପ୍ରତିଭା/ଜାତି/ସମୟ ଲୋଡ଼ା ନାହିଁ। ଲୋଡ଼ା କେବଳ ସକ୍ରିୟ ଧାର୍ମିକ ଶକ୍ତି ଓ ବିବେକ ଶକ୍ତିର ପ୍ରୟୋଗ। ଆତ୍ମସଂଯମୀ, ଇନ୍ଦ୍ରିୟ-ଲାଳସାରହିତ, ନିଃସ୍ୱାର୍ଥପରାୟଣ ସତ୍ସାହସୀ ମଣିଷ ସାଧୁତା ଆଚରଣ କରିପାରେ। ସାଧୁତା ହେଉଛି ସତ୍ୟ ଚିନ୍ତନର ଅଭ୍ୟାସ। ସଂହତିହୀନ ଅନାଡ଼ି ବ୍ୟକ୍ତି ପ୍ରଥମେ ନିଜକୁ ମିଛ କହେ, ପରେ ଅନ୍ୟକୁ। ସଚ୍ଚୋଟତା ହେଉଛି ସତକୁ ଭଲ ପାଇବା, ସତ୍ୟକୁ ସ୍ୱୀକାର କରିବା ଓ ସତରେ ବଞ୍ଚିବା। ଆମେରିକାର ଲେଖକ ଓ ହାସ୍ୟରସିକ ମାର୍କ ଟ୍ୱେନ୍ ମଣିଷକୁ ଚିହ୍ନାଇ କହନ୍ତି ,''ସବୁ ପଶୁଙ୍କ ମଧ୍ୟରେ ମଣିଷ ଏକମାତ୍ର ବ୍ୟତିକ୍ରମ ଯିଏ ମିଛ କହେ।'' ବିଶ୍ୱାସକୁ କାର୍ଯ୍ୟକାରୀ ନ କରିବା କେବଳ ବୌଦ୍ଧିକ ଆତ୍ମସନ୍ତୁଷ୍ଟି। ସାଧୁତାର ଶୀତଳ ଛାଇରେ ଆତ୍ମଚେତନା ବିଶ୍ୱଚେତନାରେ ସମ୍ପ୍ରସାରିତ ହୁଏ। ଅନ୍ୟକୁ ପ୍ରସନ୍ନ କରିପାରିଲେ ଆତ୍ମପୁରୁଷ ପ୍ରସନ୍ନ ହୁଏ। ସାଧୁତାରେ ଦୃଢ଼ତା ଥିଲେ ଦୁଃସ୍ଥ ନିପୀଡ଼ିତଙ୍କ ପାଇଁ କୋମଳତା ପ୍ରକାଶ ପାଏ। ସାଧୁତା ବ୍ୟକ୍ତିକୁ ଚନ୍ଦନ ଓ ଚନ୍ଦ୍ରଠାରୁ ଅଧିକ ଶୀତଳ ସ୍ପର୍ଶ ଦେଇଥାଏ। ବେଳେବେଳେ ସାଧୁତା ସହଜ ହୋଇ ନ ଥାଏ। ସାଧନାର କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତୁମେ ଜୀବନରେ ଯାହା ଚାହୁଁଛ, ତାହା ଅନ୍ୟମାନଙ୍କୁ ଦିଅ। ନିଶ୍ଚୟ ଫେରି ପାଇବ। ତାହା ଭଲ ପାଇବା, ସମ୍ମାନ ବା ସାଧୁତା ହୋଇପାରେ। ସାଧୁତା ଯେତେ ଜିତେ ଦୁର୍ନୀତି ପାରେ ନାହିଁ। ଗୋପବନ୍ଧୁଙ୍କ ଭାଷାରେ: ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର/ ମାନେ ଅବଶେଷେ ସତ୍ୟ ପାଖେ ହାର।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ**
**ପଟିଆ, ଭୁବନେଶ୍ୱର**
**ମୋ: ୯୪୩୭୭୭୬୯୦୮**

# ଚିରସ୍ରୋତା ନଦୀ ପ୍ରତି ବିପଦ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ହିମାଳୟର ହିନ୍ଦୁକୁଶ ରେଜିୟନ (ଏଚ୍‌କେଏଚ୍)ରୁ ଉପର ନଦୀଗୁଡ଼ିକର ଜଳ ଧାରା ପ୍ରତି ଏବେ ବିପଦ ଦେଖାଦେଇଛି। ହିନ୍ଦୁକୁଶ ଅଞ୍ଚଳରୁ ବାହାରିଥିବା ନଦୀଗୁଡ଼ିକ ଚିରସ୍ରୋତା ଭାବେ ପରିଚିତ। ମୌସୁମୀ ଋତୁରେ ବର୍ଷା ଏବଂ ଗ୍ରୀଷ୍ମଋତୁରେ ବରଫ ତରଳିବା ଯୋଗୁ ଏହି ନଦୀଗୁଡ଼ିକରେ ବର୍ଷର ସବୁଦିନେ ଜଳଧାରା ରହିଥିବାରୁ ଏହାକୁ ଚୀରସ୍ରୋତା ନଦୀ ବୋଲି କୁହାଯାଇଥାଏ। ଦି ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ ଡେଭଲପମେଣ୍ଟ(ଆଇସିଆଇଏମ୍‌ଓଡି)ପକ୍ଷରୁ ନିକଟରେ ପ୍ରକାଶିତ ଏଚ୍‌କେଏଚ୍-୨୦୨୫ ସ୍ନୋ-ଅପଡେଟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଉଦ୍‌ବେଗଜନକ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ପାଞ୍ଚଟି ଶୀତଋତୁ ମଧ୍ୟରୁ ଚାରିଟିରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ କମ୍ ରହିଛି। ୨୦୨୪-୨୫ ଶୀତ ଋତୁରେ ସ୍ୱାଭାବିକ ସ୍ତରଠାରୁ ତୁଷାରପାତ ୨୩.୬ ପ୍ରତିଶତ କମ୍ ଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ଗ୍ରୀଷ୍ମଋତୁରେ ବରଫ ତରଳେ ସେତେବେଳେ ହିନ୍ଦୁକୁଶ ହିମାଳୟରୁ ୧୨ଟି ବଡ଼ ବଡ଼ ନଦୀ ଏକ ଚତୁର୍ଥାଂଶ ଜଳ ପ୍ରଦାନ କରିଥାଏ। ଏହି ନଦୀଗୁଡ଼ିକ ମଧ୍ୟରେ ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, ମେକଙ୍ଗ, ଅମୁଦାର୍ଯ୍ୟ, ସାଲ୍ୱିନ ଆଦି ଅନ୍ୟତମ ତଥା ଜଣାଶୁଣା। ତେବେ ଶୀତ ଋତୁରେ ବରଫପାତରେ କ୍ରମାଗତ ଅନିୟମିତତା ଯୋଗୁ ଏହି ନଦୀଗୁଡ଼ିକ ଅବବାହିକାରେ ବସବାସ କରୁଥିବା ୨ ବିଲିୟନ ବା ୨୦୦ କୋଟିରୁ ଅଧିକ ଲୋକ ଭବିଷ୍ୟତରେ ଖରାଦିନେ ଉତ୍କଟ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେବା ରିପୋର୍ଟରେ ଆଇସିଆଇଏମ୍‌ଓଡି ଚେତାବନୀ ଦେଇଛି। କେବଳ ପାନୀୟ ଜଳ ନୁହେଁ, କୃଷି କ୍ଷେତ୍ରରେ ଜଳସେଚନ ଏବଂ ଜଳ ବିଦ୍ୟୁତ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ନେଇ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ପ୍ରବାହିତ ନଦୀଗୁଡ଼ିକ, ଯେଉଁ ସମସ୍ତ ହିମାଳୟରୁ ବାହାରିଛି, ସେଠାର ଉପର ମୁଣ୍ଡରେ ଚଳିତବର୍ଷ ବରଫପାତ ସ୍ୱାଭାବିକ ତୁଷାରପାତ ୨୩.୬ ପ୍ରତିଶତ କମ୍ ରହିଥିବା ବେଳେ ମେକଙ୍ଗ ଅବବାହିକାରେ ଏହାର ସ୍ୱାଭାବିକ ସ୍ତରଠାରୁ ୫୧.୯ ପ୍ରତିଶତ କମ୍ ରହିଥିବାବେଳେ ଗାଲୱିନ ଅବବାହିକାରେ ୪୮.୩ ପ୍ରତିଶତ କମ୍



ରହିଛି। ସେହିପରି ବ୍ରହ୍ମପୁତ୍ର ଅବବାହିକାରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ ୨୭.୯ ପ୍ରତିଶତ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଗଙ୍ଗା ଅବବାହିକାରେ ତୁଷାରପାତ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ନିଃସନ୍ଦେହ ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନବରତ ଭାବେ ହିନ୍ଦୁକୁଶ ହିମାଳୟ ରେଜିୟନରେ ତୁଷାରପାତ ହ୍ରାସ ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରଭାବରେ ହିନ୍ଦୁକୁଶ ହିମାଳରେ ମଧ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି ବୋଲି ଏକ ଗବେଷଣାତ୍ମକ ସର୍ଭେ ରିପୋର୍ଟରେ କୁହାଯାଇଛି। ଆଇସିଆଇଏମ୍‌ଓଡି ରିପୋର୍ଟରେ କୁହାଯାଇଛି ଯେ, ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ବିଶ୍ୱତାପନକୁ ୧.୫ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ବିଶ୍ୱ ସମ୍ମିଳନୀ ଘୋଷଣା କରିଛି। ଯଦି ୧.୫ ଡିଗ୍ରୀଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ତାପମାତ୍ରା ୦.୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଆଇସିଆଇଏମ୍‌ଓଡିର ବୈଜ୍ଞାନିକମାନେ ମଧ ସତର୍କ ଦେଇ କହିଛନ୍ତି ଯେ, ଯଦି ଏହି ଧାରା ଜାରି ରହେ, ତେବେ ନଦୀ ଅବବାହିକାରେ ଅଞ୍ଚଳ ଉତ୍କଟ ଜଳାଭାବର ସମ୍ମୁଖୀନ ହେବ, ଯାହାର ପରିଣତି ସ୍ୱରୂପ ଭୂତଳ ଜଳ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବା ସହ ମରୁଡ଼ିର ଆଶଙ୍କା ବୃଦ୍ଧି ପାଇବ।

ସରକାର ଓ ଜଳ ସଂସ୍ଥାଗୁଡ଼ିକ ଜଳ ସଞ୍ଚୟ ଯୋଜନା ପ୍ରସ୍ତୁତ କରିବା ସହ ମରୁଡ଼ି ପ୍ରତିକ୍ରିୟାରେ ଉନ୍ନତି ଆଣିବା ଏବଂ ସମ୍ବଳଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏଥିଲାଗି ନୀତି ନିର୍ଦ୍ଧାରକମାନେ ଦୀର୍ଘମିଆଦ ଭିତ୍ତିରେ ସ୍ୱଳ୍ପ ଜଳରେ ଚାଷ ଏବଂ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏଥିସହ ହିମାଳୟ ପାଦଦେଶରେ କୃଷିଜମିକୁ ଜନବସତି ଅଞ୍ଚଳରେ ବଦଳକୁ ବନ୍ଦ କରିବା ଜରୁରୀ। ଏହା ନିଃସନ୍ଦେହ ଯେ, ହିମାଳୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ ପାଇଁ ସବୁମତେ ଜରୁରୀ। ଅନ୍ୟଥା ଚୀରସ୍ରୋତା ନଦୀଗୁଡ଼ିକ ଆଗାମୀ ଦିନରେ ଶୁଖିଲା ପଡ଼ିବ।

**ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼,**
**ଭୁବନେଶ୍ୱର**
**ମୋ: ୭୯୭୮୬୬୬୪୦୩**

## ଏଇ ଭାରତରେ

ଏବେ ଜୈବ ଚମଡ଼ା(ବାୟୋ ଲେଦର) ବ୍ୟବହାର କରିପାରିବେ। ବିଶେଷକରି ଟମାଟୋ ବର୍ଜ୍ୟରୁ ଏହା ତିଆରି କରାଯାଉଛି। ୨୬ ବର୍ଷ ବୟସ୍କ ପ୍ରୀତିଶ୍ ମିସ୍ତ୍ରି ଦି ବାୟୋ କମ୍ପାନୀ(ଟିବିସି) ପ୍ରତିଷ୍ଠା କରି ତା' ମାଧ୍ୟମରେ ଏଭଳି ଚମଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ବାୟୋ ଲେଦର ନରମ ଓ ଟାଣ ହେଉଛି। ଟମାଟୋରେ ପ୍ରାକୃତିକ ପଲିମର ପେପ୍‌ଟିନ ରହିଥିବାରୁ ରାସାୟନିକ ପ୍ରକ୍ରିୟାକରଣ ସାହାଯ୍ୟରେ ଏହି ଚମଡ଼ା ତିଆରି କରାଯାଉଛି। ପ୍ରୀତିଶ୍ ଥାଡୋମଲ ସାହାଣୀ ଇଞ୍ଜିନିୟରିଂ କଲେଜରୁ ବାୟୋଟେକ୍‌ନୋଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପଢ଼ିବା ସମୟରୁ ହିଁ ସେ ଜୈବ ଚମଡ଼ା ତିଆରି ଉପରେ ଗବେଷଣା କରି ୨୦୧୯ରେ ସଫଳତା ପାଇଥିଲେ। ଏବେ ବାୟୋ ଲେଦର ପାଇଁ ସେ ଟମାଟୋ ବର୍ଜ୍ୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଥିବା ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ରୁ ସଂଗ୍ରହ କରୁଛନ୍ତି। ସୁରଟସ୍ଥିତ ଏକ କମ୍ପାନୀରେ ପ୍ରତି ମାସରେ ପାଖାପାଖି ୫,୦୦୦ ମିଟର ବାୟୋ ଲେଦର ତିଆରି ହେଉଛି। ଭାରତରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଛି ଓ ଏହାର ୩୦-୩୫ ପ୍ରତିଶତ ନଷ୍ଟ ହୋଇଯାଉଛି। ଯଦି ଏହାକୁ ଜୈବ ଚମଡ଼ା ପ୍ରସ୍ତୁତିରେ ବ୍ୟବହାର କରାଯାଇପାରନ୍ତା, ତେବେ ବହୁସଂଖ୍ୟାରେ ଜୀବ ହତ୍ୟା ହ୍ରାସ ପାଇପାରନ୍ତା ବୋଲି କୁହନ୍ତି ପ୍ରୀତିଶ୍।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।

-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 7 |
| 2 | | | 6 | | | | | |
| | | | 2 | 8 | | 5 | | 4 |
| | 2 | | | 7 | | | | 3 |
| | | | 5 | | | | | |
| 3 | | | 1 | | | 9 | 7 | |
| | 5 | 9 | | | | | | |
| | 4 | | | | 3 | 8 | 5 | 1 |
| | | 8 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 9 | 7 | 1 | 6 | 4 | 5 |
| 7 | 9 | 6 | 4 | 3 | 5 | 2 | 1 | 8 |
| 1 | 5 | 4 | 8 | 6 | 2 | 7 | 3 | 9 |
| 3 | 6 | 1 | 2 | 5 | 9 | 4 | 8 | 7 |
| 5 | 4 | 7 | 6 | 1 | 8 | 3 | 9 | 2 |
| 2 | 8 | 9 | 3 | 4 | 7 | 1 | 5 | 6 |
| 4 | 7 | 3 | 5 | 8 | 6 | 9 | 2 | 1 |
| 6 | 2 | 5 | 1 | 9 | 4 | 8 | 7 | 3 |
| 9 | 1 | 8 | 7 | 2 | 3 | 5 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗଛକଟା ଚାଲିଛି, ଲଗାଯାଉ ନାହିଁ

ମହାଶୟ,

ପ୍ରତିବର୍ଷ ରୌଦ୍ରତାପ ବଢ଼ି ଚାଲିଛି। ୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ହେବା ସମୟରେ ବହୁ ଗଛ କଟାହେଲା। ପୁଣି ୫ ଲେନ୍ ହେଲା ପରେ ଆହୁରି କଟାଗଲା। ଭୁବନେଶ୍ୱର-ପୁରୀ ୪ ଲେନ୍ ରାସ୍ତା ନିର୍ମାଣବେଳେ ସବୁଗଛ କଟା ହୋଇଗଲା। ବାଲେଶ୍ୱରର ଶେରଗଡ଼-ଝରଣାଘାଟି ରାସ୍ତାର ୪ ଲେନ୍ କାର୍ଯ୍ୟ ଚାଲିଛି। ସବୁଗଛ କଟାଗଲା। କୁରୁଡ଼ା ବାଇପାସ୍‌ରୁ ବାଲେଶ୍ୱର ସହର ପୁରୁଣା ସଦର ଥାନା ପର୍ଯ୍ୟନ୍ତ ରାସ୍ତା ୪ ଲେନ୍ ହେଲା। ଏଠାରେ ମଧ ଗଛସବୁ କଟାହେଲା। ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ଘଞ୍ଚ ଜଙ୍ଗଲରୁ ଅବାଧରେ ଗଛ କଟାଚାଲିଛି। ସଜନାଗଡ଼ର ମା' ଭୁଧାରଚଣ୍ଡୀଙ୍କ ମନ୍ଦିର ନିକଟ ତିନିକୋଣିଆ ଜଙ୍ଗଲରୁ ପ୍ରତ୍ୟହ ଗଛକଟା ଚାଲିଛି। ବାଲେଶ୍ୱରର ଚାନ୍ଦିପୁର, ବଳରାମଗଡ଼ି, କଷାଫଳ, ଚୌମୁଖୀ, ଡଗିରା ବେଳାଭୂମିରୁ ପ୍ରତ୍ୟହ ହଜାର ହଜାର ଝାଉଁଗଛ କଟାଚାଲିଛି, ହେଲେ କୌଣସିଠାରେ ଗଛ ଲଗାଯାଉନାହିଁ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

## ଓଡ଼ିଆ ଭାଷାର ବ୍ୟବହାର କମୁଛି

ଓଡ଼ିଆ ଭାଷା ଓ ଅକ୍ଷର ସବୁଠାରୁ ସୁନ୍ଦର। ଏପରି ଏକ ସୁନ୍ଦର ଭାଷାକୁ ଆମେ ଆମର ମାତୃଭାଷା ଭାବେ ପାଇବା ଅତି ଗର୍ବ ଓ ଗୌରବର ବିଷୟ। ମାତ୍ର ଏବେ ଓଡ଼ିଆ ଭାଷା ଦୁର୍ଗତି ମଧ୍ୟରେ ଗତି କରୁଛି। ଓଡ଼ିଆରେ କେହି କଥାବାର୍ତ୍ତା ହେବାକୁ ଓ ଏପରିକି ଚିଠି ଖଣ୍ଡେ ଲେଖିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଏ କ୍ଷେତ୍ରରେ କାହାରର ଆଗ୍ରହ କି ସାମର୍ଥ୍ୟ ନାହିଁ। ତଥାପି ଯେଉଁମାନେ ଲେଖାଲେଖି କରୁଛନ୍ତି ସେମାନଙ୍କର ଭାଷା ଓ ବ୍ୟାକରଣ ଜ୍ଞାନ ଅଭାବ ପାଇଁ ବିକୃତ ଭାବରେ ବ୍ୟବହାର ହେଉଛି। ତେଣୁ ଓଡ଼ିଆ ଭାଷାର ବ୍ୟବହାର କ୍ରମେ ହ୍ରାସ ପାଇବାରେ ଲାଗିଛି। ଯେକୌଣସି ଭାଷାର ବ୍ୟବହାର କମିଲେ ସେ ଭାଷାର ମୃତ୍ୟୁ ହୁଏ। ବର୍ତ୍ତମାନ ଓଡ଼ିଆ ଭାଷାର ଏପରି ଦୁର୍ଗତି ପାଇଁ ରାଜ୍ୟ ସରକାର ମୁଖ୍ୟତଃ ଦାୟୀ। ଏବେ ସୁଦ୍ଧା ସରକାରୀ କାର୍ଯ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ବାପୁ



@ ଜ୍ୟୋତି



@ ସଞ୍ଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ପାଣି ସମସ୍ୟାକୁ ଅବହେଳା କରାଯିବ ନାହିଁ'

**ସଚିବସ୍ତରୀୟ ବୈଠକ**

- ■ନୂତନ ଯୋଜନାର କାର୍ଯ୍ୟକାରିତା ପରଖିଲେ ମୁଖ୍ୟ ସଚିବ
- ■ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ରିପୋର୍ଟ ରଖିଲେ ସତ୍ୟବ୍ରତ



ବୈଠକରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏବଂ ବିଭିନ୍ନ ବିଭାଗର ସଚିବ।

ଭୁବନେଶ୍ୱର,୧୩।୫(ରବିନାରାୟଣ ଜେନା)

ଚଳିତ ବଜେଟ ପ୍ରାବଧାନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା ନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ସଚିବସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ବଜେଟ ଅର୍ଥ କେଉଁ ବିଭାଗ କିଭଳି ଖର୍ଚ୍ଚ କରିଛନ୍ତି ତା' ଉପରେ ସଚିବଗଣଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଯୋଜନା ବାବଦ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ, ସଂପ୍ରତି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଯେଉଁ ସ୍ଥାନରେ ପାନୀୟ ଜଳର ସମସ୍ୟା ରହୁଛି, ତାହାର ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ବିଭିନ୍ନ ଖବରକାଗଜରେ ପ୍ରକାଶ ପାଉଥିବା ଏବଂ ଅନ୍ୟ ଗଣମାଧ୍ୟମରେ ଦୃଷ୍ଟିକୁ ଆସୁଥିବା ପାନୀୟ ଜଳ ସମ୍ପର୍କିତ ଖବରକୁ ତୁରନ୍ତ ଧ୍ୟାନ ଦେଇ ଏହାର ସମାଧାନ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଅବସରରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ସରକାରୀ କର୍ମଚାରୀମାନଙ୍କ ଅବସରକାଳୀନ ପ୍ରାପ୍ୟ ଓ ପେନ୍‌ସନ ପ୍ରଦାନକୁ ସହଜ କରିବା ପାଇଁ ଜନ ଶୁଣାଣି ପୋର୍ଟାଲରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଇତିମଧ୍ୟରେ ବିକଶିତ କରାଯାଇଛି। ଏହାକୁ କର୍ମଚାରୀମାନେ ବ୍ୟବହାର କରିବାକୁ ପରାମର୍ଶ ଦେବା ସହିତ ଏଥିରେ ସାମୟିକ କି କି ସମସ୍ୟା ରହୁଛି, ତାହାକୁ ତର୍ଜମା କରି ଅଧିକ ସହାୟତା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ। ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗମାନେ ସାମଗ୍ରିକ ନିଷ୍ପତ୍ତି ନେବାର ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କର ଜିଲାଗସ୍ତ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିବା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଅଧିକରୁ ଅଧିକ ବେସାମରିକ ସୁରକ୍ଷା ସ୍ୱେଚ୍ଛାସେବୀ(ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର)ଙ୍କ ଯୋଗଦାନ ନେଇ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରାଜ୍ୟରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ବର୍ତ୍ତମାନର ସ୍ଥିତି, ଜରୁରିକାଳୀନ ସହାୟତା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନଙ୍କ ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଅଧିକ ସ୍ୱେଚ୍ଛାସେବୀ ମୁତୟନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ, ବିଶେଷକରି ରାଜ୍ୟରେ ଚିହ୍ନଟ ୧୨ଟି ଜିଲାର ଶିଳ୍ପ ଓ ଜନସଂଖ୍ୟାବହୁଳ ସହରରେ ଏହି ସିଭିଲ୍ ସ୍ୱେଚ୍ଛାସେବୀଙ୍କ ଅଧିକ ମୁତୟନ ସମ୍ପର୍କରେ ସେ ଅବଗତ କରାଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆସନ୍ତା ପୁରୀ ରଥଯାତ୍ରା ନିମନ୍ତେ ସୁଚାରୁରୂପେ ପ୍ରସ୍ତୁତି ଚାଲିଥିବା ସମ୍ପର୍କରେ ତଥ୍ୟ ରଖିଥିଲେ। ବିଭିନ୍ନ ଜିଲାରେ ସମ୍ପୂର୍ଣ୍ଣ ହୋଇଥିବା କ୍ରୀଡ଼ା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଛାତ୍ରାବାସ ଭଳି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଏବଂ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିଲେ ଖୋର୍ଦ୍ଧା, ଜଟଣୀ ସବ୍‌ରେଜିଷ୍ଟ୍ରାର

ଖୋର୍ଦ୍ଧା,୧୩।୫(ପ୍ରଭାତ ପାଣିଗ୍ରାହୀ)

**କଟକଣା ସମୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ନେଇ ଅଭିଯୋଗ**

**ଧରିତ୍ରୀ ପ୍ରଭାବ**

ପାର୍ଟ ବା ଆଂଶିକ ପ୍ଲଟ ରେଜିଷ୍ଟ୍ରେଶନ ଉପରେ ସରକାରୀ କଟକଣା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାର ବିଭିନ୍ନ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହାର ଖୋଲା ଉଲ୍ଲଂଘନ କରାଯାଇଛି। ଏପରି କି ପାର୍ଟ ପ୍ଲଟ କିଣାବିକାରେ ଲକ୍ଷାଧିକ ଟଙ୍କା କାରବାର କରାଯାଇଛି। ଏନେଇ 'ଧରିତ୍ରୀ'ରେ ଖବର ପରିବେଷଣ ପରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍) କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ଏବେ ଖୋର୍ଦ୍ଧା ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲାପାଳଙ୍କ ଚିଠି ନମ୍ବର ୯୩୨୯/୧୩।୫।୨୫ ପ୍ରକାରେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର(ଉପ ନିବନ୍ଧକ) ଭାବେ କାର୍ଯ୍ୟରତ ଥିବା ଅପୂର୍ବ ରଞ୍ଜନ ଆଇଚଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର ଅମିର କୁମାର ଦାଶଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ଜଟଣୀ ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ଥିବା ବିଞ୍ଜେସ ରଞ୍ଜନ ନାୟକଙ୍କୁ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ସନ୍ତୋଷିନୀ ଦାଶଙ୍କୁ ନିଯୁକ୍ତ କରାଯାଇଛି।

କଟକଣା ସମୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଥିବା ୩୧ ସବ୍‌ରେଜିଷ୍ଟ୍ରାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଯୋଜନା କରିଥିବାବେଳେ ଖୋର୍ଦ୍ଧାର ୧୦ ସବ୍‌ରେଜିଷ୍ଟ୍ରାରଙ୍କୁ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ରିପୋର୍ଟ ତଲବ କରିଥିଲେ। ୨୦୨୪ ଡିସେମ୍ବରରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ କେତେ ପ୍ଲଟ୍ ପଞ୍ଜୀକରଣ ହୋଇଛି ସେନେଇ ରିପୋର୍ଟ ଦେବାକୁ ନୋଟିସ କରିଥିଲେ। ଧାର୍ଯ୍ୟ ତାରିଖରେ ରିପୋର୍ଟ ଦାଖଲ ନ କଲେ କିମ୍ବା ରିପୋର୍ଟ ସନ୍ତୋଷଜନକ ନ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ରିପୋର୍ଟକୁ ଆଧାର କରି ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଜଟଣୀ ସବ୍‌ରେଜିଷ୍ଟ୍ରାରଙ୍କୁ ବଦଳି କରାଯାଇଛି। ତେବେ ପାର୍ଟ ପ୍ଲଟ କିଣାବିକାରେ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଥିବା ବେଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ପ୍ରଶାସନିକ ସ୍ତରରେ କେବଳ ବଦଳିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୨୨ରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ଉପରେ କଟକଣା ସତ୍ତ୍ୱେ ଖୋର୍ଦ୍ଧା ଜିଲାର ବିଡିଏ ଅଞ୍ଚଳରେ ୨୨ ହଜାର ୧୫୦ ପଞ୍ଜୀକରଣ କରାଯାଇଥିଲା। ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ପାର୍ଟ ପ୍ଲଟ ପଞ୍ଜୀକରଣ ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଖଣ୍ଡଗିରି ପରେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ଜଟଣୀ ଏବଂ ଟାଙ୍ଗୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଆଂଶିକ ପ୍ଲଟ୍ ବିକ୍ରି ଉପରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଥିଲା।

# 'ଦୀଘା ଜଗନ୍ନାଥ ଧାମ ଲେଖାରେ ଇସ୍କନର ଭୂମିକା ନାହିଁ'

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗ ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମକରଣ ନେଇ ବିବାଦ ଲାଗିରହିଛି। ପଶ୍ଚିମବଙ୍ଗ ସରକାରଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ତୁରନ୍ତ ଧାମ ଶବ୍ଦ ହଟାଇବାକୁ ଦାବି ହେଉଛି। ଗତ ୭ ତାରିଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ମାୟାପୁରୀର ଇସ୍କନ୍ ପରିଚାଳନା ମୁଖ୍ୟ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଥିଲେ। ଶ୍ରୀକ୍ଷେତ୍ର ବ୍ୟତୀତ ଆଉ କୌଣସି ସ୍ଥାନକୁ ଜଗନ୍ନାଥ ଧାମ କୁହାଯିବ ନାହିଁ। ଏହାକୁ ତୁରନ୍ତ ପରିବର୍ତ୍ତନ ପାଇଁ ସେ ଇସ୍କନକୁ ଅନୁରୋଧ କରିଥିଲେ।

ଏନେଇ ଇସ୍କନର ଲୋକସମ୍ପର୍କ ସୂଚନା ଅଧିକାରୀ ପ୍ରେମାନନ୍ଦ ଦାସ ମଙ୍ଗଳବାର ସ୍ପଷ୍ଟୀକରଣ ରଖିଛନ୍ତି। ଅଧିକାରୀ ଦାସଙ୍କ ଅନୁଯାୟୀ, ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଜଗନ୍ନାଥ ଧାମ ଟ୍ରଷ୍ଟ ଅନେକ ବର୍ଷ ପୂର୍ବରୁ ଗଠିତ ହୋଇଛି। ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନାରେ ଇସ୍କନର କୌଣସି ଭୂମିକା ନାହିଁ। ଇସ୍କନ କେବଳ ଦୀଘା ଜଗନ୍ନାଥ ମନ୍ଦିରର ସେବା ଏବଂ ପୂଜାରେ ନିୟୋଜିତ ରହିଛି। ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଗଠିତ ଟ୍ରଷ୍ଟରେ ପୁରୀ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ଜଣେ ସଦସ୍ୟଭାବେ ରହିଥିବା ବେଳେ ଗତ କିଛିଦିନ ପୂର୍ବରୁ ଇସ୍କନର ଜଣେ ବ୍ୟକ୍ତି ଏହି ଟ୍ରଷ୍ଟରେ ସଦସ୍ୟ ହୋଇଛନ୍ତି। ତେଣୁ ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ଏବଂ ଜଗନ୍ନାଥ ଧାମ ଲେଖାକୁ ନେଇ ଇସ୍କନର କୌଣସି ଭୂମିକା ନାହିଁ ବୋଲି ଗଜପତି ମହାରାଜାଙ୍କ ଚିଠିର ଉତ୍ତରରେ ସୂଚନା ଦେଇଛନ୍ତି। ଏନେଇ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରି ବିବାଦୀୟ ଧାମ ଶବ୍ଦକୁ ଅପସାରଣ କରିବାକୁ ଚେଷ୍ଟା କରିବା ଉଚିତ ବୋଲି ସେ ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-12, ତା.08.05.2025ରିଖ

କାର୍ଯ୍ୟର ନାମ : ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର /L/ ସମ୍ବଲପୁର ଏବଂ ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ବଲାଙ୍ଗୀର ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (₹): 80,45,057.50, EMD (₹) : 1,60,900.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.05.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-120/Q/25-26

CAREER APPOINTMENT ON EVERY WEDNESDAY & SATURDAY. B/W : ₹. 350 per sq.cm Colour : ₹. 400 per sq.cm. PAY FOR 1, GET 1 FREE. For Bookings Call : 0674-2580385 Email : advt@dharitri.com

**WANTED**

Fresh/Experienced Wanted Dynamic **Sales / Customer Support Engineer** for a leading Organization in BBSR. Dealing with Industrial Product.

**Contact : 9437053367**

Write to - sibashaktielastomerbbsr@gmail.com

**ଡ୍ରାଇଭର ଆବଶ୍ୟକ**

ଅଟୋ/ଟାଟା ଏସିଇ/ବୋଲେରୋ ପିକ୍‌ଅପ୍ ଗାଡ଼ି ପାଇଁ ଏବଂ ଫର୍ଣ୍ଣିଚର, ରଡ୍ ଓ ସିମେଣ୍ଟ ଡିପୋରେ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଦରକାର। ଭୁବନେଶ୍ୱରରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ଅଛି।

- ଯୋଗାଯୋଗ - 7064170280

See Career Appointment on every Wednesday & Saturday

**Current Manpower Requirement**

**@Trupti Enterprises Pvt. Ltd.**

Tata Motors Passenger Car Dealership in BBSR

1. Team Leaders - 5
2. Sales Customer Adviser - 15
3. Tele Callers - 3
4. EMO-Rural outlet Manager - 1
5. Sales Coach-Trainer - 1
6. Drivers - 2

Qualification - Graduate/MBA/Marketing

Experience - 4-5 years in Automobile-Fresher can also apply. Nb - Salary is not a constraint for right candidates.

Contact : Satyabrata Jena, Mob : 7077770313

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ (ସିଓ)/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ତାହାକୁ ୧୨.୦୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଏସ୍‌ପିଏଲ-ଏସ୍‌ଆଇଜି-ଏଚ୍‌ଆଇଜେ-ବିଟିଏସ୍, ତାରିଖ: ୧୩।୦୫।୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ହିଜ୍‌ଲି-ବସ୍ତା ସେକ୍ସନରେ ଦୁଇ ବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟର ନିର୍ବାହ ପାଇଁ କାର୍ଯ୍ୟର ଏସ୍‌ଆଣ୍ଡଟି ଅଂଶ, ବିଦ୍ୟମାନ ସିଷ୍ଟମରେ ଯୋଗ ଏବଂ ସଂଶୋଧନ, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧,୪୨,୬୯,୬୯୬.୩୫ । ଇଏମ୍‌ଡି: ₹୨,୨୧,୪୦୦ । କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଏସ୍‌ପିଏଲ-ଏସ୍‌ଆଇଜି-ଆର୍‌ଓପି-ଆର୍‌ଏନ୍‌ଟି ଏଲ୍, ତାରିଖ: ୧୩।୦୫।୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର-... ସେକ୍ସନରେ ... [illegible] ... ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: [illegible] । ଟେଣ୍ଡର ବନ୍ଦ ତାରିଖ: [illegible] ... ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-150)

ସେଣ୍ଟ୍ରାଲ ମାଇନ ପ୍ଲାନିଂ ଏଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ ଲିମିଟେଡ CENTRAL MINE PLANNING & DESIGN INSTITUTE LIMITED (A Subsidiary of Coal India Limited) Gondwana Place, Kanke Road, Ranchi-834 008, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in In addition, procurement is also done through GeM portal https://gem.gov.in".

**ODISHA COAL AND POWER LTD.**
**(A GOVT. OF ODISHA COMPANY)**

Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-198/2025 Date : 14/05/2025

Sealed bids in prescribed format are invited from Agency/Supplier/Contractor for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Supply and Installation of Fittings & Fixtures, Furniture and other Assets for DAV School at Manoharpur Township, Sarbahal, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST. | 14/05/2025 | 20/05/2025 | 03:00 PM / 03:30 PM on 28/05/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer


# ଶିକ୍ଷକଙ୍କ ବଦଳି ସୁପାରିସ କରିପାରିବେ ବିଧାୟକ, ଏମ୍‌ପି

ଭୁବନେଶ୍ୱର, ୧୩।୫(ସୁଚିସ୍ମିତା ସାହୁ)

ଚଳିତବର୍ଷ ବିଧାୟକ ଏବଂ ଏମ୍‌ପିମାନେ ନିଜ ନିର୍ବାଚନ ମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ କ୍ଷେତ୍ରରେ ବଦଳି ସୁପାରିସ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଏ ସଂକ୍ରାନ୍ତରେ ଗଣଶିକ୍ଷା ବିଭାଗ ପକ୍ଷରୁ ଯୁଗ୍ମସଚିବ ଗିରିଶ ଚନ୍ଦ୍ର ସିଂ ପତ୍ର ଲେଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି। ପତ୍ରରେ ଦର୍ଶାଯାଇଛି ଯେ, ବିଧାୟକ ଏବଂ ଏମ୍‌ପିମାନଙ୍କ ପାଇଁ ଅଡିବେଶୀରେ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୫ଜଣ ଶିକ୍ଷକଙ୍କ ବଦଳି ସଂକ୍ରାନ୍ତରେ ଜିଲାପାଳଙ୍କୁ ସୁପାରିସ କରିପାରିବେ। ସଂପୃକ୍ତ ଶିକ୍ଷକମାନେ ବଦଳି ହେବାକୁ ସମ୍ପୂର୍ଣ୍ଣ ଯୋଗ୍ୟ ଥିବେ। ଜିଲାସ୍ତରୀୟ କମିଟି ବଦଳି ସମୟରେ ସେଗୁଡିକୁ ଗୁରୁତ୍ୱ ଦେବ। ଏଥିସହ ଶିକ୍ଷକଙ୍କ ବଦଳି ସମୟରେ ଆନୁପାତିକ ନୀତି ଯେଭଳି ଉଲ୍ଲଂଘନ ହେଉ ନ ଥିବ ତାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଯେଉଁ ଶିକ୍ଷକଙ୍କର ବଦଳି ଅତ୍ୟନ୍ତ ଜରୁରୀ ଥିବ ତାଙ୍କୁ ଗୁରୁତ୍ୱ ଦିଆଯିବ। ଜିଲା ଭିତରେ ବଦଳି ସମୟରେ କୌଣସି ଶିକ୍ଷକ ଯେଭଳି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବଦଳି ହୋଇପାରିବେ ନାହିଁ ତାହାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ସମସ୍ତ ପ୍ରସ୍ତାବକୁ ଗ୍ରହଣ କରି ମେ' ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି ପ୍ରକ୍ରିୟା ଚୂଡାନ୍ତ କରିବାକୁ କୁହାଯାଇଛି।

# ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟିତ

କଟକ,୧୩।୫(କାର୍ତ୍ତିକ ସାହୁ)



ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ପ୍ରଦର୍ଶନୀ ପ୍ରକୋଷ୍ଠକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସିଡିଏସ୍ଥିତ ରାଜ୍ୟ ଆଇନ ସେବା ଭବନଠାରେ ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠକୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ଆଇନ ସେବା ପାଇଁ ଆଗନ୍ତୁକ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ସାଧାରଣ ଜନତା ଯେପରି ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ନିଜେ ସହଜରେ ଜାଣିପାରିବେ ଓ ଅନ୍ୟମାନଙ୍କୁ ଜଣାଇ ପାରିବେ। ଏହି ମହତ ଉଦ୍ଦେଶ୍ୟ ବିଚାରରେ ରଖି ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ କରାଯାଇଥିବା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ସଙ୍ଗମ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଓଡ଼ିଶା ହାଇକୋର୍ଟ ଅଧିବକ୍ତା ସଂଘ ସଭାପତି ଓ ସାଧାରଣ ସମ୍ପାଦକ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି, ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଓ ରେଜିଷ୍ଟ୍ରିର ଅନ୍ୟାନ୍ୟ ଅଧିକାରୀବୃନ୍ଦ, ନିର୍ଦ୍ଦେଶକ ଓଡ଼ିଶା ଜୁଡିସିଆଲ ଏକାଡେମୀ, ଓଡ଼ିଶା ରାଜ୍ୟ ଅଧିବକ୍ତା ପରିଷଦର ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଉପସଚିବ ଓ ସହସଚିବଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ପରିଚାଳିତ କରାଯାଇଥିଲା। ରାଜ୍ୟ ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଫଟୋ: ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସିଡିଏସ୍ଥିତ ରାଜ୍ୟ ଆଇନ ସେବା ଭବନଠାରେ ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଚୋର ଧରାଇଲା ସିସିଟିଭି

**ଟାଙ୍ଗୀ, ୧୩ା୫(ରଘୁନାଥ ସାହୁ):** ପରିବା ଦୋକାନରୁ ଚୋରି କରି ଜଣେ ଚୋର ଧରାପଡ଼ିଛନ୍ତି। ସେ ହେଲେ ପବିତ୍ର ନାୟକ। ଚାନ୍ଦପୁର ପୋଲିସ ପବିତ୍ରଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ମନୋରଞ୍ଜନ ସାହୁଙ୍କ ଚାନ୍ଦପୁରରେ ଏକ ପରିବା ଦୋକାନ ରହିଛି। ଗତ କିଛିଦିନ ତଳେ ତାଙ୍କ ଦୋକାନରୁ ୪୦ହଜାର ଟଙ୍କା ଚୋରି ହୋଇଥିଲା। ଏହି ଚୋରି ସମୟରେ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଭଙ୍ଗାଯାଇଥିଲା। ଫଳରେ ଚୋରିର ଦୃଶ୍ୟ କଏଦ ହୋଇପାରି ନ ଥିଲା। ସୋମବାର ରାତିରେ ପବିତ୍ର ପୁଣି ସେହି ଦୋକାନରେ ଚୋରି କରିବାକୁ ପଶିବା ସହ ୪ହଜାର ଟଙ୍କା ନେଇଯାଇଥିଲେ। ହେଲେ ଏଥର ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସକାଳେ ମନୋରଞ୍ଜନ ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସିସିଟିଭି କ୍ୟାମେରା ଦେଖି ପବିତ୍ରଙ୍କୁ ଚିହ୍ନଟ କରିଥିଲେ। ପରେ ବଜାର କମିଟିର ସଦସ୍ୟଙ୍କ ଉପସ୍ଥିତରେ ମନୋରଞ୍ଜନ ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କୁ ନିଜ ହେପାଜତକୁ ନେଇଥିଲା।

# ଚଢ଼ାଉ ସତ୍ତ୍ୱେ ଚାଲିଛି ଖଣିଜ ସମ୍ପଦ ଲୁଟ୍

**ଖୋର୍ଦ୍ଧା, ୧୩ା୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଛି। ଦୈନିକ ଶହ ଶହ ଟ୍ରକରେ ମୋରମ, କଳାମୁଗୁନି ପଥର, ବଉଳାମାଳା ପଥର ଓ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ ଓ ଜରିମାନା ଆଦାୟ ସତ୍ତ୍ୱେ କୌଣସି ଫରକ ପଡୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି, ସରକାରୀ ଓ ଗୋଚର ଜମି ଉପରେ ମାଫିଆଙ୍କ ମୁଖ୍ୟତଃ ନଜର ରହିଛି। ଖଣିରୁ ପଥର ଉତ୍ତୋଳନ ପାଇଁ ମାଫିଆଙ୍କ ମଧ୍ୟରେ ଏକପ୍ରକାର ଛକାପଞ୍ଝା ଲାଗି ରହିଛି। ଏପରିକି ପଥର ଉତ୍ତୋଳନ ପାଇଁ ଗୋଷ୍ଠୀ ସଂଘର୍ଷ ଘଟୁଥିବା ନଜିର ରହିଛି। ଏମାନଙ୍କ ଆତଙ୍କରାଜରେ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଲେଣି। ଅନ୍ୟପଟେ ଖଣିରେ ଚଢ଼ାଉ ବେଳେ ପ୍ରଶାସନିକ ଅଧିକାରୀ ଆକ୍ରମଣର ଶିକାର ହେଉଛନ୍ତି। ତେବେ ପଥର ଚୋରାଚାଲାଣକୁ କିଏ ପ୍ରୋତ୍ସାହିତ କରୁଛି, ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ସେପ୍ଟେମ୍ବରରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଧଉଳିମୁହଁ ପଞ୍ଚାୟତ ଗୋବର ଗାଡିଆରେ ମାଙ୍କଡ଼ା ଚାଲାଣକୁ ନେଇ ଗୁଳି ଫୁଟିଥିଲା। ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ କିଛି ନ ପାଇ ଫେରିଥିଲା। ନିକଟରେ ପୋଲିସ ଇନଫର୍ମର ସନ୍ଦେହରେ ମାଫିଆଙ୍କ ଗୋଟିଏ ଗୋଷ୍ଠୀ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେହି ମାସ ୫ ତାରିଖରେ ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପୋଖରୀରେ ଖଣି ସର୍ଭେ କାର୍ଯ୍ୟ ଚାଲିଥିବା ବେଳେ ଅତର୍କିତ ଭାବେ ୨୦ରୁ ଉର୍ଦ୍ଧ୍ୱ ମାଫିଆ ଖଣି ଅଧିକାରୀ ଜଗନ ବେହେରାଙ୍କ ସମେତ ପ୍ରତିନିଧି ଟିମ୍‌କୁ ଆକ୍ରମଣ ସହ ପଥର ମାଡ଼ କରିଥିଲେ। ଏପରିକି ଗାଡ଼ି ଭଙ୍ଗାରୁଜା କରିଥିଲେ। ଜାନୁଆରୀ ୧୪ରେ ଟାଉନ ଥାନା ଅନ୍ତର୍ଗତ ଶରଧାପୁର ନିକଟରେ ଚାଲିଥିବା ବେଆଇନଭାବେ ପଥର ଚୋରାଚାଲାଣ ବେଳେ ଚଢ଼ାଉ କରିବାକୁ ଯାଇଥିବା ମାଇନ୍ସ ଅଫିସରଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ପୂର୍ବରୁ ବାଘମାରୀ ଏବଂ ବେଗୁନିଆ ଥାନା ଅଞ୍ଚଳରେ ରାଜସ୍ୱ ନିରୀକ୍ଷକ ଏବଂ ଜଟଣୀ ତହସିଲଦାର ମଧ୍ୟ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଏକ ଖଣିରେ ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରମଣରେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ କର୍ମଚାରୀ ଆହତ ହୋଇଥିବା ବେଳେ ସାଦା ପୋଷାକରେ ଯାଇଥିବା ୨ଜଣ ଏସ୍‌ଆଇ ସେଠାରୁ ଦୌଡ଼ି ପଳାଇ ଆସିଥିଲେ। ୨୦୨୪ ଜୁଲାଇରେ ଟାଉନ ଥାନା ଅନ୍ତର୍ଗତ ହଳଦୀପଦା ଗ୍ରାମବାସୀ ବେଆଇନ ଖଣି ଖାଦାନ ରୋକିବା ପାଇଁ ରାସ୍ତାରୋକା କରିବା ସହ ପୋଲିସ ବଟି ନେଇ ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଥିଲେ। ୨୦୨୪ ଅଗଷ୍ଟ ୫ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ସମାନ ଅଭିଯୋଗ ଆଣିଥିଲେ ଟାଙ୍ଗିଆପଡ଼ାର କେତେଜଣ ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ବେଆଇନ ଖଣିରେ ଚଢ଼ାଉ ହେଉଛି। ଗାଡ଼ି, ମେଶିନ, ଯନ୍ତ୍ରପାତି ଆଦି ଜବତ କରାଯିବା ସହ ଜରିମାନା ଆଦାୟ ହେଉଛି। ତେବେ ଚାଲାଣକାରୀ ଖସିଯାଉଛନ୍ତି। ଚୋରା ଚାଲାଣ ପଛରେ ରାଜନୈତିକ ବ୍ୟକ୍ତି ଓ ବଡ଼ବଡ଼ିଆଙ୍କ ହାତ ରହୁଛି। ଫଳରେ ପ୍ରଶାସନ ଚୁପ୍ ବସୁଛି। କୌଣସି ଖଣିରେ ଚଢ଼ାଉ ପୂର୍ବରୁ ମାଫିଆଙ୍କ ପାଖରେ ଖବର ପହଞ୍ଚିଯାଉଛି। ନମ୍ବରବିହୀନ ଓ ଫିଟ୍‌ନେସ୍ ନ ଥିବା ଗାଡ଼ିରେ ଚୋରାଚାଲାଣ ହେଉଥିବାବେଳେ ଏଗୁଡ଼ିକ ଖସିଯିବା ସହଜ ହେଉଛି। ପଥର ପାଇଁ ଖନନ ଯୋଗୁ ସୃଷ୍ଟି ହେଉଥିବା ଗର୍ତ୍ତରେ ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ପଡ଼ି ଆହତ ହେଉଛନ୍ତି। ଚାଷକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି।



### ଏମାନେ ଯାହା କୁହନ୍ତି...

"ବେଆଇନ ଖଣି ଖନନକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ଏନେଇ ସମସ୍ତ ଥାନାକୁ ସଜାଗ ରହିବାକୁ କୁହାଯାଇଛି। ଏଥିସହ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଖଣିରେ ଚଢ଼ାଉ କରୁଛନ୍ତି।

**–ସାଗରିକା ନାଥ, ଏସ୍‌ପି**

"ବେଆଇନ ଖଣିରେ ରୀତିମତ ଚଢ଼ାଉ କରାଯାଉଛି। ନିକଟରେ ଶରଧାପୁର ମୌଜା ଏବଂ ଟାଙ୍ଗୀରେ ଚଢ଼ାଉ କରାଯାଇ ୫୦ରୁ ଉର୍ଦ୍ଧ୍ୱ ଗାଡ଼ି ଜବତ କରାଯାଇଛି। ଶରଧାପୁର ହଳଦୀପଦା ମୌଜାରେ ଜବତ ଗାଡ଼ିର ୨୫ଜଣ ମାଲିକଙ୍କୁ ନୋଟିସ କରାଯାଇଛି। ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

**–ଜଗନ ବେହେରା, ମାଇନ୍ସ ଅଧିକାରୀ**

### ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବାଣପୁର, ୧୩ା୫(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକର କୁମାଣ୍ଡୋଳ ପାଟଣାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ପୋଷ୍ଟ ପେଟେଣ୍ଟ ବ୍ୟାଙ୍କର ରିଜିଓନାଲ ସେଲ୍ସ ମ୍ୟାନେଜର ପ୍ରମୋଦ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ କେୟାର ହସ୍ପିଟାଲର ବରିଷ୍ଠ ଡାକ୍ତର ତନ୍ମୟ କୁମାର ଦାସ, ଡା. ଅର୍ଜୁନ ଗୁପ୍ତା ରୋଗୀଙ୍କ ବିଭିନ୍ନ ରୋଗର ପରୀକ୍ଷା କରିବା ସହିତ ପରାମର୍ଶ ଦେଇଥିଲେ। ଧର୍ମାନନ୍ଦ ମହାପାତ୍ର, ସୋନାଲି ପରିଛା, ଆକାଂକ୍ଷା ରାୟ, ଯଶୋବନ୍ତ ବେହେରା, ସିଲିବାଳା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୁମାଣ୍ଡୋଳ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ କୁମାର ସୁନ୍ଦରାୟ, ଗ୍ରାମ ସଭାପତି ରଞ୍ଜନ କୁମାର ମହାପାତ୍ର, ଶିକ୍ଷୟିତ୍ରୀ କମଳା ବେହେରା ଅତିଥିଭାବେ ଯୋଗଦେଇଥିଲେ। କୁମାଣ୍ଡୋଳ ଓ ପଥରକଟା ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ବିଭିନ୍ନ ରୋଗର ପରୀକ୍ଷା କରାଇଥିଲେ।

### ଅତିରିକ୍ତ ତହସିଲଦାର ହରପ୍ରସାଦଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ, ୧୩ା୫(ରଘୁନାଥ ସାହୁ)**

ଚାନ୍ଦପୁର ବୀଣାପାଣି ଶିଶୁ ମନ୍ଦିରଠାରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ରଣପୁର ଶାଖା ପକ୍ଷରୁ ୨୦୨୨-୨୩ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଫୁଲବାଣୀ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିବା ହରପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ଼ ଜିଲା ଗାୟତ୍ରୀ ପରିବାର ପ୍ରଜ୍ଞା ପ୍ରଚାରକ ବିରଞ୍ଚି ନାରାୟଣ ରଣା, ଜୟନ୍ତ ମିଶ୍ର, ବୃନ୍ଦାବନପୁର ପଞ୍ଚାୟତ ନାଏବ ସରପଞ୍ଚ ବାସନ୍ତୀ ରଣା ପ୍ରମୁଖ ଯୋଗଦେଇଥିଲେ। ହରପ୍ରସାଦ ତାଙ୍କ ବକ୍ତବ୍ୟରେ ତାଙ୍କର ସଂଘର୍ଷ ଜୀବନ, ପିତାମାତାଙ୍କ ତ୍ୟାଗ, ସଂସ୍କାର, ଗାୟତ୍ରୀ ପରିବାର ପକ୍ଷରୁ ପ୍ରକାଶିତ ଅଖଣ୍ଡ ଜ୍ୟୋତିକୁ ନିୟମିତ ପଠନର ଉପାଦେୟତା ସମ୍ପର୍କରେ କହିଥିଲେ। ଅଖିଳ ଚରଣ ବେହେରା, ଦୀପକ ସେନାପତି, ପ୍ରଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଆମ ବସ୍' ଚଳାଚଳ ବନ୍ଦ, ଯାତ୍ରୀ ହଇରାଣ

**କର୍ମଚାରୀଙ୍କୁ ମାଡ଼ ଘଟଣାର ପ୍ରତିବାଦ, ସୁରକ୍ଷା ଦାବିରେ ଆନ୍ଦୋଳନ**

**ଭୁବନେଶ୍ୱର, ୧୩ା୫ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ପ୍ରାୟ ୫ ଘଣ୍ଟା ଧରି 'ଆମ ବସ୍' ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡ଼ିଛି। କର୍ମଚାରୀଙ୍କୁ ମାଡ଼ ଘଟଣାର ପ୍ରତିବାଦ ତଥା ସୁରକ୍ଷା ଦାବି ନେଇ ସକାଳୁ ୧୫୦ରୁ ଉର୍ଦ୍ଧ୍ୱ ଆମ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଡିପୋରେ ବସ୍ ରଖି ଆନ୍ଦୋଳନକୁ ଓହ୍ଲାଇଥିଲେ। ବିନା ନୋଟିସ୍‌ରେ ବସ୍ ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଶହ ଶହ ଯାତ୍ରୀ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡକୁ ଆସିବା ପରେ ଆନ୍ଦୋଳନ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେଣୁ ସେଠାରୁ ପୁଣି କେମିତି ନିଜ ଗନ୍ତବ୍ୟସ୍ଥଳକୁ ଯିବେ ସେ ନେଇ ଚିନ୍ତିତ ହୋଇପଡିଥିଲେ।



ମାଷ୍ଟରକ୍ୟାଣ୍ଟିନ୍ ଡିପୋରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ଅପରପକ୍ଷେ ଅନେକ ସମୟରେ ବିନା କାରଣରେ ଲୋକେ ଆମ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରୁଥିବା ଅଭିଯୋଗ କରି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସତ୍ତ୍ୱେ କର୍ମଚାରୀମାନେ ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ରାଜ୍ୟ ସରକାର ସୁରକ୍ଷା ଦେଲେ ହିଁ ଗାଡ଼ି ଚଳାଇବୁ ବୋଲି କର୍ମଚାରୀମାନେ ଅଡ଼ିବସିଥିଲେ। କ୍ରୁଟ୍‌ର କେତେଜଣ ଅଧିକାରୀ ଏବଂ ସ୍ଥାନୀୟ ଡିପୋର ସୁପରଭାଇଜର ପହଞ୍ଚି ବୁଝାଶୁଝା କରିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏହାପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ସୋମବାର ରାତିରେ ଆଇଜିକେସିରୁ ମାଷ୍ଟରକ୍ୟାଣ୍ଟିନ୍ ଆସୁଥିବା ୨୩ନଂ. ଆମ ବସ୍ ଗାଇଡ୍ ତ୍ରିଲୋଚନ ପରିଡାଙ୍କୁ କେତେଜଣ ବାଇକ୍ ଚାଳକ ଆକ୍ରମଣ କରିଥିଲେ। ବସ୍ ଯାଉଥିବାବେଳେ ଧୂଳି ଉଡ଼ିବାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିଲା, ଯାହାକୁ ନେଇ ବସ୍ କର୍ମଚାରୀମାନେ ନିଜ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ।

# ଟ୍ରେନ୍‌ରୁ ୧୦ ଶିଶୁ ଶ୍ରମିକ ଉଦ୍ଧାର

**ଭୁବନେଶ୍ୱର, ୧୩ା୫(ସତ୍ୟଜିତ ରାଉତ)**

**ବିହାରରୁ ବେଙ୍ଗାଲୁରୁ ଯାଉଥିଲେ, ଚଢ଼ାଉ କଲା ମିଳିତ ଟିମ୍**

ବିହାରରୁ ବେଙ୍ଗାଲୁରୁକୁ ଚାଲାଣ ହେଉଥିବା ୧୦ ଶିଶୁ ଶ୍ରମିକଙ୍କୁ ଖୋର୍ଦ୍ଧା ରୋଡ ଷ୍ଟେଶନରେ ଯଶୋବନ୍ତ ପୁର ହାଓଡ଼ା ଏକ୍ସପ୍ରେସ (ନଂ.୧୫୨୨୮)ରୁ ସୋମବାର ରାତିରେ ଆର୍‌ପିଏଫ୍ ଏବଂ ମିଳିତ ଟିମ୍ ଉଦ୍ଧାର କରିଛି। ୨ଜଣ ଦଲାଲ ଖସି ପଳାଇଥିବାବେଳେ ଜଣଙ୍କୁ ଖୋର୍ଦ୍ଧା ରୋଡ ରେଳବାଇ ଥାନା ପୋଲିସ ଅଟକ ରଖିଛି। ସୂଚନାନୁଯାୟୀ, ଟ୍ରେନ୍‌ରେ ୧୨ ନାବାଳକ ବିହାରରୁ ଚାଲାଣ ହେଉଥିବା ଭୁବନେଶ୍ୱର ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ସୂଚନା ପାଇଥିଲେ। ରୁଚିକା ଆକ୍ସେଶ୍ ଟୁ ଜଷ୍ଟିସ ପ୍ରକଳ୍ପର ସଦସ୍ୟମାନେ ସୋମବାର ରାତିରୁ ଭୁବନେଶ୍ୱର ଷ୍ଟେଶନଠାରେ ଜଗି ରହିଥିଲେ। ଆର୍‌ପିଏଫ୍ ଓ ରେଲ୍‌ୱେ ଚାଇଲ୍ଡ ହେଲ୍ପ ଲାଇନକୁ ମଧ୍ୟ ଏବିଷୟରେ ସୂଚନା ଦିଆଯାଇଥିଲା। ଟ୍ରେନଟି ବିଳମ୍ବରେ ଆସିଥିବାବେଳେ ଭୁବନେଶ୍ୱର ଷ୍ଟେଶନରେ ୫ମିନିଟ୍ ଅଟକି ଥିଲା। କମ୍ ସମୟ ମଧ୍ୟରେ ସବୁ ପିଲାଙ୍କୁ ଖୋଜି ନ ପାଇବାରୁ ମିଳିତ ଟିମ୍ ଉକ୍ତ ଟ୍ରେନ୍‌ରେ ଖୋର୍ଦ୍ଧାରୋଡ ପର୍ଯ୍ୟନ୍ତ ଯାଇଥିଲେ। ବଗି ଏସ୍-୧, ଏସ୍-୪ ଓ ଏସ୍-୬ରୁ ୧୨ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୨ଜଣ ୧୮ବର୍ଷରୁ ଉର୍ଦ୍ଧ୍ୱ ଥିବା ଜଣାପଡ଼ିଥିଲା। ନାବାଳକମାନଙ୍କୁ ଖୋର୍ଦ୍ଧା ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା। ସମିତିଙ୍କ ନିର୍ଦ୍ଦେଶକ୍ରମେ ନାବାଳକଙ୍କ ମଧ୍ୟରୁ ୪ଜଣଙ୍କୁ ଖୋର୍ଦ୍ଧାସ୍ଥିତ ଭୈରବୀ ଓପନ ସେଲ୍ଟର ଏବଂ ୬ଜଣଙ୍କୁ ରୁଚିକା ଓପନ ସେଲ୍ଟରରେ ରଖାଯାଇଛି। ଶିଶୁ କଲ୍ୟାଣ ସମିତିଙ୍କ ନିର୍ଦ୍ଦେଶକ୍ରମେ ରୁଚିକା କର୍ମକର୍ତ୍ତାମାନେ ଖୋର୍ଦ୍ଧା ରୋଡ ରେଳବାଇ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଉପେନ୍ଦ୍ର ମହଲାଙ୍କୁ ନାରଦ ସମ୍ମାନ

**ଭୁବନେଶ୍ୱର, ୧୩ା ୫ (ସୌମ୍ୟରଞ୍ଜନ ରାଉତ)**

ବିଶ୍ୱ ସମ୍ବାଦ କେନ୍ଦ୍ର ଓଡ଼ିଶା ପକ୍ଷରୁ ସ୍ତମ୍ଭକାର ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଏକବିଂଶତମ ନାରଦ ସମ୍ମାନ ଉତ୍ସବ ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉପେନ୍ଦ୍ର ପ୍ରସାଦ ମହଲାଙ୍କୁ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ୨୦୨୫ ବର୍ଷ ଲାଗି ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ମହଲାଙ୍କୁ ମାନପତ୍ର, ଉତ୍ତରୀୟ, ନାରିକେଳ ଓ ୨୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେ ୧୯୮୪ରେ ଧରିତ୍ରୀ ଖବରକାଗଜରେ କାର୍ଯ୍ୟ ଆରମ୍ଭ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ସାମ୍ବାଦିକ ଓ ସ୍ତମ୍ଭଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଆସୁଛି। ପୂର୍ବରୁ ସାମ୍ବାଦିକ ସ୍ୱର୍ଗତ ଭଗବାନ ନାୟକବର୍ମା, ସ୍ୱର୍ଗତ ଗୋପାଳ ମିଶ୍ର, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ, ସ୍ୱର୍ଗତ ଅରୁଣ କୁମାର ପଣ୍ଡା, ରାଜାରାମ ଶତପଥୀ, ଗୋପାଳକୃଷ୍ଣ ମହାପାତ୍ର, ଭାସ୍କର ପରିଛା, ସୁଧୀର କୁମାର ଦାଶ, ଭାଗୀରଥ ମହାସୁଆର, ଜଗବନ୍ଧୁ ମିଶ୍ର, ପ୍ରତାପ ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପ୍ରଭୁ କଲ୍ୟାଣ ମହାପାତ୍ର, ଶିବନାରାୟଣ ସିଂହ, ତପନ ମିଶ୍ର, ସୁବ୍ରତ ଦାସ, ଆର୍ତ୍ତ ମିଶ୍ର, ଅଭୟ କୁମାର ଦ୍ୱିବେଦୀ, ଡ. ଅସିତ ମହାନ୍ତି ପ୍ରମୁଖ ନାରଦ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ସାପ୍ତାହିକ ଇଂଲିଶ ପତ୍ରିକା ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେତ୍‌କର ଯୋଗଦେଇଥିଲେ। ଏହି ଅବସରରେ ୟୁନିଟ-୮ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତର ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ଏବଂ ଆଇନଜୀବୀ ସାଇ ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ମାନପତ୍ର ପାଠ କରିଥିଲେ। ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।




# ଭକ୍ତି ଭାବନା ସୃଷ୍ଟିକରୁଛି ରାମଲୀଳା

**ଟାଙ୍ଗୀ, ୧୩ା୫(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତାଳଡ଼ିହ ଗ୍ରାମର ଆରାଧ୍ୟ ରଘୁନାଥଦେବଙ୍କ ପୀଠରେ ଚାଲିଥିବା ରାମଲୀଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ରାବଣ ବଧ, ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବ ସହିତ ନଗର ପରିକ୍ରମା ହୋଇଯାଇଛି। ଏହି ପୌରାଣିକ ନାଟକ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କଳାକାରମାନଙ୍କ ଅଭିନୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ ଓ ହନୁମାନ ବେଶରେ ସଜ୍ଜିତ କଳାକାରମାନେ ବିଜେ ଠାକୁରଙ୍କ ସହ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଗ୍ରାମବାସୀ ଭୋଗ ଓ ନୈବେଦ୍ୟ ଅର୍ପଣ କରି ଠାକୁରଙ୍କୁ ବନ୍ଦାପନା କରିଥିଲେ। ରାମ ଭୂମିକାରେ ସୁଧୀର ପ୍ରଧାନ, ଲକ୍ଷ୍ମଣ ଭୂମିକାରେ କୁନାଲ ପ୍ରଧାନ, ସୀତା ଭୂମିକାରେ ଅମିତ୍ ସାହୁ, ହନୁମାନ ଭୂମିକାରେ ଦୟା ପ୍ରଧାନ, ରାବଣ ଭୂମିକାରେ ଅନିଲ ସାମନ୍ତରାୟ ପ୍ରମୁଖ ଅଭିନୟ କରିଥିଲେ। ପରିଚାଳନା କମିଟି ସଭ୍ୟ ପ୍ରଦୀପ ଭୁଜବଳ, ଗଣେଶ ପ୍ରଧାନ, ଭ୍ରମର ବଳିୟାରସିଂହ, ସୁରେନ୍ଦ୍ର ପ୍ରଧାନ, ରାମ ପ୍ରଧାନ, ଅଜିତ ପାଇକରାୟ, ସୁବାସ ସାହୁ, ବିନାୟକ ପ୍ରଧାନ, ସୁବାସ ସାମନ୍ତରାୟ, ଧଡୁ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

**ଟାଙ୍ଗୀ(ରଘୁନାଥ ସାହୁ):** ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ମୁଖାପିନ୍ଧା ରାମଲୀଳା ବଡ଼ପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ଆରମ୍ଭ ହୋଇଯାଇଛି। ସାହିର ବହୁ ଯୁବକ ନିଷ୍ଠାର ସହ ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ସୋମବାର କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତଙ୍କ ନାଗଫାଶରେ ବନ୍ଧନ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାମ ଭୂମିକାରେ କାଳୁ ଜେନା, ଲକ୍ଷ୍ମଣ ଭୂମିକାରେ ଲିଟୁନ ନାୟକ, ସୀତା ଭୂମିକାରେ ତୁଷାର ରାଉତ, କୁମ୍ଭକର୍ଣ୍ଣ ଭୂମିକାରେ ଜିତେନ୍ଦ୍ର ତରାଇ, ଇନ୍ଦ୍ରଜିତ ଭୂମିକାରେ ବୁନା ରାଉତ, ହନୁମାନ ଭୂମିକାରେ ସାନା ରାଉତ ପ୍ରମୁଖ ଅଭିନୟ କରିଥିବା ବେଳେ ଗାୟକ ଭାବେ ପ୍ରଫୁଲ୍ଲ ରାଉତ, ବାୟକ ଭାବେ କୈଳାସ ରାଉତ, ବିଦ୍ୟାଧର ପାତ୍ର ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ। ରାମଲୀଳା କମିଟି ସଭାପତି ଉମାକାନ୍ତ ରାଉତ, ବିଭୁପାଦ ରାଉତ, ଘନଶ୍ୟାମ ମହାନ୍ତି, ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନିରାକାରପୁର(ମାନସ ଚନ୍ଦ୍ର ପଟ୍ଟନାୟକ):** ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମରେ ମଙ୍ଗଳବାର ପୌରଣିକ ନାଟକ ରାବଣ ବଧ ପରିବେଷଣ ହୋଇଯାଇଛି। ଏଥିସହ ରାମ, ଲକ୍ଷ୍ମଣ ଓ ସୀତା ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ଭୂମିକାରେ ରାବଣ ଭୂମିକାରେ ଅକ୍ଷୟ ଲେଙ୍କା, ହନୁମାନ ଭୂମିକାରେ ନବ କିଶୋର ବରାଳ, ରାମ ଭୂମିକାରେ ସାଗର ଜେନା, ଲକ୍ଷ୍ମଣ ଭୂମିକାରେ ସୌର୍ଯ୍ୟ ରଞ୍ଜନ ଜେନା, ସୀତା ଭୂମିକାରେ ପ୍ରଭାତ ଲେଙ୍କା, ବିଭୀଷଣ ଭୂମିକାରେ ଶେଷଦେବ ଦଳେଇ, ମନ୍ଦୋଦରୀ ଭୂମିକାରେ ରାକେଶ ପରିଡ଼ା ଅଭିନୟ କରିଥିଲେ। ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ ଏବଂ ଯୁଗଳ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଗାୟକ ବିପିନ ସାହୁ ଓ ବାୟକ ମହେଶ୍ୱର ନାୟକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ନୃସିଂହ ଦଳେଇଙ୍କ ଦ୍ୱାରା ଏକ ସଭା ହୋଇଥିଲା। ଗ୍ରାମର ମହିଳା, ପୁରୁଷ ଓ କୁନି କଳାକାରଙ୍କୁ ସମ୍ମାନିତ କରଯାଇଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ସଞ୍ଜୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ଅଗ୍ରଜ ପ୍ରଧାନ, ନବ କିଶୋର ବରାଳ, ନକୁଳ ସାହୁ ଏବଂ ପରୀକ୍ଷିତ ଲେଙ୍କା ଯୋଗଦେଇଥିଲେ।



ତାଳଡ଼ିହ ଗ୍ରାମର ରଘୁନାଥଦେବଙ୍କ ପୀଠରେ ଅନୁଷ୍ଠିତ ରାମଲୀଳା ଉଦ୍‌ଯାପନୀ ଦିବସରେ ରାମ, ଲକ୍ଷ୍ମଣ, ସୀତାଙ୍କ ନଗର ପରିକ୍ରମା। (ଫଟୋ: ରଘୁନାଥ ସାହୁ)



ଟାଙ୍ଗୀ ବଡ଼ପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ଅନୁଷ୍ଠିତ ରାମଲୀଳା ନାଟକର ଏକ ଦୃଶ୍ୟ। (ଫଟୋ: ରଘୁନାଥ ସାହୁ)



କାଶୀପୁର ବଡ଼ପାଟଣା ଗ୍ରାମରେ ଅନୁଷ୍ଠିତ ରାମଲୀଳା ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

# ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ

## ଅଭିଯୁକ୍ତ ଧରମ ମାମୁ ଗିରଫ

ଭୁବନେଶ୍ୱର,୧୩।୫(ସତ୍ୟଜିତ ରାଉତ)

ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ ଘଟଣା ସାମ୍ନାକୁ ଆସିଛି। ଭୋଇନଗର ଅଞ୍ଚଳରେ ମଙ୍ଗଳବାର ଏକ ୪ବର୍ଷର ଶିଶୁଙ୍କୁ ଅପହରଣ ଅଭିଯୋଗରେ ଧରମ ମାମୁଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବେଙ୍ଗାଲୁରୁରେ ରହୁଥିବା କନ୍ଧମାଳର ସୋନୁ କୁମାର(୨୭)। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ରହୁଥିବା ସୋନୁଙ୍କ ସମ୍ପର୍କୀୟ ବିଶାଲ ଦିଗଲଙ୍କୁ ମଧ ପୋଲିସ ଏହି ମାମଲାରେ ଅଟକ ରଖିଛି। ଘଟଣାରେ ବିଶାଲଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଚାଲିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

ସୂଚନାନୁଯାୟୀ, ଶିଶୁଟିର ମା' ଗୋରିତା ସିଂ ଓ ବାପା ରାଜକୁମାର ମଲ୍ଲିକ ଭୋଇନଗରରେ ରହୁଛନ୍ତି। ତେବେ କିଛିବର୍ଷ ତଳେ ଗୋରିତା ବେଙ୍ଗାଲୁରୁରେ ରହୁଥିବା ତାଙ୍କ ସାନ ଭଉଣୀ ପାଖକୁ ବୁଲିବାକୁ ଯାଇଥିଲେ। ସେହି ସମୟରେ ବେଙ୍ଗାଲୁରୁରେ ରହି ମିସ୍ତ୍ରିଭାବେ କାମ କରୁଥିବା ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ତେବେ ଗୋରିତା ଭୁବନେଶ୍ୱର ଫେରିବା ପରେ ସୋନୁଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ସୋନୁ ସୋମବାର ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସିଥିଲେ। ସେ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇ ଭେଟିଥିଲେ। ସନ୍ଧ୍ୟାରେ ସେ ପଳାଇ ଯାଇଥିଲେ। ପରେ ଗୋରିତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ସୋନୁ ଆସି ଘର ନିକଟରେ ଛକି ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ବେଳେ ଘର ଭିତରେ ମା'ବାପା ଥିବାବେଳେ ଶିଶୁଟି ବାହାରେ ଖେଳୁଥିଲା। ଏହି ସମୟରେ ସୋନୁ ତାଙ୍କୁ ଅପହରଣ କରିନେଇଥିଲେ। ସେପଟେ ପୁଅକୁ ନ ପାଇ ମା'ବାପା ହତବାକ ହୋଇଯାଇଥିଲେ। ପରିବାର ଲୋକେ ଅପରାହ୍ନ ୫ଟା ଯାଏ ବହୁ ଖୋଜାଖୋଜି କଲେ ମଧ ପୁଅକୁ ପାଇ ନ ଥିଲେ। ସନ୍ଧ୍ୟାରେ ଗୋରିତା ଶହୀଦନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୩୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ମୋବାଇଲ ଟ୍ରାକ୍ କରିବା ପରେ ସୋନୁ ସାଲିଆ ସାହିରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ୩ଘଣ୍ଟା ଭିତରେ ପୋଲିସ ଟିମ୍ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ସୋନୁଙ୍କୁ ଗିରଫ କରିଥିଲା। ସୋନୁଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ୧୭ତମ ଆନନ୍ଦ ଉତ୍ସବରେ ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ଘଟଣାସ୍ଥଳରୁ ମିଳିଲା ଚୋରି ଗାଡ଼ି

ବାରଙ୍ଗ,୧୩।୫(ଲିଙ୍ଗରାଜ ରାଉତ)

ବେଲଗଛିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଶନିବାର ରାତ୍ରିରେ ଚୋରି ହୋଇଥିବା ବାଇକ୍ ମଙ୍ଗଳବାର ସକାଳୁ ସେହି ଜାଗାରେ ଥୁଆ ହୋଇଥିବାବେଳେ ବାରଙ୍ଗ ପୋଲିସ ଉକ୍ତ ଗାଡ଼ିକୁ ଜବତ କରିଛି। ଶନିବାର ରାତିରେ ବେଲଗଛିଆ ଗ୍ରାମରେ ଘୋଡ଼ାନାଚ କରିବାକୁ ରବିବାର ରାମଚନ୍ଦ୍ର ବେହେରା ନାମକ ବ୍ୟକ୍ତିଙ୍କ ସହ ୫ ଜଣ ସହଯୋଗୀ ୩ଟି ବାଇକ୍‌ରେ ଆସିଥିଲେ। ବାଇକ୍‌ଗୁଡ଼ିକୁ ବେଲଗଛିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରଖିଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ରବିବାର ସକାଳୁ ଥୁଆ ହୋଇଥିବା ବାଇକ୍ ମଧ୍ୟରୁ ଗୋଟିଏ ବାଇକ୍ (ଓଡି ୦୨ଏଡି ୧୧୧୭)କୁ କେହି ନେଇଯାଇଥିଲେ। ଏନେଇ ରାମଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ହେଲେ ଚୋରିର ୨ ଦିନ ପରେ ଚୋରି ହୋଇଥିବା ସ୍ଥାନରେ ଉକ୍ତ ବାଇକ୍ ଥୁଆ ହୋଇଥିବା ଜଣାପଡ଼ିଥିଲା।

### ମା' ଶାହାଡ଼ା ସୁନ୍ଦରୀ ଠାକୁରାଣୀଙ୍କ ତୃତୀୟ ବାର୍ଷିକୋତ୍ସବ

ବାରଙ୍ଗ,୧୩।୫(ଲିଙ୍ଗରାଜ ରାଉତ)

କୁହ୍ନେଇଁପଡ଼ା ପଞ୍ଚାୟତର ବାଲିଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ମା' ଶାହାଡ଼ା ସୁନ୍ଦରୀ ଠାକୁରାଣୀଙ୍କ ତୃତୀୟ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମଙ୍ଗଳବାର ସକାଳ ସମୟରେ ୧୦୧ ଜଣ ମହିଳା ଓ ୫୧ ଜଣ ପୁରୁଷ ମଧୁବନ ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରୁ ପାଣି ଉଠାଇ ଏକ କଳସଯାତ୍ରାରେ ଆସିଥିଲେ। କଳସ ଯାତ୍ରା ପରେ ମା'ଙ୍କ ମାଜଣା ନୀତି, ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହି ପୂଜାରେ ପଠାଣି ଜେନା ଓ ତାଙ୍କ ସହଧର୍ମିଣୀ ହେମଲତା ଜେନା ମା' ଶାହାଡ଼ା ସୁନ୍ଦରୀ ଠାକୁରାଣୀଙ୍କ କର୍ତ୍ତାକର୍ତ୍ତ୍ରୀ ହୋଇଥିଲେ। ବାଲିଚନ୍ଦ୍ରପୁରୀ ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହ ବିଜୟ କୁମାର ରାଉତ, ଶ୍ରୀକାନ୍ତ ମିଶ୍ର, ମନୋଜ ରାଉତ, ଅସିତ କୁମାର ରାଉତ, ରବୀନ୍ଦ୍ର ରାଉତ, ମନୋଜ ରାଉତ, ଗୁରୁଚରଣ ବାରିକ ପ୍ରମୁଖଙ୍କ ସହଯୋଗରେ ଏହି ଉତ୍ସବ ଓ ପୂଜାର୍ଚ୍ଚନା କରାଯାଇଥିଲା।

### ତ୍ରିଂଶତମ ବାର୍ଷିକ ରାମଚରିତ ମାନସ ଉଦ୍‌ଯାପିତ

ବାଲକାଟୀ,୧୩।୫(ମନୋଜ ମଣ୍ଡଳ)

ବାଲକାଟୀର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ମଦନମୋହନଙ୍କ ପୀଠରେ ଗତ ୫ ତାରିଖଠାରୁ ଚାଲିଥିବା ତ୍ରିଂଶତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ବ୍ରହ୍ମଚାରୀ ସତ୍ୟପ୍ରଜ୍ଞା ମହାରାଜ, ଅଧ୍ୟାପକ ସନ୍ତୋଷ ସାହୁ, ସନ୍ଥ ଶ୍ରୀ ଅଯୋଧ୍ୟାନାଥ ଦାଶ, ସନ୍ଥ ଶ୍ରୀ ହରେକୃଷ୍ଣ ଦାଶ, ଅଧ୍ୟାପକ ଡ. ରଜନୀରଞ୍ଜନ ପ୍ରବଚନ ଦେଇଥିଲେ। ୧୧ ଦିନ ବ୍ୟାପୀ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକମାନେ ଶ୍ରୀରାମ ନାମ ମାହାତ୍ମ୍ୟ, ସତ୍‌ସଙ୍ଗ ମାହାତ୍ମ୍ୟ, ସତୀ ମୋହ ଓ ଶିବ ବିବାହ, ଅବତାର ହେତୁ, ପ୍ରଭୁଙ୍କ ସଙ୍କଟ, ବାଲ୍ୟଲୀଳା, ପୁଷ୍ପବାଟିକା, ଶିବଧନୁ ଭଗ୍ନ, ଜାନକୀ ବିବାହ, ପର୍ଶୁରାମ ଭେଟ, ସୀତା ହରଣ, ଜଟାୟୁ ପ୍ରସଙ୍ଗ ଆଦି ପରିବେଷଣ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଅର୍ପଣ ବିଧି ସମ୍ପାଦନ ହୋଇଥିଲା। ପ୍ରାୟ ୪ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା।

### ଘରେ ପଶି ମାଡ଼ମାରିବା ଘଟଣାରେ ୩ ଗିରଫ

ବାଲିଅନ୍ତା,୧୩।୫(ନୀଳମାଧବ ସାହୁ)

ହରିଦାସପୁର ଅଞ୍ଚଳରେ ଭଡ଼ାଘର ନେଇ ସପରିବାର ରହୁଥିବା ଜଣେ ମହିଳାଙ୍କ ଘରେ ବଳପୂର୍ବକ ପଶିବା, ତାଙ୍କ ସ୍ୱାମୀ ଟଙ୍କା ଦେବାକୁ ମନା କରିବାରୁ ପାଟିତୁଣ୍ଡ କରି ସ୍ୱାମୀ ଓ ଶ୍ୱଶୁରଙ୍କୁ ମାଡ଼ ମାରିବା ଅଭିଯୋଗରେ ପାହାଳ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୌରାଙ୍ଗ ସାମଲ (୩୩), ଜିତେନ୍ଦ୍ର ସାମଲ (୨୫) ଓ ଲିଙ୍ଗରାଜ ସାମଲ (୩୧)। ଏନେଇ ମହିଳା ଜଣକ ଗତ ୧୨ ତାରିଖରେ ପାହାଳ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କୁ ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ତାଙ୍କ ବାପାଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ମୁକ୍ତି ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ମଧୁସୂଦନ ନନ୍ଦ ବୟସ-୭୮'ର ଏକ ଦୃଶ୍ୟ। (ଫଟୋ- ମନୋରଞ୍ଜନ ମିଶ୍ର)

# ଜୁନରୁ ଗାଡ଼କଣକୁ ଯିବନି ଶୁଖିଲା ଅଳିଆ

ଭୁବନେଶ୍ୱର,୧୩।୫(ବନ୍ଦନା ସେଠୀ)

- ଆଜି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବ ବିଏମ୍‌ସି
- ବୃହତ୍ତର ପ୍ଲାଣ୍ଟ ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଯୋଜନା

ଜୁନରୁ ଗାଡ଼କଣ ଅଳିଆଗଦାକୁ ଆଉ ଶୁଖିଲା ଅଳିଆ ଯିବ ନାହିଁ। ଏହାକୁ ପଳାଶୁଣୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ। ସେହିପରି ୧୮ମାସ ଭିତରେ ମେହେରପଲ୍ଲୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ସବୁ ପ୍ରୋସେସିଂ କରାଯିବ। ଏହାବାଦ୍ ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ସବୁ ଅଳିଆକୁ ନେଇ ଏକ ବୃହତ୍ତର ପ୍ଲାଣ୍ଟ ମାଧ୍ୟମରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଥିବା ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି। 'ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ' ପକ୍ଷରୁ ମଙ୍ଗଳବାର ବିଏମ୍‌ସି ଅଧିକାରୀଙ୍କ ସହିତ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ଏବଂ କମିଟି ତରଫରୁ ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଞ୍ଜ ଏହି ବୈଠକରେ ନେତୃତ୍ୱ ନେଇଥିଲେ।

ନିଷ୍ପତ୍ତି ଅନୁଯାୟୀ ବୁଧବାର ସକାଳେ ବିଏମ୍‌ସି ଅଧିକାରୀଙ୍କ ସହିତ ଅଭିଯାନର କର୍ମକର୍ତ୍ତାମାନେ ମିଳିତ ଭାବେ ଗାଡ଼କଣ ଅଳିଆଗଦା ସହ ପ୍ରସ୍ତାବିତ ପଳାଶୁଣୀ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ସରଜମିନ ସର୍ବେକ୍ଷଣ କରିବେ। ସ୍ଥାନୀୟ ଅଞ୍ଚଳବାସୀ ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ହେଉଥିବାବେଳେ ଅଧିକାରୀମାନେ ଏଠାକୁ ଆସି ତାହା ଅଙ୍ଗେ ନିଭାଇବା ଦରକାର ବୋଲି ଅଭିଯାନ ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଗାଡ଼କଣ ସୈନିକ ସ୍କୁଲଠାରେ ଥିବା ବିଏମ୍‌ସିର ଅସ୍ଥାୟୀ ଅଳିଆ ଗଦାକୁ ସ୍ଥାୟୀ ଭାବେ ଶହଶହ ଗାଡ଼ିରେ ୩୫୦ ମେଟ୍ରିକ ଟନ ଅଳିଆ ଦୈନିକ ପକାଯାଉଛି, ଯାହାକି ସ୍ଥାନୀୟବାସୀଙ୍କ ବଞ୍ଚିବା ଦୁର୍ବିଷହ କରିଦେଇଛି। ଆବର୍ଜନା ହଟାଇବା ପାଇଁ ପୂର୍ବରୁ ବହୁ ଆନ୍ଦୋଳନ ହୋଇଥିଲେ ମଧ ଏହାକୁ ଅଣଦେଖା କରାଯାଇଛି। ତେଣୁ ଅଭିଯାନ ପକ୍ଷରୁ ଅଳିଆଗଦା ହଟାଇବାକୁ ଦୃଢ଼ ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ବୈଠକରେ ଆବାହକ ଭିକ୍ଷାକାରୀ ତ୍ରିପାଠୀ, ପ୍ରୀତିଶ ବାସା, ଅଶୋକ ପାଇକରାୟ, ସିଦ୍ଧେଶ୍ୱର ନାୟକ, ପ୍ରସନ୍ନ ବିଷୋୟୀ, ଦିଲୀପ ଦାଶଶର୍ମା, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୨ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା,୧୩।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅଞ୍ଚଳରେ ଥିବା ଏକ ଘରେ ମଙ୍ଗଳବାର ଶିଳ୍ପାଞ୍ଚଳ ପୋଲିସ ଚଢ଼ାଉ କରି ୨୨କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ କଟକ ଜିଲା ବିଡ଼ାନାସୀ ଥାନା ତୁଳସୀପୁରର ଚନ୍ଦ୍ରକାନ୍ତ ଧୀର ଏବଂ ନୁରଜାହାନ ବେଗମଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୧/୨୫) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ଅଞ୍ଚଳର ଉକ୍ତ ଘରେ ଚନ୍ଦ୍ରକାନ୍ତ ଓ ନୁରଜାହାନ ରହି ଗଞ୍ଜେଇ ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଆଇ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲେ।

# ଟ୍ରେନ୍‌ରୁ ୧୦ ଶିଶୁ ଶ୍ରମିକ ଉଦ୍ଧାର

## ବିହାରରୁ ବେଙ୍ଗାଲୁରୁ ଯାଉଥିଲେ, ଚଢ଼ାଉ କଲା ମିଳିତ ଟିମ୍

ଭୁବନେଶ୍ୱର,୧୩।୫(ସତ୍ୟଜିତ ରାଉତ)

ବିହାରରୁ ବେଙ୍ଗାଲୁରୁକୁ ଚାଲାଣ ହେଉଥିବା ୧୦ ଶିଶୁ ଶ୍ରମିକଙ୍କୁ ଖୋର୍ଦ୍ଧା ରୋଡ ଷ୍ଟେଶନରେ ଯଶୋବନ୍ତପୁର ହାଓଡ଼ା ଏକ୍ସପ୍ରେସ (ନଂ.୧୫୨୨୮)ରୁ ସୋମବାର ରାତିରେ ଆର୍‌ପିଏଫ୍ ଏବଂ ମିଳିତ ଟିମ୍ ଉଦ୍ଧାର କରିଛି। ୨ଜଣ ଦଲାଲ ଖସି ପଳାଇଥିବାବେଳେ ଜଣଙ୍କୁ ଖୋର୍ଦ୍ଧା ରୋଡ ରେଲୱେ ଥାନା ପୋଲିସ ଅଟକ ରଖିଛି। ସୂଚନାନୁଯାୟୀ, ଟ୍ରେନ୍‌ରେ ୧୨ ନାବାଳକ ବିହାରରୁ ଚାଲାଣ ହେଉଥିବା ଭୁବନେଶ୍ୱର ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ସୂଚନା ପାଇଥିଲେ। ରୁଚିକା ଆକ୍ସେସ୍ ଟୁ ଜଷ୍ଟିସ ପ୍ରକଳ୍ପର ସଦସ୍ୟମାନେ ସୋମବାର ରାତିରୁ ଭୁବନେଶ୍ୱର ଷ୍ଟେଶନଠାରେ ଜଗି ରହିଥିଲେ। ଆର୍‌ପିଏଫ୍ ଓ ରେଲ୍‌ୱେ ଚାଇଲ୍ଡ ହେଲ୍ପ ଲାଇନକୁ ମଧ ଏବିଷୟରେ ସୂଚନା ଦିଆଯାଇଥିଲା। ଟ୍ରେନଟି ବିଳମ୍ବରେ ଆସିଥିବାବେଳେ ଭୁବନେଶ୍ୱର ଷ୍ଟେଶନରେ ୫ମିନିଟ୍ ଅଟକିଥିଲା। କମ୍ ସମୟ ମଧ୍ୟରେ ସବୁ ପିଲାଙ୍କୁ ଖୋଜି ନ ପାଇବାରୁ ମିଳିତ ଟିମ୍ ଉକ୍ତ ଟ୍ରେନ୍‌ରେ ଖୋର୍ଦ୍ଧାରୋଡ ପର୍ଯ୍ୟନ୍ତ ଯାଇଥିଲେ। ବଗି ଏସ୍-୧, ଏସ୍-୪ ଓ ଏସ୍-୬ରୁ ୧୨ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୨ଜଣ ୧୮ବର୍ଷରୁ ଊର୍ଦ୍ଧ୍ୱ ଥିବା ଜଣାପଡ଼ିଥିଲା। ନାବାଳକମାନଙ୍କୁ ଖୋର୍ଦ୍ଧା ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଥିଲା। ସମିତିଙ୍କ ନିର୍ଦ୍ଦେଶକ୍ରମେ ନାବାଳକଙ୍କ ମଧ୍ୟରୁ ୪ଜଣଙ୍କୁ ଖୋର୍ଦ୍ଧାସ୍ଥିତ ଭୈରବୀ ଓପନ ସେଲ୍ଟର ଏବଂ ୬ଜଣଙ୍କୁ ରୁଚିକା ଓପନ ସେଲ୍ଟରରେ ରଖାଯାଇଛି। ଶିଶୁ କଲ୍ୟାଣ ସମିତିଙ୍କ ନିର୍ଦ୍ଦେଶକ୍ରମେ ରୁଚିକା କର୍ମକର୍ତ୍ତାମାନେ ଖୋର୍ଦ୍ଧା ରୋଡ ରେଲୱେ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଓଡ଼ିଆ ଚଳଚ୍ଚିତ୍ର 'ଲ୍ୟାଣ୍ଡଫଲ୍'ର ପୋଷ୍ଟର ଉନ୍ମୋଚିତ


କାର୍ଯ୍ୟକ୍ରମରେ 'ଲ୍ୟାଣ୍ଡଫଲ୍'ର ପୋଷ୍ଟର ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର, ୧୩। ୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିବା ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ ପୁଣି ଏକ ଚଳଚ୍ଚିତ୍ର 'ଲ୍ୟାଣ୍ଡଫଲ୍' ନିର୍ମାଣ କରୁଛନ୍ତି। ଏନେଇ ମଙ୍ଗଳବାର ଭୁବନେଶ୍ୱରର ଏକ ହୋଟେଲ୍‌ରେ ଉକ୍ତ ସିନେମାର ଶୀର୍ଷକ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ନିଜର ଶୁଭେଚ୍ଛା ଜଣାଇବା ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଦିଗରେ ଅଗ୍ନିଶମ ବିଭାଗର ତତ୍ପରତା ସମ୍ପର୍କରେ ଅଭିଜ୍ଞତା ରଖିଥିଲେ। ଏହି ଅବସରରେ କୁଜଙ୍ଗର ତତ୍କାଳୀନ ତହସିଲଦାର ସୁରଜିତ ଦାସ, ଅତିରିକ୍ତ ତହସିଲଦାର ନୃସିଂହ ଚରଣ ସ୍ୱାଇଁ ଫିଲ୍ମର ଟାଇଟଲ, ଲୋଗୋ ଓ ପୋଷ୍ଟର ଉନ୍ମୋଚନ କରିବା ସହ ସେ ସମୟର ଅନୁଭୂତି ବଖାଣି ଥିଲେ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସବ୍ୟସାଚୀ ମିଶ୍ରଙ୍କୁ ଦର୍ଶକ ଦେଖିବାକୁ ପାଇବେ। ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିନେତ୍ରୀ ଦିବ୍ୟାସ୍ମାତା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ଡିଓପି ପ୍ରତାପ ରାଉତ ଏବଂ ଅନ୍ୟ କଳାକାର ଓ ଟେକ୍ନିସିଆନଙ୍କ ସମେତ ଇଣ୍ଡଷ୍ଟ୍ରିର ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।



ସିଏସ୍‌ଆଇଆର୍ ଆଣ୍ଡ୍ ଆଇଏମ୍‌ଏମ୍‌ଟି କ୍ୟାମ୍ପସରେ ମଙ୍ଗଳବାର ଅନୁଷ୍ଠିତ ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

# ରାଜ୍ୟସ୍ତରୀୟ ସାଂସ୍କୃତିକ ସମାରୋହ

ଭୁବନେଶ୍ୱର, ୧୩।୫(ସୌମ୍ୟରଞ୍ଜନ ରାଉତ)

'ପ୍ରବାହ-ଏକ ସାଂସ୍କୃତିକ ପ୍ରୟାସ' ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ ପରିଷଦର ସାଂସ୍କୃତିକ ଅନୁଷ୍ଠାନ ଆନୁକୁଲ୍ୟରେ ମଙ୍ଗଳବାର ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ରରେ ରାଜ୍ୟସ୍ତରୀୟ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମାଜରେ ଚାଲିଥିବା ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାରର ବିପରୀତରେ ଏକ ଉନ୍ନତ ସାଂସ୍କୃତିକ ପରିମଣ୍ଡଳ ସୃଷ୍ଟି କରିବା ପାଇଁ ଏଆଇଡିଏସ୍‌ଓ ଏହି ଧାରାବାହିକତାରେ ରାଜ୍ୟସ୍ତରୀୟ ସାଂସ୍କୃତିକ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ ଛାତ୍ରୀଛାତ୍ରମାନେ ପ୍ରଗତିଶୀଳ ସଙ୍ଗୀତ, ନୃତ୍ୟ, ନାଟକ ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାରୋହକୁ ନାଟ୍ୟକାର ଗୋକୁଳାନନ୍ଦ ସାହୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଦ୍ୱାରିକାନାଥ ରଥ, ବିଷ୍ଣୁ ଦାସ, ପିସିଏଆଇର ଓଡ଼ିଶା ଆବାହକ ଛବି ମହାନ୍ତି, ଏଆଇଡିଏସ୍‌ଓର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଶୋକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ମା' ମନ୍ଦିରଠୁ ମହାନ୍, ଦେବଦେବୀଠୁ ଗରୀୟାନ୍


ମଧୁଲିତା ପତ୍ରିକା ପକ୍ଷରୁ ବୁଦ୍ଧମନ୍ଦିରଠାରେ ମଙ୍ଗଳବାର ଆୟୋଜିତ 'ବୋଉ ବ୍ରହ୍ମାଣ୍ଡ ଉତ୍ସବ'ରେ ମଞ୍ଚାସୀନ ଅତିଥି।

## ରାଜଲକ୍ଷ୍ମୀ ଓ ଜ୍ୟୋତ୍ସ୍ନାଙ୍କୁ ଶ୍ରେଷ୍ଠ ମା' ସମ୍ମାନ

ଭୁବନେଶ୍ୱର,୧୩।୫(ସୌମ୍ୟରଞ୍ଜନ ରାଉତ)

ମଧୁଲିତା ପାରିବାରିକ ପତ୍ରିକା ପକ୍ଷରୁ ଆୟୋଜିତ 'ବୋଉ ବ୍ରହ୍ମାଣ୍ଡ ଉତ୍ସବ' ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟନ କରି ଓଡ଼ିଶାରେ ମା'କୁ 'ବୋଉ' ଡାକର ମଧୁରତା ଏବଂ ବୋଉର ମହନୀୟତା ଓ ଶ୍ରେଷ୍ଠତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପରିବର୍ତ୍ତିତ ପରିସ୍ଥିତିରେ ବୃଦ୍ଧାବସ୍ଥାରେ ମା'ର ସମ୍ମାନ ଓ ଯତ୍ନନେବା ଏକ ଆହ୍ୱାନ ଭାବେ ଆମ ସାମ୍ନାରେ ଉପନୀତ। ମା'ର ଯତ୍ନ ନେବା ଜଣେ ଉତ୍ତମ ପୁତ୍ରର କର୍ତ୍ତବ୍ୟ। ଏଥିପାଇଁ ଜନସଚେତନତା ଆବଶ୍ୟକ। ବୋଉର ବିକଳ୍ପ ନାହିଁ। ବୋଉ ବସୁଧାଠୁ ବଡ଼। ମା' ମନ୍ଦିରଠୁ ମହାନ୍ ଏବଂ ସର୍ବଦେବଦେବୀଙ୍କଠାରୁ ଗରୀୟାନ୍ ବୋଲି ବେହେରା ମତବ୍ୟକ୍ତ କରିଥିଲେ। ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଝୁମ୍କି ରଥ, ଦୂରଦର୍ଶନ ଖବର ପାଠିକା କଳ୍ପନା ମିଶ୍ର ଏବଂ କିମ୍ସ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ମୌସୁମୀ ଆଚାର୍ଯ୍ୟ ଯୋଗଦେଇ ପ୍ରତ୍ୟେକଟି ସନ୍ତାନ ବୃଦ୍ଧାବସ୍ଥାରେ ମା' ପ୍ରତି ସମ୍ବେଦନଶୀଳ ଓ ଶ୍ରଦ୍ଧାଶୀଳ ଆଚରଣ ସହ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜଲକ୍ଷ୍ମୀ ଚୌଧୁରୀ ଓ ଜ୍ୟୋତ୍ସ୍ନା ପାତ୍ରଙ୍କୁ 'ଶ୍ରେଷ୍ଠ ମା' ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପକ ହରେକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।

**ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି**

କଟକ ସଦର,୧୩।୫(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ର ଗଡମା ବଜାରର ଏକ ତେଜରାତି ଦୋକାନରୁ ସୋମବାର ରାତିରେ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। କିଶନ ନଗର ଥାନା ପୋଲିସ ମଙ୍ଗଳବାର ଏତଲା ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ସୋମବାର ବିଳମ୍ବିତ ରାତିରେ ମାଣପୁର ଗ୍ରାମର ଇସାନ ଖାଁଙ୍କ ଦୋକାନ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ନଗଦ ୩୦ ହଜାର ଟଙ୍କା ଚୋରି କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୭/୨୫) ରୁଜୁ ହୋଇଛି।

## ସଂକ୍ଷେପରେ

### କୁକୁର କାମୁଡ଼ାରେ ହରିଣ ମୃତ

ଆଠଗଡ଼,୧୩।୫(ସତ୍ୟ ପ୍ରସାଦ ରଥ): ଆଠଗଡ ବନାଞ୍ଚଳ ଅନ୍ତର୍ଗତ ସୁକାସନ(କ) ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଭୋରରୁ ଏକ ହରିଣର ମୃତଦେହ ମିଳିଛି। କୁକୁର କାମୁଡ଼ାରେ ଆହତ ହେବା କାରଣରୁ ତାର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ତାର ଆନୁମାନିକ ବୟସ ୪ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଭୋରରୁ ଆହତ ହରିଣଟିକୁ ଗ୍ରାମବାସୀ ଉଦ୍ଧାର କରିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ଫରେଷ୍ଟର ସୁଶିଲ କୁମାର ଜେନା ପହଞ୍ଚି ଆହତ ହରିଣକୁ ବନବିଭାଗର ନର୍ସରୀକୁ ଆଣି ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଖବର ଦେଇଥିଲେ। ଆଠଗଡ଼ ପ୍ରାଣୀ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ଅନ୍ତର୍ଯ୍ୟାମୀ ବାରିକ ପହଞ୍ଚିବାବେଳକୁ ହରିଣର ମୃତ୍ୟୁ ହୋଇସାରିଥିଲା । ଏହାପରେ ହରିଣର ମୃତଦେହ ନର୍ସରୀ ପରିସରରେ ପୋତି ଦିଆଯାଇଛି।

### ସାଲେପୁର ଫ୍ରିଡମ ସ୍କୁଲର ପାସ୍ ହାର ଶତପ୍ରତିଶତ

ସାଲେପୁର,୧୩।୫(ଅରବିନ୍ଦ ଭୂୟାଁ)- ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ସାଲେପୁରର ନାନ୍ଦୋଳଠାରେ ଥିବା ଫ୍ରିଡମ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ଦଶମ ଶ୍ରେଣୀର ୯୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୬ ଛାତ୍ରୀଛାତ୍ର ୯୫% ,୧୯ ଛାତ୍ରୀଛାତ୍ର ୯୦%, ୪୪ଜଣ ଛାତ୍ରୀଛାତ୍ର ୮୦%ନମ୍ବର ରଖି ପାସ୍ ହୋଇଛନ୍ତି । ସାଇସ୍ମୁତି ନାୟକ, ଅଜ୍‌କୀୟା ଫତିମା,ଶୁଭସ୍ମିତା ନାୟକ,ଅମତୁଶ ସୁବୁ ସିଦ୍ରା, ସାଦିକ ଅଲ୍ଲୀ ଓ ଦିଗବିଜୟ ଦାସ ୯୬%ନମ୍ବର ରଖି ପାସ ହୋଇଛନ୍ତି । ସାଇସ୍ମୁତି ନାୟକ, ଅଜକୀୟା ଫତିମା ଓ ଶୁଭସ୍ମିତା ନାୟକ ବିଦ୍ୟାଳୟର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରୀ ଛାତ୍ରମାନେ ମଧ୍ୟ ସତପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ର ଆଦିତ୍ୟ ତ୍ରିପାଠୀ ୯୫% ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଉଭୟ ପରୀକ୍ଷାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲକରି ଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ ଓ ବିଦ୍ୟାଳୟର ଅଧ୍ୟକ୍ଷ ଇଂ. ସେକ ଜାହାଙ୍ଗିର ଅଲ୍ଲୀ ଅଭିନନ୍ଦନ ଜଣାଇଛନ୍ତି।

### ଲଙ୍ଗୁଳି ମହାପୁରୁଷ ମହୋତ୍ସବରେ ରକ୍ତଦାନ ଶିବିର

ସାଲେପୁର,୧୩।୫(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ମାଳଶାସନ ଗ୍ରାମର ଶ୍ରୀ ଶ୍ରୀଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ମହାପୁରୁଷଙ୍କ ମହୋତ୍ସବ ଅବସରରେ ଏଲ୍.ଏନ୍. ହସ୍ପିଟାଲ ତ୍ରିବେଣୀଶ୍ୱର ଓ ଆଞ୍ଚଳିକ ସାମାଜିକ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାପୁରୁଷ ମହୋତ୍ସବ କମିଟିର ମୁଖ୍ୟ ରମେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ମାଳଶାସନ ପଞ୍ଚାୟତର ସମିତିସଭ୍ୟ ଅମରେନ୍ଦ୍ର ବେହୁରା, ଆଞ୍ଚଳିକ ସାମାଜିକ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଓ ଏଲ୍.ଏନ୍. ହସ୍ପିଟାଲର ମୁଖ୍ୟ ମହେଶ କୁମାର ଲେଙ୍କା ଉପସ୍ଥିତ ଥିଲେ। ଶିବିରରୁ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶୁଭକାନ୍ତ ଜେନା, ଅମରେଶ ଗାୟା, ଶିବାନୀ ପ୍ରସାଦ ଲେଙ୍କା, ସୁଜିତ ମହାନ୍ତି, ଗୋବର୍ଦ୍ଧନ ବେହେରା, ରମେଶ ନାୟକ, କ୍ଷୀରୋଦ ଗୋଚ୍ଛାୟତ, ପ୍ରଭାତ ସାହୁ, ସସ୍ମିତା ସ୍ୱାଇଁ, ଜୟନ୍ତ ସୁବୁଦ୍ଧି,ଙ୍କ ସମେତ ମହୋତ୍ସବ କମିଟିର ସଭ୍ୟାସଭ୍ୟ ଏଥିରେ ସହଯୋଗ କରିଥିଲେ।

# ହେଲାନି ଭୋଟ୍ : ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନାସ୍ଥା ସ୍ଥଗିତ



ଅନାସ୍ଥା ଭୋଟ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନିୟୋଜିତ ପୋଲିସ ଫୋର୍ସ ।

**ନିଶ୍ଚିନ୍ତକୋଇଲି, ୧୩।୫ (ଅଶୋକ କୁମାର ମହାପାତ୍ର):**

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ଭୋଟ ହୋଇପାରିନାହିଁ। ଉପଜିଲାପାଳଙ୍କ ଦ୍ୱାରା ଆହୂତ ସ୍ୱତନ୍ତ୍ର ବୈଠକକୁ କେହି ଆସି ନ ଥିଲେ। ଫଳରେ ଆଗତ ଅନାସ୍ଥା ପ୍ରସ୍ତାବ ବୈଠକକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ବୈଠକ ସ୍ଥଗିତାଦେଶ ଆଦେଶ ଆସିବା ପରେ ହାରିଯିବା ଭୟରେ ଏହା କଳାପାହାଡର ଚକ୍ରାନ୍ତ ବୋଲି ବ୍ଲକ ଅଧ୍ୟକ୍ଷା ସେଠୀ କହିଛନ୍ତି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ସମିତିର ୩୧ଜଣ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳ ବିଧିବଦ୍ଧଭାବେ ଏହାର ତଦନ୍ତ କରିବା ପରେ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବକୁ ଗୃହୀତ କରିବା ପାଇଁ ସ୍ୱତନ୍ତ୍ର ବୈଠକ ଆଗତ କରିଥିଲେ। ଏହି ବୈଠକର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ କଟକ ଅତିରିକ୍ତ ଜିଲାପାଳ ଦେବାଶିଷ ମହାପାତ୍ରଙ୍କୁ ଦିଆଯାଇଥିଲା। ମଙ୍ଗଳବାର ସକାଳୁ ଉଭୟ ପୋଲିସ ଓ ପ୍ରଶାସନ ବ୍ଲକ ପରିସରରେ ସ୍ୱତନ୍ତ୍ର ବୈଠକ ପାଇଁ ପ୍ରସ୍ତୁତ ଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବୈଠକ ପରିଚାଳନା ଦାୟିତ୍ୱରେ ଥିବା ମହାପାତ୍ର ଅନୁପସ୍ଥିତ ରହିବା ସହ କୌଣସି ପଞ୍ଚାୟତ ସମିତି ସଭ୍ୟ ଆସି ନ ଥିଲେ। କିଛି ସମୟ ପରେ ଉକ୍ତ ସ୍ୱତନ୍ତ୍ର ବୈଠକକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରାଯାଇଥିବା ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୬୦୫୦/୩।୫।୨୦୨୫ରେ ଦର୍ଶାଇଛନ୍ତି।। ଏହି ଆଦେଶନାମାରେ ଦର୍ଶାଯାଇଛି ଯେ, ପଞ୍ଚାୟତ ସମିତିର ୫ ଜଣ ସଭ୍ୟା/ସଭ୍ୟ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅନୁପସ୍ଥିତ ଥିଲେ। ବୈଠକରେ ସଭାପତିତ୍ୱ,ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲାପାଳ ମହାପାତ୍ର ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଛୁଟିରେ ରହିଛନ୍ତି।

ଏଥିଯୋଗୁ ବୈଠକକୁ ବାତିଲ କରାଯାଇଛି। ଏହି ଚିଠି ପାଇବା ପରେ ବ୍ଲକ ଅଧ୍ୟକ୍ଷା ସେଠୀ କହିଛନ୍ତି, ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ କେତେଜଣ ସଭ୍ୟାସଭ୍ୟ ଅଣ୍ଟା ଭିଡିଥିଲେ। କିନ୍ତୁ ଅନାସ୍ଥା ପାଇଁ ଆବଶ୍ୟକ ସଂଖ୍ୟା ନ ଥିବାରୁ ଜାଣିଶୁଣି ବୈଠକ ବାତିଲ କରିବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଛି। ଏହି ନିର୍ଦ୍ଦେଶକୁ ନେଇ ଖୁବ୍‌ଶୀଘ୍ର ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

### ଆସିଲେନି ସମିତି ସଭ୍ୟ, ପରିଚାଳନା ଅଧିକାରୀ

ସୂଚନାଯୋଗ୍ୟ, ଏହି ପଞ୍ଚାୟତ ସମିତି ବିଜେଡି ଦଖଲରେ ଥିବାବେଳେ ସାଧାରଣ ନିର୍ବାଚନ ପରେ ବ୍ଲକ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିଲା। ରହସ୍ୟଜନକଭାବେ ବ୍ଲକର ଉପାଧ୍ୟକ୍ଷ ଇସ୍ତଫା ଦେବାସହ ମାହାଙ୍ଗା ସ୍ୱାଧୀନ ବିଧାୟକଙ୍କ ତତ୍ତ୍ୱାବଧାନରେ ଉପାଧ୍ୟକ୍ଷ ପଦବୀରେ ବିଧାୟକ ତାଙ୍କ ସମର୍ଥକଙ୍କୁ ବସାଇବାରେ ସକ୍ଷମ ହୋଇଥିଲେ। ପରେ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆସିବା ପରେ ବିଜେଡିର ନେତୃତ୍ୱ ନେଉଥିବା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଗୋଟି ଚାଳନା କରିଥିଲେ। ତେବେ ଅନାସ୍ଥା ନ ହେବା ପାଇଁ ପ୍ରତାପଙ୍କ ପାଖରେ ସଂଖ୍ୟା ଥିବାବେଳେ ମାହାଙ୍ଗା ବିଧାୟକଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିବା କାରଣରୁ ପ୍ରଶାସନିକ ଚାପରେ ଏଭଳି ହୀନ ଚକ୍ରାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ତେବେ ଏହି ବାତିଲ ପଛରେ ଆଇନଗତ ସମସ୍ୟା ରହିଛି କି ନାହିଁ ତାହା ଅଦାଲତ ହିଁ ସ୍ଥିର କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କିଶୋର ନଗରରେ କୃଷକ କ୍ଷେତ୍ର ଦିବସ



କୃଷକ କ୍ଷେତ୍ର ଦିବସରେ ଯୋଗଦେଇଥିବା କୃଷି ଅଧିକାରୀ ଓ ଅନ୍ୟମାନେ ।

**କଟକ ସଦର, ୧୩।୫ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅଧୀନ କିଶୋର ନଗରଠାରେ ସୋମବାର କୃଷକ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ସଭାରେ କଟକ ସଦର ବ୍ଲକ କୃଷି ଅଧିକାରୀ ଜଫନା ରାୟ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା ଯୋଗଦେଇ ଚଳିତବର୍ଷର ମୁଗଚାଷ ଉପରେ ଆଲୋଚନା କରିଥିଲେ। ତୁଳସୀ ଓ ଶିଖା ବିହନରୁ ଭଲ ଅମଳ ମିଳିଥିବା ଚାଷୀମାନେ ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଆଗାମୀ ଖରିଫ ଋତୁରେ ଧାନଚାଷ ପାଇଁ ଆଗୁଆ ବିଲକୁ ଚାଷ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଚାଷୀ ଭଉଣୀ, ଭାଇମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହା ତୁରନ୍ତ କୃଷକ ସାଥୀଙ୍କୁ ଜଣାଇଲେ ତା'ର ଶୀଘ୍ର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି କୃଷି ଅଧିକାରୀ ରାୟ ମତ ପ୍ରକାଶ କରିଥିଲେ। ଯଥାଶୀଘ୍ର ମାଟି ପରୀକ୍ଷା କରିବା, ସମବାୟ ସମିତିରୁ ବିହନ ସଂଗ୍ରହ କରି ଧାନ ତଳି ପକାଇବା ପାଇଁ ସହକାରୀ କୃଷି ଅଧିକାରୀ ଜେନା ମତ ପ୍ରକାଶ କରିଥିଲେ। ସେହିପରି ଜମିଜମା ରେକର୍ଡ ସଂଶୋଧନ କରି ନାମ କୃଷକ ପଞ୍ଜୀକରଣ ପୋର୍ଟାଲରେ ନ କରିଲେ ଆଗକୁ ପିଏମ୍ ଓ ସିଏମ୍ କିଷାନ ସହାୟତା ମିଳିବାରେ ଅସୁବିଧା ହେବ ବୋଲି ଆଲୋଚନାବେଳେ ମତ ପ୍ରକାଶ ପାଇଥିଲା। ସଭାରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଚାଷୀଙ୍କ ସମେତ ଅଧିଦର୍ଶକ ଦେବୀ ପ୍ରିୟା ମହାନ୍ତି, କୃଷି କ୍ଷେତ୍ରୀୟ କର୍ମଚାରୀ ପ୍ରିୟରଞ୍ଜନ ନାୟକ, ଜିଲା ସଂଯୋଜକ ରଜନୀକାନ୍ତ ରଥ, ବ୍ଲକ ସଂଯୋଜକ ଦୀପକ ମଣ୍ଡଳ, ଅଶୋକ ସାମନ୍ତରାୟ, କୃଷକ ସାଥୀ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟେଟ୍ରାହେଡ୍ରନ ପକ୍ଷରୁ ମାଟ୍ରିକ୍ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

**କଟକ, ୧୩।୫(କାର୍ତ୍ତିକ ସାହୁ):**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ-ଚୌଦ୍ୱାର ଓ ସାଲେପୁର ବ୍ଲକରୁ ୨୮ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ଉକ୍ତ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଟେଟ୍ରାହେଡ୍ରନ ନିଉ କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ତ୍ରିଦେବ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ କୁନ୍ତଳା ଖଟୁଆ, ସମ୍ମାନିତ ଅତିଥି କଟକ ଜିଲା ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ. ସସ୍ମିତା ପଟ୍ଟନାୟକ ଓ ଆଇଆଇଟି ଖଡ଼ଗପୁର ଛାତ୍ର ତଥା ଟେଟ୍ରାହେଡ୍ରନ ଏକାଡେମୀ ଅଧ୍ୟକ୍ଷ ତାପସ ବେହେରା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ବେହେରା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସମସ୍ତ ମେଧାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟର ହାତ ବଢ଼ାଇବେ ବୋଲି କହିଥିଲେ। ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଟେଟ୍ରହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ଓ ରୋଟ୍ରାକ୍ଟ କ୍ଲବ ଅଫ ବିରୂପାର ସଦସ୍ୟମାନେ ସହଯୋଗ କରିଥିଲେ।

### ଉପନ୍ୟାସ ଅମରପ୍ରେମ ଉନ୍ମୋଚିତ

**କଟକ, ୧୩।୫(କାର୍ତ୍ତିକ ସାହୁ):**

ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ସଂସଦର ଉପଦେଷ୍ଟା ଅକ୍ଷୟ କୁମାର ବଳଙ୍କ ଉପନ୍ୟାସ ଅମରପ୍ରେମ ଉନ୍ମୋଚିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡ. ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ମୁଖ୍ୟବକ୍ତା ଆଦିତ୍ୟ ପ୍ରତାପ ଧଳ, ସମ୍ମାନିତ ଅତିଥି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଏବଂ ଆଇନଜୀବୀ ପତିତପାବନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ମେଘା ମହାରଣା, ଅଙ୍କିତା ସାହୁ, ଶ୍ରେୟାଶ୍ରୀ ସ୍ୱାଇଁ, ଅନିଶା ମହାନ୍ତି, ମାମାଲି ରାଉଳ, ବର୍ଷା ଦଣ୍ଡପାଟ, ଅନନ୍ୟା ପରିଡ଼ା, ଉପାସନା ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମହେନ୍ଦ୍ର ସାହୁ, ମନୋରଞ୍ଜନ ପଣ୍ଡା କବିତା ସମୀକ୍ଷା କରିଥିଲେ। ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ଖବରକାଗଜ ବିତରକଙ୍କ ଘର ଜଳିଗଲା



ଜଳି ଯାଇଥିବା ଘର ଆଗରେ ଜୟନ୍ତ ଦାସ ।

**ସାଲେପୁର, ୧୩।୫(ଅରବିନ୍ଦ ଭୂୟାଁ):**

ଅଗ୍ନିକାଣ୍ଡ ଘଟି ଜଣେ ଖବରକାଗଜ ବିତରକଙ୍କ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଘରେ ଥିବା ଜରୁରୀ ସରକାରୀ କାଗଜପତ୍ର, ଆସବାବପତ୍ର ଓ ଧାନ, ଚାଉଳ, ମୁଗ ଆଦି ପୋଡ଼ି ପାଉଁଶ ହୋଇଛି।

ସୂଚନା ଅନୁଯାୟୀ, ସାଲେପୁର ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ବାଲିସମଲା ଗ୍ରାମର ଜୟନ୍ତ ଦାସ ପ୍ରତିଦିନ ଭଳି ମଙ୍ଗଳବାର ସକାଳୁ ସାଲେପୁରରୁ ବିଭିନ୍ନ ଖବରକାଗଜ ନେଇ ବିତରଣ କରିବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜପକୁଦ ଅଞ୍ଚଳରେ ଖବରକାଗଜ ବିତରଣ କରୁଥିବାବେଳେ ହଠାତ୍ ଟେଲିଫୋନ୍ ଯୋଗେ ଖବର ପାଇଲେ ଯେ ତାଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ସେ ପହଞ୍ଚିଲା ବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା । ଘରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଧାନ, ଚାଉଳ, ବିରି, ମୁଗ ଓ ବହୁ ଆସବାବପତ୍ର ପୋଡ଼ି ଯାଇଥିଲା । ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ସରକାରୀ ସହାୟତା ଦାବି

ଏନେଇ ସାଲେପୁରର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କୁ ଅବଗତ କରାଯାଇଛି । ତହସିଲଦାର ସ୍ଥାନୀୟ ସୁପରଭାଇଜର ଓ ଆରଆଇଙ୍କ ମାଧ୍ୟମରେ କ୍ଷୟକ୍ଷତି ଆକଳନ କରିଛନ୍ତି। ଜୟନ୍ତ ଜଣେ ଗରିବ ଖବରକାଗଜ ବିତରକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାପାଇଁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ଓ ଭୂୟାଁ ନ୍ୟୁଜ ପେପର ଏଜେନ୍ସି ପକ୍ଷରୁ ସରକାରଙ୍କ ନିକଟରେ ଦାବି ହୋଇଛି।

# ନିର୍ମାଣବେଳେ ଅଗ୍ନି ନିରାପତ୍ତାକୁ ଅଣଦେଖା

କଟକ ସଦର,୧୩।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଅଗ୍ରାଧିକାର ଭିତ୍ତିରେ କଲ୍ୟାଣ ମଣ୍ଡପ ଓ ବହୁତଳ କୋଠା ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଚାଲିଛି। ଏହି ନିର୍ମାଣର ଡିଜାଇନ କଟକ ସଦର ବ୍ଲକରେ କାର୍ଯ୍ୟରତ କନିଷ୍ଠ, ସହକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଛନ୍ତି। ମାତ୍ର କୌଣସି କୋଠାରେ ଅଗ୍ନି ନିରାପତ୍ତା ଉପରେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଓଡ଼ିଶା ଅଗ୍ନି ନିରାପତ୍ତା ନିୟମ ୨୦୧୭(ସଂଶୋଧିତ) ମୁତାବକ ସରକାରୀସ୍ତରରେ ନୂଆ କୋଠା ନିର୍ମାଣ କରାଗଲେ ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ଡିଜାଇନ କରାଯିବ। ଯେପରି କୋଠାର ଚାରିପଟେ ଅଗ୍ନିଶମ ଗାଡ଼ି ବୁଲିପାରିବା ବ୍ୟବସ୍ଥା ରହିବ। ଫଳରେ ଖୁବ୍ କମ୍ ସମୟରେ ନିଆଁକୁ ଆୟତ୍ତ କରାଯାଇପାରିବ। କଲ୍ୟାଣ ମଣ୍ଡପ କ୍ଷେତ୍ରରେ ପାର୍କିଂ, ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ନ ଥିଲେ, ତାକୁ କଲ୍ୟାଣ ମଣ୍ଡପ କୁହାଯାଇପାରିବ ନାହିଁ। ବ୍ଲକର କେବଳ କଳପଡ଼ା ପଞ୍ଚାୟତରେ ଅଗ୍ନି ନିରାପତ୍ତା ନିୟମକୁ ଅନୁପାଳନ କରାଯାଇ ମଣ୍ଡପ ନିର୍ମାଣ କରାଯାଇଛି। ଅନ୍ୟ ସ୍ଥାନରେ ନିର୍ମାଣବେଳେ ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ବିଡିଓ ପ୍ରତୀକ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ତାଙ୍କ ପ୍ରତିକ୍ରିୟା ଦେଇନାହାନ୍ତି।

# ସବୁ କ୍ଷେତ୍ରରେ ସଜାଗ ରୁହନ୍ତୁ ଅଧିକାରୀ

### ସମ୍ଭାବ୍ୟ ବନ୍ୟାକୁ ନେଇ ସମୀକ୍ଷା ବୈଠକ

**ବାଙ୍କୀ,୧୩।୫(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ମଙ୍ଗଳବାର ବାଙ୍କୀ ଉପଖଣ୍ଡସ୍ତରୀୟ ପ୍ରଶାସନ ତରଫରୁ ମହାନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଙ୍କୀ ବିଡିଓ ସଂଗ୍ରାମ କେଶରୀ ଭୋଳ, ଡମପଡା ବିଡିଓ ଅଂଶୁମାନ ଦାଶ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଡମପଡା ତହସିଲଦାର ବୈଶାଖୀ ଲେଙ୍କା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ.ବନବାସୀ ବେହେରା, ଜଳ ସମ୍ପଦ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ନଦୀ ବନ୍ଧ ମରାମତି ଓ ସଫେଇ, ପାନୀୟ ଜଳଯୋଗାଣ, ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍‌ଶନ, ଗୋଖାଦ୍ୟ ମହଜୁଦ କରି ରଖିବା ସହ ଆବଶ୍ୟକ ସ୍ଥଳେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟକୁ ପ୍ରଶାସନ କରିବା ସହିତ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, କଳାବଜାରୀ ରୋକିବା ପାଇଁ ଉପଜିଲାପାଳ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ଅଫିସର ଅଙ୍ଗନୱାଡ଼ି କର୍ମୀମାନଙ୍କ ନିକଟରେ ମେଡିସିନ ମହଜୁଦ ରଖିବା, ଉଭୟ ବ୍ଲକର ପ୍ରଶାସନିକ ଅଧିକାରୀମାନେ ସଜାଗ ରହିବା ପାଇଁ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ନିର୍ଦ୍ଦେଶ ଦେଇଥିଲେ।

**ଫଟୋ ରେ ଖବର**



ଚୌଦ୍ୱାର ବ୍ଲକ ସପନପୁର ମହିମା ଗୋସ୍ୱାମୀ ପୀଠରେ ଚାଲିଥିବା ବୈଶାଖୀ ମେଳା ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସହ ଅନ୍ୟମାନେ ।





କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ଜାତୀୟ ଆଦିବାସୀ ମେଳା ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା କଳାକାରମାନେ ।

## ବୁଦ୍ଧ ପୂର୍ଣ୍ଣିମା ପାଳିତ

ବ୍ରହ୍ମଗିରି,(ସ୍ୱାଧୀନ ଚମ୍ପତିରାୟ)-ବ୍ରହ୍ମଗିରି ବ୍ଲକ ମଣପଡ଼ା ଗ୍ରାମରେ ସୋମବାର ବୁଦ୍ଧ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥ ଡ.ଆମ୍ବେଡ଼କର ଫାଉଣ୍ଡେଶନ ସହାୟତାରେ ଗୋପୀନାଥ କ୍ଲବ ଦ୍ୱାରା ଏହି ଉତ୍ସବ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁରେଶ କୁମାର ଦଳାଇ ଯୋଗଦେଇ ବୁଦ୍ଧ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଭୀମସେନ ଜେନା, ବୃନ୍ଦାବନ ପ୍ରଧାନ, ରଶ୍ମିତା ପ୍ରଧାନ, ଗୌତମ ପୃଷ୍ଟି, ଗୁଣନିଧି ବରାଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୫।୨୦୨୫

| | |
|---|---|
| ୬,୭୮,୮୬୦ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୧୬.୭୦୦ ଗ୍ରାମ୍ |

# ପୁରୀ ହିଁ ଶ୍ରୀଜଗନ୍ନାଥଧାମ

## ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନଙ୍କ ମତ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ମଙ୍ଗଳବାର ଏକ ଆଧ୍ୟାତ୍ମିକ ପରିବେଶରେ ହୋଟେଲ ହଲିଡେ ରିସର୍ଟ ସଭାକକ୍ଷରେ 'ପୁରୀ ହିଁ ଶ୍ରୀଜଗନ୍ନାଥଧାମ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ଗୋପାଳକୃଷ୍ଣ ଦାଶ ଯୋଗଦେଇ କହିଛନ୍ତି, ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ମୂଳ ଅଧିଷ୍ଠାନ କ୍ଷେତ୍ରଭାବେ ଅଭିହିତ କରି ଅନେକ ଶାସ୍ତ୍ରୀୟ ପ୍ରମାଣ ଆଧାରରେ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ବୋଲି ପ୍ରମାଣିତ। ସଂଗଠନ ସଚିବ ଡା. କରୁଣାକର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ମହାପ୍ରଭୁଙ୍କ ଧ୍ୟାନ ଆବୃତ୍ତି କରିବା ସହ ପ୍ରତିଷ୍ଠାନ ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାନର ରାଜ୍ୟ ସଭାପତି ସୁଦର୍ଶନ ନାୟକ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଏହି ଅବସରରେ ଭିତ୍ତିପ୍ରବନ୍ଧ ଉପସ୍ଥାପନକରି ସଚିବ ଡ. ଅସିତ ମହାନ୍ତି କହିଥିଲେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ପରଂବ୍ରହ୍ମ। ପୁରୁଷୋତ୍ତମ କ୍ଷେତ୍ର ପୁରୀ ତାଙ୍କର ପବିତ୍ର ଲୀଳାସ୍ଥଳୀ। ପୁରୀ ହିଁ ତାଙ୍କର ଆବିର୍ଭାବ କ୍ଷେତ୍ର। ଆଲୋଚନାଚକ୍ରରେ ଡ. ଆଶୁତୋଷ ମିଶ୍ର, ଡ. ଭାସ୍କର ମିଶ୍ର, ଡ. ବିଜୟ ନାରାୟଣ ରାମାନୁଜ ଦାସ, ଡ. ନରେଶ ଚନ୍ଦ୍ର ଦାଶ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଶାସ୍ତ୍ରୀୟ ପ୍ରମାଣ ମାଧ୍ୟମରେ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ବୋଲି ପ୍ରତିପାଦନ କରିଥିଲେ। ସନ୍ତୋଷ ପାତ୍ର, ନଳିନୀରଞ୍ଜନ ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଡ. ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ହରେକୃଷ୍ଣ ପ୍ରତିହାରୀ, ପ୍ରଦୀପ କୁମାର ସାହୁ, ଡା. ଦେବପ୍ରସାଦ ଦାଶ ପ୍ରମୁଖ ଆଲୋଚନାଚକ୍ର ସଞ୍ଚାଳନ କରିଥିଲେ। ପ୍ରତିଷ୍ଠାନର ଅର୍ଥ ସଚିବ ରବିନାରାୟଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସଚିବ ଡ. ପ୍ରସନ୍ନ କୁମାର ମହାପାତ୍ର ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇଥିଲା।




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

## ରଥଖଳାରୁ...

### ତୁମ୍ବ ଅରରେ ପଇ ପିନ୍ଧା ଅନୁକୂଳ



ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ତିନି ରଥର ପଇ ବିନ୍ଧ ସହ ନାହାକା ତୁମ୍ବରେ ପନ୍ଦାରି ବଳା ଲାଗି ଏବଂ ତୁମ୍ବ ଅରରେ ପଇ ପିନ୍ଧା ଅନୁକୂଳ ମଙ୍ଗଳବାର ଶେଷ ହୋଇଛି। ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ହେବା ପରେ ମହାରଣା ସେବକମାନେ ପଇ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ଦୁଇଟି ଲେଖାଏଁ ନାହାକା ଚକର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ନାହାକା ତୁମ୍ବରେ ଅଖ ବିନ୍ଧ ପରେ ମହାରଣା ସେବକମାନେ ମାପ ପ୍ରକାରେ ତୁମ୍ବରେ ପନ୍ଦାରି ଗାତ୍ ଖୋଦେଇ ଶେଷ କରିବା ପରେ ତୁମ୍ବରେ ପନ୍ଦାରି ବଳା ବସିବା ବିଧି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ନିର୍ମାଣ ଶେଷବେଳକୁ ଦୁଇଟି ଲେଖାଏଁ ତୁମ୍ବରେ ଅର ସଂଯୋଗ ହୋଇ ପଇ ପିନ୍ଧା ପରେ ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ଏଥିସହ ସମାନ୍ତରାଳ ଭାବେ ତିନି ରଥର ୧୧ଟି ଗୁଜ, ୯ଟି ଜଳ ଯନ୍ତ୍ର, ୪ଟି ଲେଖାଏଁ କୁତୁକା ଚଉପଟ କାର୍ଯ୍ୟ ଶେଷ ହୋଇ ଗୁଜ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି କୋଣସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ମହାରଣା ସେବକମାନେ ନାହାକା ତୁମ୍ବଗୁଡ଼ିକର ପନ୍ଦାରି ଏବଂ ତୁମ୍ବ ବଳା ଶେଷ କରିବା ସହ ପନ୍ଦାରି ଚାବି ଏବଂ ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ପିପିଲିରୁ ମିଳିଲା ନର କଙ୍କାଳ

ପିପିଲି,୧୩।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ବାଇପାସ୍ ନିକଟ ରାସ୍ତାକଡ଼ ବିଲରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ନରକଙ୍କାଳ ମିଳିଛି। କୌଣସି ବୁଲା କୁକୁର ଏହି କଙ୍କାଳକୁ ଘୋଷାରି ଆଣି ପିଙ୍ଗିଥିବା ଅନୁମାନ କରାଯାଉଥିବାବେଳେ ପଡ଼ିଥିବା ମୁଣ୍ଡ ବୁଟିରୁ ଏହା ମହିଳାଙ୍କ ହୋଇଥାଇପାରେ ବୋଲି ଜଣାପଡୁଛି। କଙ୍କାଳରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାବେଳେ ଉକ୍ତ ପଡ଼ିଆରେ ପିଞ୍ଜରା ହାଡ଼ ସହ ଡ୍ରେସ୍, ଚପଲ ସମେତ ଅନ୍ତର୍ବସ୍ତ୍ର ଆଦି ପଡ଼ିଥିଲା। ପ୍ରଥମେ ନିକଟସ୍ଥ ଗାଁର ଜନୈକ ଗାଈ ଚରାଳି ଏହାକୁ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ବ୍ୟାପିବାରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ପଡ଼ିଥିବା ଖପୁରି, ମୁଣ୍ଡର ବୁଟି, ଡ୍ରେସ୍, ଚପଲ ଶରୀରର ଅନ୍ୟ ଅଙ୍ଗ ସହ ଅନ୍ତଃବସ୍ତ୍ର ଆଦିକୁ ଜବତ କରିଥିଲେ। ପୂର୍ବରୁ ପିପିଲି ଥାନାରେ ହୋଇଥିବା ନିଖୋଜ ମାମଲାର ଅନୁଧ୍ୟାନ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି। ଏଭଳି ଘଟଣା ପୂରା ପିପିଲି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

### ନୟାହାଟ ପୋଲିସ ପକ୍ଷରୁ ବାଲି ବୋଝେଇ ଗାଡ଼ି ଜବତ

ଯୋଗେଶ୍ୱରପୁର,୧୩।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ପୋଲିସ ସୋମବାର ରାତିରେ ଏକ ବାଲି ବୋଝେଇ ଡମ୍ଫର (ଓଡ଼ି ୦୨ଏ୍ ୱାଇ ୧୪୦୩)କୁ ଜବତ କରିଛି। ଦେବୀନଦୀର ଶିଖରଘାଟ ପୋକାମୂଳ ଘାଟରୁ ଦିନରାତି ଡମ୍ଫର ଯୋଗେ ନୟାହାଟ ବଜାର ଦେଇ ଶତାଧିକ ବାଲି ବୋଝେଇ ଗାଡ଼ି ଯାତାୟାତ କରୁଛି। ଏହି ବାଲି ବୋଝେଇ ଗାଡ଼ି ସରକାରଙ୍କୁ ରାଜସ୍ୱ ନ ଦେଇ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ବାଲି ବୋଝେଇ ଗାଡ଼ିକୁ ଜବତ କରି ଫାଣ୍ଡିକୁ ଆଣିଛନ୍ତି।

### ଲୁଟ ଘଟଣାରେ ଜଣେ ଗିରଫ

ଯୋଗେଶ୍ୱରପୁର,୧୩।୫(ରଶ୍ମିରଞ୍ଜନ ସାହୁ)

ବାଟରେ ଘାଟରେ ମରଣାସ୍ତ୍ର ଦେଖାଇ ଲୋକଙ୍କୁ ଲୁଟିବା ଘଟଣାରେ ନୟାହାଟ ଫାଣ୍ଡି ପୋଲିସ ସୋମବାର ବିଳମ୍ବିତ ରାତିରେ ନୂଆପାଟଣା ଗ୍ରାମରୁ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ପାତ୍ର। ନିମାପଡ଼ା କୋର୍ଟ ଦଫା ୩୮୭ରେ କୁନା ୱାରେଣ୍ଟରେ କୋର୍ଟରୁ ଆସିଥିଲେ। ତା' ଆଧାରରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

# ଦଶମ ପୁରୀ ଐତିହ୍ୟ ଯାତ୍ରା

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଦଶମ ପୁରୀ ଐତିହ୍ୟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ, ଭୁବନେଶ୍ୱର, କୋଣାର୍କ ଓ ରାଉରକେଲା ଆଦି ସ୍ଥାନରୁ ପ୍ରାୟ ୨୨ଜଣ ଐତିହ୍ୟ ଅନୁସନ୍ଧିତ୍ସୁ ଯୋଗଦେଇଥିଲେ। ସମସ୍ତେ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନଚକଡ଼ାରେ ଏକାଠି ହୋଇ କାଳିନ୍ଦୀଶ୍ୱର ଓ କନ୍ଦଳେଶ୍ୱର ମହାଦେବଙ୍କୁ ଦର୍ଶନ କରିବାପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ପଦଯାତ୍ରୀମାନେ ପତିତପାବନ ଠୁଠ ଓ ବିପରୀତ ପାର୍ଶ୍ୱରେ ଥିବା ଗୋପାଳଜୀଉ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରୁ ଶନିଦେବଙ୍କ ମନ୍ଦିର ଓ ଆଖଣ୍ଡଳେଶ୍ୱର ମନ୍ଦିର ବୁଲି ଜଟିଆ ବାବା ଆଶ୍ରମରେ ପହଞ୍ଚିଥିଲେ। ପ୍ରାକୃତିକ ଦୃଶ୍ୟଭରା ପରିବେଶ ଉପଭୋଗକରି ବାବାଙ୍କ ବିଷୟରେ ତଥ୍ୟ ସଂଗ୍ରହକରିବା ପରେ ବ୍ରହ୍ମଗିରି କୁଳଦାନନ୍ଦ ବ୍ରହ୍ମଚାରୀଙ୍କ ଆଶ୍ରମରେ ଥିବା ଶିବମନ୍ଦିର ସମ୍ମୁଖ ମଣ୍ଡପରେ ଅନୁଷ୍ଠିତ ଆଲୋଚନା ସଭାରେ ଏକତ୍ରିତ ହୋଇଥିଲେ। ସଭାର ପ୍ରାରମ୍ଭରେ ଐତିହ୍ୟ କର୍ମୀ ସଞ୍ଜୟ ବରାଳ ସ୍ୱାଗତ ଭାଷଣରେ ଯୁବବର୍ଗଙ୍କୁ ଆମ ଐତିହ୍ୟ ପ୍ରତି ସଚେତନ ହେବାପାଇଁ ଆହ୍ୱାନ ଦେଇଥିଲେ। ଅଶୋକ ନାୟକ ନରେନ୍ଦ୍ର ପୁଷ୍କରିଣୀ ତଥା ମହାପ୍ରଭୁଙ୍କ ମାଧୁର୍ଯ୍ୟ ଲୀଳାଭାବେ ପରିଚିତ ଚନ୍ଦନ ଯାତ୍ରାର ଐତିହ୍ୟ ବିଷୟରେ ସବିଶେଷ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ପୂର୍ବେ ଚନ୍ଦନଯାତ୍ରା ଚନ୍ଦନପୁର ନିକଟସ୍ଥ ବଡ଼ପୋଖରୀରେ ଅନୁଷ୍ଠିତ ହେଉଥିଲା। ସେଠାରେ ବିଗ୍ରହମାନେ ୨୧ଦିନ ଅବସ୍ଥାନକରି ଯାତ୍ରା ଶେଷରେ ଫେରୁଥିଲେ। ପରେ ବୀର ହରେକୃଷ୍ଣପୁର ନିକଟସ୍ଥ ରାଣୀତଳାଓରେ ବହୁବର୍ଷ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଖୋଦିତ ଗଜପତି କପିଳେନ୍ଦ୍ର ଦେବଙ୍କ ପୁତ୍ର ନରେନ୍ଦ୍ର ଦେବଙ୍କ ନାମରେ ନାମିତ ଆଜିର ଏହି ନରେନ୍ଦ୍ର ପୁଷ୍କରିଣୀରେ ଅଦ୍ୟାବଧି ଚନ୍ଦନଯାତ୍ରା ହେଉଛି। ଏହି ୨୧ଦିନ ବ୍ୟାପୀ ଯାତ୍ରା ପରେ ଶ୍ରୀମନ୍ଦିରରେ ଭିତର ଚନ୍ଦନ ଅନୁଷ୍ଠିତ ହୁଏ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ଗବେଷିକା ପୁସ୍ତକ ପ୍ରଣେତା ରତ୍ନ ପଟ୍ଟନାୟକ ମହାପ୍ରଭୁଙ୍କ ଚନ୍ଦନ ଭୋଗରେ ବହୁଚର୍ଚ୍ଚିତ ମାଣ୍ଡୁଅ ଭୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ।

ଅନ୍ୟତମ ପୋଷକତତ୍ତ୍ୱବିତ୍ ଜ୍ୟୋତ୍ସ୍ନା ମହାପାତ୍ର ଐତିହ୍ୟ ଯାତ୍ରା ସମ୍ବନ୍ଧିତ ଅନୁଭୂତି ବଖାଣିଥିଲେ। ଦେବୀ ପ୍ରସନ୍ନ ନନ୍ଦ ନରେନ୍ଦ୍ର ପୁଷ୍କରିଣୀ ସହିତ ସଂଯୋଜିତ ଲୋକଙ୍କ ଧର୍ମ ଚେତନା ତଥା ଅତୀତର କିଛି ଅଲୌକିକ ଘଟଣା ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ, ପଞ୍ଚତୀର୍ଥରେ ଅନ୍ତର୍ଭୁକ୍ତ ନ ହେଲେ ମଧ୍ୟ ନରେନ୍ଦ୍ର ପୁଷ୍କରିଣୀର ପବିତ୍ରତା ସର୍ବସ୍ୱୀକୃତ। ଆବାହକ ଡ. କୁମାର ଅରୋଜ୍ୟୋତି ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ସାରି ପଦଯାତ୍ରୀମାନେ ମହାପ୍ରଭୁଙ୍କ ବିଳମ୍ବିତ ଦିନଚାପ ଉପଭୋଗ କରିଥିଲେ। ଶେଷରେ ବାୟାବାବା ମଠରେ ପୂଜିତ ହରି ଓ ହରଙ୍କୁ ଦର୍ଶନ କରିଥିଲେ।

## ଚୋରି ଟ୍ରାକ୍ଟର ଜବତ, ୩ ଗିରଫ

କଣାସ,୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ବିଜିପୁର ଗ୍ରାମରୁ ଚୋରି ହୋଇଥିବା ଏକ ଟ୍ରାକ୍ଟର (ଓଡି ୧୩ଏନ୍୯୭୦୭)କୁ ପୋଲିସ ବ୍ରହ୍ମଗିରିରୁ ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମଗିରି ଅଞ୍ଚଳର କର୍ଣ୍ଣଦେବ ରାଉତ, ନୟାଗଡ଼ ଇଟାମାଟିର ବସନ୍ତ ଦଳାଇ, ପୁରୀ ଟାଉନ ଅଞ୍ଚଳର ପ୍ରକାଶ ମହାରଣା। ବିଜିପୁରର ରଜନୀକାନ୍ତ ଚହଟରାୟଙ୍କ ବାସଭବନ ଆଗରେ ଥୁଆ ହୋଇଥିବା ଟ୍ରାକ୍ଟର ଗତ ୬ ତାରିଖ ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ସେ ପରଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ ୮୯/୨୦୨୫ରେ ଏକ ମକଦ୍ଦମା ରୁଜୁ କରିଥିଲେ। କଣାସ ଥାନା ଏସ୍‌ଆଇ ଦେବୀପ୍ରସାଦ ଲେଙ୍କାଙ୍କୁ ତଦନ୍ତ ନିର୍ଦ୍ଦେଶ ପରେ ସେ ବ୍ରହ୍ମଗିରିର ଏକ ନିର୍ଜନ ସ୍ଥାନରୁ ଏହି ଟ୍ରାକ୍ଟରକୁ ଜବତ କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲାରୁ ଆସି ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଙ୍କିମୁହାଣ ଦାରୁମୁହାଣ କଲୋନୀର ବିଶ୍ୱନାଥ ପଟ୍ଟନାୟକ (୨୭), ବାଲିନୋଳିଆ ସାହି ଦେଉଳି ସାହିର ବି. ଶଙ୍କର(୩୮), ସିଟି ରୋଡ୍‌ର କାହ୍ନୁ ଚରଣ ନାୟକ (୪୦) ଏବଂ ପେଣ୍ଠକଟା ଧୋବାଖାଲର ଜଗନ ନାୟକ (୨୬)। ପୋଲିସ ସେମାନଙ୍କଠାରୁ ଖଣ୍ଡା, ଆଇରନ ରଡ୍, ଗୋଟିଏ ଛୁରି, ଲଙ୍କା ଗୁଣ୍ଡ, ବିୟର ବୋତଲ ଏବଂ ବିଡ଼ି ଆଦି ଜବତ କରିଛି।

ପୋଲିସର ସୂଚନା ଅନୁଯାୟୀ, ୧୨ ତାରିଖ ବିଳମ୍ବିତ ରାତିରେ ସମୁଦ୍ରକୂଳ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ୪ରୁ ୫ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ସୁଭାଷ ବୋଷ ଛକ ସ୍ଥିତ ଏକ ଘରେ ଡକାୟତି ଯୋଜନା କରୁଛନ୍ତି। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରିବା ବେଳେ ଅଭିଯୁକ୍ତମାନେ ଦୌଡ଼ିଥିଲେ। ପୋଲିସ ୪ ଅଭିଯୁକ୍ତଙ୍କୁ ଧରିବା ସହ ତାଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। କାର୍ତ୍ତିକ ରାଉତ ଖସିଯିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଆଣି ପଚାରିବାରେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ସୂଚନା ଦେଇଥିଲେ। ପ୍ରାଥମିକ ତଦନ୍ତ ପରେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# ପୁରୀ ଡ୍ୟାନ୍ସ ଏକାଡେମୀର ରୌପ୍ୟ ଜୟନ୍ତୀ




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରଠାରେ ପୁରୀ ଡ୍ୟାନ୍ସ ଏକାଡେମୀର ରୌପ୍ୟ ଜୟନ୍ତୀ ଅବସରରେ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା ଏବଂ ଓଡ଼ିଆ ସାହିତ୍ୟ, ସଂସ୍କୃତି ଏବଂ ଅସ୍ମିତା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ବରିଷ୍ଠ ସଙ୍ଗୀତ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ବିଶିଷ୍ଟ ସାହିତ୍ୟିକ ନାରାୟଣ ନନ୍ଦ, ଶିବସୁନ୍ଦର ମିଶ୍ର ଓ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି 'ଓଡ଼ିଆ ସଙ୍ଗୀତ ନୃତ୍ୟରେ ସାହିତ୍ୟାୟନର ଆବେଗ' ବିଷୟରେ ଆଲୋଚନା ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ମଙ୍ଗଳା ଚରଣ, ବିଷ୍ଣୁ ବନ୍ଦନା, ରାଧାରାଣୀ ସଙ୍ଗେ ନାଚନ୍ତି ମୁରଲୀ ପାଣି, ଦ୍ୱୀପମଜ୍ୟୋତି ଆଦି ନୃତ୍ୟ ପରିବେଷଣ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ ସୋମନାଥ ଖୁଣ୍ଟିଆ ଏବଂ ଜିଲା ସଂସ୍କୃତିଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି କଳାକାର ଗ୍ରୁପେ ନବପ୍ରତିଭା, କଳା ଶ୍ରୀନିକେତନ, ରୂପା ଆଣ୍ଡ ଗ୍ରୁପ୍ ଓ କୁମାରୀ ଜ୍ୟୋତିଶ୍ରୀ ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଛାତ୍ରୀଛାତ୍ରମାନେ ସାବେରୀ ପଲ୍ଲବୀ, ଶିବ ତାଣ୍ଡବ, ପାରମ୍ପରିକ ଚନ୍ଦନଯାତ୍ରା ସଙ୍ଗୀତ, ଗୀତଗୋବିନ୍ଦ ଆଦି ନୃତ୍ୟ ପରିବେଷଣକରି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ବାଲିଗୁଆଳିସ୍ଥିତ ପ୍ରିୟଦର୍ଶିନୀ କଲେଜ ଅଫ୍ ନର୍ସିଂ ଆଣ୍ଡ୍ ଆଲାଏଡ୍ ହେଲ୍‌ଥ ସାଇନସେସ୍‌ରେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ୨୦୫ତମ ଜନ୍ମ ବାର୍ଷିକ ତଥା ୫୯ତମ ଅନ୍ତର୍ଜାତୀୟ ନର୍ସେସ୍ ଡେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୬ତାରିଖରୁ କଲେଜ ଅଧ୍ୟକ୍ଷା ଜ୍ୟୋତିସ୍ମିତା ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ ପୋଷ୍ଟର, କୁଇଜ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ରବିବାର ଅନୁଷ୍ଠିତ ସଭାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରୁଣ କୁମାର ଦାସ ମୁଖ୍ୟ ଅତିଥି, ପୁରୀ ସରକାରୀ ଏଏନ୍‌ଏମ୍ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷା ନୟନା କୁମାରୀ ସାମଲ ମୁଖ୍ୟବକ୍ତା, ସିପିଏସ୍ କଲେଜର ଚେୟାରପର୍ସନ୍ ଅନିମା ଦାସ ଏବଂ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣବୋଲିକହିଥିଲେ। ଅଧ୍ୟାପିକା ସୁସ୍ମିତା ମହାନ୍ତି, ପଦ୍ମିନୀ ଜେନା, ବିଦ୍ୟୁସ୍ମିତା ପ୍ରଧାନ ଏବଂ ଅଧ୍ୟାପକ ସବ୍ୟସାଚୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଅନ୍ୱେଷା ଦାସ ଧନ୍ୟବାଦ ଦେଇଥିଲେ।

## ନୂଆପାଟଣା ଗ୍ରାମରେ ୧୨ ଗାଦି ମେଳଣ ଆରମ୍ଭ



ମେଳଣରେ ଏକାଠି ହୋଇଥିବା ଦୋଳ ବିମାନ ।

ଯୋଗେଶ୍ୱରପୁର,୧୩।୫
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତ ନୂଆପାଟଣା ଗ୍ରାମର ଅନନ୍ତବଟ ଠାକୁରଙ୍କ ପାଖରେ ୧୨ ଗାଦି ଦୋଳ ମେଳଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଉକ୍ତ ମେଳଣରେ କୁମ୍ଭାରଢିଅ, ଜଳଧାରୀ, ରଙ୍ଗତୋଟା, ଭୂରୁଭୂରା, ଶିଙ୍ଗପାନିଆଁ, ଧୂମାଳ, ନୂଆମଠ, ନୂଆପାଟଣା ପ୍ରମୁଖ ଦୋଳବିମାନ ଆସି ଅନନ୍ତବଟ ଗୋସେଇଁଙ୍କ ମେଳଣରେ ଯୋଗଦେଇଥିଲେ। ଉକ୍ତ ଅନୁଷ୍ଠାନ ସଭାପତି କାହ୍ନୁ ସାହୁ, କୃଷ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ବେହେରା, ଧର୍ମାନନ୍ଦ ବାରିକ, ବାସୁଦେବ ନାୟକ, ପର୍ଶୁରାମ ସାହୁ ପ୍ରମୁଖ ୧୦ ଜଣ କମିଟି ସଭ୍ୟଙ୍କୁ ନେଇ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଛନ୍ତି।

# ୬୩ତମ ବୌଦ୍ଧ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

କୋଣାର୍କ,୧୩।୫(ଜ୍ୟୋତିରାଜ ମହାନ୍ତି)

ଐତିହାସିକ ବୌଦ୍ଧପୀଠ କୁରୁମଠାରେ କୁରୁମ ବୌଦ୍ଧପୀଠ ବିକାଶ ପରିଷଦ ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହୋଇଥିବା ୬୩ତମ ବୌଦ୍ଧ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ ଦିନିଆ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରବଚକ ଗନ୍ଧର୍ବ ସେନାପତି ଗୌତମବୁଦ୍ଧଙ୍କ ଆତ୍ମଜୀବନୀ, ଧର୍ମ ଓ ଅଲୌକିକ ଗୁଣାବଳୀ ସମ୍ପର୍କରେ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଶ୍ରୋତାଙ୍କ ଆଗରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ଭୁବନେଶ୍ୱରର ମା' କୁରୁକୁରୀ ଭଜନ ମଞ୍ଚ ପକ୍ଷରୁ ଆଧ୍ୟାତ୍ମିକଧର୍ମୀ ଭଜନ ପରିବେଷଣ କରାଯାଇଥିଲା। ପରେ ପରେ ସୁଆଣ୍ଡୋର ଅଷ୍ଟଭୁଜା ଗୋଟିପୁଅ ନୃତ୍ୟ ଦଳ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଇତିଶ୍ରୀ ବରାଳଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣରେ ବୌଦ୍ଧପୀଠଠାରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଶେଷରେ ମା' ମଙ୍ଗଳା ଘୋଡ଼ାନାଚ ଗ୍ରୁପର ଗୁରୁ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ପରିଷଦ ସଭାପତି ହରେକୃଷ୍ଣ ସ୍ୱାଇଁ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ ବେହେରା, ପରିଷଦ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗୌତମବୁଦ୍ଧଙ୍କ ସମାଜ ପ୍ରତି ଦିଗ୍‌ଦର୍ଶନ ଓ ଚିନ୍ତା ଚେତନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ତପନ ନାୟକ, ପ୍ରଫୁଲ୍ଲ ସେନାପତି, ବାନାମ୍ବର ଭୂୟାଁ, ଦିଲୀପ ନାୟକ, ଅଭୟ ସ୍ୱାଇଁ, କପିଳ ଭୂୟାଁ, ଅଭୟ ବିଶ୍ୱାଳ ଓ ମେଘନାଦ ସ୍ୱାଇଁଙ୍କ ସମେତ ଚାରିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

# ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବିପତ୍ର

ଅସ୍ତରଙ୍ଗ,୧୩।୫
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅଧୀନ ଡିହକରଡ଼ାଠାରୁ ଡିଆକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀ କିଛି ମାସ ପୂର୍ବେ ତଦାରଖ କରିଥିବାବେଳେ ରାସ୍ତା କାର୍ଯ୍ୟ ଅଗ୍ରଗତି ହୋଇପାରୁନି। ଏଥିନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ଭେଟି ତାଙ୍କୁ ସମସ୍ୟା ଜଣାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଖବର ମୁତାବକ, ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଡିହକରଡ଼ାଠାରୁ ଡିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୨୩-୨୪ରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ତଦାରଖ ସହ ଠିକାଦାର କାମ କରିବାକୁ ଚୁକ୍ତିନାମା ହୋଇଥିଲା। କିନ୍ତୁ ସଂଯୋଗୀକରଣ ମଧ୍ୟରେ କିଛି ସ୍ଥାନରେ ଜମିଜମା ସମସ୍ୟା ଥିବାରୁ ରାସ୍ତା ନିର୍ମାଣ ହୋଇପାରୁନି। ଫଳରେ ବର୍ଷା ଦିନ ହେଉ ଅବା ଅନେକ ସମୟରେ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ତୁରନ୍ତ ଏହି ରାସ୍ତା ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ଅଧିବାସୀଙ୍କ ସହ ତାଳଦା ପଞ୍ଚାୟତବାସୀ ମଙ୍ଗଳବାର ପୂର୍ବାହ୍ନ ସମୟରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାସ୍ତା ସମସ୍ୟା ଦୂର ପାଇଁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଏନେଇ ଅସ୍ତରଙ୍ଗ ତହସିଲଦାର ପତି କହିଛନ୍ତି, ବୁଧବାର ରାସ୍ତା ସମସ୍ୟା ଥିବା ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିବା ସହ ଜମିଜମା ସମସ୍ୟା ବାବଦରେ ଅନୁଧ୍ୟାନ କରିବେ। ଦାବିପତ୍ର ଦେବା ସମୟରେ ତାଳଦା ପଞ୍ଚାୟତ ସରପଞ୍ଚ ଦୀପକ ପରିଡ଼ା, ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ଦିବାକର ସାହୁ, ବିଜୟ ପଢିଆରୀ, ରାଜା ମହାନ୍ତି, ନିରଞ୍ଜନ ବିଶ୍ୱାଳ, ସୁଧୀର ସ୍ୱାଇଁ, ପ୍ରଫୁଲ୍ଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

# ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ

■ ଅଭିଯୁକ୍ତ ଧରମ ମାମୁ ଗିରଫ
■ ଘର ସାମ୍ନାରେ ଖେଳୁଥିବା ବେଳେ ଶିଶୁଙ୍କୁ ନେଇଗଲେ

**ଭୁବନେଶ୍ୱର,୧୩।୫(ସତ୍ୟଜିତ ରାଉତ)**

ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ ଘଟଣା ସାମ୍ନାକୁ ଆସିଛି। ଭୋଇନଗର ଅଞ୍ଚଳରେ ମଙ୍ଗଳବାର ଏକ ୪ବର୍ଷର ଶିଶୁଙ୍କୁ ଅପହରଣ ଅଭିଯୋଗରେ ଧରମ ମାମୁଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବେଙ୍ଗାଲୁରୁରେ ରହୁଥିବା କନ୍ଧମାଳର ସୋନୁ କୁମାର(୨୭)। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ରହୁଥିବା ସୋନୁଙ୍କ ସମ୍ପର୍କୀୟ ବିଶାଲ ଦିଗଲଙ୍କୁ ମଧ୍ୟ ପୋଲିସ ଏହି ମାମଲାରେ ଅଟକ ରଖିଛି। ଘଟଣାରେ ବିଶାଲଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଚାଲିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

ସୂଚନାନୁଯାୟୀ, ଶିଶୁଟିର ମା' ଗୋରିତା ସିଂ ଓ ବାପା ରାଜକୁମାର ମଲ୍ଲିକ ଭୋଇନଗରରେ ରହୁଛନ୍ତି। ତେବେ କିଛିବର୍ଷ ତଳେ ଗୋରିତା ବେଙ୍ଗାଲୁରୁରେ ରହୁଥିବା ତାଙ୍କ ସାନ ଭଉଣୀ ପାଖକୁ ବୁଲିବାକୁ ଯାଇଥିଲେ। ସେହି ସମୟରେ ବେଙ୍ଗାଲୁରୁରେ ରହି ମିସ୍ତ୍ରି ଭାବେ କାମ କରୁଥିବା ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ତେବେ ଗୋରିତା ଭୁବନେଶ୍ୱର ଫେରିବା ପରେ ସୋନୁଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ସୋନୁ ସୋମବାର ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସିଥିଲେ। ସେ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇ ଭେଟିଥିଲେ। ସନ୍ଧ୍ୟାରେ ସେ ପଳାଇ ଯାଇଥିଲେ। ପରେ ଗୋରିତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ସୋନୁ ଆସି ଘର ନିକଟରେ ଛକି ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ବେଳେ ଘର ଭିତରେ ମା'ବାପା ଥିବାବେଳେ ଶିଶୁଟି ବାହାରେ ଖେଳୁଥିଲା। ଏହି ସମୟରେ ସୋନୁ ତାଙ୍କୁ ଅପହରଣ କରିନେଇଥିଲେ। ସେପଟେ ପୁଅକୁ ନ ପାଇ ମା'ବାପା ହତବାକ ହୋଇଯାଇଥିଲେ। ପରିବାର ଲୋକ ଅପରାହ୍ନ ୫ଟା ଯାଏ ବହୁ ଖୋଜାଖୋଜି କଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ସନ୍ଧ୍ୟାରେ ଗୋରିତା ଶହୀଦନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୩୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ମୋବାଇଲ ଟ୍ରାକ୍ କରିବା ପରେ ସୋନୁ ସାଲିଆ ସାହିରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ୩ଘଣ୍ଟା ଭିତରେ ପୋଲିସ ଟିମ୍ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ସୋନୁଙ୍କୁ ଗିରଫ କରିଥିଲା। ସୋନୁଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟି

**ଜଟଣୀ,୧୩।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଜଟଣୀ ଥାନା ସଂଲଗ୍ନ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଯାତାୟାତରେ ବାଧା ଉପୁଜୁଛି। ଏପରି କି ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ଖୁଣ୍ଟକୁ ସ୍ଥାନାନ୍ତର କରିବା ପାଇଁ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ଜଟଣୀ ନଗର ଭାଜପା ସଭାପତି ତିରୁପତି ଶତପଥୀ, ସାଧାରଣ ସମ୍ପାଦକ ପ୍ରଦୀପ ଜେନା, ପ୍ରଶାନ୍ତ ପ୍ରଧାନ, ଭାଜପା ଜଟଣୀ ନଗର ସମ୍ପାଦକ ପ୍ରଭାସ କୁମାର ମହାକୁଡ଼ ପ୍ରମୁଖ ଦାବି କରିଛନ୍ତି।



## ସଂକ୍ଷେପରେ

### ବାଇକ୍ ଧକ୍କାରେ ହକର ଗୁରୁତର

**ଯାଁଳା,୧୩।୫(ବୁଲା ବାରିକ)**

ନଁପୁଟ ପଞ୍ଚାୟତ ପାଣ୍ଡିଆପଡ଼ା ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ଖବରକାଗଜ ହକର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ତୃତୀୟାପଡ଼ାର ଅକ୍ଷୟ କୁମାର। ସୂଚନା ମୁତାବକ, ଅକ୍ଷୟ ଯାଁଳା ଏଜେଣ୍ଟଙ୍କଠାରୁ ଖବରକାଗଜ ନେଇ ମହୁରା ନଁପୁଟ ଆଦି ଅଞ୍ଚଳ ବାଣ୍ଟିବାକୁ ଯାଇଥିଲେ। ସକାଳ ପ୍ରାୟ ୮ଟାରେ ପାଣ୍ଡିଆପଡ଼ାଠାରେ ତାଙ୍କୁ ଏକ ବାଇକ୍ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ଦେଶୀମଦ ଜବତ, ୩ ଗିରଫ

**ବେଗୁନିଆ,୧୩।୫(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲା ଭ୍ରାମ୍ୟମାଣ ଏବଂ ବେଗୁନିଆ ଅବକାରୀ ଥାନା ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରି ୩୪ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କମାଗୁରୁ ଗ୍ରାମର ଯଦୁମଣି ରଣସିଂହ, ନିଧିପୁର ଗ୍ରାମର ସଞ୍ଜୁଲତା ସୁନ୍ଦରାୟ ଏବଂ ହୀରାପୁର ଗ୍ରାମର ବସନ୍ତ କୁମାର ବେହେରା। ତେବେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବେଗୁନିଆ,୧୩।୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥ ଦେବଙ୍କ ମନ୍ଦିର ପରିସରରେ ଚାଲିଥିବା ଉନବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞାଚାର୍ଯ୍ୟ ସୁଧାକର କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ କାଶୀନାଥ ସୁନ୍ଦରାୟ ଓ ତାଙ୍କ ସ୍ତ୍ରୀ ବାଳାମଣି କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

### ସର୍ବଭାରତୀୟ ଅନୁସୂଚିତ ଜାତି, ଜନଜାତି ଏବଂ ଓବିସି ରାଜ୍ୟ ସମ୍ପାଦକ ହେଲେ ଦିଲୀପ

**ଟାଙ୍ଗୀ,୧୩।୫ (ରଘୁନାଥ ସାହୁ)**

ସର୍ବଭାରତୀୟ ଅନୁସୂଚିତ ଜାତି, ଜନଜାତି ଏବଂ ଓବିସି ସଂଯୁକ୍ତ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ଯୁବନେତା ଦିଲୀପ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି। ଏନେଇ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଓମ୍ ସୁଧାଙ୍କ କାର୍ଯ୍ୟାଳୟର ପତ୍ରାଙ୍କ ଅନୁଯାୟୀ ମେ'୧୩ ତାରିଖରେ ସୂଚନା ଦିଆଯାଇଛି। ଦିଲୀପଙ୍କ ଘର ଖୋର୍ଦ୍ଧା ଜିଲା ଜରିପଡ଼ା ଗ୍ରାମରେ। ସେ ଚିଲିକା ମତ୍ସ୍ୟଜୀବୀ ବୋର୍ଡର ସଭ୍ୟ ଦାୟିତ୍ୱରେ ସୁଚାରୁଭାବେ କାର୍ଯ୍ୟ କରିବା ସହ ଚିଲିକାର ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କର ସମସ୍ୟାର ସମାଧାନ ପାଇଁ ସର୍ବଦା ଚେଷ୍ଟା କରିଛନ୍ତି। ଦିଲୀପଙ୍କ ଏହି ନିଯୁକ୍ତି ନେଇ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସମେତ ଅଞ୍ଚଳର ଅନୁସୂଚିତ ଜାତିର ଭାଇମାନେ ମନୋନୀତ କରିଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୨୦୦ ଅଭିଯୋଗ ଶୁଣିଲେ ଜିଲାପାଳ




ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବେଗୁନିଆ,୧୩।୫(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତ ସମିତି ଏବଂ କୁଞ୍ଜୁରି ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଉପଜିଲାପାଳ, ସ୍ଥାନୀୟ ତହସିଲଦାର, ବିଡିଓ, ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମଧୁବାବୁ ପେନସନ, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ୍ ସମସ୍ୟା, ପାଣି ସମସ୍ୟା ଭଳି ମୋଟ୍ ୨୦୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୫୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩୨ଟି ସାମୂହିକ ସମସ୍ୟା ରହିଥିଲା। ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଲୋକଙ୍କ ହିତରେ ସରକାରଙ୍କ ଦ୍ୱାରା ଗୃହୀତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବାଟବଣା ହୋଇଛି ବୋଲି ଅଭିଯୋଗ କରାଯାଇଛି। ଭୂଇଁପୁରଠାରୁ ପରିଛଳ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ସହିତ ନୂତନ ଅନୁଦାନ ପ୍ରଦାନ କରାଯାଇ ନିର୍ମାଣ କରାଯାଉ ବୋଲି ସାମାଜିକ କର୍ମୀ ଭିକାରି ଚରଣ ସାହୁ ଦାବି କରିଥିଲେ। ଅନ୍ୟପଟେ ପୂର୍ବରୁ ଜନ ଅଭିଯୋଗ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡ଼ିକର ଏପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ ବୋଲି ଲୋକେ ଅଭିଯୋଗ ଆଣିଥିଲେ। ତେବେ ଶିବିରରେ ହୋଇଥିବା ସମସ୍ତ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ୨୨ କେଜି ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

**ଖୋର୍ଦ୍ଧା,୧୩।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅଞ୍ଚଳରେ ଥିବା ଏକ ଘରେ ମଙ୍ଗଳବାର ଶିଳ୍ପାଞ୍ଚଳ ପୋଲିସ ଚଢ଼ାଉ କରି ୨୨କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ କଟକ ଜିଲା ବିଡ଼ାନାସୀ ଥାନା ତୁଳସୀପୁରର ଚନ୍ଦ୍ରକାନ୍ତ ଧୀର ଏବଂ ନୁରଜାହାନ ବେଗମଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୧/୨୫) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ଅଞ୍ଚଳର ଉକ୍ତ ଘରେ ଚନ୍ଦ୍ରକାନ୍ତ ଓ ନୁରଜାହାନ ରହି ଗଞ୍ଜେଇ ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଆଇ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲେ।

## ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୧୩।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜବାବରେ ନିଆଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ପରାକ୍ରମ ଦେଖାଇଛି। ଭାରତୀୟ ସେନା କରିଥିବା କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଁ ଭାଜପା ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ଟି ମଣ୍ଡଳର ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ବିଧାୟିକା ଉପାସନା ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସାତପଡ଼ା ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ବେହେରା, ବ୍ରହ୍ମଗିରି ମଣ୍ଡଳ ସଭାପତି ମନୋଜ କୁମାର ପରିଡ଼ା, ଖଜୁରିଆ ମଣ୍ଡଳ ସଭାପତି ନବଘନ ସାହୁ, କପିଳେଶ୍ୱରପୁର ମଣ୍ଡଳ ସଭାପତି ମଳୟ କୁମାର ପଲାଇ, ପୁରୀ ସଦର ବୀରନରସିଂହପୁର ମଣ୍ଡଳ ସଭାପତି ଶୁକଦେବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦଳର କର୍ମୀ, କର୍ମକର୍ତ୍ତା ଏବଂ ସଙ୍ଗଠକମାନଙ୍କୁ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବାକୁ ବିଧାୟିକା ମହାପାତ୍ର ନିବେଦନ କରିଛନ୍ତି।

## 'ଗ୍ରୀଷ୍ମ ଅବକାଶ ପାଠକୁ ଗୁରୁତ୍ୱ ଦିଅ'



**ବେଗୁନିଆ,୧୩।୫(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରିଣୀ ସୋନାମିକା ରାୟ ମଙ୍ଗଳବାର ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେବା ପରେ ବିଭିନ୍ନ ଗାଁକୁ ଯାଇଥିଲେ। ପୋଡ଼ାପାଟଣା ଏବଂ ବରପଦା ଗ୍ରାମକୁ ଯାଇ ଅଭିଭାବକମାନଙ୍କୁ ଭେଟିଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ସ୍ଥିତି ପରଖିଥିଲେ। ଗ୍ରୀଷ୍ମ ଅବକାଶ ବେଳେ ଅଯଥା ସମୟ ଅପଚୟ ନ କରି ଅନଲାଇନ ପାଠପଢ଼ା ଉପରେ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଗୃହକାର୍ଯ୍ୟ ଏବଂ ଲିଙ୍କ ପ୍ରଦାନ ଉପରେ ନଜର ଦେବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅଧାରୁ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରିଣୀ ରାୟଙ୍କ ସହିତ ବେଗୁନିଆ ବିଇଓ ଭାସ୍କର ଲେଙ୍କା, ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଭାଗବତ ସମ୍ମିଳନୀ ଉଦ୍‌ଯାପିତ

**ବେଗୁନିଆ,୧୩।୫(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଭାଗବତ ଦେବଙ୍କ ପୀଠରେ ଆୟୋଜିତ ଜିଲାସ୍ତରୀୟ ଦୁଇଦିନିଆ ଭାଗବତ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବୁଦ୍ଧ ପୂର୍ଣ୍ଣିମୀ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ସମ୍ମିଳନୀରେ ନୟାଗଡ଼, କଟକ, ଖୋର୍ଦ୍ଧା ଏବଂ ପୁରୀ ଜିଲାର ବହୁ ପଣ୍ଡିତ ବିଦ୍ୱାନ ଏବଂ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବରିଷ୍ଠ ନାଗରିକ ଧନେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ସନ୍ଧ୍ୟାରେ ଭାଗବତରେ ବର୍ଣ୍ଣିତ ୮ମ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ 'ଗ୍ରାହ କବଳରେ ଗଜେନ୍ଦ୍ର' ଏବଂ ଉଦଯାପନୀ ଦିବସରେ ୮ମ ସ୍କନ୍ଧର ତୃତୀୟ ଅଧ୍ୟାୟ 'ଗଜେନ୍ଦ୍ର ସ୍ତବ' ବିଷୟବସ୍ତୁ ସମ୍ପର୍କରେ ପଠନ ଓ ଆଲୋଚନା କରାଯାଇଥିଲା। ଡ.ଅଖିଳେଶ ପ୍ରସାଦ ପଣ୍ଡା, ତପନ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା, ରାଜ କିଶୋର ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ଗୌରହରି ପଣ୍ଡା, ସୀତାକାନ୍ତ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ପଣ୍ଡା, ଶ୍ୱେତ କୁମାର ମହାପାତ୍ର, ଧନେଶ୍ୱର ପଣ୍ଡା, ବାନାମ୍ବର ପଣ୍ଡା ପ୍ରମୁଖ ଛାନ୍ଦ ପାଠ କରିଥିଲେ। 'ଆଧୁନିକତାର ଚାକଚକ୍ୟ ମଧ୍ୟରେ ଲୋକାଦୃତି ହରାଉଛି କି ଭାଗବତ' ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଦିନଥିଲା ଗାଁ ଗାଁରେ ଥିବା ଭାଗବତ ଟୁଙ୍ଗି ପରିସରରେ ଏକାଠି ହେଉଥିଲେ ଲୋକେ। ଦିନରେ ଚାଷ କାର୍ଯ୍ୟ ସାରି ସନ୍ଧ୍ୟାରେ କ୍ଳାନ୍ତି ଦୂର କରୁଥିଲା ଭାଗବତ ଟୁଙ୍ଗି। ହିନ୍ଦୁ ଧର୍ମର ଅନ୍ୟତମ ମହାନ୍ ଗ୍ରନ୍ଥ ତଥା ଅଷ୍ଟାଦଶ ମହାପୁରାଣ ମଧ୍ୟରେ ଶ୍ରେଷ୍ଠ କୁହାଯାଉଥିବା 'ଭାଗବତ' ଆଜି ହିନ୍ଦୁବହୁଳ ରାଷ୍ଟ୍ରରେ ଲୋକାଦୃତି ହରାଉଛି। ସଭିଏଁ କାମଧନ୍ଦା ଉଦ୍ଦେଶ୍ୟରେ ବ୍ୟସ୍ତ ରହୁଛନ୍ତି। ହେଲେ ଦିନକୁ ଯଦି ଦୁଇ ପଦ ଭାଗବତ ପଠନ କରିବା ତାହାହେଲେ ଏହି ଧର୍ମର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ସରକାରୀ ଅନୁଦାନକୁ ଆଶା କରିବା ଅପେକ୍ଷା ଆନ୍ତରିକତା ରହିଲେ ଭାଗବତ ବଞ୍ଚି ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଗ୍ରାମବାସୀଙ୍କ ପକ୍ଷରୁ ବନ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଭାଗବତ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

## ଶ୍ରୀମଦ ଭାଗବତ ସପ୍ତାହ ପାଳିତ

**ଟାଙ୍ଗୀ,୧୩।୫(ରଘୁନାଥ ସାହୁ)**

ମଙ୍ଗଳାଯୋଡ଼ିସ୍ଥିତ ପତିତପାବନ ଦେବଙ୍କ ପୀଠରେ ଶ୍ରୀମଦ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ବ୍ୟାସଭାବେ ପ୍ରଭାକର ଦାଶ, ଆଚାର୍ଯ୍ୟଭାବେ ପ୍ରଦୀପ ମିଶ୍ର, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଗତ ୫ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ହୋଇଥିଲା। ଡ. ହରି କୃଷ୍ଣ ହରାଦ୍ରୀ ବାଦଲଜୀ ରାସ ପଞ୍ଚ ଅଧ୍ୟାୟ, ପଣ୍ଡିତ ବିକ୍ରମ ମହାରଣା ଭାଗବତ ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀକୃଷ୍ଣ ଜନ୍ମୋତ୍ସବ, ନନ୍ଦୋତ୍ସବ, ରୁକ୍ମିଣୀ ବିବାହ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଶ୍ରୀମଦ ଭାଗବତ ପ୍ରଚାରଣ ସମିତିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସେହିଭଳି କନ୍ଧନୟାଗଡ଼ ଐଶାନେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣମାନେ ଯୋଗଦେଇ ସୂର୍ଯ୍ୟ ପୂଜା, ଧେନୁ ପୂଜା, ଶାଳା ପୂଜା, ଦେବାର୍ଚ୍ଚନ, ଘୃତାହୁତି କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତାଭାବେ ନାରାୟଣ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ସୁଚାରୁଭାବେ ସମ୍ପାଦନା ହୋଇଥିଲା।

# ରାଜ୍ୟ କରାଟେ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାକୁ ୫ ସ୍ୱର୍ଣ୍ଣ




ଦିବ୍ୟାଙ୍ଗନା ସାମନ୍ତରା




ଦିବ୍ୟାଂଶୀ ବାଂସୀ




ଆଦିତ୍ୟରାଜ ପ୍ରଧାନ




ଏମ୍.ସାଇ ହମକେଶ




ରୋହନ ସ୍ୱାଇଁ

**ବାଲୁଗାଁ,୧୩।୫ (ସଂଗ୍ରାମ ପାଇକରାୟ)**

ରାଜ୍ୟ ୩୭ତମ ଉପକନିଷ୍ଠ ଏବଂ ୩୬ତମ କ୍ୟାଡେଟ, ଜୁନିୟର କରାଟେ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଗତ ୯ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାକୁ ୫ଟି ସ୍ୱର୍ଣ୍ଣ ସହ ୨୪ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଖୋର୍ଦ୍ଧା ଜିଲାରୁ ୩୬ଜଣ ବାଳକ ଓ ବାଳିକା ଭାଗନେଇଥିଲେ। ପ୍ରତିଯୋଗୀମାନେ ପ୍ରଶିକ୍ଷକ କ୍ୟୋସୀ ଦୀପକ କୁମାର ସାମନ୍ତରା ଏବଂ ସିହାନ୍ ଅରବିନ୍ଦ ବାରିକଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାରୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୫ ପ୍ରତିଯୋଗୀ ହେଲେ ରୋହନ ସ୍ୱାଇଁ, ଦିବ୍ୟାଙ୍ଗନା ସାମନ୍ତରା, ଏମ୍.ସାଇ ହମକେସ, ଦିବ୍ୟାଂଶୀ ବାଂସୀ ଏବଂ ଆଦିତ୍ୟରାଜ ପ୍ରଧାନ। ସେହିପରି ରୌପ୍ୟ ପଦକ ଶ୍ୱେତାଲିନ ସାହୁ, ରୁଦ୍ର ପ୍ରସାଦ ଶତପଥୀ, ରିତେଶ କୁମାର ପ୍ରମୁଖ ପାଇଛନ୍ତି। କାଂସ୍ୟ ପଦକ କୃତି ଦୀପନ, ରାଜୁ ଲାଲ, ଅଦିତି ମହାନ୍ତି, ପ୍ରତ୍ୟୁଷା ହାତୀ, ବିଶ୍ୱଜିତ୍ ନାୟକ, ରୁଦ୍ର ପ୍ରସାଦ ଶତପଥୀ, ସ୍ମୃତି ସ୍ୱାଗତିକା, ଶ୍ରେହାନଦିପ ବିଶ୍ୱାଳ, ସୌମ୍ୟା ମହାନ୍ତି, ଶୁଭମ ପ୍ରଧାନ, ସାଇ ଦିଗ୍‌ବିଜୟ, ଦିବ୍ୟାଙ୍ଗନା ସାମନ୍ତରା ପ୍ରମୁଖ ପାଇଛନ୍ତି। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବା ପ୍ରତିଯୋଗୀମାନେ ଉତ୍ତରାଖଣ୍ଡର ଡେରାଡୁନଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜିଲା କରାଟେ ସଂଘର ସମ୍ପାଦକ କ୍ୟୋସୀ ଦୀପକ କୁମାର ସାମନ୍ତରା ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କାର୍ଯ୍ୟ ଅବଧି ଶେଷ ପରେ ବି ସରୁନି ରାସ୍ତା କାମ

■ କେନାଲକୁ ସଙ୍କୁଚିତ କରାଯାଉଥିବା ଅଭିଯୋଗ
■ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

**ବାଣପୁର,୧୩।୫(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ମେନ୍ କେନାଲ ଅନ୍ତରାକିଆରିଠାରୁ କୋସରଡ଼ା ରାସ୍ତାର ଉନ୍ନତୀକରଣ ପାଇଁ କାର୍ଯ୍ୟ ଚାଲୁରହିଛି। ତେବେ କାର୍ଯ୍ୟ ଅବଧି ଶେଷ ପରେ ବି ରାସ୍ତା କାମ ସରିନାହିଁ। ଅନ୍ୟପଟେ ରାସ୍ତା ସମ୍ପ୍ରସାରଣ ଆଳରେ କେନାଲକୁ ସଙ୍କୁଚିତ କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବାଣପୁର ମେନ୍ କେନାଲ ଅନ୍ତରାକିଆରିଠାରୁ କୋସରଡ଼ା ରାସ୍ତାର ଉନ୍ନତୀକରଣ ପାଇଁ ୩କୋଟି ୫୨ଲକ୍ଷ ୭୬ହଜାର ୫୦୦ଟଙ୍କା ଅଟକଳରେ କାର୍ଯ୍ୟାଦେଶ ଅନୁମୋଦନ କରାଯାଇଛି। ରାସ୍ତା ପିଚୁ ହେବା ସହ ୨୩ ଫୁଟ ଚଉଡ଼ା ରହିବ। ଏହି କାର୍ଯ୍ୟ ୨୪ ମେ' ୨୦୨୩ରୁ ଆରମ୍ଭ ହୋଇ ୨୩ ମେ'୨୦୨୪ରେ ଶେଷ ହେବାକୁ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ସରିନାହିଁ। କେତେକ ସ୍ଥାନରେ ରାସ୍ତା ପିଚୁ କରାଯାଇଥିବା ବେଳେ ତାହା ନିମ୍ନମାନର କରାଯାଇଛି। ଅନ୍ୟପଟେ କେନାଲକୁ ସଙ୍କୁଚିତ କରି ଗାର୍ଡୱାଲ ତିଆରି କରି ରାସ୍ତା ଚଉଡ଼ା କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଫଳରେ ବର୍ଷାଦିନେ କିମ୍ବା ଶାଳିଆ ଡ୍ୟାମରୁ ପାଣି ଛଡ଼ା ଯିବା ସମୟରେ ଜଳ ଉଦ୍‌ବୃତ୍ତ ହୋଇ ରାସ୍ତା ଏବଂ ଜନବସତି ମଧ୍ୟକୁ ଯିବା ଆଶଙ୍କା ପ୍ରକାଶ ପାଇଛି। ଏପରିକି ଦେଉଳସାହି ଛକ ନିକଟରେ ରାସ୍ତା ଉପରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିଲେ ମଧ୍ୟ ତାହାକୁ ସ୍ଥାନାନ୍ତର କରାଯାଇ ନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ମିଶ୍ର କହିଛନ୍ତି ଯେ, ରାସ୍ତାପାର୍ଶ୍ୱରୁ ଜଙ୍ଗଲ ବିଭାଗ ପକ୍ଷରୁ ଗଛ କଟାଯାଉ ନାହିଁ। ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଛି। ସେହିପରି ଶାଳିଆ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ ସାହୁ କହିଛନ୍ତି ଯେ, କେନାଲକୁ ସଙ୍କୁଚିତ କରାଯାଉଥିବା ଅଭିଯୋଗ ଆସିଲେ, ତଦନ୍ତ କରାଯାଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।



# 'ଆମ ବସ୍' ଚଳାଚଳ ବନ୍ଦ, ଯାତ୍ରୀ ହଇରାଣ

## କର୍ମଚାରୀଙ୍କୁ ମାଡ଼ ଘଟଣାର ପ୍ରତିବାଦ, ସୁରକ୍ଷା ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୧୩।୫(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ପ୍ରାୟ ୫ ଘଣ୍ଟା ଧରି 'ଆମ ବସ୍' ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡ଼ିଛି। କର୍ମଚାରୀଙ୍କୁ ମାଡ଼ ଘଟଣାର ପ୍ରତିବାଦ ତଥା ସୁରକ୍ଷା ଦାବି ନେଇ ସକାଳୁ ୧୫୦ରୁ ଊର୍ଦ୍ଧ୍ୱ ଆମ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଡିପୋରେ ବସ୍ ରଖି ଆନ୍ଦୋଳନକୁ ଓହ୍ଲାଇଥିଲେ। ବିନା ନୋଟିସ୍‌ରେ ବସ୍ ଚଳାଚଳ ବନ୍ଦ ରହିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଶହ ଶହ ଯାତ୍ରୀ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡକୁ ଆସିବା ପରେ ଆନ୍ଦୋଳନ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେଣୁ ସେଠାରୁ ପୁଣି କେମିତି ନିଜ ଗନ୍ତବ୍ୟସ୍ଥଳକୁ ଯିବେ ସେ ନେଇ ଚିନ୍ତିତ ହୋଇପଡିଥିଲେ। ଅପରପକ୍ଷେ ଅନେକ ସମୟରେ ବିନା କାରଣରେ ଲୋକେ ଆମ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରୁଥିବା ଅଭିଯୋଗ କରି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସତ୍ତ୍ୱେ କର୍ମଚାରୀମାନେ ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ରାଜ୍ୟ ସରକାର ସୁରକ୍ଷା ଦେଲେ ହିଁ ଗାଡ଼ି ଚଳାଇବୁ ବୋଲି କର୍ମଚାରୀମାନେ ଅଡ଼ିବସିଥିଲେ। କ୍ରୁଟ୍‌ର କେତେଜଣ ଅଧିକାରୀ ଏବଂ ସ୍ଥାନୀୟ ଡିପୋର ସୁପରଭାଇଜର ପହଞ୍ଚି ବୁଝାଶୁଝା କରିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏହାପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ସୋମବାର ରାତିରେ ଆଇଜିକେସିରୁ ମାଷ୍ଟରକ୍ୟାଣ୍ଟିନ୍ ଆସୁଥିବା ୨୩ନଂ. ଆମ ବସ୍ ଗାଇଡ୍ ତ୍ରିଲୋଚନ ପରିଡାଙ୍କୁ କେତେଜଣ ବାଇକ୍ ଚାଳକ ଆକ୍ରମଣ କରିଥିଲେ। ବସ୍ ଯାଉଥିବାବେଳେ ଧୂଳି ଉଡ଼ିବାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିଲା, ଯାହାକୁ ନେଇ ବସ୍ କର୍ମଚାରୀମାନେ ନିଜ ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ।



ମାଷ୍ଟରକ୍ୟାଣ୍ଟିନ୍ ଡିପୋରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଉପେନ୍ଦ୍ର ମହଲାଙ୍କୁ ନାରଦ ସମ୍ମାନ




ଭୁବନେଶ୍ୱର, ୧୩।୫
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ସମ୍ବାଦ କେନ୍ଦ୍ର ଓଡ଼ିଶା ପକ୍ଷରୁ ସ୍ତମ୍ଭକାର ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଏକବିଂଶତମ ନାରଦ ସମ୍ମାନ ଉତ୍ସବ ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉପେନ୍ଦ୍ର ପ୍ରସାଦ ମହଲାଙ୍କୁ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ୨୦୨୫ ବର୍ଷ ଲାଗି ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ମହଲାଙ୍କୁ ମାନପତ୍ର, ଉତ୍ତରୀୟ, ନାରିକେଳ ଓ ୨୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେ ୧୯୮୪ରେ ଧରିତ୍ରୀ ଖବରକାଗଜରେ କାର୍ଯ୍ୟ ଆରମ୍ଭ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ସାମ୍ବାଦିକ ଓ ସ୍ତମ୍ଭଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଆସୁଛି। ପୂର୍ବରୁ ସାମ୍ବାଦିକ ସ୍ୱର୍ଗତ ଭଗବାନ ନାୟକବର୍ମା, ସ୍ୱର୍ଗତ ଗୋପାଳ ମିଶ୍ର, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ, ସ୍ୱର୍ଗତ ଅରୁଣ କୁମାର ପଣ୍ଡା, ରାଜାରାମ ଶତପଥୀ, ଗୋପାଳକୃଷ୍ଣ ମହାପାତ୍ର, ଭାସ୍କର ପରିଚ୍ଛା, ସୁଧୀର କୁମାର ଦାଶ, ଭାଗୀରଥ ମହାସୁଆର, ଜଗବନ୍ଧୁ ମିଶ୍ର, ପ୍ରତାପ ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପ୍ରଭୁ କଲ୍ୟାଣ ମହାପାତ୍ର, ଶିବନାରାୟଣ ସିଂହ, ତପନ ମିଶ୍ର, ସୁବ୍ରତ ଦାସ, ଆର୍ତ୍ତ ମିଶ୍ର, ଅଭୟ କୁମାର ଦ୍ୱିବେଦୀ, ଡ. ଅସିତ ମହାନ୍ତି ପ୍ରମୁଖ ନାରଦ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ସାପ୍ତାହିକ ଇଂଲିଶ ପତ୍ରିକା ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେତ୍‌କର ଯୋଗଦେଇଥିଲେ। ଏହି ଅବସରରେ ୟୁନିଟ-୮ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତର ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ଏବଂ ଆଇନଜୀବୀ ସାଇ ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ମାନପତ୍ର ପାଠ କରିଥିଲେ। ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

# ୧୫ଦିନ ମଧ୍ୟରେ ଫାଇଲ୍ ଖୋଜିବାକୁ ନିର୍ଦ୍ଦେଶ

## ବିଡିଏ ଆଲଟ୍‌ମେଣ୍ଟ ସେକ୍ସନରୁ ଫାଇଲ୍ ହଜିବା ପ୍ରସଙ୍ଗ

ଭୁବନେଶ୍ୱର, ୧୩।୫(ବନ୍ଦନା ସେଠୀ)

ବିଡିଏ ଆଲଟ୍‌ମେଣ୍ଟ ସେକ୍ସନର ଅଫିସର ଓ କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ପାଇଁ ବହୁ ଫାଇଲ୍‌ର ପତ୍ତା ମିଳୁନାହିଁ। ବିଭାଗରେ ପ୍ରାୟ ୧୭ହଜାର ଫାଇଲ୍ ରହିଥିବାବେଳେ ଅନେକ ଫାଇଲ୍ ହଠାତ୍ ଗାଏବ ହୋଇଯାଇଛି। ଏହାକୁ ନେଇ ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ଥିରୁମାଲା ନାୟକ ମଙ୍ଗଳବାର ସମୀକ୍ଷା କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ହଜିଥିବା ସମସ୍ତ ଫାଇଲ୍ ଖୋଜିବା ସହ ଶତପ୍ରତିଶତ ଫାଇଲ୍‌ର ହିସାବ ଦେବା ପାଇଁ ସେ କର୍ମଚାରୀମାନଙ୍କୁ ତାଗିଦା କରିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିମାସ ତଳେ ବିଡିଏ ଉପାଧ୍ୟକ୍ଷ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବାବେଳେ ଆଲଟ୍‌ମେଣ୍ଟ ସେକ୍ସନ୍‌ରୁ ଫାଇଲ୍ ହଜିଥିବା ଜାଣିବାକୁ ପାଇଥିଲେ। ବହୁ ଫାଇଲ୍ ମିଳୁ ନ ଥିବାରୁ ସେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ସମସ୍ତ ଫାଇଲ୍ ନ ମିଳିବା ପର୍ଯ୍ୟନ୍ତ ପ୍ରାୟ ୯ଜଣ କର୍ମଚାରୀଙ୍କ ଦରମା ବନ୍ଦ କରିଦେଇଥିଲେ। ତେବେ ଇତିମଧ୍ୟରେ ୮୫% ଫାଇଲ୍ ମିଳିଥିବାବେଳେ ବାକିଥିବା ଫାଇଲ୍‌ଗୁଡିକ ଖୁବ୍‌ଶୀଘ୍ର ମିଳିଯିବ ବୋଲି ଉପାଧ୍ୟକ୍ଷ କହିଛନ୍ତି। କେବଳ ବିଡିଏର ଆଲଟ୍‌ମେଣ୍ଟ ସେକ୍ସନ ନୁହେଁ, ବରଂ ବିଭିନ୍ନ ବିଭାଗରେ ଏଭଳି ଅନିୟମିତତା ଲାଗିରହିଥିବା ନେଇ ଅଭିଯୋଗ ଆସୁଛି। ଗୋଟିଏ ଫାଇଲ୍ ପାଇବା ପାଇଁ ଲୋକଙ୍କୁ ମାସ ମାସ ଏପରିକି ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ବିଡିଏ ଅଫିସ୍‌କୁ ଧାଇଁ ଧାଇଁ ନୟାନ୍ତ ହୋଇଗଲେ ବି ଅଧିକାରୀଙ୍କ କୃପାଦୃଷ୍ଟି ଲୋକଙ୍କ ଉପରେ ପଡୁନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ

ଭୁବନେଶ୍ୱର, ୧୩।୫
(ସୌମ୍ୟରଞ୍ଜନ ରାଉତ)

ପଶ୍ଚିମବଙ୍ଗରେ ଏବେ ଅରାଜକତା ଚାଲିଛି। ସାମ୍ବିଧାନକୁ ଅସମ୍ମାନ କରାଯାଇ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଯାଉଛି। ପଶ୍ଚିମବଙ୍ଗରେ ଆଇନ୍ ଶାସନ ଚାଲୁନାହିଁ। ତେଣୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି ପୁରୀର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ରାଜଭବନରେ ଶ୍ରୀଜଗନ୍ନାଥ ସେନାର କର୍ମକର୍ତ୍ତାମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେନାର ରାଷ୍ଟ୍ରୀୟ ଆବାହକ ଆଇନ୍‌ଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି, ପଶ୍ଚିମବଙ୍ଗ ସରକାର ହିନ୍ଦୁ ବିରୋଧୀ। କାରଣ ସେଠାରେ ହିନ୍ଦୁଙ୍କୁ ନିର୍ଯାତନା ଦିଆଯାଉଛି। ତେଣୁ ଏହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବାର ଯଥେଷ୍ଟ କାରଣ ରହିଛି ବୋଲି ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

# ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ରକ୍ତଦାନ

ଭୁବନେଶ୍ୱର, ୧୩।୫
(ସୌମ୍ୟରଞ୍ଜନ ରାଉତ)

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ରେଡ୍‌କ୍ରସ ଭବନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'ଅପରେଶନ ସିନ୍ଦୂର'ର ସାହସିକ ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇ ଏହି କାର୍ଯ୍ୟକ୍ରମ କରାଯାଇଛି। ମହାସଂଘର ସଦସ୍ୟଙ୍କ ପରିବାରରୁ ୨ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ଜୟ ଓଡ଼ିଶା ସଭାପତି ତଥା ମହସଂଘର ଉପଦେଷ୍ଟା ରୁଦ୍ରନାରାୟଣ ସାମନ୍ତରାୟ ଯୋଗଦେଇଥିଲେ। ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ଉପଦେଷ୍ଟା ପ୍ରମୋଦ ମହାପାତ୍ର, ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ମାନସ ମିଶ୍ର ଓ ଧିରେନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ମନମୋହନ ପଣ୍ଡାଙ୍କ ସହିତ ନାରାୟଣ ସୂତାର, ଅନୁସୂୟା ପ୍ରଧାନ, ଧରିତ୍ରୀ ପ୍ରଧାନ, ସଂଘମିତ୍ରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଆୟୋଜନକୁ ପରିଚାଳନା କରିଥିଲେ।

# ପୁରୀ ହିଁ ଶ୍ରୀଜଗନ୍ନାଥଧାମ




## ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ପୁରୀ, ୧୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ମଙ୍ଗଳବାର ଏକ ଆଧ୍ୟାତ୍ମିକ ପରିବେଶରେ ହୋଟେଲ ହଲିଡେ ରିସର୍ଟ ସଭାକକ୍ଷରେ 'ପୁରୀ ହିଁ ଶ୍ରୀଜଗନ୍ନାଥଧାମ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ଗୋପାଳକୃଷ୍ଣ ଦାଶ ଯୋଗଦେଇ କହିଛନ୍ତି, ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ମୂଳ ଅଧିଷ୍ଠାନ କ୍ଷେତ୍ରଭାବେ ଅଭିହିତ କରି ଅନେକ ଶାସ୍ତ୍ରୀୟ ପ୍ରମାଣ ଆଧାରରେ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ବୋଲି ପ୍ରମାଣିତ। ସଂଗଠନ ସଚିବ ଡା. କରୁଣାକର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ମହାପ୍ରଭୁଙ୍କ ଧ୍ୟାନ ଆବୃତ୍ତି କରିବା ସହ ପ୍ରତିଷ୍ଠାନ ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାନର ରାଜ୍ୟ ସଭାପତି ସୁଦର୍ଶନ ନାୟକ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଏହି ଅବସରରେ ଭିତ୍ତିପ୍ରବନ୍ଧ ଉପସ୍ଥାପନକରି ସଚିବ ଡ. ଅସିତ ମହାନ୍ତି କହିଥିଲେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ପରଂବ୍ରହ୍ମ। ପୁରୁଷୋତ୍ତମ କ୍ଷେତ୍ର ପୁରୀ ତାଙ୍କର ପବିତ୍ର ଲୀଳାସ୍ଥଳୀ। ପୁରୀ ହିଁ ତାଙ୍କର ଆବିର୍ଭାବ କ୍ଷେତ୍ର। ଆଲୋଚନାଚକ୍ରରେ ଡ. ଆଶୁତୋଷ ମିଶ୍ର, ଡ. ଭାସ୍କର ମିଶ୍ର, ଡ. ବିଜୟ ନାରାୟଣ ରାମାନୁଜ ଦାସ, ଡ. ନରେଶ ଚନ୍ଦ୍ର ଦାଶ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଶାସ୍ତ୍ରୀୟ ପ୍ରମାଣ ମାଧ୍ୟମରେ 'ପୁରୀ ହିଁ ଶ୍ରୀଜଗନ୍ନାଥ ଧାମ' ବୋଲି ପ୍ରତିପାଦନ କରିଥିଲେ। ସନ୍ତୋଷ ପାତ୍ର, ନଳିନୀରଞ୍ଜନ ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ଡ. ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ହରେକୃଷ୍ଣ ପ୍ରତିହାରୀ, ପ୍ରଦୀପ କୁମାର ସାହୁ, ଡା. ଦେବପ୍ରସାଦ ଦାଶ ପ୍ରମୁଖ ଆଲୋଚନାଚକ୍ର ସଞ୍ଚାଳନ କରିଥିଲେ। ପ୍ରତିଷ୍ଠାନର ଅର୍ଥ ସଚିବ ରବିନାରାୟଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସଚିବ ଡ. ପ୍ରସନ୍ନ କୁମାର ମହାପାତ୍ର ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇଥିଲା।

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାରେ ଶିକ୍ଷାନୁଷ୍ଠାନର କୃତିତ୍ୱ

# ଓଡିଏମ୍ ସ୍କୁଲ: ଦଶମରେ ଦୟାଶଙ୍କର, ଆର୍ଯ୍ୟନ୍, ବିଶ୍ୱଜିତ ଟପ୍ପର

ଓଡିଏମ୍ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଦୟାଶଙ୍କର ସାହୁ, ଆର୍ଯ୍ୟନ କୁମାର ହୋତା ଏବଂ ବିଶ୍ୱଜିତ ନାୟକ ୯୯.୨% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟରେ ଲାବଣ୍ୟ ନାୟକ ୯୯% ଏବଂ ତୃତୀୟରେ ଅର୍ମାନ ନାୟକ ୯୮.୮% ନମ୍ବର ରଖିଛନ୍ତି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ବାଣିଜ୍ୟ ଓ ବିଜ୍ଞାନ ଷ୍ଟ୍ରିମରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବାଣିଜ୍ୟ ବିଭାଗରେ ସିଦ୍ଧାର୍ଥ ମହାପାତ୍ର ୯୯.୪% ନମ୍ବର ରଖି ଟପ୍ପର ହୋଇଥିବା ବେଳେ ଆୟୁଷ୍ମାନ୍ ଅଭିଜିତ ରାଉତ ୯୮.୬% ରଖି ଦ୍ୱିତୀୟ ଓ ମଣିଥ ଲାଗୁରୀ ୯୭.୮% ରଖି ତୃତୀୟ ହୋଇଛନ୍ତି। ସେହିପରି ବିଜ୍ଞାନରେ ସନ୍ଦୀପ କୁମାର ସାହୁ ୯୯% ନମ୍ବର ରଖି ଟପ୍ପର ହୋଇଛନ୍ତି। ସ୍ୱାତୀ ସୁଚରିତା ସାହୁ ୯୮.୬% ରଖି ଦ୍ୱିତୀୟ ଏବଂ ପ୍ରତୀକ୍ଷା ସ୍ୱାଇଁ ୯୮% ରଖି ତୃତୀୟ ହୋଇଛନ୍ତି। ବିଦ୍ୟାଳୟର ମୋଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୯ ଜଣ ୯୫%ରୁ ଅଧିକ ନମ୍ବର ଏବଂ ୧୮୦ ଜଣ ୯୦% ରୁ ଅଧିକ ନମ୍ବର ରଖିଛନ୍ତି।

# ଟିଏସ୍‌ଜି ଗୁରୁକୁଳ ଛାତ୍ରୀଛାତ୍ରଙ୍କ ବାଜିମାତ୍

ଟିଏସ୍‌ଜି ଗୁରୁକୁଳର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ୧୩୦ ଜଣ ପରୀକ୍ଷା ଦେଇଥିବାବେଳେ ଈପ୍ସିତା ବେଉରା ୯୭% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀରେ ମୋଟ ୨୧୪ ଜଣ ପରୀକ୍ଷା ଦେଇଥିବା ବେଳେ ବିଷ୍ଣୁପ୍ରିୟା ପରିଡ଼ା ୯୬% ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ରହିଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଶାରଦା ପ୍ରସାଦ ମିଶ୍ର ଏବଂ ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ: ଦଶମରେ ଭାବନା, ଦ୍ୱାଦଶରେ ଶାଶ୍ୱତ ଟପ୍ପର

ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲରେ ଦଶମ ଶ୍ରେଣୀରେ ୩୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୫୩ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଭାବନା ଅଗ୍ରୱାଲ ୯୭.୮% ନମ୍ବର ରଖି ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ କୃତିତ୍ୱ ଅର୍ଜନ କରିଛନ୍ତି। ବି. ପ୍ରତ୍ୟୁଷ ଏବଂ ରୋଜାଲିନ ସ୍ୱାଇଁ ୯୭.୪% ନମ୍ବର ରଖି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶରେ ୨୦୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଶାଶ୍ୱତ ରଥ ବିଜ୍ଞାନରେ ୯୭.୨% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ଅଭିଷେକ ତ୍ରିପାଠୀ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ମଧୁଲିକା ଚକ୍ରବର୍ତ୍ତୀ ୯୫% ଏବଂ କଳାରେ ଚନ୍ଦନ କୁମାର ବେହେରା ୮୫.୨% ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

ଭୁବନେଶ୍ୱର ଉପକଣ୍ଠ ମଳିପଡ଼ାସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ସମସ୍ତ ଛାତ୍ରୀଛାତ୍ର ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀରେ ୨୫ ଓ ଦ୍ୱାଦଶ ଶ୍ରେଣୀରେ ୨୦ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ମଣ୍ଡନ କରିଛନ୍ତି। ଦଶମରେ ଅଭିଜିତ ଦାସ ଓ ଅନଭି ଅଳଂକ୍ରିତା ଏବଂ ଦ୍ୱାଦଶରେ ଚନ୍ଦ୍ରକାନ୍ତ ସାହୁ ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲର ଚେୟାରମ୍ୟାନ ପବିତ୍ର ରାଉତରାୟ, ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ଏବଂ ଅଧ୍ୟକ୍ଷା ନମ୍ରତା ସିଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ: ଦ୍ୱାଦଶ ବାଣିଜ୍ୟରେ ଧୀରଜ ଧାନୁକା ଟପ୍ପର

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଉଭୟ ଦ୍ୱାଦଶ ଏବଂ ଦଶମରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ଦ୍ୱାଦଶ ବାଣିଜ୍ୟରେ ୯୮.୮% ମାର୍କ ରଖି ଧୀରଜ ଧାନୁକା, ହ୍ୟୁମାନିଟିଜ୍‌ରେ ୯୮.୨% ମାର୍କ ରଖି ଅନୁଷ୍କା ପଣ୍ଡା ଏବଂ ବିଜ୍ଞାନରେ ୯୭.୬% ମାର୍କ ରଖି ଏନ୍. ଶ୍ରେୟା ଆମୋଲିକା ସ୍କୁଲ୍ ଟପ୍ପର ହୋଇଛନ୍ତି। ଚଳିତ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦.୨୭ ପ୍ରତିଶତ ଛାତ୍ରୀଛାତ୍ର ୯୫% ମାର୍କରୁ ଅଧିକ ରଖିଥିବା ବେଳେ ୯୦%ରୁ ଅଧିକ ୪୪.୬ ପ୍ରତିଶତ ଛାତ୍ରୀଛାତ୍ର ରଖିଛନ୍ତି। ସେହିପରି ୭୫ ପ୍ରତିଶତ ଛାତ୍ରୀଛାତ୍ର ୯୧.୫%ମାର୍କରୁ ଅଧିକ ରଖି କୃତିତ୍ୱ ହାସଲ କରିଛନ୍ତି। ଦଶମ ବୋର୍ଡ ପରୀକ୍ଷାରେ ୯୯.୨% ମାର୍କ ରଖି ଆହାନ୍ ପରିଜା ସ୍କୁଲ ଟପ୍ପର୍ ହୋଇଥିବା ବେଳେ ୯୮.୮% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ହର୍ଷ ଅଗ୍ରୱାଲ ଏବଂ ୯୮.୬% ମାର୍କ ସହ ଅନୁଷ୍କା ପଣ୍ଡା, ବଲ୍ଲଭ ସାଇରମଣ ଅଗ୍ରୱାଲ୍ ଓ ସ୍ୱାଗତ୍ ମହାପାତ୍ର ତୃତୀୟ ସ୍ଥାନରେ ରହିଛନ୍ତି।

# ସାଇ ରେସିଡେନ୍ସିଆଲ୍ ସ୍କୁଲର ସଫଳତା

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲର ଛାତ୍ରୀଛାତ୍ର ସିବିଏସ୍‌ଇ ଦ୍ୱାଦଶ ଏବଂ ଦଶମରେ ନିଖିତ୍ କେଶରା ଓ ଶିଖା ବାଙ୍କ୍ ଦ୍ୱାଦଶ ବାଣିଜ୍ୟରେ ୯୮% ମାର୍କ, ନିତ୍ୟ ସେଠିଆ ଓ କାସିସ୍ ଗୁପ୍ତା ହ୍ୟୁମାନିଟିଜ୍‌ରେ ୯୭ % ମାର୍କ ଓ ବିଜ୍ଞାନରେ ୯୬% ମାର୍କ ରଖି ପ୍ରେୟାନ୍ସ ଟିବେରିୱାଲ ସ୍କୁଲ୍ ଟପ୍ପର ହୋଇଛନ୍ତି। ଦଶମ ବୋର୍ଡ ପରୀକ୍ଷାରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ଫଳାଫଳ କରିଛି। ୯୭.୨% ମାର୍କ ରଖି ଅର୍ଚ୍ଚିତ୍ ଅଗ୍ରୱାଲ ସ୍କୁଲ ଟପ୍ପର ହୋଇଥିବା ବେଳେ ୯୬.୬% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଶିବ ଅଗ୍ନିହୋତ୍ରୀ ଓ ୯୪.୨% ମାର୍କ ରଖି ମୟଙ୍କ କୁମାର ବେରିୟା ତୃତୀୟ ସ୍ଥାନରେ ରହିଛନ୍ତି। ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଶୁଭେଚ୍ଛା ଜଣାଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରି ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଉଚ୍ଚଶିକ୍ଷାର ବିସ୍ମୟ: ଯୁବୋଦୟ

ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଯୁବୋଦୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ସମୁଦାୟ ୩୩ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀ କ୍ରିତି ସାମନ୍ତରାୟ ସର୍ବାଧିକ ୯୭ ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି। ସିମ୍ପଲ ପଟ୍ଟନାୟକ ୯୬.୪, କୃତ୍ତିକା ସାହୁ ୯୬.୨, ପ୍ରତୀକ୍ଷା ପ୍ରିୟଦର୍ଶିନୀ ପାତ୍ର ୯୫.୪ ପ୍ରତିଶତ ନମ୍ବର ରଖିଛନ୍ତି। ଯୁବୋଦୟ ଶିକ୍ଷାନୁଷ୍ଠାନର ସମୁଦାୟ ୪୧୯ ଛାତ୍ରୀଛାତ୍ର ମଧ୍ୟରୁ ୩୭୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୬୪ ଜଣ ୭୦ ପ୍ରତିଶତ, ୧୨୮ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି।

# ସେନ୍ ଗ୍ଲୋବର ଶତ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସ୍ପେସିଆଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି। ସେନ୍ ଗ୍ଲୋବର ୪ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସେନ ଗ୍ଲୋବର ଛାତ୍ରୀଛାତ୍ର ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିରେ ୭ଜଣ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଜେଇଏମ୍ ସ୍କୁଲ: ଦ୍ୱାଦଶରେ ପ୍ରିୟାଂଶୁ, ଦଶମରେ ସୋମେଶ ଟପ୍ପର

ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ (ବିଜେଇଏମ୍) ସ୍କୁଲରେ ୧୫୬ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟାଂଶୁ ନନ୍ଦ ସର୍ବାଧିକ ୯୭% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ୯୩.୮% ମାର୍କ ରଖି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ସ୍ନେହା ଦାସ ଓ ଆଇଶା ପଣ୍ଡା ରହିଥିବାବେଳେ ଆୟୁଷ ଷଡ଼ଙ୍ଗୀ ୯୩% ମାର୍କ ରଖି ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ଆଦିତି ମହାନ୍ତି ୯୫.୪% ମାର୍କ ରଖି ପ୍ରଥମ ହୋଇଛନ୍ତି। ଦେବାଂଶୀ ସାହୁ ୯୪.୬% ମାର୍କ ସହ ଦ୍ୱିତୀୟ ଏବଂ ପଦ୍ମଜା ଦାସ ୯୪% ମାର୍କ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଦଶମ ପରୀକ୍ଷାରେ ୨୪୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ସୋମେଶ ପ୍ରଧାନ ୯୯.୬% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଶୂନ୍ୟଚାନ୍ଦ ସାମଲ ୯୮.୬% ଏବଂ ତୃତୀୟ ସ୍ଥାନରେ ଈଶାନ ଦାସ ୯୮.୪% ନମ୍ବର ରଖିଛନ୍ତି।

**ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

ଚାରିଛକ,(ଶିଶିର କୁମାର ସ୍ୱାଇଁ)-ଚାରିଛକ ନିକଟସ୍ଥ ଛଣିଜଙ୍ଗ ଗ୍ରାମରେ ଶ୍ରୀଶ୍ରୀ ରାଧାକାନ୍ତ ଦେବଙ୍କ ପାଠରେ ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ପାଇଁ ଗ୍ରାମ ପୋଖରୀରୁ କଳସଧାରୀମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞରେ କର୍ତ୍ତାଙ୍କ ଭାବେ କଳ୍ପନା ମହାପାତ୍ର ଓ ନିବେଦିତା ମହାପାତ୍ର, ରତିକାନ୍ତ ଦାଶ ଓ ମିତା ଦାଶ, ମନୋଜ ମହାପାତ୍ର ଓ କଳ୍ପନା ମହାପାତ୍ର ଯଜ୍ଞ ପୂଜାରେ ବସିଥିଲେ। ଏହି ଯଜ୍ଞ ୩ ଦିନ ଧରି ଚାଲିଥିଲା। ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞରେ ଛଣିଜଙ୍ଗ ଗ୍ରାମର ଅକ୍ଷୟ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ମହେନ୍ଦ୍ର କୁମାର ମହାପାତ୍ର, ଜ୍ଞାନ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ମନୋରଞ୍ଜନ ମହାପାତ୍ର, ଅନିଲ ମହାପାତ୍ରଙ୍କ ସମେତ ଛଣିଜଙ୍ଗ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### କପିଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ତ୍ରିଲୋଚନପୁର ଗ୍ରାମର ଆରାଧ ଠାକୁର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବଙ୍କ ପୀଠରେ ୬ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

### ଆରପାରିରେ ସାହିତ୍ୟିକ ବଳରାମ ଦାସ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ବିଶିଷ୍ଟ କବି ତଥା ସାହିତ୍ୟିକ ଡ. ବଳରାମ ଦାସ(୮୨)ଙ୍କ ବୁଦ୍ଧ ପୂର୍ଣ୍ଣିମା ଦିନ ବିଳମ୍ବିତ ରାତିରେ ସର୍ବୋଦୟନଗରସ୍ଥିତ 'ଶଙ୍ଖନାଭି' ବାସଭବନଠାରେ ପରଲୋକ ଘଟିଛି। ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ଶବ ଶୋଭାଯାତ୍ରାରେ ଗୀତିକାର ବଦ୍ରି ମିଶ୍ର, କବି ଶ୍ୟାମପ୍ରକାଶ ସେନାପତି, ଇଂ. ମୀନକେତନ ମିଶ୍ର, ଶିକ୍ଷାବିତ୍ ଦିଲୀପ କୁମାର ସ୍ୱାଇଁ, ପ୍ରଭାତ ରଞ୍ଜନ ମହାପାତ୍ର, ପ୍ୟାରୀମୋହନ ପଟ୍ଟନାୟକ, ଶିଶୁ କବି ସତ୍ୟନାରାୟଣ ମିଶ୍ର, ଚିନ୍ମୟ ବିବେକ, ମାନସ ରଞ୍ଜନ ମହାପାତ୍ର, କାମଦେବ ମହାରଣା, ଆଲୋକ କୁମାର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦେବୀପ୍ରସନ୍ନ ନନ୍ଦ, ବିଜୟ କୁମାର ପଣ୍ଡା, କ୍ଷିପ୍ରା ମହାପାତ୍ର, ଶିବସୁନ୍ଦର ମିଶ୍ର, ଅନାମ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ଦୁର୍ଗାମାଧବ ନନ୍ଦ, କବି ଉମାକାନ୍ତ ମହାପାତ୍ର, ରବିନାରାୟଣ ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ଦାସ, କମଳାକାନ୍ତ ଦାଶ, ଶିକ୍ଷାବିତ୍ କାର୍ତ୍ତିକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସଙ୍କ ପୁଅ ତନ୍ମୟ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ପତ୍ନୀ ମାୟା ଦାସ, ବୋହୂ ପୂର୍ଣ୍ଣିମା ଦାସ, ଝିଅ ସରିତା ଦାସ, ଜ୍ୱାଇଁ ହୃଷୀକେଶ ତ୍ରିପାଠୀ ଓ ଆତ୍ମୀୟ ମାନସ ଦାସ ଉପସ୍ଥିତ ଥିଲେ। ଏଥିସହ ଓଡ଼ିଶାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ଅନେକ ଗଳ୍ପ, କବିତା, ପ୍ରବନ୍ଧ ପ୍ରକାଶିତ ହୋଇଛି। ତାଙ୍କ ପ୍ରତିଭା ଲାଗି ଓଡ଼ିଶାର ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି।

### ଆପଣଙ୍କ ସେବାରେ ଅନୁଷ୍ଠାନର ସେବା ଶିବିର

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ 'ଆପଣଙ୍କ ସେବାରେ' ପକ୍ଷରୁ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର ଓ ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଚଣ୍ଡ ରୌଦ୍ରତାପରୁ ଭକ୍ତମାନଙ୍କ ଆଶ୍ୱସ୍ତି ନିମନ୍ତେ ଅନୁଷ୍ଠାନର ସଭ୍ୟମାନେ ସ୍ପ୍ରେ ମାଧ୍ୟମରେ ଜଳ ସିଞ୍ଚନ ଓ ଟଙ୍କତୋରାଣି, ଦହି ସର୍ବତ ଓ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ମାର୍ଗଦର୍ଶକ ମନୋଜ ରଥ, ରାଜ୍ୟ ଉପସଭାପତି ବିଜୟ କୃଷ୍ଣ ବ୍ରହ୍ମା, ମୁଖପାତ୍ର ଓ ଗଣମାଧ୍ୟମ ପ୍ରଭାରୀ ଜଗଦୀଶ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର, ଦେବାନନ୍ଦ ମିଶ୍ର, ବିନୋଦ ସେନାପତି, ସୁବାସ ଚନ୍ଦ୍ର ଘଡ଼େଇ, ସେବା ସଚିବ ଦେବେନ୍ଦ୍ର ମହାରଣା, ଦିଲୀପ କୁମାର ନନ୍ଦ, ସବିତା ରଥ, ସତ୍ୟନାରାୟଣ ପଟ୍ଟନାୟକ, ଦେବାଂଶୁ ମହାରଣା, ଦେବୀପ୍ରସାଦ ବ୍ରହ୍ମା, ଶ୍ରବଣ ପ୍ରଧାନ, ଭଗବାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ

- ଅଭିଯୁକ୍ତ ଧରମ ମାମୁ ଗିରଫ
- ଘର ସାମ୍ନାରେ ଖେଳୁଥିବା ବେଳେ ଶିଶୁକୁ ନେଇଗଲେ

ଭୁବନେଶ୍ୱର,୧୩।୫(ସତ୍ୟଜିତ ରାଉତ)

ଭୁବନେଶ୍ୱରରେ ପୁଣି ଶିଶୁ ଅପହରଣ ଘଟଣା ସାମ୍ନାକୁ ଆସିଛି। ଭୋଇନଗର ଅଞ୍ଚଳରେ ମଙ୍ଗଳବାର ଏକ ୪ବର୍ଷର ଶିଶୁଙ୍କୁ ଅପହରଣ ଅଭିଯୋଗରେ ଧରମ ମାମୁଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବେଙ୍ଗାଲୁରୁରେ ରହୁଥିବା କନ୍ଧମାଳର ସୋନୁ କୁମାର(୨୭)। ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ରହୁଥିବା ସୋନୁଙ୍କ ସମ୍ପର୍କୀୟ ବିଶାଲ ଦିଗଲଙ୍କୁ ମଧ୍ୟ ପୋଲିସ ଏହି ମାମଲାରେ ଅଟକ ରଖିଛି। ଘଟଣାରେ ବିଶାଲଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଚାଲିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

ସୂଚନାନୁଯାୟୀ, ଶିଶୁଟିର ମା' ଗୋରିତା ସିଂ ଓ ବାପା ରାଜକୁମାର ମଲ୍ଲିକ ଭୋଇନଗରରେ ରହୁଛନ୍ତି। ତେବେ କିଛିବର୍ଷ ତଳେ ଗୋରିତା ବେଙ୍ଗାଲୁରୁରେ ରହୁଥିବା ତାଙ୍କ ସାନ ଭଉଣୀ ପାଖକୁ ବୁଲିବାକୁ ଯାଇଥିଲେ। ସେହି ସମୟରେ ବେଙ୍ଗାଲୁରୁରେ ରହି ମିସ୍ତ୍ରି ଭାବେ କାମ କରୁଥିବା ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ତେବେ ଗୋରିତା ଭୁବନେଶ୍ୱର ଫେରିବା ପରେ ସୋନୁଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ସୋନୁ ସୋମବାର ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସିଥିଲେ। ସେ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇ ଭେଟିଥିଲେ। ସନ୍ଧ୍ୟାରେ ସେ ପଳାଇ ଯାଇଥିଲେ। ପରେ ଗୋରିତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ସୋନୁ ଆସି ଘର ନିକଟରେ ଜଗି ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ବେଳେ ଘର ଭିତରେ ମା'ବାପା ଥିବାବେଳେ ଶିଶୁଟି ବାହାରେ ଖେଳୁଥିଲା। ଏହି ସମୟରେ ସୋନୁ ତାକୁ ଅପହରଣ କରିନେଇଥିଲେ। ସେପଟେ ପୁଅକୁ ନ ପାଇ ମା'ବାପା ହତବାକ ହୋଇଯାଇଥିଲେ। ପରିବାର ଲୋକେ ଅପରାହ୍ନ ୫ଟା ଯାଏ ବହୁ ଖୋଜାଖୋଜି କଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ସନ୍ଧ୍ୟାରେ ଗୋରିତା ଶହୀଦନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୩୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ମୋବାଇଲ ଟ୍ରାକ୍ କରିବା ପରେ ସୋନୁ ସାଲିଆ ସାହିରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ୩ଘଣ୍ଟା ଭିତରେ ପୋଲିସ ଟିମ୍ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ସୋନୁଙ୍କୁ ଗିରଫ କରିଥିଲା। ସୋନୁଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଉପେନ୍ଦ୍ର ମହଲାଙ୍କୁ ନାରଦ ସମ୍ମାନ

ଭୁବନେଶ୍ୱର, ୧୩। ୫ (ସୌମ୍ୟରଞ୍ଜନ ରାଉତ)



ବରିଷ୍ଠ ଖବରଦାତା ଉପେନ୍ଦ୍ର ପ୍ରସାଦ ମହଲାଙ୍କୁ ଅତିଥିମାନେ 'ନାରଦ ସମ୍ମାନ' ପ୍ରଦାନ କରୁଛନ୍ତି ।

ବିଶ୍ୱ ସମ୍ବାଦ କେନ୍ଦ୍ର ଓଡିଶା ପକ୍ଷରୁ ସ୍ତମ୍ଭକାର ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଏକବିଂଶତମ ନାରଦ ସମ୍ମାନ ଉତ୍ସବ ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉପେନ୍ଦ୍ର ପ୍ରସାଦ ମହଲାଙ୍କୁ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ୨୦୨୫ ବର୍ଷ ଲାଗି ନାରଦ ସମ୍ମାନରେ ସମ୍ମାନିତ କରାଯାଇଛି। ମହଲାଙ୍କୁ ମାନପତ୍ର, ଉତ୍ତରୀୟ, ନାରିକେଳ ଓ ୨୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେ ୧୯୮୪ରେ ଧରିତ୍ରୀ ଖବରକାଗଜରେ କାର୍ଯ୍ୟ ଆରମ୍ଭ କରି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ଓ ପ୍ରଖ୍ୟାତଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଆସୁଛି। ସାମ୍ବାଦିକ ସ୍ୱର୍ଗତ ଭଗବାନ ନାୟକବର୍ମା, ସ୍ୱର୍ଗତ ଗୋପାଳ ମିଶ୍ର, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ, ସ୍ୱର୍ଗତ ଅରୁଣ କୁମାର ପଣ୍ଡା, ରାଜାରାମ ଶତପଥୀ, ଗୋପାଳକୃଷ୍ଣ ମହାପାତ୍ର, ଭାସ୍କର ପରିଚ୍ଛା, ସୁଧୀର କୁମାର ଦାଶ, ଭାଗୀରଥ ମହାସୁଆର, ଜଗବନ୍ଧୁ ମିଶ୍ର, ପ୍ରତାପ ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପ୍ରଭୁ କଲ୍ୟାଣ ମହାପାତ୍ର, ଶିବନାରାୟଣ ସିଂହ, ତପନ ମିଶ୍ର, ସୁବ୍ରତ ଦାସ, ଆର୍ତ୍ତ ମିଶ୍ର, ଅଭୟ କୁମାର ଦ୍ୱିବେଦୀ, ଡ. ଅସିତ ମହାନ୍ତି ପ୍ରମୁଖ ନାରଦ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରିଗେଡିୟର ଡ. ଲକ୍ଷ୍ମୀ ଚରଣ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ସାପ୍ତାହିକ ଇଂଲିଶ ପତ୍ରିକା ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେତ୍‌କର ଯୋଗଦେଇଥିଲେ। ଏହି ଅବସରରେ ୟୁନିଟ-୮ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତର ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ଏବଂ ଆଇନଜୀବୀ ସାଇ ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ମାନପତ୍ର ପାଠ କରିଥିଲେ। ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

### ରବିଶଙ୍କରଙ୍କ ୬୯ତମ ଜୟନ୍ତୀ

ପୁରୀ,୧୩।୫(ଅଜିତ କୁମାର ମହାନ୍ତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୯ତମ ଜୟନ୍ତୀ ପୁରୀ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ପୁରୀ ପୌର ସଦନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରେ ଗୁରୁଜୀ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରଦତ୍ତ ସୁଦର୍ଶନ କ୍ରିୟା ପୁରୀ ସମେତ ବିଶ୍ୱର ୧୮୦ଟି ଦେଶରେ ଏକ ସମୟରେ ହୋଇଥିଲା। ପୁରୀରେ ପ୍ରଶିକ୍ଷକ ପ୍ରଦୀପ ସାହୁ, ଅଶୋକ ମିଶ୍ର, ଗୀତା ଜେମାଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ ହୋଇଥଲା। ସୁବାସ ଦାଶଙ୍କ ଦ୍ୱାରା ଗୁରୁ ପୂଜା ଅନୁଷ୍ଠିତ ହୋଇଥିଲା। ପରେ କଚେରି ଛକରେ ଅଶୋକ ଚୌଧୁରୀ ଓ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଦହି ସରବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ମହାସତ୍‌ସଙ୍ଗ ଆୟୋଜନ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉମେଶ ଦାଶ, ଜଗନ୍ନାଥ ସାହୁ ଓ ଅଭୟ ନାୟକ ଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ବ୍ରଜକିଶୋର ସାହୁଙ୍କ ସମେତ ଅରୁଣ ମହାନ୍ତି, ପ୍ରବୀର ମହାନ୍ତି, ଶ୍ରୀନିବାସ ପାତ୍ର, ନକୁଳ ସାହୁ, ସଞ୍ଜୀବ ସିହ୍ନା, ପ୍ରଦୀପ ଚାଟାର୍ଜୀ, ସମରେନ୍ଦ୍ର ନାୟକ ଦେବରାଜ ଦାସ ପରିଚାଳନା କରିଥିଲେ। ପୁରୁଷୋତ୍ତମ ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

# ପୀଡ଼ିତ ପରିବାରକୁ ତୁରନ୍ତ ନ୍ୟାୟ ଦିଆଯାଉ


କଂଗ୍ରେସ ସଭାନେତ୍ରୀ ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ପିପିଲିରେ ବାରମ୍ବାର ବଳାତ୍କାର ଘଟଣା ନେଇ ଖବରଦାତା ସମ୍ମିଳନୀ**

ପିପିଲି,୧୩।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିରେ ବାରମ୍ବାର ବଳାତ୍କାର ଘଟଣା ଘଟିବାର ଲାଗିଛି। ଗତ ଦେଢ଼ ମାସ ମଧ୍ୟରେ ୬ଟି ବଳାତ୍କାର ଘଟଣା ସାରା ପିପିଲିକୁ ନିନ୍ଦିତ କରିଥିବାବେଳେ ଏନେଇ ପୁରୀ ଜିଲା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର ମୁହଁ ଖୋଲିଛନ୍ତି। ଉକ୍ତ ଘଟଣା ନେଇ ସଭାନେତ୍ରୀ ନିରୁପମା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି ସ୍ଥାନୀୟ ପୋଲିସ, ପ୍ରଶାସନ ଉପରେ ବର୍ଷିଛନ୍ତି। ସଭାନେତ୍ରୀ କହିଛନ୍ତି, ଥାନାରେ ବଳାତ୍କାର ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସି ରହୁଛି। ରାଜନୈତିକ ଚାପରେ ଆସି ପୋଲିସ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବାରୁ ଅସାମାଜିକ ବ୍ୟକ୍ତି ଏହାର ଫାଇଦା ଉଠାଉଛନ୍ତି। ଫଳରେ ଅନେକ ନାବାଳିକା ଅସଦାଚରଣର ଶିକାର ହେଉଛନ୍ତି। ପିପିଲିରେ ଏଭଳି ଘଟଣା ବାରମ୍ବାର ଘଟୁଥିବାବେଳେ ଶାସକ ଦଳର ବିଧାୟକ କ'ଣ ପାଇଁ ଚୁପ୍ ଅଛନ୍ତି ବୋଲି ସଭାନେତ୍ରୀ ପ୍ରଶ୍ନ କରିଛନ୍ତି।

ଏହାସହ ପିପିଲିରେ ନିଶା କାରବାର ଅହେତୁକ ବୃଦ୍ଧି ଏଭଳି ଘଟଣା ଘଟାଇବାକୁ ଖୋରାକ ଯୋଗାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ଘଟିଥିବା ଘଟଣାର ପୀଡ଼ିତା ପରିବାରକୁ ସରକାର ୧୦ ଲକ୍ଷ ଟଙ୍କା ଯୋଗାଇ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଯଦି ଠିକ୍ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ କଂଗ୍ରେସ ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାନେତ୍ରୀ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସମ୍ମିଳନୀ ପରେ ସଭାନେତ୍ରୀ ପାତ୍ର ଏଭଳି ଘଟଣା ନେଇ ପିପିଲି ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମରଣଯନ୍ତା ପାଲଟିଛି ରାଜୁଆ ସେତୁ


ଶୋଚନୀୟ ଅବସ୍ଥାରେ ରାଜୁଆ ସେତୁ ।

କଣାସ,୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ସେତୁ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାସ୍ତାଘାଟ ଓ ସେତୁ ଅର୍ଦ୍ଧ ଭଗ୍ନାଂଶରେ ପଡ଼ି ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣାସ ବ୍ଲକର ଗଡ଼ବଡ଼ପୁଟ ଗ୍ରାମ ନିକଟରେ ଥିବା ରାଜୁଆ ନଦୀ ସେତୁର ସୁରକ୍ଷା ବାଡ଼ ଭାଙ୍ଗି ଯାଇଥିବାବେଳେ ଏଥିରେ ବାଉଁଶ ବନ୍ଧା ଯାଇଛି। ସେତୁର ଉପରି ଭାଗରୁ କଂକ୍ରିଟ ଛାଡ଼ି ଲୁହାରଡ଼ ଦେଖାଯାଉଛି। ସେତୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବାରୁ କିପରି ଅଧିକାରୀଙ୍କୁ ଦେଖାଯାଉନାହିଁ, ତାହା ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। କଣାସ, ଡେଲାଙ୍ଗ, ସତ୍ୟବାଦୀ ବ୍ଲକର ୪୦ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତବାସୀ ଏହି ସେତୁ ଦେଇ ଖୋର୍ଦ୍ଧା ଯାତାୟାତ କରନ୍ତି। ସେତୁଟି କେତେବେଳେ ବି ଭୁଶୁଡ଼ି ପଡ଼ିବ, ତାହା କୁହାଯାଇ ନ ପାରେ। ସେତୁର ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନାହିଁ।

# ବୁଦ୍ଧଙ୍କ ନୀତି ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ



ବୁଦ୍ଧ ପୂର୍ଣ୍ଣିମା ଅବସରରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

ପିପିଲି,୧୩।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ନିକଟ ବିଲିପଡ଼ା ଗ୍ରାମସ୍ଥିତ ବୁଦ୍ଧ ପୀଠରେ ବୁଦ୍ଧପୂର୍ଣ୍ଣିମା ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ସଙ୍ଗଠନ ସଭାପତି ଗଙ୍ଗାଧର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବରିଷ୍ଠ ଆଇନଜୀବୀ କବିରାଜ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବୁଦ୍ଧଙ୍କ ଅନୁଶାସନରେ ଅନୁପ୍ରାଣିତ ହେବାକୁ ପୌରାଣିକ କିମ୍ବଦନ୍ତୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କାହ୍ନୁଚରଣ ବେହେରା, ଅନ୍ୟତମ ଅତିଥି ସାମାଜିକ କର୍ମୀ ତମନା ଭୋଇ, ସିପିଆଇ ଏମ୍.ଏଲ୍. ନେତା ଅଶୋକ ପ୍ରଧାନ, ଅବସରପ୍ରାପ୍ତ ଆର୍‌ଟିଓ ଅମିୟ ଭୂଷଣ ବୌଦ୍ଧ, ଗ୍ରାମ ସଭାପତି ଗୋପୀନାଥ ମାଝୀ, ରାଷ୍ଟ୍ରୀୟ ବୌଦ୍ଧ ମହାସଭା ଓଡ଼ିଶା ଶାଖା ରାଜ୍ୟ ଅଧ୍ୟକ୍ଷ ରାଜେନ୍ଦ୍ର ଭକ୍ତ ବୌଦ୍ଧ, ମହାସଚିବ ଧନଞ୍ଜୟ ବୌଦ୍ଧ, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଉତ୍ତମ ମଣିଷ ଗଢ଼ି ତୋଳିବାରେ ବୁଦ୍ଧଙ୍କ ନୀତି ଆଦର୍ଶକୁ ଅନୁସରଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀ ଏବଂ ମାଟ୍ରିକ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିବା ପାୟଲ ଭାରତୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରର ୨୫ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ବାମଦେବ ବେହେରା, ସର୍ବେଶ୍ୱର ଭାରତୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ପବିତ୍ର ନାରଦ ଜୟନ୍ତୀ ଅବସରରେ ସ୍ଥାନୀୟ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ର ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲା ପ୍ରଚାର ବିଭାଗ ଆନୁକୂଲ୍ୟରେ ଆଦ୍ୟ ଖବରଦାତା ଦେବର୍ଷି ନାରଦଙ୍କ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଏହା ମତବ୍ୟକ୍ତ କରିଥିଲେ। ଜିଲା ପ୍ରଚାର ପ୍ରମୁଖ ପ୍ରଶାନ୍ତ ପଣ୍ଡା ଓ ପାଳକ ଅଧିକାରୀ ବାମଦେବ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଅଧ୍ୟକ୍ଷ ରାଜକିଶୋର ସାହୁ, ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ଅରବିନ୍ଦ ଶତପଥୀ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପୃଷ୍ଟି, ବାମଦେବ ନାୟକ ପ୍ରମୁଖ ୧୦ ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ର କଲ୍ୟାଣ ପାଇଁ ନିଜ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନା କରୁଥିଲେ ଦେବର୍ଷି ନାରଦ। ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ ନାରଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

### ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ

ଭୁବନେଶ୍ୱର, ୧୩।୫(ସୌମ୍ୟରଞ୍ଜନ ରାଉତ)

ପଶ୍ଚିମବଙ୍ଗରେ ଏବେ ଅରାଜକତା ଚାଲିଛି। ସାମ୍ବିଧାନକୁ ଅସମ୍ମାନ କରାଯାଇ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଯାଉଛି। ପଶ୍ଚିମବଙ୍ଗରେ ଆଇନ୍ ଶାସନ ଚାଲୁନାହିଁ। ତେଣୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି ପୁରୀର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ରାଜଭବନରେ ଶ୍ରୀଜଗନ୍ନାଥ ସେନାର କର୍ମକର୍ତ୍ତାମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେନାର ରାଷ୍ଟ୍ରୀୟ ଆବାହକ ଆଇନ୍‌ଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି, ପଶ୍ଚିମବଙ୍ଗ ସରକାର ହିନ୍ଦୁ ବିରୋଧୀ। କାରଣ ସେଠାରେ ହିନ୍ଦୁମାନଙ୍କୁ ସୁରକ୍ଷା ଦେବାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଫଳ ହୋଇଛନ୍ତି। ଫଳରେ ସେହି ରାଜ୍ୟରେ ହିନ୍ଦୁମାନଙ୍କୁ ସର୍ବାଧିକ ନିର୍ଯାତନା ଦିଆଯାଉଛି। ପାକିସ୍ତାନରେ ଯେପରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଉଛି, ସେହିପରି ପଶ୍ଚିମବଙ୍ଗରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଉଛି ଓ ସେଠାକାର ଏକଛତ୍ରବାଦୀ ମମତା ସରକାର ଏହାକୁ ସହ୍ୟ କରୁଛନ୍ତି। ତେଣୁ ଏହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବାର ଯଥେଷ୍ଟ କାରଣ ରହିଛି ବୋଲି ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

# ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥଧାମ ଶାଖାର ବାର୍ଷିକୋତ୍ସବ

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖାର ବାର୍ଷିକ ଉତ୍ସବ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବ ଅଧିକାର କମିଶନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ, ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ମହିଳା ସହଭାଗିତା କ୍ଷେତ୍ରୀୟ ସଚିବ ସୁପ୍ରୀତ୍ ରଥ, ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତୀୟ ଅଧ୍ୟକ୍ଷ ସତ୍ୟବାଦୀ ଦାଶ, ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ଧାମ ଶାଖାର ସଚିବ ସନ୍ତୋଷ କୁମାର ମହାନ୍ତିଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨୦୨୫-୨୬ ମସିହା ପାଇଁ ନୂତନ ଅଧ୍ୟକ୍ଷ ଭାବେ ଡ. ନାରାୟଣ ଚନ୍ଦ୍ର ଦାଶ, ସଚିବ ସନ୍ତୋଷ କୁମାର ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ହର ପ୍ରସାଦ ମହାପାତ୍ର, ସମ୍ପର୍କ ଆବାହକ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ସଂସ୍କାର ଆବାହକ ବୁଦ୍ଧଦେବ ମହାପାତ୍ର, ସେବା ଆବାହକ ରାଜେଶ୍ୱର ମହାରଣା, ପର୍ଯ୍ୟାବରଣ ଆବାହକ ପତିତପାବନ ସାମନ୍ତରାୟ, ମହିଳା ସହଭାଗିତା ଉର୍ମିଳା ସ୍ୱାଇଁଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଶ୍ରୀକ୍ଷେତ୍ର ଶାଖାର ଅଧ୍ୟକ୍ଷ ଭାବେ ଡ. କମଲେଶ ପ୍ରଧାନ, ସଚିବ ବିଶ୍ୱଶାନ୍ତି ତ୍ରିପାଠୀ, କୋଷାଧ୍ୟକ୍ଷ ଦେବୀପ୍ରସନ୍ନ ପଣ୍ଡା, ସମ୍ପର୍କ ଆବାହକ କୁମାର ଭୀମସେନ, ସେବା ଆବାହକ ନମନ ଅଗ୍ରୱାଲ, ସଂସ୍କାର ଆବାହକ ସୌର ଭ ଦାସ, ମହିଳା ସହଭାଗିତା ଡ. ସସ୍ମିତା ବନ୍ଧର ନାୟକ, ପର୍ଯ୍ୟାବରଣ ଆବାହକ ବିବେକ ସୁବୁଦ୍ଧି ଶପଥପାଠ କରିଥିଲେ। ତନ୍ମୟ ଚାଟାର୍ଜୀ, ରାଜକିଶୋର ମହାରଣା, ପୀତାମ୍ବର ମହାପାତ୍ର, ରାକେଶ ବାରିକ, ଜୟନ୍ତୀ ମହାପାତ୍ର, ପ୍ରାନ୍ତ ସଂଗଠନ ସଚିବ ରାମଚନ୍ଦ୍ର ଦଳାଇ, କିଶୋର ପାତ୍ର, ପ୍ରାନ୍ତ ଉପାଧ୍ୟକ୍ଷ ଭାବେ ଶ୍ରୀଧର ସାହୁ, ମମତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

# ଦେବର୍ଷି ନାରଦ ଥିଲେ ଦେବଦୂତ, ବିଦ୍ୱାନ

**ଦି ମିଡିଆ ପକ୍ଷରୁ ମହର୍ଷି ନାରଦ ଜୟନ୍ତୀ**

ପୁରୀ,୧୩।୫(ଅଜିତ୍ କୁମାର ମହାନ୍ତି)



ଅତିଥିମାନେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଦି ମିଡିଆ ରାଜ୍ୟସ୍ତରୀୟ କର୍ତ୍ତବ୍ୟରତ ଖବରଦାତା, ସ୍ତମ୍ଭକାର ଓ ଲେଖକ ଫୋରମ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରାଜ୍ୟ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର ଯୋଗଦେଇ କହିଛନ୍ତି, ଦେବର୍ଷି ନାରଦ ଥିଲେ ଦେବଦୂତ ଓ ବିଦ୍ୱାନ। ଭାରତୀୟ ସଂସ୍କୃତିରେ ଦେବର୍ଷି ନାରଦ ହେଉଛନ୍ତି ଭକ୍ତି ସୂତ୍ରର ପ୍ରଣେତା ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଇଂ. ରାଜେଶ କୁମାର ମିଶ୍ର, ଐତିହାସିକ ମଦନ ମୋହନ ମହାପାତ୍ର, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଓ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫୋରମ୍‌ର ଅଧ୍ୟକ୍ଷ ଖରଦାତା ସରୋଜ କୁମାର ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ।

ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅଭିମନ୍ୟୁ ଭୂୟାଁ, ଡ. କାର୍ତ୍ତିକ କୁମାର ଦାସ, ପଣ୍ଡିତ ସଦାଶିବ ମିଶ୍ର, ଅଧିବକ୍ତା ବିପିନ ବିହାରୀ ଦଳେଇ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଅଶୋକ କୁମାର ମିଶ୍ର, ସ୍ତମ୍ଭକାର ହରିଶଙ୍କର ମିଶ୍ର, ବରିଷ୍ଠ ଖବରଦାତା ବିଶ୍ୱଜିତ୍ ପଟ୍ଟନାୟକ ଓ ସୁରେଶ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା ସତ୍ୟ ନାରାୟଣ ରାଉତରାୟ, ବିକ୍ରମ କେଶରୀ ଆଚାର୍ଯ୍ୟ, ଅଜିତ୍ କୁମାର ମହାନ୍ତି, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର, ଅଧିବକ୍ତା ରତିକାନ୍ତ ପ୍ରତିହାରୀ, ସାମାଜିକ କର୍ମୀ ରୁଚିମିତ୍ରା ଜଗଦେବ ମହାପାତ୍ର ପ୍ରମୁଖଙ୍କୁ ଦେବର୍ଷି ନାରଦ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବକୁ ଖବରଦାତା ନୃସିଂହ ଚରଣ ମହାନ୍ତି, ବେଣୁଧର ପାତ୍ର ଓ ଚନ୍ଦ୍ରମଣି ଦାଶ ପରିଚାଳନା କରିଥିବେଳେ ଖବରଦାତା ସୁବୋଧ କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

**ମହାନଦୀରୁ ଅଚିହ୍ନା ମୃତଦେହ ଜବତ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଜଗତପୁର ଥାନା ଅଧୀନ ଗୁରୁଦ୍ୱାର ନିକଟ ମହାନଦୀରୁ ଜଣେ ଅଚିହ୍ନା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକଙ୍କ ବୟସ ୨୫ରୁ ୨୮ ବର୍ଷ ହେବ ବୋଲି ପୋଲିସ ଅନୁମାନ କରାଯାଉଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ କେତେଜଣ ବ୍ୟକ୍ତି ଗୁରୁଦ୍ୱାର ଯାଉଥିବା ବେଳେ ମହାନଦୀରେ ମୃତଦେହ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନାଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

## ସିବିଏସ୍‌ଇ ପରୀକ୍ଷାଫଳ

# ଖୁସି ମନାଇଲେ ଛାତ୍ରୀଛାତ୍ର

କଟକ,୧୩।୫(କାର୍ତ୍ତିକ ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ (ସିବିଏସଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ପରୀକ୍ଷାର୍ଥୀମାନେ ଭଲ ପ୍ରଦର୍ଶନ କରିଥିବା ଜଣାଯାଇଛି। ଫଳ ପ୍ରକାଶ ପରେ ଛାତ୍ରୀଛାତ୍ରମାନେ ଗୁରୁ, ଗୁରୁଜନ ଓ ମାତାପିତାଙ୍କ ସହ ଖୁସିରେ ମସ୍‌ଗୁଲ ହୋଇଛନ୍ତି।

ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୨୧୭, ବାଣିଜ୍ୟରେ ୫୪ ଓ କଳାରେ ୨୮ ଜଣ ମିଶି ମୋଟ ୨୯୯ ପରୀକ୍ଷାର୍ଥୀ ଶତପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ନିତିଶ୍ ପଟ୍ଟନାୟକ ଓ ଶିଭମ୍ ମିଶ୍ର ୯୮.୨% ନମ୍ବର ରଖି ପ୍ରଥମ, ପିୟୁଷ ସାହୁ ୯୭% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ଅଂଶୁମାନ ଅଭିଷେକ ୯୭% ରଖି ପ୍ରଥମ, ଅଙ୍କିତା ଦାସ ୯୬.୮% ରଖି ଦ୍ୱିତୀୟ ଓ କନିଷ୍କ ଗୁପ୍ତା ୯୫.୬% ରଖି ତୃତୀୟ ହୋଇଛନ୍ତି। କଳାରେ ଶ୍ରୁତି ଶତପଥୀ ୯୭.୪% ରଖି ପ୍ରଥମ, ପ୍ରିନ୍ସ ରୋଜାଲିନ୍ ୯୫.୮% ରଖି ଦ୍ୱିତୀୟ ଓ ରୁଇନା ମିତ୍ର ୯୫.୪% ରଖି ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ଦଶମ ଶ୍ରେଣୀରେ ୪୭୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ଜଣ ଅଙ୍କିତ କୁମାର ସ୍ୱାଇଁ, ଆଶାପର୍ଣ୍ଣା ମହାନ୍ତି, ଗୌରୀଶଙ୍କର ଦାଶ, ଶ୍ରେୟାଂସ ବାରିକ, ଆବିର୍ଭାବ ଠାକୁର ଓ ସ୍ୱସ୍ତିକ ସାହୁ ୯୮% ଲେଖାଏ ନମ୍ବର ରଖିଛନ୍ତି। ଜୀଭିତେଶ ସାମଲ ଓ ଆଶୁତୋଷ ଲେଙ୍କା ୯୭.୮% ଲେଖାଏ ଏବଂ ଅଙ୍କିତା ବିଶ୍ୱାଳ, ଆୟୁଷ ଆଶୁତୋଷ ଦେବତା ଓ ମେଘା ଦାସ ୯୭.୬% ନମ୍ବର ରଖିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତି କୃତୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀର ୧୮୧ଜଣ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୧୭୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ୫ଜଣ ଛାତ୍ରଛାତ୍ରୀ ୯୫%ରୁ ଊର୍ଦ୍ଧ୍ୱ ଏବଂ ୩୨ଜଣ ଛାତ୍ରୀଛାତ୍ର ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଶ୍ରେୟନ ଖୁଣ୍ଟିଆ ୯୬%ନମ୍ବର ରଖି ପ୍ରଥମ, ଅରୋଜ୍ୟୋତି ଚମ୍ପତିରାୟ ଓ ସାଇସ୍ମିତା ତ୍ରିପାଠୀ ୯୫.୮୦% ନମ୍ବର ରଖି ଦ୍ୱିତୀୟ ଏବଂ ଆଦର୍ଶ ଅନୁପମ ମହାନ୍ତି ଓ ନୃତେନ୍ଦୁ ନାୟକ ୯୫.୪୦% ଲେଖାଏ ରଖି ତୃତୀୟ ସ୍ଥାନରେ ଅଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ନିହାରିକା ଗନ୍ତାୟତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଜରିପଡ଼ାସ୍ଥିତ କୃଷ୍ଣମୂର୍ତ୍ତୀ ୱାର୍ଲଡ୍ ସ୍କୁଲର ଦ୍ୱାଦଶ ଶ୍ରେଣୀରେ ସମସ୍ତ ୪୪ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମେହେକ ଅଗରୱାଲ ୯୨.୪% ରଖି ପ୍ରଥମ ଓ ସାର୍ଥକ ଶତପଥି ୯୧% ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଦଶମ ଶ୍ରେଣୀରେ ସମସ୍ତ ୫୫ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ହିଂମାଶୁ କ୍ଷେତ୍ରୀ ୯୮% ରଖି ପ୍ରଥମ ଓ ଚୌଧୁରୀ ବିଶ୍ୱଜିତ ସୁତାର ୯୪.୪% ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ବାଣିଜ୍ୟରେ ନନ୍ଦିନୀ ଉପାଧ୍ୟାୟ ୯୮% ନମ୍ବର ଓ ବିଜ୍ଞାନରେ ଆଶୁତୋଷ ପଟ୍ଟନାୟକ ୯୦.୪% ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ଦଶମ ଶ୍ରେଣୀରେ ଶୁଭ୍ରାଂଶୁ ସାହୁ ୯୮.୬୭% ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ୪୦ଜଣ ଛାତ୍ରୀଛାତ୍ର ୯୦% ନମ୍ବର ରଖିଛନ୍ତି। ବିଦ୍ୟାଳୟର ଫଳ ଶତପ୍ରତିଶତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଜି. ଏସ୍. ପଟ୍ଟନାୟକ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହ ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ପ୍ରଶାସନିକ ଅଧିକାରୀ ଜି.ଏସ. ପଣ୍ଡା ପିଲାମାନଙ୍କୁ ସାଧୁବାଦ ଜଣାଇଛନ୍ତି।

ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲରେ ୬୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ଜଣ ୯୦%ରୁ ଅଧିକ, ୧୬ଜଣ ୮୦%ରୁ ଅଧିକ, ୧୭ଜଣ ୬୦%ରୁ ଅଧିକ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁମନ କୁମାର ରାଉତ ୯୭% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ରିତମ ନାୟକ ୯୬. ୨% ପ୍ରତିଶତ ରଖିବା ସହିତ ଦ୍ୱିତୀୟ ସ୍ଥାନ ଓ ପ୍ରୟାସ କୁମାର ବେହେରା ୯୫% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରିଚାଳନା ନିର୍ଦ୍ଦେଶକ ଚୌଧୁରୀ ସତ୍ୟ ଦାସ, ଅଧ୍ୟକ୍ଷା ମଞ୍ଜୁଶ୍ରୀ ଶାସ୍ତ୍ରୀ ଓ ନିର୍ଦ୍ଦେଶକ ଚୌଧୁରୀ ସଂପତ୍ ଦାସ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ଦେବାଂଶୀ ତିୱାରୀଙ୍କ ଡାକ୍ତର ହେବାକୁ ଲକ୍ଷ୍ୟ

କଟକ,୧୩।୫(ଶିଲ୍ପା ପ୍ରିୟଦର୍ଶିନୀ)


ଦେବାଂଶୀ ତିୱାରୀ

କଟକ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଡା. ଶ୍ରୀକାନ୍ତ ତିୱାରୀ ଓ ଡା. ମୋନାଲିସା ନନ୍ଦଙ୍କ ଝିଅ ଦେବାଂଶୀ ତିୱାରୀ ଚଳିତବର୍ଷ ସିବିଏସଇ ପରୀକ୍ଷାରେ ୯୯.୨ ପ୍ରତିଶତ ମାର୍କ ଆଣି ସ୍କୁଲ ଟପ୍ପର ହୋଇଛନ୍ତି। ଦେବାଂଶୀ କହିଛନ୍ତି, ସ୍କୁଲକୁ ବାଦ ଦେଲେ ପ୍ରତ୍ୟେକ ଦିନ ୪ଘଣ୍ଟା ପାଠ ପଢ଼େ। ସ୍କୁଲରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ଦେଇଥିବା ପରାମର୍ଶ ପରୀକ୍ଷାରେ ବହୁତ କାମ ଦେଇଛି। ନିଜ ଉପରେ ବିଶ୍ୱାସ ଥିଲେ ଏଭଳି ସଫଳତା ପାଇବା କଷ୍ଟ ହେବନାହିଁ। ଯାହା ଆଶା କରିଥିଲି ସେଭଳି ମାର୍କ ପାଇଛି ଏବଂ ବହୁତ ଖୁସି ଅଛି। ଏବେ ନିଟ୍ ପାଇଁ ନିଜକୁ ପ୍ରସ୍ତୁତି କରୁଛି ଏବଂ ଆଗାମୀ ଦିନରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

## ସିବିଏସ୍‌ଇ ପରୀକ୍ଷାରେ ଡିପିଏସ୍ କଳିଙ୍ଗର ଶତପ୍ରତିଶତ ସଫଳତା

ଫୁଲନଖରା,୧୩।୫(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରା ଅଢ଼ାଳିଆସ୍ଥିତ ଡିପିଏସ କଳିଙ୍ଗର ଛାତ୍ରୀଛାତ୍ରମାନେ ଚଳିତବର୍ଷ ସିବିଏସ୍‌ଇ ଦଶମ ଓ ଦାଦଶ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ ୩୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାବେଳେ ଶ୍ରୀମାନ ଜୟାଦିତ୍ୟ ପ୍ରତିହାରୀ ୯୮.୪% ସହିତ ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁନାଲ ମିଶ୍ର ଓ ତନିସ୍କା ମୋହତା ଯଥାକ୍ରମେ ୯୮% ଓ ୯୭.୬% ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଦାଦଶ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟକୁ ଶତ ପ୍ରତିଶତ ସଫଳତା ମିଳିଛି। ମୋଟ ୩୪୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୩ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଦାଦଶ ଶ୍ରେଣୀ ବିଜ୍ଞାନରେ ସ୍ନେହାଶିଷ ଦାସ ୯୭.୪%, ଲକ୍ଷ୍ୟ ଖଣ୍ଡେଲୱାଲ ୯୬.୬% ଓ ରିତେଶ ପରିଜା ୯୬% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟରେ ସମର୍ଥ ଖଟୋର ୯୭% ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ରାଧିକା ଫୋଗଲା ୯୬.୬% ସହ ଦ୍ୱିତୀୟ ଓ ଦୀୟା ସେଠୀ ୯୬.୨% ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି କଳାରେ ଅନିନ୍ଦିତା ପଣ୍ଡା ୯୭.୬% ସହ ପ୍ରଥମ, ନାଇଶା ପାତ୍ରୋ ୯୭.୪% ସହ ଦିତୀୟ ସ୍ଥାନ ଓ ରିତିକା ମହାପାତ୍ର ୯୭.୨% ସହ ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତବର୍ଷର ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟର ପ୍ରୋ–ଭାଇସ ଚେୟାରପର୍ସନ ମାଳା ମିଶ୍ର, ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ, ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ଥଇଥାନ ଦାବି କଲେ ଜଗନ୍ନାଥ ରୋଡ୍ ବସ୍ତି ବାସିନ୍ଦା

କଟକ,୧୩।୫(ଶିଲ୍ପା ପ୍ରିୟଦର୍ଶିନୀ)

କର୍ମସ୍ଥଳୀରେ ଥଇଥାନ ଦାବିରେ ଜଗନ୍ନାଥ ରୋଡ୍ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ୫୪ନଂ. ୱାର୍ଡସ୍ଥିତ ନୂଆବଜାର ଜଗନ୍ନାଥ ରୋଡ୍ ବସ୍ତି ଦୀର୍ଘ ଦଶନ୍ଧି ଧରି ଶ୍ରମଜିବୀ ଲୋକମାନେ ଜରିପାଲ କୁଡ଼ିଆ କରି ରହି ଆସୁଥିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାସିନ୍ଦାମାନଙ୍କୁ ସେହି ସ୍ଥାନରେ କିମ୍ବା ସେହି ନିକଟରେ ଜାଗା ମିଶନରେ ଥଇଥାନ କରିବା, ସମସ୍ତ ବସ୍ତି ବାସିନ୍ଦାମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାସହ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ବହୁବାର ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜାଗା ମିଶନରେ ଉକ୍ତ ସ୍ଥାନରେ ଥଇଥାନ ପାଇଁ ଦାବି କରାଯାଇ ଆସୁଥିବାବେଳେ ଏଥିପ୍ରତି ପଦକ୍ଷେପ ନିଆଯାଇ ନାହିଁ। ଏଦିଗରେ ସିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମଞ୍ଚର ଆବାହକ ଖଗେଶ୍ୱର ସେଠୀ କହିଛନ୍ତି। ଦାବିପତ୍ର ଗ୍ରହଣ କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ମେୟର ସୁବାସ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବସ୍ତି ନେତା ଦିପକ ଦାସ, ସୁକାନ୍ତ ନାୟକ, ଲକ୍ଷ୍ମୀ ସିଂ, ଉଦୟ ଗୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ଖୁଣ୍ଟୁଣୀ,୧୩।୫(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ-ରମ୍ପେଇ ଗ୍ରାମବାସୀଙ୍କ ଦ୍ୱାରା ଗତ ୮ ତାରିଖ ମୋହନୀ ଏକାଦଶୀରୁ ଚାଲିଥିବା ୪୬ତମ ଶ୍ରୀଶ୍ରୀ ନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ରାତିରେ ଉଦଯାପିତ ହୋଇଛି। ପ୍ରତ୍ୟହ ପଣ୍ଡିତ ମଳୟ କରଶର୍ମାଙ୍କ ତତ୍ୱାବଧାନରେ ପଣ୍ଡିତ ମଣ୍ଡଳୀ ସୂର୍ଯ୍ୟପୂଜା, ଗୀତାପାଠ, ଘୃତାହୁତି ଓ ହବନ ଇତ୍ୟାଦି ଯଜ୍ଞ ନାରାୟଣଙ୍କ ମନ୍ତ୍ରଧ୍ୱନୀରେ ଯଜ୍ଞସ୍ଥଳ ଭାବମୟ ପରିବେଶ ସୃଷ୍ଟି କରିଥିଲା। ପୂର୍ଣ୍ଣାହୁତିରେ କମିଟି ସଭାପତି ମନୋଜ କୁମାର ମିଶ୍ର, ବିପିନି ବିହାରୀ ପ୍ରଧାନ, କିଶୋର ସାମନ୍ତରାୟ, ରଜନୀ କାନ୍ତ ଜେନା, ବିଜୟ କୁମାର ସାହୁ, ସଞ୍ଜୟ କୁମର ବେହେରା, ପ୍ରିୟବ୍ରତ ପାତ୍ର, ପ୍ରତାପ ଚନ୍ଦ୍ର ସାହୁ, କୈଳାଶ ଦାସ, ସୁଧୀର କୁମାର ଦାଶ, ସତ୍ୟରଞ୍ଜନ ରାଉତ, ଦିଲୀପ ରାଉଳ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତି ଶେଷରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ କମିଟି ପକ୍ଷରୁ ସାମାଜିକ କର୍ମୀ ମହେନ୍ଦ୍ର ପରିଡା, ବଟକୃଷ୍ଣ ବେହେରା, ଗୋବିନ୍ଦ ବେହେରା ପ୍ରମୁଖ ଯଜ୍ଞଚରୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଆଖପାଖ ୫ ପଞ୍ଚାୟତରୁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଓରନ୍ଦା ରାଧାକୃଷ୍ଣ ମଠ ମହନ୍ତ ମହାରାଜ ଅସିତ ବାବା ପୂର୍ଣ୍ଣାହୁତିରେ ଯୋଗଦେଇ ୧୦୮ ପଦ୍ମଫୁଲ ଅର୍ପଣ କରିଥିଲେ।

## ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ପାରିଷଦ ବୃନ୍ଦ

# ଠିକ୍ ତଥ୍ୟ ପ୍ରଦାନ କର



ଚୌଦ୍ୱାର ନିର୍ବାହୀ ଅଧିକାରୀଙ୍କ ସହ ପାରିଷଦବୃନ୍ଦ ଆଲୋଚନା କରୁଛନ୍ତି।

ଚୌଦ୍ୱାର,୧୩।୫(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଘଟଣା ନେଇ ଚର୍ଚ୍ଚାରେ ରହି ଅସିଥିବା ବେଳେ ମଙ୍ଗଳବାର ଆଉ ଏକ ଘଟଣା ନେଇ ଚର୍ଚ୍ଚା ଜୋର ଧରିଛି। ପୌର ପରିଷଦର ଉପାଧ୍ୟକ୍ଷଙ୍କ ସମେତ ୮ଜଣ ପାରିଷଦ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ କିଛି ଦିନ ତଳେ ଏପ୍ରିଲ-୨୦୨୫ରେ ଅନୁଷ୍ଠିତ କାଉନସିଲ ବୈଠକର ରିଜୋଲୁସନ ସମସ୍ତ ପାରିଷଦମାନଙ୍କୁ ପ୍ରଦାନ କରାଯାଇଥିଲା। ସେଥିରେ ଅନେକ ପ୍ରସ୍ତାବ କାଉନସିଲ ବୈଠକରେ ଆଲୋଚନା ନ ହୋଇ ପାରିତ ହୋଇଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ଆହୁରି ୪/୫ଟି ପ୍ରସ୍ତାବର କେହି ପ୍ରସ୍ତାବକ ନ ଥିବା ବେଳେ ତାହା କିପରି ପାରିତ ହେଲା ବୋଲି କେତେଜଣ କାଉନସିଲର ଅଭିଯୋଗ କରିଛନ୍ତି। ନିକଟରେ ୧୯ଟି ୱାର୍ଡର ଅଧିବାସୀ ବିଭିନ୍ନ ସମସ୍ୟା ନେଇ ପୌର କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ବେଳେ ଏଭଳି ଅବାସ୍ତବ ରୋଜୋଲୁଶନ ବାହାରିବା କାଉନସିଲରମାନଙ୍କୁ ଉପହାସ ଓ ବଦନାମ କରିବାର ମନ୍ଦ ଉଦ୍ଦେଶ୍ୟ ଥିବା ଜଣାପଡୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କାଉନସିଲ ବୈଠକର ରିଜୋଲୁସନକୁ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରି କେବଳ ବୈଠକରେ ପାରିତ ହୋଇଥିବା ଏବଂ ଯେଉଁ ପ୍ରସ୍ତାବଗୁଡ଼ିକ କାଉନସିଲରମାନେ ନିଜ ୱାର୍ଡ ପାଇଁ ଦେଇଛନ୍ତି, ସେଗୁଡ଼ିକ ସ୍ଥାନିତ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭବିଷ୍ୟତରେ ଏଭଳି ପାରିତ ହୋଇ ନ ଥିବା ପ୍ରସ୍ତାବ ସ୍ଥାନିତ ନ କରିବା ପାଇଁ ଅନୁରୋଧ କରାଯାଇଛି। ନିଜ ଇଚ୍ଛା ଅନୁସାରେ ବିଭିନ୍ନ ପ୍ରସ୍ତାବ ରିଜୋଲୁସନରେ ସ୍ଥାନିତ କରିବା ଘଟଣାକୁ କାଉନସିଲ ଆଗାମୀ ଦିନରେ କେବେ ବି ବରଦାସ୍ତ କରିବ ନାହିଁ ବୋଲି ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ଦିଲୀପ ସାହୁ, ଆଶୁତୋଷ ଦାସ, ରଞ୍ଜୁଲତା ଦାସ, ରଙ୍ଗଲତା ସାହୁ, ସୁଜାତା ସାହୁ, ବିଜୟଲକ୍ଷ୍ମୀ ବେହେରା, ସବିତା ମାହାଳି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସ୍ୱାଗତ ପାଣିଗ୍ରାହୀ ବାରଙ୍ଗ ଓଏଭି ଟପ୍ପର

### ୫୦୦ ନମ୍ବରରୁ ୪୭୦ ନମ୍ବର ରଖି ଉତ୍ତୀର୍ଣ୍ଣ

ଫୁଲନଖରା,୧୩।୫ (ସତ୍ୟରଞ୍ଜନ ଦାସମହାପାତ୍ର)

ପ୍ରକାଶ ପାଇଛି ସିବିଏସ୍‌ଇ ଦଶମ ପରୀକ୍ଷା। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ବାରଙ୍ଗର ଟପ୍ପର ହୋଇଛନ୍ତି ସ୍ୱାଗତ ପାଣିଗ୍ରାହୀ । ବାରଙ୍ଗ ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ମୋଟ ୫୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି। ସ୍ୱାଗତ ପାଣିଗ୍ରାହୀ ମୋଟ ୫୦୦ ନମ୍ବରରୁ ୪୭୦ ନମ୍ବର ରଖି ଉର୍ତ୍ତୀର୍ଣ୍ଣ ହେବା ସହିତ ବିଦ୍ୟାଳୟର ଟପ୍ପର ହୋଇ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ସ୍ୱାଗତ କଟକ ଜିଲା ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁଆଳି ଗ୍ରାମର ବାପା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ମା' ରୀତାଞ୍ଜଳୀଙ୍କ ପୁଅ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବି ବୋଲି ସ୍ୱାଗତ କହିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି।

## 'ରୋଗୀଙ୍କ ଆଶା, ଆଶ୍ୱାସନାର ମୂଳପିଣ୍ଡ ସେବିକା'



ଆନ୍ତର୍ଜାତିକ ସେବିକା ଦିବସରେ ଉପସ୍ଥିତ ହେରିଟେଜ ହେଲଥ କେୟାର ହସ୍ପିଟାଲର ଡାକ୍ତର ଓ ଅନ୍ୟମାନେ।

କଟକ,୧୩।୫(କାର୍ତ୍ତିକ ସାହୁ)

ସେବିକାମାନେ ଆମ ସମାଜର ବତୀଖୁଣ୍ଟ। ସେମାନଙ୍କ ବୃତ୍ତି ଦିଗରେ ଯତ୍ନବାନ ହେବା ନାଗରିକମାନଙ୍କ କର୍ତ୍ତବ୍ୟ ବୋଲି ଚାନ୍ଦିନୀଚୌକସ୍ଥିତ ହେରିଟେଜ ହେଲଥ କେୟାର ହସ୍ପିଟାଲରେ ଅନୁଷ୍ଠିତ ଆନ୍ତର୍ଜାତିକ ସେବିକା ଦିବସରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଡାକ୍ତର ମୋନାଲିସା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶିକ୍ଷାବିତ୍ ଡ. ମିତା ଦେବତା ରୋଗୀଙ୍କ ଆଶା, ଆଶ୍ୱାସନାର ମୂଳପିଣ୍ଡ ସେବିକାମାନେ ବୋଲି କହିଥିଲେ। ଅନୁଷ୍ଠାନର ସେବିକାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡା. ପ୍ରଦୀପ କୁମାର ଦାଶ, ଡା. ପରମେଶ୍ୱର ମିଶ୍ର, ଡା. ବିଶ୍ୱଜିତ ମିଶ୍ର, ଡା. ରବି କୁମାର, ଡା. ପଞ୍ଚାନନ ପାଣିଗ୍ରାହୀ, ଡା. ଅଭିଜିତ ପୃଷ୍ଟି, ଡା. ଦୀପ୍ତିକାନ୍ତ ସାହୁ, ଡା. ପାରସ ପରିବର୍ତ୍ତନ, ଡା. ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୁରଜ ବାରିକ ଓ ଶୁଚିସ୍ମିତା ମଲ୍ଲିକ ସହଯୋଗ କରିଥିଲେ।

## ନାବାଳକ ସାଇକେଲ ଚୋରଙ୍କୁ ଧରିଲା ପୋଲିସ

### ୮ ସାଇକେଲ ଜବତ

କଟକ,୧୩।୫(କାର୍ତ୍ତିକ ସାହୁ)

ସତ୍ୟବ୍ରତ ଷ୍ଟାଡିୟମରେ ସିରିଜ ସାଇକେଲ ଚୋରି ଘଟଣାରେ ୨ନାବାଳକଙ୍କୁ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଧରିଛି। ବିଭିନ୍ନ ସମୟରେ ଚୋରି ହୋଇଥିବା ମୋଟ ୮ଟି ସାଇକେଲ ପୋଲିସ ଏମାନଙ୍କ ନିକଟରୁ ଜବତ କରିଛି। ସୂଚନାନୁସାରେ, ପୁରୀଘାଟ ଥାନା ଭଗତପୁର ଅଞ୍ଚଳର ଅବଦୁଲ ଲତିଫଙ୍କ ଝିଅଙ୍କ ଏକ ସାଇକେଲ ସତ୍ୟବ୍ରତ ଷ୍ଟାଡିୟମରୁ ଚୋରି ହୋଇଥିଲା। ୧୩ ତାରିଖ ମଙ୍ଗଳବାର ଏହି ସାଇକେଲ ଚୋରି ହୋଇଥିବା ନେଇ ଅବଦୁଲ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଚୋରି ହୋଇଥିବା ଲତିଫଙ୍କ ଝିଅର ସାଇକେଲ ସମେତ ପୂର୍ବରୁ ଚୋରି ହୋଇଥିବା ୮ଜଣଙ୍କ ସାଇକେଲ ଜବତ କରିଛି। ପୋଲିସ ଚାଉଳିଆଗଞ୍ଜ ଅଞ୍ଚଳର ୨ଜଣ ନାବାଳକ ସ୍କୁଲ ଛାତ୍ରଙ୍କୁ ଏହି ମାମଲାରେ ଚିହ୍ନଟ କରିଥିଲା। ପରେ ଅଭିଭାବକମାନେ ଥାନାରେ ହାଜର ହୋଇଥିଲେ। ପୋଲିସ ଥାନାରେ ଅଣ୍ଡରଟେକିଂ ନେଇ ସେମାନଙ୍କୁ ଛାଡ଼ିଥିଲା। ଗତ ଏକ ମାସ ମଧ୍ୟରେ କ୍ୟାଣ୍ଟନମେଣ୍ଟ ଥାନାରେ ୮ଟି ଚୋରି ମାମଲା ରୁଜୁ ହୋଇଥିଲା। ସବୁ ସାଇକେଲ ଚୋରି ସତ୍ୟବ୍ରତ ଷ୍ଟାଡିୟମରୁ ହୋଇଥିବା ବେଳେ ଉପରୋକ୍ତ ୨ନାବାଳକ ସକାଳେ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକଙ୍କ ସାଇକେଲ ଚୋରି କରି ନେଉଥିବା ଥାନା ଆଇଆଇସି ଯତିନ ସେଠୀ କହିଛନ୍ତି।



ପୋଲିସ ଜବତ କରିଥିବା ଚୋରି ସାଇକେଲ।

## 'ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ'

କଟକ,୧୩।୫(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାର ବିଜେତା କାବ୍ୟ ସରସ୍ୱତୀ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ସାରଳା ଭବନଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ ଓ ପ୍ରାବନ୍ଧିକ ଡ. ଗିରୀଶ ଚନ୍ଦ୍ର ସାହୁଙ୍କୁ ଚଳିତ ବର୍ଷର ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଉଦ୍‌ଘାଟନ କରି ସଚ୍ଚି ରାଉତରାୟ ଓଡ଼ିଆ କବିତାରେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି ବୋଲି କହିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ଡାକ୍ତର ରାମଚନ୍ଦ୍ର ବେହେରା କହିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ମୁଖ୍ୟବକ୍ତା ପ୍ରାବନ୍ଧିକ ଡାକ୍ତର ବସନ୍ତ କୁମାର ପଣ୍ଡା କହିଲେ ସଚ୍ଚି ରାଉତରାୟଙ୍କ କାବ୍ୟ ପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ର କବିଙ୍କୁ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ଓ ଜୀବନଧର୍ମୀ କବି ରୂପେ ଆଲୋଚନା କରିଥିଲେ। ବରେଣ୍ୟ ଅତିଥି ସଚ୍ଚି ରାଉତରାୟଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ପିତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ସଭାପତି ଡ. ସ୍ୱାଇଁ କହିଲେ, ସଚ୍ଚି ରାଉତରାୟ ବିଶ୍ୱ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ଓଡ଼ିଆ ଭାଷାରେ କବିତା ରଚନା କରିଛନ୍ତି। ତାଙ୍କ ମଶାଣିର ଫୁଲ, ମାଟିର ତାଜ୍, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ, ଛୋଟ ମୋର ଗାଁଟି ପ୍ରଭୃତି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଲେଖିକା ବିଜୟଲକ୍ଷ୍ମୀ ସେଠୀଙ୍କ ବ୍ରହ୍ମ ଅମୃତ ଭାଗବତ ଗ୍ରନ୍ଥ ଉନ୍ମୋଚିତ ହୋଇଥିଲା। ସଂଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାନ୍ତିବାଳା ନାୟକ ଓ ନିର୍ମଳ ଚନ୍ଦ୍ର ପହି ମାନପତ୍ର ପାଠ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡା. ନିମାଇଁ ଚରଣ ପରିଜା, କବି ପ୍ରସନ୍ନ ଜେନା, ପ୍ରଫେସର ସତ୍ୟନାରାୟଣ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ।

### ସାରଳା ସାହିତ୍ୟ ସଂସଦ ପକ୍ଷରୁ ସଚ୍ଚି ରାଉତରାୟଙ୍କ ଜୟନ୍ତୀ


ସାରଳା ଭବନଠାରେ ଅନୁଷ୍ଠିତ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଅବସରରେ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ ଓ ପ୍ରାବନ୍ଧିକ ଡ. ଗିରୀଶ ଚନ୍ଦ୍ର ସାହୁଙ୍କୁ ଚଳିତ ବର୍ଷର ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

# ଆଜି କେନ୍ଦ୍ର କ୍ୟାବିନେଟ୍ ବୈଠକ

**ନୂଆଦିଲ୍ଲୀ, ୧୩ା୫**

ଭାରତର ଅପରେଶନ ସିନ୍ଦୂର ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ପାଇଁ କେନ୍ଦ୍ର କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବାହ୍ନ ୧୧ଟାରେ ବସିବାକୁ ଥିବା ଏହି ବୈଠକରେ ସାମରିକ କାର୍ଯ୍ୟାନୁଷ୍ଠାନ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇପାରେ ବୋଲି ଆଶା କରାଯାଉଛି। ସୋମବାର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପାକିସ୍ତାନ ସହ ଆଲୋଚନା କେବଳ ଆତଙ୍କବାଦର ମୂଳୋତ୍ପାଟନ ଏବଂ ପାକ୍ ଅଧିକୃତ କଶ୍ମୀର ଫେରାଇବାକୁ ନେଇ ହେବ ବୋଲି କହିଥିଲେ। ଏଥିରେ ଦେଶର ସୁରକ୍ଷା ରଣନୀତି ସମ୍ପୃକ୍ତ ଥିବାରୁ ବୁଧବାର ବୈଠକରେ ଗୁରୁତ୍ୱପୂର୍ଣ୍ଣ ନୀତି ନିଷ୍ପତ୍ତି, ଆର୍ଥିକ କଟକଣା କିମ୍ବା ପରବର୍ତ୍ତୀ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ବୈଠକରେ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ଶୀର୍ଷ ସୁରକ୍ଷା ଅଧିକାରୀ ଯୋଗଦେବେ ବୋଲି ସୂଚନା ମିଳିଛି।

# ଏପ୍ରିଲର ଖୁଚୁରା ମୁଦ୍ରାସ୍ଫୀତି ୬ ବର୍ଷରେ ସର୍ବନିମ୍ନ

**ନୂଆଦିଲ୍ଲୀ, ୧୩ା୫**

ଏପ୍ରିଲ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୩.୧୬ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ମାର୍ଚ୍ଚରେ ମୁଦ୍ରାସ୍ଫୀତି ୩.୩୪ ପ୍ରତିଶତ ରହିଥିଲା। ମୁଖ୍ୟତଃ ଦୈନନ୍ଦିନ ସାମଗ୍ରୀ ଯଥା ପନିପରିବା, ଫଳ, ଡାଲି ଓ ଅନ୍ୟାନ୍ୟ ପୁଷ୍ଟିସାରଯୁକ୍ତ ଖାଦ୍ୟ ଦର କମିଥିବାରୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ୨୦୨୪ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୩ ପ୍ରତିଶତ ରହିଥିବାବେଳେ ତାହା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ୨୦୧୯ ଜୁଲାଇରେ ଶେଷ ଥର ପାଇଁ ମୁଦ୍ରାସ୍ଫୀତି ସର୍ବନିମ୍ନ ୩.୧୫ ପ୍ରତିଶତ ରହିଥିଲା। ଗତ ଏପ୍ରିଲରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୭୮ ପ୍ରତିଶତକୁ ହ୍ରାସ ପାଇଥିଲା, ଯାହାକି ମାର୍ଚ୍ଚରେ ୨.୬୯% ଏବଂ ଗତବର୍ଷ ଏପ୍ରିଲରେ ୮.୭% ଥିଲା। ଖାଦ୍ୟସାମଗ୍ରୀ ଦର ହ୍ରାସ ପାଇବା ଲୋକଙ୍କୁ ଆଶ୍ୱସ୍ତି ଦେଇଛି।

# ସନ୍ଦେହଘେରରେ ବୈଜ୍ଞାନିକ ଅୟପ୍ପନଙ୍କ ମୃତ୍ୟୁ

**ମାଣ୍ଡ୍ୟା, ୧୩ା୫**

ପଦ୍ମଶ୍ରୀ ବିଜେତା ତଥା ପ୍ରସିଦ୍ଧ କୃଷିବିଜ୍ଞାନୀ ଡ. ସୁବନ୍ନା ଅୟପ୍ପନ (୬୯)ଙ୍କ ମୃତଦେହ ଗତ ୧୦ ତାରିଖରେ କର୍ଣ୍ଣାଟକର ମାଣ୍ଡ୍ୟା ଜିଲାର



ସୁବନ୍ନା ଅୟପ୍ପନ

ଶ୍ରୀରଙ୍ଗପାଟନାସ୍ଥିତ କାବେରୀ ନଦୀ କୂଳରେ ଥିବା ସାଇ ଆଶ୍ରମ ନିକଟରୁ ସନ୍ଦିଗ୍ଧ ଅବସ୍ଥାରେ ଜବତ ହୋଇଛି। ମଙ୍ଗଳବାର ପୋଲିସ ଏନେଇ ସୂଚନା ଦେଇଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅୟପ୍ପନ ସ୍ତ୍ରୀଙ୍କ ସହ ମହୀଶୁରରେ ରହୁଥିଲେ। ଗତ ୭ ତାରିଖରୁ ସେ ନିଖୋଜ ଥିଲେ। କାବେରୀ ନଦୀ କୂଳରୁ ଅୟପ୍ପନଙ୍କ ସ୍କୁଟରକୁ ମଧ୍ୟ ପୋଲିସ ଜବତ କରିଛି। ସେ କାବେରୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ତେବେ ଅନ୍ୟ ଦିଗକୁ ନେଇ ମଧ୍ୟ ପୋଲିସର ତଦନ୍ତ ଜାରି ରହିଛି। କୃଷି କ୍ଷେତ୍ରରେ ବ୍ଲୁ ରିଭୋଲ୍ୟୁଶନ ପାଇଁ ଅୟପ୍ପନଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ୨୦୨୨ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଗତ ବର୍ଷଗୁଡ଼ିକରେ ଭାରତରେ ମତ୍ସ୍ୟ ଉତ୍ପାଦନରେ ବୃଦ୍ଧି ପାଇଁ ଅୟପ୍ପନଙ୍କ ଉଲ୍ଲେଖଯୋଗ୍ୟ ଅବଦାନ ରହିଛି।

# ବିଷାକ୍ତ ମଦ ପିଇ ୨୧ ମୃତ

**ଚଣ୍ଡିଗଡ଼/ଅମୃତସର, ୧୩ା୫(ପି.ଟି.)**

ପଞ୍ଜାବର ଅମୃତସର ଜିଲାରେ ବିଷାକ୍ତ ମଦ ପିଇ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ପୋଲିସ କହିଛି। ଅଧିକାଂଶ ମୃତକ ଦିନ ମଜୁରିଆ। ଗୁରୁତର ଅବସ୍ଥାରେ ୬ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ରାତିରେ ଭଙ୍ଗାଲି, ପଟଲପୁରୀ, ମରାରି କଲନ ଏବଂ ଥେରେୱାଲ ଗ୍ରାମରେ ମଦମୃତ୍ୟୁ ଘଟିଛି। ମଦ ପ୍ରସ୍ତୁତି ପାଇଁ ଅନ୍‌ଲାଇନରେ ପ୍ରଚୁର ପରିମାଣରେ ମିଥାନଲ କିଣାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଛଡ଼ାଯିବ ନାହିଁ। ଏହା ମୃତ୍ୟୁ ନୁହେଁ ବରଂ ହତ୍ୟା ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମଦମୃତ୍ୟୁ ପାଇଁ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି। ମଦ ମାଫିଆଙ୍କୁ ନିୟନ୍ତ୍ରଣ କରିବାରେ ମାନ୍ ସରକାର ବିଫଳ ହୋଇଛନ୍ତି। ଏଥିପାଇଁ



ଅମୃତସର ମର୍ଦ୍ଦିକଲନ ଗ୍ରାମରେ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ପରିବାରର ମହିଳାମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି।

ମୁଖ୍ୟମନ୍ତ୍ରୀ ମାନ୍ ଏବଂ ଅବକାରୀ ମନ୍ତ୍ରୀ ହରପାଲ ସିଂ ଚିମା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବରେ ୧୪ ମାସ ମଧ୍ୟରେ ଏହା ଦ୍ୱିତୀୟ ମଦମୃତ୍ୟୁ। ଗତବର୍ଷ ମାର୍ଚ୍ଚରେ ସଙ୍ଗରୁର ଜିଲାରେ ବିଷାକ୍ତ ମଦ ପିଇ ୨୦ ଜଣଙ୍କ ଜୀବନ ଯାଇଥିଲା। ୨୦୨୦ରେ ତର୍ନ ତରନ, ଅମୃତସର ଏବଂ ବାଟଲାରେ ମଦ ପିଇ ମୋଟ ୧୨୦ ଜଣ ପ୍ରାଣ ହରାଇଥିଲେ।

# 'ସରକାରୀ ପଦବୀ ଗ୍ରହଣ କରିବି ନାହିଁ'

## ଅବସର ନେଲେ ସିଜେଆଇ ସଞ୍ଜୀବ ଖାନ୍ନା



ସଞ୍ଜୀବ ଖାନ୍ନା

**ନୂଆଦିଲ୍ଲୀ, ୧୩ା୫**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ନିଜ ପଦରୁ ଅବସର ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ବି.ଆର୍. ଗଭାଇ ବୁଧବାର ଦାୟିତ୍ୱ ଗ୍ରହଣ କରିବେ। ଜଷ୍ଟିସ୍ ଖାନ୍ନା ସିଜେଆଇ ଭାବେ ତାଙ୍କର ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସମାଧାନ କରିଥିଲେ। ଅବସର ପରେ ସେ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ବିଦାୟକାଳୀନ ଉତ୍ସବ ଶେଷରେ ସ୍ପଷ୍ଟ କରିଛନ୍ତି। ତେବେ ସେ ତାଙ୍କର ତୃତୀୟ ଇନିଂସରେ ଆଇନ ସମ୍ପର୍କିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଜଷ୍ଟିସ୍ ଖାନ୍ନା ୨୦୧୯ ଜାନୁଆରୀ ୧୮ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିବାବେଳେ ୨୦୨୪ ନଭେମ୍ବର ୧୧ରେ ସିଜେଆଇ ନିଯୁକ୍ତ ହୋଇଥିଲେ। ମାତ୍ର ୬ ମାସ ସିଜେଆଇ ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ଜଷ୍ଟିସ୍ ଖାନ୍ନା କେତେକ ସମ୍ବେଦନଶୀଳ ମାମଲାର ସମାଧାନ କରିଥିଲେ। ନ୍ୟାୟ ପ୍ରଦାନରେ ସେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବଢ଼ାଇଥିଲେ। ଜଷ୍ଟିସ୍ ଖାନ୍ନା ଖୁବ୍ କମ୍ କଥା କୁହନ୍ତି ଏବଂ ସର୍ବସାଧାରଣରେ କ୍ୱଚିତ୍ ଉପସ୍ଥିତି ଜାହିର କରିଥାନ୍ତି। ଭାଷଣ କିମ୍ବା ମନ୍ତବ୍ୟ ଜରିଆରେ କ୍ୱଚିତ୍ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଥାନ୍ତି। ତେବେ ତାଙ୍କର ନ୍ୟାୟିକ କାର୍ଯ୍ୟ ତାଙ୍କ ସମ୍ପର୍କରେ ବହୁତ କିଛି କହିଥାଏ।

# ଭାରତରେ ବୟକଟ ତୁର୍କୀ ଟ୍ରେଣ୍ଡ୍



ରେସେପ୍ ତୟିପ୍ ଏର୍ଦୋଗାନ

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ଜୀବନ ଯିବା ପରେ ପାକିସ୍ତାନ ଉପରେ ଭାରତୀୟ ସଶସ୍ତ୍ର ବଳ ଏକାଧିକ ଥର ସାମରିକ କାର୍ଯ୍ୟାନୁଷ୍ଠାନ ନେବାରୁ ୨ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଥିଲା। ପାକିସ୍ତାନର କ୍ଷେତ୍ରୀୟ ଅଖଣ୍ଡତା, ସାର୍ବଭୌମତ୍ୱ ଓ ସ୍ୱାଧୀନତା ପାଇଁ ଚାଇନା ଇସଲାମାବାଦକୁ ସମର୍ଥନ କରିବ ବୋଲି ଖୋଲାଖୋଲି ଘୋଷଣା କରିଥିଲା। ତେଣୁ ଭାରତ ବିରୋଧୀ ସାମରିକ ପଦକ୍ଷେପରେ ଚାଇନାର ସମ୍ପୃକ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ। କିନ୍ତୁ ୨୦୨୩ ଭୂକମ୍ପ ବେଳେ ସର୍ବପ୍ରଥମେ ଭାରତଠାରୁ ସାହାଯ୍ୟ ପାଇଥିବା ତୁର୍କୀ କୃତଘ୍ନ ଭଳି କାର୍ଯ୍ୟ କରିଛି। ପାକିସ୍ତାନକୁ ନୌସେନା ଜାହାଜ ପଠାଇବା ସହ ଭାରତ ବିରୋଧରେ ପ୍ରୟୋଗ ପାଇଁ ପର୍ଯ୍ୟାପ୍ତ ଡ୍ରୋନ୍ ଦେଇଥିଲା। ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ସୀମାନ୍ତ ଅଞ୍ଚଳ ଆକାଶରେ ଉଡୁଥିବା ଅଧିକାଂଶ ଡ୍ରୋନ୍ ତୁର୍କୀ ନିର୍ମିତ ଥିଲା, ଯାହାକୁ ଭାରତୀୟ ବାୟୁସେନାର ଏୟାର ଡିଫେନ୍ସ ସିଷ୍ଟମ ଖସାଇ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିଲା। ଏବେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବଳବତ୍ତର ରହିଛି। ତେବେ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନଙ୍କ ବିଶ୍ୱାସଘାତୀ କାର୍ଯ୍ୟକୁ ଭାରତୀୟମାନେ ଗ୍ରହଣ କରିପାରି ନାହାନ୍ତି। ଫଳସ୍ୱରୂପ ଦେଶରେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ହ୍ୟାଶ୍‌ଟ୍ୟାଗ ବଏକଟ ତୁର୍କୀ ଟ୍ରେଣ୍ଡ କରୁଛି। ମହାରାଷ୍ଟ୍ରର ପୁଣେ ଫଳ ବ୍ୟବସାୟୀମାନେ ତୁର୍କୀରୁ ଆଉ ସେଓ ଆମଦାନୀ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ତୁର୍କୀକୁ ବିଜନେସ୍ ସିଜନ୍‌ରେ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ସହିବାକୁ ପଡ଼ିପାରେ।

**ନୂଆଦିଲ୍ଲୀ/ପୁଣେ, ୧୩ା୫**

ଗତ ସପ୍ତାହରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଜାରି ରହିଥିବା ବେଳେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା। ତୁର୍କୀ ଡ୍ରୋନ୍‌କୁ ବ୍ୟବହାର କରି ପାକିସ୍ତାନ ଭାରତର ବିଭିନ୍ନ ଜନବସତି ଅଞ୍ଚଳକୁ ଟାର୍ଗେଟ କରିଥିଲା। ତୁର୍କୀର ଏପରି ଭାରତ ବିରୋଧୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭାରତୀୟମାନେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ହ୍ୟାଶ୍‌ଟ୍ୟାଗ ବୟକଟ ତୁର୍କୀ ଟ୍ରେଣ୍ଡ ଆରମ୍ଭ ହୋଇଛି। ଇଣ୍ଡିଗୋ, ଇଜ୍ ମାଇ ଟ୍ରିପ୍ ପରି

## ତୁର୍କୀ ସେଓକୁ ବର୍ଜନ କରୁଛନ୍ତି ବ୍ୟବସାୟୀ

### ୩ ମାସରେ ହେଉଥିଲା ୧୨୦୦-୧୫୦୦ କୋଟିର ବ୍ୟବସାୟ



ବିଭିନ୍ନ ବୁକିଂ ପ୍ଲାଟଫର୍ମ ତୁର୍କୀ ପାଇଁ ନିଜର ସମସ୍ତ ବିମାନ ଉଡ଼ାଣ ଏବଂ ହୋଟେଲ ବୁକିଂକୁ ବାତିଲ କରିଛନ୍ତି। ସେହିପରି ଧୀରେ ଧୀରେ ତୁର୍କୀର ସେଓ ମଧ୍ୟ ଭାରତୀୟ ବଜାରରୁ ଉଭାନ ହେବାରେ ଲାଗିଛି।

ପୁଣେର ସେଓ ବ୍ୟବସାୟୀମାନେ ତୁର୍କୀର ସେଓକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ସହରର ବଜାରରୁ ତୁର୍କୀର ସେଓ ସମ୍ପୂର୍ଣ୍ଣ ଉଭାନ ହୋଇଯାଇଛି। ସ୍ଥାନୀୟ ଜନସାଧାରଣ ମଧ୍ୟ ସେଓ ବ୍ୟବସାୟୀମାନଙ୍କର ଏହି ନିଷ୍ପତ୍ତିକୁ ପସନ୍ଦ କରିଛନ୍ତି। ସେମାନେ ତୁର୍କୀରୁ ଆମଦାନୀ ହେଉଥିବା ସେଓ ବଦଳରେ ଅନ୍ୟ ସେଓ କିଣିବାକୁ ଏବେ ପସନ୍ଦ କରୁଛନ୍ତି। ପୁଣେର ଏପିଏମ୍‌ସି ମାର୍କେଟର ସେଓ ବ୍ୟବସାୟୀ ସୁଯୋଗ ଜେନ୍ଦେ କହିଛନ୍ତି, ତୁର୍କୀ ପାକିସ୍ତାନକୁ ବାରମ୍ବାର ସମର୍ଥନ କରିଆସୁଛି। ତେଣୁ ତୁର୍କୀରୁ ଆମଦାନୀ ହେଉଥିବା ସେଓକୁ ନ କିଣିବା ପାଇଁ ପୁଣେର ସେଓ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି। ଏହା ବଦଳରେ ପୁଣେର ବ୍ୟବସାୟୀ ଆମେରିକା, ଇରାନ ଏବଂ ନ୍ୟୁଜିଲାଣ୍ଡ ପରି ଦେଶରୁ ଆମଦାନୀ ହେଉଥିବା ସେଓ କିଣିବାକୁ ଏବେ ପସନ୍ଦ କରୁଛନ୍ତି। ଭାରତ ଆତଙ୍କବାଦ ବିରୋଧରେ ନିଜ ଲଢ଼େଇ ଜାରି ରଖିଥିବାବେଳେ ତୁର୍କୀ ପାକିସ୍ତାନର ଭାରତ ବିରୋଧୀ କାର୍ଯ୍ୟ ପାଇଁ ଲଗାତର ଡ୍ରୋନ୍ ଯୋଗାଇ ଆସୁଛି। ଖୁଚୁରା ଗ୍ରାହକମାନେ ମଧ୍ୟ ତୁର୍କୀଠାରୁ ଆମଦାନୀ ହେଉଥିବା ସେଓ କିଣିବାକୁ ଚାହୁଁ ନ ଥିବା ସେ କହିଛନ୍ତି। ତୁର୍କୀର ସେଓ ପୁଣେରେ ପ୍ରାୟ ୩ ମାସ ପର୍ଯ୍ୟନ୍ତ ବିକ୍ରି ହୋଇଥାଏ ଏବଂ ଏହି ବ୍ୟବସାୟ ପ୍ରାୟ ୧,୨୦୦ କୋଟିରୁ ୧,୫୦୦ କୋଟି ହୋଇଥିବା ସେ କହିଛନ୍ତି। ତୁର୍କୀରେ ଭୂକମ୍ପ ହେବା ସମୟରେ ଭାରତ ପ୍ରଥମ ଦେଶ ଭାବେ ସହାୟତା ଯୋଗାଇଥିଲା। କିନ୍ତୁ ଏବେ ତୁର୍କୀ ପାକିସ୍ତାନକୁ ସମର୍ଥନ କରି ଭାରତର ପକ୍ଷ ଛେଦନରେ ଲାଗିଛି ବୋଲି ସେ କହିଛନ୍ତି।

# ଆସୁଛି ବାତ୍ୟା 'ଶକ୍ତି'

**ନୂଆଦିଲ୍ଲୀ, ୧୩ା୫**

ବଙ୍ଗୋପସାଗରରେ ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ଏକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀ ମୋସ୍ତୋଫା କମଲ ପୋଲାଶ ଏଭଳି ସତର୍କ ସୂଚନା ଦେଇଛନ୍ତି। ଏହି ସମ୍ଭାବ୍ୟ ବାତ୍ୟାର ନାଁ ଶ୍ରୀଲଙ୍କାର ପ୍ରସ୍ତାବକ୍ରମେ 'ଶକ୍ତି' ରଖାଯିବ। ଏହା ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଓଡ଼ିଶା ଉପକୂଳରୁ ବାଂଲାଦେଶର ଚଟ୍ଟୋଗ୍ରାମ ଉପକୂଳ ପର୍ଯ୍ୟନ୍ତ ପ୍ରଭାବିତ ହୋଇପାରେ। ବିଶେଷକରି ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଉପଖଣ୍ଡ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ମୋସ୍ତୋଫା ସୋସିଆଲ ମିଡିଆରେ ଲେଖିଛନ୍ତି। ଏନେଇ ବାଂଲାଦେଶ ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସତର୍କ ସୂଚନା ଜାରି ହୋଇଛି। ଉକ୍ତ ସୂଚନା ଅନୁଯାୟୀ ମେ' ୧୬ରୁ ୧୮ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ତାହା କ୍ରମେ ଘନୀଭୂତ ହୋଇ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ବାଂଲାଦେଶର ଉପକୂଳ ଅଞ୍ଚଳରେ ଜୋର୍‌ଦାର ପବନ ସହ ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି।

# ଦକ୍ଷିଣ ବଙ୍ଗୋପସାଗରରେ ପହଞ୍ଚିଲା ମୌସୁମୀ

**ନୂଆଦିଲ୍ଲୀ, ୧୩ା୫(ପି.ଟି.)**

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକୋବର ଦ୍ୱୀପପୁଞ୍ଜ ସମେତ ଉତ୍ତର ଆଣ୍ଡାମାନ ସାଗରର କେତେକ ଅଞ୍ଚଳରେ ପ୍ରବେଶ କରିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ୨ ଦିନ ହେଲା ନିକୋବର ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ଲାଗିରହିଛି। ଏହି ସମୟରେ ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରରେ ପ୍ରବଳ ବେଗରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ବାଦଲ ଭର୍ତ୍ତିର ସୂଚନା ଦେଉଥିବା ଆଉଟ୍‌ଗୋଇଂ ଲଙ୍ଗୱେଭ୍ ରେଡିଏଶନ (ଓଏଲ୍‌ଆର୍) ଉକ୍ତ ଅଞ୍ଚଳରେ ହ୍ରାସ ପାଇଥିବାରୁ ମୌସୁମୀ ଆସିବା ସ୍ଥିତିକୁ ଏହା ସ୍ପଷ୍ଟ କରୁଛି ବୋଲି ପାଣିପାଗ ବିଭାଗ କହିଛି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ମୌସୁମୀ ଦକ୍ଷିଣ ଆରବ ସାଗରର ଅଧିକ ଅଞ୍ଚଳ, ମାଳଦ୍ୱୀପ ଏବଂ କମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର ଅଧିକ ଅଞ୍ଚଳ, ସମ୍ପୂର୍ଣ୍ଣ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗରର ଅବଶିଷ୍ଟ ଅଞ୍ଚଳ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଅଗ୍ରସର ହେବାର ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। କେରଳରେ ମୌସୁମୀ ମେ' ୨୭ରେ ପହଞ୍ଚି ପ୍ରଥମ ବର୍ଷା କରିପାରେ ବୋଲି ପାଣିପାଗ ବିଭାଗ କହିଛି।



ହାଇଦ୍ରାବାଦର ଚାରମିନାରଠାରେ ମିସ୍ ୱାର୍ଲ୍ଡ ୨୦୨୫ର ପ୍ରତିଯୋଗୀମାନେ ଏକ ଗ୍ରୁପ୍ ଫଟୋଗ୍ରାଫ୍ ପାଇଁ ପୋଜ୍ ଦେଉଛନ୍ତି।

# ମାଲେସିଆ ବିମାନ ଖସାଇବା ପାଇଁ ରୁଷିଆ ଦାୟୀ

**ମେଲ୍‌ବର୍ନ, ୧୩ା୫**

୨୦୧୪ରେ ୟୁକ୍ରେନ୍ ଉପରେ ଉଡୁଥିବା ମାଲେସିଆ ଏୟାରଲାଇନ୍ସର ଏମ୍‌ଏଚ୍‌୧୭ ବିମାନକୁ ଖସାଇବା ଘଟଣାରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ କାଉନ୍‌ସିଲ୍ ରୁଷିଆକୁ ଦାୟୀ କରିଛି। ସିକାଗୋ ସମ୍ମିଳନୀର ସର୍ତ୍ତାବଳୀକୁ ରୁଷିଆ ଉଲ୍ଲଂଘନ କରିଥିବା କାଉନ୍‌ସିଲ୍ କହିଛି। ବିମାନରେ ୨୯୮ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ। କାଉନସିଲ୍‌ର ରାୟ ପରେ ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ମିଳିବା ସମ୍ଭାବନା ଜୋର୍ ଧରିଛି।



୨୦୧୪ ଜୁଲାଇ ୧୭ରେ ଆଷ୍ଟେରଡାମ୍‌ରୁ କ୍ୱାଲାଲୁମ୍ପୁର ଯାଉଥିବା ବିମାନକୁ ୟୁକ୍ରେନୀୟ ଅଞ୍ଚଳରେ ଖସାଇ ଦିଆଯାଇଥିଲା। ଉକ୍ତ ଅଞ୍ଚଳ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଥିବାବେଳେ ରୁଷିଆ ଦେଇଥିବା ବକ୍ ମିଶାଇଲ୍ ମାଡ଼ କରି ସେମାନେ ବିମାନକୁ ଖସାଇଥିଲେ। ଏହା ଉପରେ ଅନ୍ତର୍ଜାତୀୟ ତଦନ୍ତକାରୀ ସଂସ୍ଥା ୨୦୧୬ରେ ତଦନ୍ତ ଶେଷ କରିଥିଲା। ନେଦରଲାଣ୍ଡ୍ସ ଏବଂ ଅଷ୍ଟ୍ରେଲିଆ ସରକାର ମସ୍କୋ ବିରୋଧରେ ୨୦୨୨ରେ ଗ୍ଲୋବାଲ ଆଭିଏଶନ ଏଜେନ୍ସିରେ ମାମଲା ଦାଏର କରିଥିଲେ। କାଉନ୍‌ସିଲ୍‌ଙ୍କ ରାୟକୁ ରୁଷିଆ ଅଗ୍ରାହ୍ୟ କରିଛି।

# ରାତାରାତି ଦେଶ ଛାଡ଼ିଲେ ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି

**ଢାକା, ୧୩ା୫**

ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅବଦୁଲ ହାମିଦ ସୋମବାର ବିଳମ୍ବିତ ରାତିରେ କାହାରିକୁ ନ ଜଣାଇ ଫ୍ଲାଇଟ ଯୋଗେ ଦେଶ ଛାଡ଼ି ଥାଇଲାଣ୍ଡ ଚାଲିଯାଇଛନ୍ତି। ଏହି ସମୟରେ ସେ ଲୁଙ୍ଗି ପିନ୍ଧିଥିଲେ ବୋଲି ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ କୁହାଯାଇଛି। ରାତି ୩ଟାରେ ଢାକା ଏୟାରପୋର୍ଟରୁ ଥାଇ ଏୟାରୱେଜର ଏକ ଫ୍ଲାଇଟରେ ସେ ଥାଇଲାଣ୍ଡ ଅଭିମୁଖେ ବାହାରିଥିଲେ। ଘଟଣାକୁ ବାଂଲାଦେଶର ଅନ୍ତରୀଣ ସରକାର ଗୁରୁତ୍ୱର ସହ ନେଇଛନ୍ତି। ହାମିଦଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କେତେଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବନ ଏବଂ ବଦଳି କରାଯାଇଛି। ସେହିପରି ବାଂଲାଦେଶର ଅନ୍ତରୀଣ ସରକାର ଏହି ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅନ୍ତରୀଣ ସରକାରଙ୍କ ଦ୍ୱାରା ତାଙ୍କ ବିରୋଧରେ ରୁଜୁ କରାଯାଇଥିବା ବିଭିନ୍ନ ମାମଲାରୁ ରକ୍ଷା ପାଇବା ପାଇଁ ହାମିଦ ଦେଶ ଛାଡ଼ି ଚାଲିଯାଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଚିକିତ୍ସା ପାଇଁ ନିଜ ଭାଇ ଏବଂ ଶାଳକଙ୍କ ସହ ହାମିଦ ଥାଇଲାଣ୍ଡ ଯାଇଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଗତ ବର୍ଷ ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ବିଭିନ୍ନ ଧମକ ଦେଇ ପ୍ରତିହତ କରିବାରେ ଭୂମିକା ଥିବା ଦର୍ଶାଇ ଅନ୍ତରୀଣ ସରକାର ପକ୍ଷରୁ ହାମିଦଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପ୍ରକାଶ ଯେ, ହାମିଦ ବାଂଲାଦେଶର ରାଷ୍ଟ୍ରପତି ଭାବେ ୨୦୧୩ରୁ ୨୦୨୩ ପର୍ଯ୍ୟନ୍ତ ନିଜର ୨ଟି କାର୍ଯ୍ୟକାଳ ପୂରଣ କରିଥିଲେ।

# ରେଡ୍ କାର୍ପେଟରେ ନଗ୍ନତା ଉପରେ କଟକଣା

## ଆରମ୍ଭ ହେଲା ୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ

**କାନ୍ସ, ୧୩ା୫**

୭୮ତମ ବାର୍ଷିକ କାନ୍ସ ଫିଲ୍ମ ଫେଷ୍ଟିଭାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ଉତ୍ସବରେ ସିନେମା ଏବଂ ଫ୍ୟାଶନ ଜଗତର ବିଶିଷ୍ଟ ବ୍ୟକ୍ତିଙ୍କ ସମାବେଶ ଲାଗି ରହିବ। ବଡ଼ ବଡ଼ ଷ୍ଟାର୍‌ମାନେ କାନ୍ସର ରେଡ୍ କାର୍ପେଟରେ ସେମାନଙ୍କ ଜଲୱା ଦେଖାଉଥିବା ନଜରକୁ ଆସିବେ। ତେବେ ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସୋମବାର ଏହାର ଆୟୋଜକଙ୍କ ପକ୍ଷରୁ ଏକ ଗାଇଡଲାଇନ୍ ଜାରି କରାଯାଇଛି, ଯେଉଁଥିରେ ପୂର୍ବରୁ ରହିଥିବା ନିୟମରେ ପରିବର୍ତ୍ତନ କରାଯାଇଛି। ନୂତନ ଗାଇଡଲାଇନ ଅନୁଯାୟୀ, ଚଳିତ କାନ୍ସ ଫେଷ୍ଟିଭାଲର ରେଡ୍ କାର୍ପେଟରେ ନଗ୍ନତା ପ୍ରଦର୍ଶନକୁ ବାରଣ କରାଯାଇଛି। ସେହିପରି ରେଡ୍ କାର୍ପେଟରେ ଅତ୍ୟଧିକ ଓଜନଦାର ଏବଂ ଓଭର ସାଇଜ୍ ଆଉଟଫିଟ ପିନ୍ଧିବା ଉପରେ ମଧ୍ୟ କଟକଣା ଲଗାଯାଇଛି। କାନ୍ସ ଫିଲ୍ମ ଫେଷ୍ଟିଭାଲ ପକ୍ଷରୁ କୁହାଯାଇଛି, ଚଳିତ ଥର ରେଡ୍ କାର୍ପେଟ ପାଇଁ ଡ୍ରେସ୍ କୋଡ୍ ଖୁବ୍ ଆକର୍ଷଣୀୟ ହେବାକୁ ଯାଉଛି। ଫରାସୀ ନିୟମ ଏବଂ ଫ୍ୟାଶନ୍‌ର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ନୂତନ ନିୟମକୁ ପ୍ରସ୍ତୁତ କରାଯାଇଛି। ତେବେ ଏହି ନିୟମ ଜରିଆରେ ଫ୍ୟାଶନକୁ ନିୟନ୍ତ୍ରଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଆୟୋଜକ କହିଛନ୍ତି। ନଗ୍ନତା ଏବଂ ଭାରୀ ପୋଷାକ ଯୋଗୁ ରେଡ୍ କାର୍ପେଟରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୂର କରିବା ପାଇଁ ଗାଇଡ୍‌ଲାଇନରେ ପରିବର୍ତ୍ତନ କରାଯାଇଛି। ଲମ୍ବା ଏବଂ ଭାରୀ ପୋଷାକ ଯୋଗୁ ଫେଷ୍ଟିଭାଲରେ ଅତିଥିମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି ନୂତନ ନିୟମ ଲାଗୁ କରାଯାଇଛି।



କାନ୍ସ ଫେଷ୍ଟିଭାଲ-୨୦୨୫ର ରେଡ୍ କାର୍ପେଟରେ ଅଭିନେତ୍ରୀ ଉର୍ବଶୀ ରୌତେଲା।

ମଙ୍ଗଳବାର କାନ୍ସ ଫେଷ୍ଟିଭାଲ-୨୦୨୫ର ଉଦ୍‌ଘାଟନୀ ସମାରୋହରେ ଅଭିନେତ୍ରୀ ଉର୍ବଶୀ ରୌତେଲା ରେଡ୍ କାର୍ପେଟରେ ନିଜ ଜଲୱା ଦେଖାଇଛନ୍ତି। ସେହିପରି ଚଳିତ କାନ୍ସ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଜାହ୍ନବୀ କପୁର, ଶର୍ମିଳା ଟୋଗୋରଙ୍କ ସହ ଅଭିନେତା ଇଶାନ ଖଟ୍ଟରଙ୍କୁ ମଧ୍ୟ ଦେଖିବାକୁ ମିଳିବ। କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ୫ଟି ଭାରତୀୟ ସିନେମା ପ୍ରଦର୍ଶିତ କରାଯିବ। ଏହି ଇଭେଣ୍ଟରେ ଶର୍ମିଳା ଟାଗୋରଙ୍କ ଅଭିନୀତ 'ଆରାନ୍ୟେର ଦୀନ ରାତ୍ରୀ'କୁ ପ୍ରଦର୍ଶିତ କରାଯିବ। ସେହିପରି ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ', ଅଭିନେତା ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ', ଶିଳାଦିତ୍ୟ ମୌଳିକଙ୍କ ନିର୍ଦ୍ଦେଶିତ 'ଚରକ' ଏବଂ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ନିର୍ମିତ ଫିଲ୍ମ 'ଏ ଡଲ୍ ମେଡ୍ ଅପ୍ ଅଫ୍ କ୍ଲେ'କୁ ମଧ୍ୟ କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ପ୍ରଦର୍ଶନ କରାଯିବ।

**ସନ୍ତୋଷ ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ**

ଭୁବନେଶ୍ୱର,୧୩ା୫(ରବିନାରାୟଣ ଜେନା): କେନ୍ଦ୍ର ସରକାରଙ୍କ ନୂତନ ଏବଂ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ତଥା ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ସୋମବାର ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, ସନ୍ତୋଷଙ୍କୁ ଭାରତ ସରକାରଙ୍କ ସୌରଶକ୍ତି ନିଗମ ଲିଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

**ପ୍ରସୂତି, ନବଜାତକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା**

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

ଦିଗପହଣ୍ଡି,୧୩ା୫
(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଓ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗକୁ ନର୍ସିଂହୋମ ପରିଚାଳକ ଅସ୍ୱୀକାର କରିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଙ୍କୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁରର ରୋଜି ନାୟକ ଗତବର୍ଷ ସାନଖେମୁଣ୍ଡି ବ୍ଲକ କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜରାଟର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ବାପଘରେ ରହୁଥିଲେ। ସେ ପ୍ରାୟ ୯ ମାସର ଗର୍ଭବତୀ ଥିଲେ। ରବିବାର ମଧ୍ୟାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଉକ୍ତ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ କରାଗଲା। ପରେ ଅଧିକ ଯନ୍ତ୍ରଣା ହେବାରୁ ନର୍ସିଂହୋମ କର୍ମଚାରୀମାନେ ରୋଜିଙ୍କ ପରିବାର ଲୋକଙ୍କୁ କହି ତାଙ୍କର ପ୍ରସବ କରାଇଥିଲେ। ମୃତ ଶିଶୁପୁତ୍ର ପ୍ରସବ ପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ନର୍ସିଂହୋମ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନ ଜଣାଇ ରୋଜିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦର୍ଶାଇ ଆମ୍ବୁଲାନ୍ସରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରୋଜିଙ୍କୁ


ରୋଜି ନାୟକ

ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ରୋଜିଙ୍କ ସ୍ୱାମୀ ଘରକୁ ଆସିଥିଲେ। ନର୍ସିଂହୋମରେ ଡାକ୍ତରଙ୍କ ଅନୁପସ୍ଥିତିରେ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯିବାରୁ ରୋଜିଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେ ଦାବି କରିଛନ୍ତି। ସେପଟେ ଘଟଣା ପରଠାରୁ ନର୍ସିଂହୋମ ବନ୍ଦ ରହିଛି। ନର୍ସିଂହୋମ ପରିଚାଳକ ମଗୁଲୁ ପ୍ରଧାନ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ଅଲଟ୍ରାସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢ଼ିବାରୁ ତାଙ୍କୁ କୌଣସି ସରକାରୀ ଡାକ୍ତରଖାନାକୁ ନେବାପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇ ନ ଥିଲେ। ପରେ ତାଙ୍କର ଏକ ମୃତ ଶିଶୁପୁତ୍ର ପ୍ରସବ ହୋଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟାଧିକାରୀ ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବୁଲୁନାଥ ସାହୁଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

# ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ପରିଚୟପତ୍ର ସଂଶୋଧନ

ଭୁବନେଶ୍ୱର,୧୩ା୫
(ରବିନାରାୟଣ ଜେନା)

ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମାନ ନମ୍ବର ଥିବା ଏକାଧିକ ଭୋଟର ପରିଚୟପତ୍ର ତ୍ରୁଟିରେ ସୁଧାର ଅଣାଯାଇଛି। ମଙ୍ଗଳବାର ଏ ସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ଯେ, ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବା ଏବଂ ଏହାକୁ ଅପ୍‌ଡେଟ୍ ରଖିବା ପ୍ରୟାସରେ ଏକ ଦୀର୍ଘକାଳୀନ ସମସ୍ୟାର ସମାଧାନ କରାଯାଇଛି। ସଂଖ୍ୟାଧିକ ଲୋକଙ୍କ ସମାନ ନମ୍ବର ଥିବା ଭୋଟର ପରିଚୟପତ୍ରକୁ ସଫଳତାର ସହ ସମାଧାନ କରାଯାଇଛି।

ଆୟୋଗଙ୍କ ପକ୍ଷରୁ ପୁଣି କୁହାଯାଇଛି, ୨୦୦୫ରୁ ବିଭିନ୍ନ ରାଜ୍ୟର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଏକାସଦୃଶ ସିରିଜ୍ ବ୍ୟବହାର କରାଯାଇଥିଲା, ଯାହାଫଳରେ ଦେଶର ବ୍ୟତିକ୍ରମ ଅଞ୍ଚଳର ମତଦାତାମାନଙ୍କୁ ଏକାଧିକ ଅନୁକୃତ ସଂଖ୍ୟା ଦିଆଯାଇଥିଲା। ଏପରି ଭୁଲ୍ କାରଣରୁ ମତଦାତାମାନେ ସମାନ ଇଲେକ୍ଟୋରାଲ୍ ଫଟୋ ଆଇଡେଣ୍ଟିଟି କାର୍ଡ(ଇପିଆଇସି)ସଂଖ୍ୟା ସହ ଭିନ୍ନ-ଭିନ୍ନ ମତଦାନ କେନ୍ଦ୍ରରେ ଥିଲେ। ଏହାକୁ ନେଇ ଆୟୋଗଙ୍କ ପକ୍ଷରୁ ବ୍ୟାପକ ଯାଞ୍ଚ ଏବଂ ତଦାରଖ କରାଯାଇଥିଲା।

ଭାରତର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ୪୧୨୩ ଜଣ ଇଆର୍‌ଓ ମିଶି ୧୦.୫୦ ଲକ୍ଷ ମତଦାନ କେନ୍ଦ୍ରରେ ରହିଥିବା ୯୯ କୋଟିରୁ ଅଧିକ ମତଦାତାଙ୍କ ଡାଟା ବିଶେଷ ସନ୍ଧାନ କରିଥିଲେ। ଏଥିରେ ହାରାହାରି ପ୍ରତି ୪ ମତଦାନ କେନ୍ଦ୍ରରେ ଗୋଟିଏ ସମାନ ଇପିଆଇସି ସଂଖ୍ୟା ଚିହ୍ନଟ ହୋଇଥିଲା। କ୍ଷେତ୍ରସ୍ତରୀୟ ଯାଞ୍ଚରେ ଜଣାପଡ଼ିଲା ଯେ, ଏହି ସମାନ ଇପିଆଇସି ସଂଖ୍ୟାଧାରକମାନେ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଓ ମତଦାନ କେନ୍ଦ୍ରରେ ପ୍ରକୃତ ମତଦାତା ଥିଲେ। ଏପରି ସମସ୍ତ ମତଦାତାଙ୍କୁ ନୂତନ ଇପିଆଇସି ସଂଖ୍ୟା ଓ କାର୍ଡ ଜାରି କରାଯାଇଛି। ଏହାଦ୍ୱାରା ନିର୍ବାଚନର ଫଳାଫଳ ପ୍ରଭାବିତ ହେବନାହିଁ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ଯଦିଓ ଭୋଟର କାର୍ଡରେ ଏକ ସମାନ ଇପିଆଇସି ସଂଖ୍ୟା ଥିଲା। କିନ୍ତୁ ଏହି ମତଦାତାମାନଙ୍କ ନାମ ସେମାନଙ୍କ ମତଦାନ କେନ୍ଦ୍ର ତାଲିକାରେ ଥିବାରୁ ସେମାନେ ଅନ୍ୟ କୌଣସି ମତଦାନ କେନ୍ଦ୍ରରେ ଭୋଟ ଦେବା ସମ୍ଭବ ନ ଥିଲା। ତେଣୁ ଏହି ଇପିଆଇସି ସଂଖ୍ୟା ସମସ୍ୟା କୌଣସି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରି ନ ଥିଲା ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

# ନିଷେଧ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ନେଇ ପଦକ୍ଷେପ

ଭୁବନେଶ୍ୱର, ୧୩ା୫(ସୁନିତ୍ ମିଶ୍ର)

**ନାର୍କୋ କୋଅର୍ଡିନେଶନ ସେଣ୍ଟର ପକ୍ଷରୁ ୫ମ ରାଜ୍ୟସ୍ତରୀୟ ବୈଠକ**

ନିଷେଧ ନିଶାଦ୍ରବ୍ୟର ବେଆଇନ ଚୋରା ଚାଲାଣକୁ ରୋକିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ନାର୍କୋ କୋଅର୍ଡିନେଶନ ସେଣ୍ଟର ପକ୍ଷରୁ ୫ମ ରାଜ୍ୟସ୍ତରୀୟ ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ରେ ଏନେଇ ହୋଇଥିବା ବୈଠକରେ କରାଯାଇଥିବା ନିଷ୍ପତ୍ତି କେତେ ମାତ୍ରାରେ କାର୍ଯ୍ୟକାରୀ ହୋଇଛି ସେନେଇ ଆଲୋଚନା ହୋଇଥିଲା। ବେଆଇନ ନିଶାଦ୍ରବ୍ୟ କାରବାର, ଚୋରାଚାଲଣର ସ୍ଥିତି, ନଷ୍ଟ ହୋଇଯାଇଥିବା ନିଶାଦ୍ରବ୍ୟ, ରାଜ୍ୟକୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ସହାୟତା ସମେତ ନିଶାମୁକ୍ତ ଭାରତ ପାଇଁ କେନ୍ଦ୍ର ସରକାରଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ଲାଗି ଭବିଷ୍ୟତ ପଦକ୍ଷେପ ଉପରେ ଆଲୋଚନା ହୋଇଛି। ଇ-ଗଭର୍ନାନ୍ସ ପୋର୍ଟାଲରେ ୬୨, ୩୮୩ ଜଣ ନିଜ ପରିବାର ଓ ପ୍ରିୟଜନମାନଙ୍କୁ ମାଦକଦ୍ରବ୍ୟଠାରୁ ଦୂରରେ ରହି ସୁସ୍ଥ ଓ ନୀରୋଗ ଜୀବନ ଉପଭୋଗ କରିବାର ଶପଥ ନେଇଛନ୍ତି। ସମସ୍ତ ମହାବିଦ୍ୟାଳୟକୁ ଆଣ୍ଟି ଡ୍ରଗ୍ସ ଶପଥ ପାଇଁ ଉଚ୍ଚଶିକ୍ଷା ବିଭାଗ ଚିଠି ପଠାଇଛି। ୨୦୨୪-୨୫ରେ ରାଜ୍ୟରେ ୨୭,୭୨୧ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୨୦୨୩-୨୪ରେ ପ୍ରାୟ ୧୦,୩୨୦ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ୨୦୨୪-୨୫ରେ ଏହା ପ୍ରାୟ ୩ ଗୁଣା ବୃଦ୍ଧି ପାଇଛି। ସାଟେଲାଇଟ ଛବି ଓ ସୂଚନା ଆଧାରରେ ବେଆଇନ ଗଞ୍ଜେଇ ଚାଷ ଅଞ୍ଚଳକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ୨୦୨୪ରେ ୧,୩,୭୬୧ କେଜି ଗଞ୍ଜେଇ, ୩୭ କେଜି ହେରୋଇନ୍ ସମେତ ଅନ୍ୟ ମାଦକଦ୍ରବ୍ୟ ଜବତ ସମ୍ପର୍କିତ ସୂଚନା ଦିଆଯାଇଥିଲା। ବୈଠକରେ ଡିଜିପି ରାଜ୍ୟ ପୋଲିସ, ଅବକାରୀ ବିଭାଗ ସମନ୍ୱୟରେ ରାଜ୍ୟରେ ନିଶାଦ୍ରବ୍ୟ କାରବାର ଚୋରାଚାଲାଣ ସଫଳତା ସମ୍ପର୍କରେ ପ୍ରକାଶ କରିବା ସହ ୨୦୨୫-୨୬ ବର୍ଷ ପାଇଁ ପ୍ରସ୍ତୁତି ଓ ସଚେତନତା ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନାର୍କୋଟିକ୍ସ ଓ ସାଇକୋଟ୍ରାପିକ୍ସ ଦ୍ରବ୍ୟ ମାମଲାର ଫଇସଲା ପାଇଁ ରାଜ୍ୟ ସରକାର ପୋଲିସ ପ୍ରଶାସନର ପ୍ରସ୍ତାବ କ୍ରମେ ଖୁବ୍‌ଶୀଘ୍ର ଏନ୍‌ଡିପିଏସ୍ କୋର୍ଟ ଖୋଲିବାକୁ ଯାଉଥିବା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି।





**ଜାତି, ଜାତକ, ଯୌତୁକ ବିନା ଆଦର୍ଶ ବିବାହ**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ରସିଲାବାଦ, ତିକନପୁରସ୍ଥିତ ପର୍ଯ୍ୟଟନସ୍ଥଳୀ ଶ୍ରୀ ଶ୍ରୀକାମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲିଶ୍ରୀ ମହିଳା ସମିତି, କୋରୁଆ କନ୍ୟାଶ୍ରମରେ ଆଶ୍ରୟ ନେଇଥିବା ୩ ମାତୃପିତୃହୀନ କନ୍ୟାଙ୍କୁ ବିବାହ ବନ୍ଧନରେ ଅନୁଷ୍ଠାନ ପକ୍ଷରୁ ଆବଦ୍ଧ କରାଯାଇଛି। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା, ଅନ୍ତେବାସିନୀ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ( ଫଟୋ: ରବୀନ୍ଦ୍ର ନାଥ ବାରିକ)

# ବୈଠକ ଆହ୍ୱାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୧୩ା୫(ଜଗନ୍ନାଥ ଧଳ)

**ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ପାଇଁ ଉପଜିଲାପାଳ ନୂତନ ତାରିଖ ଧାର୍ଯ୍ୟ କରିପାରିବେ। ଏ ନେଇ ହୋଇଥିବା ମାମଲା(ନଂ. ଡବ୍ଲୁପିସି ୧୦୫୫୩/୨୦୨୫)ର ଗତ ୫ ତାରିଖ ଶୁଣାଣି ପରେ ୬ ତାରିଖରେ ହାଇକୋର୍ଟ ବିଚାରପତି ବ୍ରଜ ପ୍ରସନ୍ନ ଶତପଥୀ ରାୟ ଦେଇଛନ୍ତି। ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ମାର୍ଚ୍ଚ ୨୧ରେ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ନିବେଦନ କରିଥିଲେ। ଏ ନେଇ ୫ ତାରିଖରେ ବୈଠକ ହେବାକୁ ସ୍ଥିର ହୋଇଥିଲା। ତେବେ କେତେଜଣ ସଭ୍ୟ ଅସୁସ୍ଥ ଥିବା ଦର୍ଶାଇବା ପରେ ବୈଠକକୁ ବାତିଲ କରାଯାଇଥିଲା। ଏ ନେଇ ବିଜୟ ଶୁକ୍ଳା ପ୍ରମୁଖ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବୈଠକ ଆସନ୍ତା ୨୯ରେ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ଉପଜିଲାପାଳ ଅରୁଣ କୁମାର ନାୟକ ପଞ୍ଚାୟତ ସମିତିସଭ୍ୟ, ସରପଞ୍ଚମାନଙ୍କୁ ନଂ. ୫୦୧୫ରେ ଚିଠି କରିଥିଲେ। ଏହି ଚିଠିରେ ଉଲ୍ଲେଖ ଥିଲା ଯେ, ଅଧ୍ୟକ୍ଷା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ପଞ୍ଚାୟତ ସମିତି ଗୃହରେ ବୈଠକ ହେବ। ତହସିଲଦାର ଶିବ ମଲ୍ଲିକ ଏଥିରେ ସଭାପତିତ୍ୱ କରିବେ। ଏହି ଚିଠି ମିଳିବା ପରେ ବିଜୟ ଶୁକ୍ଳା ପ୍ରମୁଖ ପୁଣିଥରେ ହାଇକୋର୍ଟଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ପରେ ତହସିଲଦାର ମଲ୍ଲିକଙ୍କ ଦେହ ଅସୁସ୍ଥ ଥିବା ଦର୍ଶାଇ ବୈଠକ ବାତିଲ ହୋଇଥିଲା।

# ଟାଟା ଏସିଇ ଓଲଟି ୨ ମୃତ, ୧୫ ଆହତ

ଭଞ୍ଜନଗର/ବେଲଗୁଣ୍ଠା,୧୩ା୫
(ବାବୁଲା ପ୍ରଧାନ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ସୋରଡ଼ା-ଭଞ୍ଜନଗର ମୁଖ୍ୟ ରାସ୍ତାର କୁଲାଙ୍ଗି ଗ୍ରାମ ନିକଟରେ ମଙ୍ଗଳବାର ଟାଟା ଏସିଇ ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବାଘଲିଙ୍ଗିର ବାଦଲ ଗୌଡ(୧୫) ଓ କେଶରପାଟଣାର ଚନ୍ଦ୍ରମା ଗୌଡ (୨୭)। ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଅନ୍ୟମାନେ ଭଞ୍ଜନଗର ଓ ନିକଟସ୍ଥ ଅନ୍ୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ମେଡ଼ିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ମା'ପୁଅଙ୍କ ମୃତ୍ୟୁ

କେନ୍ଦୁଝର,୧୩ା୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ଶାଶୁ ଗୁରୁତର, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ସାହାରପୁର ଗ୍ରାମରେ ମଙ୍ଗଳବାର ସକାଳେ ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା'ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଶାଶୁ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ସୌମ୍ୟରଞ୍ଜନ ବେହେରାଙ୍କ ସ୍ତ୍ରୀ କଳ୍ପନା ମୁହାକୁଡ଼(୨୨), ଅଢ଼େଇ ବର୍ଷର ପୁଅ ଶୁଭ୍ରଜିତ। ଗୁରୁତର ହେଲେ ଶାଶୁ ଶାନ୍ତିଲତା ବେହେରା(୫୫)। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସକାଳେ କଳ୍ପନା ଶିଶୁ ପୁତ୍ରକୁ ଧରି ଘର ଆଗରେ ଓଦା ଲୁଗା ଶୁଖାଉଥିଲେ। ଏହି ସମୟରେ ନିକଟରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଶାଶୁ ଶାନ୍ତିଲତା ଉଦ୍ଧାର କରିବାକୁ ଆସି ଗୁରୁତର ହୋଇଥିଲେ।


ପୁଅ ଶୁଭ୍ରଜିତଙ୍କ ସହ କଳ୍ପନା

ସମସ୍ତେ ଅଚେତ ହୋଇପଡ଼ିଥିବା ବେଳେ ପରିବାର ଲୋକେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ୨ ମାସରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର,୧୩ା୫(ସୁନିତ୍ ମିଶ୍ର)

ଯାଜପୁର ଜିଲା ଛତିଆଠାରେ ବୋମାମାଡ଼ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଦର୍ଶାଉଛି। ଗତ ୨ ସପ୍ତାହ ଭିତରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧିକ ବିପର୍ଯ୍ୟସ୍ତ ହୋଇଛି ବୋଲି ବିଜେଡି ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ନେଇ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ବିଜେଡି ଦାବି କରିଛି। ମଙ୍ଗଳବାର ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭୁବନେଶ୍ୱର ଉପକଣ୍ଠରେ ପିପିଲି ନିର୍ବାଚନମଣ୍ଡଳୀରେ ୨ ଦିନ ତଳେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣା ଲୋକଲୋଚନକୁ ଆସିଛି। ସେହିପରି ମେ ପ୍ରଥମ ସପ୍ତାହରେ, କୋରାପୁଟ ଜିଲାର ଲମତାପୁଟର ଗୁନେଇପଡ଼ା ଏସ୍‌ଟି/ଏସ୍‌ସି ବାଳିକା ଛାତ୍ରୀନିବାସରେ ୮ ବର୍ଷର ବାଳିକା ବଳାତ୍କାରର ଶିକାର ହୋଇଥିଲେ। ଗତ ୨୬ ତାରିଖରେ ଯାଜପୁର ଜିଲାରେ ଜଣେ ମହିଳାଙ୍କୁ ଅପହରଣ ଓ ଗଣବଳାତ୍କାର ଭଳି ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ପ୍ରତିଦିନ ରାଜ୍ୟରେ ୩ରୁ ଅଧିକ ହତ୍ୟା ଘଟଣା ସାମ୍ନାକୁ ଆସୁଛି। ମୁଖ୍ୟମନ୍ତ୍ରୀ ଏନେଇ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଲେନିନ୍ କହିଛନ୍ତି।

# ସରକାରଙ୍କୁ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ନୋଟିସ: ବିଜେଡି

ଭୁବନେଶ୍ୱର,୧୩ା୫(ସୁନିତ୍ ମିଶ୍ର)

**କୋରାପୁଟରେ ନାବାଳିକାଙ୍କୁ ବଳାତ୍କାର ଘଟଣା**

କୋରାପୁଟ ଜିଲା ଲମତାପୁଟ ବ୍ଲକ୍‌ର ଗୁନେଇପଦା ଏସ୍‌ସିଏସ୍‌ଟି ଛାତ୍ରୀନିବାସରେ ନାବାଳିକା ବଳାତ୍କାରକୁ ନେଇ ବିଜେଡି ଗତ ସପ୍ତାହରେ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୩ ତାରିଖରେ ବିଜେଡିର ଏକ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇ ପୀଡ଼ିତା ଓ ତାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜାତୀୟ ଅନୁସୂଚିତ ଜନଜାତି କମିଶନ ନିକଟରେ ଦାବି କରିଥିଲେ। ବିଜେଡିର ଅଭିଯୋଗ ଆଧାରରେ କମିଶନ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଓ ଏସ୍‌ସିଏସ୍‌ଟି ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ନୂଆପଡ଼ାରେ ପୁଣି ବାଘ ଆତଙ୍କ

ନୂଆପଡ଼ା,୧୩ା୫ (ମକାରୁ ବେମାଲ)

କିଛିଦିନର ବ୍ୟବଧାନ ପରେ ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ନୂଆପଡା ବନାଞ୍ଚଳ ଧରମବନ୍ଧା ବିଟ ବୁଲାଭାଟ ପଞ୍ଚାୟତ ପଣ୍ଡରିପାଣି ଗାଁରେ ସୋମବାର ବିଳମ୍ବିତ ରାତିରେ ଏକ ଗାଈକୁ ମାରି ଖାଇଛି କଲରାପତରିଆ ବାଘ । ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ ପଣ୍ଡରିପାଣି ଗାଁର ମୁଞ୍ଜୁ ରାଉତ ନିଜ ଗାଈ ଓ ବାଛୁରୀଙ୍କୁ ଗୁହାଳରେ ବାନ୍ଧି ରାତିରେ ଖାଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଏକ ଗାଈକୁ ଆକ୍ରମଣ କରିଥିଲା । ସେହି ସମୟରେ ଗୁହାଳରେ ଥିବା ଅନ୍ୟ ଗାଈ ବାଛୁରୀ ହମ୍ବା ରଡି ଛାଡିଥିଲେ। ଗାଈ ମାଲିକ ଟର୍ଚ୍ଚ ଲାଇଟ ଧରି ଆସିଲା ବେଳକୁ ବାଘ ଗୁହାଳ ଡେଇଁ ପଳାଇ ଯାଇଥିଲା। ପରେ ସେ ଗୋଟିଏ ଗାଈର ରକ୍ତାକ୍ତ ମୃତଦେହ ପଡିଥିବା ଦେଖି ନୂଆପଡା ବନ ବିଭାଗକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ ଗତ ଏପ୍ରିଲ ୨୦ରେ ଉକ୍ତ ଗାଁର ଜଗଦୀଶ ରାଉତଙ୍କ ଏକ ଦୁଧିଆଳୀ ଗାଈ ଓ ମେ ୧ରେ ଅଶୋକ କୁମାର ରାଜପୁତଙ୍କ ଏକ ବାଛୁରୀକୁ କଲରାପତରିଆ ମାରି ଖାଇଥିଲା। ଗାଁକୁ ଲାଗି ସୁନାବେଡା ଅଭୟାରଣ୍ୟ ରହିଥିବାରୁ ଜଙ୍ଗଲ ଭିତରେ ବାଘ ଆଡ୍ଡା ଜମାଇ ସନ୍ଧ୍ୟା ହେଲେ ଶିକାର ଉଦ୍ଦେଶ୍ୟରେ ଗାଁ ଭିତରକୁ ପଶିଆସୁଛି । ବାରମ୍ବାର ଗୋଟିଏ ଗାଁକୁ ଆସି ବାଘ ଶିକାର କରୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ବାପ, ପୁଅ ମୃତ

ବଇଣ୍ଠା, ୧୩ା୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ନିକଟ କାକରପାଣି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ବେଳେ ବଜ୍ରପାତ ଘଟି ବାଲିଖମଣ ଗ୍ରାମର ପ୍ରଫୁଲ୍ଲ ମାଝୀ ଓ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଛି। ସେହିପରି ଟକବା ଅଞ୍ଚଳର ଅରୁଣ ବେହେରା ଓ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ୪ ଜଣ ଖରାଟିଆ ଧାନ ଅମଳ କରି ଘରକୁ ଫେରୁଥିବା ବେଳେ ଅପରାହ୍ନ ୪ଟାରେ ବଜ୍ରପାତ ହୋଇଥିଲା। ଫଳରେ ୪ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ କିଶୋରନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଫୁଲ୍ଲ ଓ ପ୍ରବୀଣଙ୍କୁ ସନ୍ଧ୍ୟା ୬ଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହଣ୍ଡପା ପୋଲିସ କିଶୋରନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବଲାଙ୍ଗୀରରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୧୩ା୫
(ରବିନାରାୟଣ ଜେନା/ ବନ୍ଦନା ସେଠୀ)

**ଗରମ, ଗୁଳୁଗୁଳିରେ ରାଜ୍ୟରେ ୨୮୨ ଅସୁସ୍ଥ**

ଗତ କିଛିଦିନ ଧରି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ସକାଳ ୮ଟାରେ ମଧ୍ୟାହ୍ନ ଭଳି ଖରା ହେଉଛି। ଅତ୍ୟଧିକ ତାପମାତ୍ରା ରାଜ୍ୟବାସୀଙ୍କୁ କଲବଲ କରୁଛି। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଲାଣି। ଯଦିଓ ଏବେ ସୁଦ୍ଧା ଅଂଶୁଘାତଜନିତ କୌଣସି ଅଘଟଣ ଘଟିନାହିଁ, ତେବେ ମାତ୍ରାଧିକ ଗରମରେ ଲୋକେ ଅସୁସ୍ଥ ହେଉଥିବା ଦେଖାଯାଉଛି। ସୋମବାର ବଲାଙ୍ଗୀରରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ରାଜ୍ୟରେ ୧୬ଟି ଜିଲାରୁ ୨୮୨ଜଣ ଅଂଶୁଘାତ ରୋଗୀ ଚିକିତ୍ସିତ ହେଉଥିବା ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ତେବେ ଏହାର ବିଭିନ୍ନ ପ୍ରକାର ଯାଞ୍ଚ ପ୍ରକ୍ରିୟା ରହିଛି। ସମ୍ପୂର୍ଣ୍ଣ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ। ଏସବୁ ପରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଭିତରେ ଘୋଷଣା ହେବ। ଯେପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଶେଷ ହୋଇନାହିଁ ସେପର୍ଯ୍ୟନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ। ନିର୍ଦ୍ଦେଶକ କହିଥିଲେ, ଚଳିତବର୍ଷ ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅତି ଜରୁରୀ ନ ଥିଲେ ପଦାକୁ ଖାଲିପାଦରେ ନ ବାହାରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି।



ସତର୍କତା ଅବଲମ୍ବନ କରିବା ପାଇଁ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଛି। ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବାଧିକ ୮୩ ଜଣ ଅଂଶୁଘାତରେ ଅସୁସ୍ଥ ହୋଇଥିବାବେଳେ ଝାରସୁଗୁଡ଼ାରେ ୭୨, ମୟୂରଭଞ୍ଜରେ ୪୨, ବାଲେଶ୍ୱରରେ ୨୪, ସୁବର୍ଣ୍ଣପୁରରେ ୧୭, ଦେବଗଡ଼ରେ ୧୫ ଜଣ ଅସୁସ୍ଥ ହୋଇଛନ୍ତି। ଏହାବାଦ୍ ଗଞ୍ଜାମ, କେନ୍ଦୁଝର ଓ ମାଲକାନଗିରିରେ ଜଣେ ଲେଖାଏ, ନୟାଗଡ଼ରେ ୨, ଅନୁଗୋଳ, ଭଦ୍ରକ, ଯାଜପୁର ଓ ସୁନ୍ଦରଗଡ଼ରେ ୩ ଜଣ ଲେଖାଏ ଏବଂ ଜଗତ୍‌ସିଂହପୁର ଓ ଖୋର୍ଦ୍ଧାରେ ୭ଜଣ ଲେଖାଏ ଅଂଶୁଘାତ ରୋଗୀ ଚିକିତ୍ସିତ ହୋଇଥିବା ରିପୋର୍ଟ ହୋଇଛି। ଗତବର୍ଷ ଝାରସୁଗୁଡ଼ାରେ ଅଂଶୁଘାତଜନିତ ମୃତ୍ୟୁ ଟିକେ ବଢ଼ି ଯାଇଥିଲା। ବାହାର ରାଜ୍ୟର ଡ୍ରାଇଭର ଓ ହେଲ୍‌ପରମାନେ ଅସାବଧାନତା ଯୋଗୁ ଖଣି ଅଞ୍ଚଳରେ ଟ୍ରକ ଭିତରେ ବିଶ୍ରାମ ନେବାବେଳେ ଅଂଶୁଘାତର ସମ୍ମୁଖୀନ ହୋଇଥିଲେ। ଏବେ ସେସବୁ ଅଞ୍ଚଳରେ ବ୍ୟାପକ ଜନସଚେତନତା କରାଯାଉଛି। ସକାଳ ୧୦ଟା ପରେ ଖରାକୁ ନ ବାହାରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଅତି ଜରୁରୀ ଥିଲେ ଛତା ଓ ମୁଣ୍ଡରେ ଗାମୁଛା ଦେଇ ବାହାରକୁ ବାହାରିବାକୁ ପରାମର୍ଶ ଦିଆଯାଉଛି। ଶୋଷ ସମୟରେ ଓଆର୍‌ଏସ୍ କିମ୍ବା ତୋରାଣି ପିଇବାକୁ ପରାମର୍ଶ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଥିଲେ।

## ୮୦ ଲକ୍ଷ ଟଙ୍କାର ବନୀକରଣ ଦୁର୍ନୀତି

# ଡେପୁଟି ରେଞ୍ଜରଙ୍କ ସମେତ ୫ ଗିରଫ

ଭବାନୀପାଟଣା/ଭୁବନେଶ୍ୱର, (ଉତ୍ତମ କୁମାର ଦାଶ/ ସତ୍ୟଜିତ ରାଉତ) ୧୩।୫

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ଆଳରେ ହୋଇଥିବା ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସର ଓ କର୍ମଚାରୀମାନେ ଏହି ଦୁର୍ନୀତି କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି। କମ୍ପେନସାଟୋରି ଆଫୋରଷ୍ଟେଶନ ସ୍କିମ୍ ଜରିଆରେ ଗଛ ଲଗାଇବା ଆଳରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମଙ୍ଗଳବାର ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍‌ଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତମାନେ ଫରେଷ୍ଟର ଉମେଶ ରାଉତ, ଦେବରାଜ ସୁନାନି, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ। ଏ ସମ୍ପର୍କରେ ସୋମବାର କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୯/୨୦୨୫) କରାଯାଇଛି। ଅଭିଯୁକ୍ତମାନଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍(ବାମରୁ), ଫରେଷ୍ଟର ଦେବରାଜ ସୁନାନି, ଉମେଶ ରାଉତ, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ।

- ତଦନ୍ତ ଦାୟିତ୍ୱରେ ଭିଜିଲାନ୍ସର ୪ଟି ଟିମ୍
- ୨ ମାସ ତଳେ ଚଢ଼ଉ କରିଥିଲା ଇଡି

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମିଳିମିଶି ବନୀକରଣ ଆଳରେ ଅର୍ଥ ଆତ୍ମସାତ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଟଙ୍କା ହଡ଼ପ କରିଥିଲେ। ପ୍ଲାଣ୍ଟେସନ୍ ସାଇଟ୍ ଯଥା ଚମ୍ପାଚୁଆଁ-୧ରେ ୭୧.୦୬୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୪୩.୭୫ ଲକ୍ଷ), ଚମ୍ପାଚୁଆଁ-୨ରେ ୧୪.୧୦୯ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୬.୬୭ ଲକ୍ଷ), ଖମାରପଦର ଟାଙ୍ଗରା ପାହାଡରେ ୩୦ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୧୨.୭୬ ଲକ୍ଷ), ଖମାରପଦର ଏଏନ୍ଆର୍ ରେ ୫୮.୮୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୮୦୦ ଗଛ (୧୧.୨୨ ଲକ୍ଷ) ଏବଂ ଖମାରପଦର ଏଏନ୍ଆର୍ ରେ ୭୭.୭୪୩ ହେକ୍ଟରରେ ପ୍ରତି ହେକ୍ଟର ପିଛା ୪୦୦ ଗଛ (୫.୧୨ ଲକ୍ଷ) ଲଗାଇବାକୁ କହି ଟଙ୍କା ଆଣିଥିଲେ। ହେଲେ ଅଳ୍ପ ଗଛ ଲଗାଇ ଆଉ ସବୁ ଟଙ୍କା ଚଳୁ କରିଦେଇଥିଲେ। ଅଭିଯୁକ୍ତମାନେ ଶ୍ରମିକଙ୍କ ଆକାଉଣ୍ଟ କହି ଅନ୍ୟ ଆକାଉଣ୍ଟ ଦେଇ ଟଙ୍କା ନେଇଯାଇଥିଲେ। ଏହାପରେ ସେମାନେ ଉକ୍ତ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ନେଇଥିଲେ। ଏନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ୨ ମାସ ହେଲା ଭିଜିଲାନ୍ସ ୨୫ ଅଫିସରଙ୍କୁ ନେଇ ଗଠିତ ୪ ଟିମ୍ ତଦନ୍ତ ଓ ଅନୁସନ୍ଧାନ କରିଥିଲେ। ଏହାପୂର୍ବରୁ ଗତ ଫେବୃଆରୀ ୨୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଜୟପାଟଣା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲା। ଏନେଇ ଇଡି ମଧ୍ୟ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଆବେଦନ

### କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଜନସ୍ୱାର୍ଥ ମାମଲା

କଟକ, ୧୩।୫(କାର୍ତ୍ତିକ ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କୁ ନେଇ ଘଟଣାର ତଦନ୍ତ କରାଯାଉ ବୋଲି ଆବେଦନକାରୀ ପ୍ରତାପ ମହାନ୍ତି ଆବେଦନରେ ଦର୍ଶାଇଛନ୍ତି। ଘଟଣାରେ ସବୁ ଦିଗକୁ ଦୃଷ୍ଟି ଦେଇ ତଦନ୍ତ ହେଉ। ରାଜ୍ୟ ସରକାର ଗଠନ କରିଥିବା ତଦନ୍ତ କମିଟି ୟୁଜିସି ଗାଇଡ ଲାଇନରେ ଥିବା ଅନେକ ଦିଗକୁ ବିଚାରକୁ ନେଇନାହିଁ। ୪ ମାସ ମଧ୍ୟରେ କିଟ୍‌ରୁ ୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ହାଇକୋର୍ଟ ବିଚାର ବିଭାଗୀୟ ତଦନ୍ତ ପାଇଁ ଆଦେଶ ଦିଅନ୍ତୁ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର, ୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଅତିରିକ୍ତ ଜିଲାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ତେଲକୋଇ ବ୍ଲକ୍ ସିରିଗିଡ଼ା ଗ୍ରାମର ନରୋତ୍ତମ ପେଣ୍ଡେଇଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ ୧୦ରେ ନରୋତ୍ତମଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ(୪୫), ଶାଶୁ ଗୋମୋତି ପେଣ୍ଡେଇ ଓ ସ୍ତ୍ରୀ ବବିତା ପେଣ୍ଡେଇ ଘରେ ଶୋଇଥିଲେ। ରାତି ୧୦ ଟାରେ ନରୋତ୍ତମ ଏକ କୁରାଢ଼ି ଧରି ଘରେ ପଶିଥିଲେ। ବବିତା ଶୋଇଥିବା ଅବସ୍ଥାରେ ତାଙ୍କ ବେକକୁ ହାଣିଦେଇଥିଲେ। ପରେ ଆଉ ଥରେ ହାଣିବାକୁ ଉଦ୍ୟମ କରିବାରୁ ଗୋମୋତି ଅଟକାଇ ଦେଇଥିଲେ। ପରେ କୁରାଢ଼ି ଧରି ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ବବିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ୬୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ମୋହନା, ୧୩।୫(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ପୋଲିସ ୬୧୪ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଡବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଯୋଡ଼ାଆମ୍ବ ଗାଁ ନିକଟରୁ ଏକ ୧୦ ଚକିଆ ଟ୍ରକ ( ନଂ. ପିବି ୦୭ଏ ଏସ ୧୮୦୫)ରେ ପଞ୍ଜାବ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଗଞ୍ଜେଇ ଧରିବାକୁ ଅଡବା ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍‌ରେ ଗଞ୍ଜେଇ ବୋଝେଇ ହେଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପଞ୍ଜାବର ଗଞ୍ଜେଇ ବ୍ୟବସାୟୀ ଦିଲବାଗ ସିଂ ଓ ଗଜପତି ଜିଲ୍ଲା ପରମାଗୁଡା ଗାଁର ରଞ୍ଜନ ନାୟକଙ୍କୁ ପୋଲିସ କାବୁ କରିଥିଲା। ଉକ୍ତ ଟ୍ରକରୁ ୬୧୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ବଜାର ଦର ୬୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଡବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା

କଣାସ, ୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ହତ୍ୟାକାଣ୍ଡ ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ିଶାଗୋଡା ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ। ଏନେଇ ପ୍ରତାପଙ୍କ ପତ୍ନୀ ଗଡ଼ିଶାଗୋଡା ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ପ୍ରତାପ ଚୁଡୁରିଙ୍ଗି ଜେସିବି ଚଲାଇବା ପାଇଁ ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ପ୍ରତାପଙ୍କ ମୃତଦେହ ପାହିଲୁଣ୍ଠିଠାରେ ଏକ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗଡ଼ିଶାଗୋଡା ଥାନା ଆଇଆଇସି ସୁଧୀର କୁମାର ଦାସ, ପୁରୀ ସଦର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଭଞ୍ଜ, ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛି। ପରେ ଗଡ଼ିଶାଗୋଡା ଥାନାରେ ୮୯/୨୫ରେ ଏକ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାକାରୀ ଫେରାର୍ ଥିବା ପୋଲିସ୍ କହିଛି। ପୂର୍ବରୁ ପ୍ରତାପଙ୍କର ଗ୍ରାମର କେତେଜଣ ଲୋକଙ୍କ ସହ ରାଜନୈତିକ ବିବାଦ ରହିଥିଲା। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଉଥିବା ପ୍ରତାପଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି।

# ୩ ଘଣ୍ଟା ଧରି ଚାଲିଲା ବିତର୍କ

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

ପାଟଣାଗଡ଼, ୧୩।୫ (ସଚ୍ଚିଦାନନ୍ଦ ମହାକୁର)

ମଙ୍ଗଳବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଉଭୟ ପକ୍ଷର ଓକିଲଙ୍କୁ ନେଇ ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ହୋଇଥିଲା। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ବିତର୍କ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। କୋର୍ଟରେ ଉପସ୍ଥିତ ଥିବା ଅଭିଯୋଗକାରୀଙ୍କ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋଙ୍କ କହିବା ଅନୁଯାୟୀ ଏହି ବିତର୍କ ପ୍ରକ୍ରିୟା ୯ ତାରିଖରୁ ଆରମ୍ଭ ହୋଇଛି। ସେମାନେ ମଙ୍ଗଳବାର ଡିଫେନ୍ସ ପାଇଁ କୋର୍ଟକୁ ଜଣାଇଥିଲେ। ସେମାନେ ଯାହା ନୂଆ ତଥ୍ୟ କୋର୍ଟରେ ଉଠାଇଲେ ଆମେ ତା'ର ପ୍ରତ୍ୟୁତ୍ତର ବୁଧବାର ରଖିବୁ। ଆଶା କରାଯାଉଛି ଏହି ବିତର୍କ ପ୍ରକ୍ରିୟା ବୁଧବାର ସରି ଯାଇପାରେ। ଏହାପରେ କୋର୍ଟ ଶୁଣାଣି ତାରିଖ ଧାର୍ଯ୍ୟ କରିବେ।

ଅପରପକ୍ଷରେ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ରଙ୍କ କହିବା ଅନୁସାରେ ଏହି ମାମଲାରେ ଅନ୍ୟ ବହୁଦିଗ ଓ ଘଟଣା ଥିଲା। ଏହାକୁ କ୍ରାଇମବ୍ରାଞ୍ଚ ଜାଣିଶୁଣି ଚାପଗ୍ରସ୍ତ ହୋଇ ତଦନ୍ତ ପରିସରକୁ ଆଣି ନ ଥିଲା। ଏପରି କି ଅଭିଯୋଗକାରୀଙ୍କ ପରିବାର ସହ ବିଭିନ୍ନ ଦିଗକୁ ନେଇ ଶତ୍ରୁତା ମଧ୍ୟ ଥିଲା।



ସୁରକ୍ଷାକର୍ମୀଙ୍କ ସହିତ ପୁଞ୍ଜିଲାଲ କୋର୍ଟ ଭିତରୁ ବାହାରକୁ ବାହାରୁଛନ୍ତି।

ସେ ଦିଗରେ କ୍ରାଇମବ୍ରାଞ୍ଚ ତଦନ୍ତ କରିନାହିଁ। କେବଳ ପୁଞ୍ଜିଲାଲଙ୍କୁ ଟାର୍ଗେଟକରି ଫସାଇ ଦିଆଯାଇଛି। ଏ ସମ୍ପର୍କରେ ଲିଖିତ ଭାବେ କୋର୍ଟକୁ ଜଣାଯାଇଛି। ଯେହେତୁ ଏହି ମାମଲା ବିଚାରାଧୀନ ଅଛି, ତେଣୁ ଅଧିକ କହିବା ଠିକ୍ ହେବନାହିଁ। ବୁଧବାର ସେମାନେ ଆମର କେତୋଟି ବିଷୟ ଉପରେ କ୍ଲାରିଫିକେଶନ ଦେବେ। ଆମେ ମଧ୍ୟ ତା'ର ପ୍ରତ୍ୟୁତ୍ତର ରଖିବୁ। ଏଥିସହ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚ ସେମିତି କିଛି ଠୋସ୍ ପ୍ରମାଣ ଯୋଗାଡ଼ କରିପାରିନାହିଁ। କ୍ରାଇମବ୍ରାଞ୍ଚ ନିଜର ଲକ୍ଷ୍ୟ ପୂରଣ ପାଇଁ ପୁଞ୍ଜିଲାଲଙ୍କୁ ଏହି ମାମଲାରେ ଛନ୍ଦି ଦେଇଛି ବୋଲି ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅପରପକ୍ଷରେ ମଙ୍ଗଳବାର କୋର୍ଟରେ ଏହି ମାମଲାର ବିତର୍କ ପରେ ଶୁଣାଣି ତାରିଖ କୋର୍ଟ ଧାର୍ଯ୍ୟ କରିବା ଆଶାରେ ପୁଞ୍ଜିଲାଲଙ୍କ ବାପା, ସ୍ତ୍ରୀ ଓ ତାଙ୍କ ୨ ପୁଅଙ୍କୁ କୋର୍ଟ ପରିସରରେ ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ବିସ୍ଫୋରଣରେ ନବବିବାହିତ ସୌମ୍ୟ ଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣି ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନବବିବାହିତା ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ଏ ଦିଗରେ ତଦନ୍ତକରି ପୁଞ୍ଜିଲାଲଙ୍କୁ ମାମଲାର ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

## ଦମ୍ପତିଙ୍କୁ ହାଣି ଲୁଟିନେଲେ ୧୪ ଭରି ସୁନା ଅଳଙ୍କାର

ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ଧରଣର ସଶସ୍ତ୍ର ଡକାୟତି ହୋଇଛି। ୪ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ମାରଣାସ୍ତ୍ରରେ ହାଣି ପ୍ରାୟ ୧୪ ଭରି ସୁନା ଅଳଙ୍କାର ସହ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ନେଇଯାଇଛନ୍ତି। ଏ ନେଇ ଘର ମାଲିକ ଗୋପାଳ ଚେଟ୍ଟୀ ମଙ୍ଗଳବାର ସକାଳେ କଲ୍ୟାଣସିଂପୁର ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗକାରୀଙ୍କ ଏତଲା ଅନୁସାରେ, ସୋମବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଘରେ ଲୋକେ ଶୋଇଥିବାବେଳେ ଛାତ ଉପରଦେଇ ୪ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସିନ୍ଦୁକ ଓ ଆଲମାରୀ ଭାଙ୍ଗିବା ବେଳେ ଉଭୟେ ଗୋପାଳ ଓ ତାଙ୍କ ସ୍ତ୍ରୀ ଉଠିପଡିବାରୁ ଦୁର୍ବୃତ୍ତମାନେ ତାଙ୍କ କାନ୍ଧରେ ଛୁରି ଲଗାଇ ପାଟି ଚୁପ୍ କରିଦେଇଥିଲେ। ପରେ ବେକରେ ମାରଣାସ୍ତ୍ର ଲଗାଇବା ସହ ହାତରେ ମଧ୍ୟ ଆଘାତ କରିଥିଲେ। ଏଥିସହ ସେମାନେ ପିନ୍ଧିଥିବା ସୁନା ଅଳଙ୍କାର ଛଡ଼ାଇ ନେଇଯାଇଥିଲେ। ସୁନା ଅଳଙ୍କାର ସହ ୨ଟି ମୋବାଇଲ ଏବଂ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ସେମାନେ ନେଇଯାଇଥିବା ଗୋପାଳ ଅଭିଯୋଗରେ ଉଲ୍ଲେଖ କରିଛନ୍ତ। କଲ୍ୟାଣସିଂହପୁର ପୋଲିସ ଓ ଅତିରିକ୍ତ ଦାୟିତ୍ୱରେ ଥିବା ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଏହି ମାମଲା ନେଇ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

## ବାର୍‌ରେ ଗଣ୍ଡଗୋଳ ଘଟଣା: ଜଣେ ଗିରଫ

ଭୁବନେଶ୍ୱର, ୧୩।୫ (ସତ୍ୟଜିତ ରାଉତ)

କେଶୁରାସ୍ଥିତ କୁଇନ ସିଟି ବାର ଆଣ୍ଡ ରେଷ୍ଟୁରାଣ୍ଟରେ ଦୁଇ ଗୋଷ୍ଠୀଙ୍କ ଗଣ୍ଡଗୋଳ ଘଟଣାରେ ବଡ଼ଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରଡ଼କଣ୍ଟା ଅଞ୍ଚଳର ସନ୍ତୋଷ କୁମାର ଜେନା ଓରଫ ସନ୍ତୁ (୨୩)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ସନ୍ତୁଙ୍କ ନାମରେ ପୂର୍ବରୁ ବଡ଼ଗଡ଼ ଥାନାରେ ୨ଟି ଆପରାଧିକ ମାମଲା ରହିଛି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଝାରପଡ଼ା ଏବଂ କାମେନା ଗ୍ରାମର କେତେଜଣ ଯୁବକ ବାରକୁ ଯାଇ ମଦ୍ୟପାନ କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟେ ଉଭୟଙ୍କୁ ବିୟର ବୋତଲ ଦ୍ୱାରା ଆକ୍ରମଣ କରିଥିଲେ। ବାରର କର୍ମଚାରୀମାନେ ଅଟକାଇବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ବାର କର୍ମଚାରୀ ବିଶ୍ୱଜିତ ନାୟକ ଆହତ ହୋଇଥିଲେ। ଏନେଇ ମ୍ୟାନେଜର ସତ୍ୟମ ବାରିକ ଏତଲା ଦେବାପରେ ପୋଲିସ ମାମଲା (ନଂ.୨୫୮/୨୦୨୫)ରୁଜୁକରିଥିଲା।

## ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୩ ଗିରଫ

### ବିଡିଓଙ୍କୁ ଗାଳିଗୁଲଜ, ବ୍ଲକ୍ ପରିସରରେ ଭଙ୍ଗାରୁଜା ଘଟଣା

କେନ୍ଦୁଝର, ୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ବିଡିଓଙ୍କୁ ଗାଳିଗୁଲଜ, ଅଫିସରେ ଭଙ୍ଗାରୁଜା ଓ ଗେଟ୍‌ରେ ତାଲା ପକାଇବା ଘଟଣାରେ ନୟାକୋଟ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ତଥା ଖଜୁରିମୁଣ୍ଡି ଗ୍ରାମର ମାନସ ଦେହୁରୀ(୩୮), କୁମୁଣ୍ଡି(ଖ) ଗ୍ରାମର ଶୁକଦେବ ମହାକୁଡ଼(୫୦) ଓ କାଞ୍ଜିପାଣି ଗ୍ରାମର ପଦ୍ମଲୋଚନ ଆରୁକ(୪୦)।

ପ୍ରକାଶ ଯେ, ମେ ୫ ଅପରାହ୍ନ ୨ଟା ୨୦ରେ ବାଂଶପାଳ ବିଡିଓ ରାଜା ରଣଜିତ୍ ପ୍ରତାପ ବଳ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ ଦେହୁରୀ ଏବଂ ଅନ୍ୟ ୨ଜଣ ଅଫିସରେ ଜବରଦସ୍ତ ପ୍ରବେଶ କରିଥିଲେ। ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଅଫିସ ଖାଲି କରିବାକୁ ବାଧ୍ୟ କରିଥିଲେ। ଅଫିସ୍‌ର କାଚ କବାଟ ଭଙ୍ଗାରୁଜାକରି ମୁଖ୍ୟ ଗେଟ୍‌ରେ ତାଲା ପକାଇ ପଛ ଗେଟ୍‌ରେ ଚାଲିଯିବାକୁ ବାଧ୍ୟ କରିଥିଲେ। ଏ ନେଇ ବିଡିଓ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁକରି ତଦନ୍ତ କରୁଥିଲା। ସବ୍ ଇନ୍ସପେକ୍ଟର ଫୁଲଜେମ୍ସ ଟିଗା ତଦନ୍ତ କରୁଥିଲେ। ସେମାନଙ୍କ ନିକଟରୁ ଏକ କାର୍(ଓଡି ୦୯ ଡି ୭୯୯୯) ଜବତ ହୋଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଆତୀ ଖାଇଲେ ପଣସ, ଶୁଖୁଆ, ତାଳ;**
**ଜାଣିବ ପିଲାର ପୂରିଲା କାଳ।**

ଗର୍ଭବତୀ ମହିଳାମାନେ ପଣସ, ଶୁଖୁଆ ଓ ତାଳ ଖାଇବା ଅନୁଚିତ। କାରଣ ଏପରି ଖାଦ୍ୟ ଖାଇଲେ ତାହା ଗର୍ଭସ୍ଥ ଶିଶୁ ପ୍ରତି ବିପଦ ସୃଷ୍ଟି କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ପିଣ୍ଡାରେ ବସି ଯେ ପଚାରେ ଚାଷ**
**ତା'ର କାହିଁ ପାଇଁ ଚାଷରେ ଆଶ ?**

ଚାଷ କାର୍ଯ୍ୟରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ତେବେ ନିଜେ ଚାଷ ନ କରି ପର ଉପରେ ନିର୍ଭର କରି ବସି ରହିଲେ ଫସଲରୁ ସେତେ ଅଧିକ ଲାଭ ମିଳି ନ ଥାଏ ଓ ଭଲ ଫସଲ ମଧ୍ୟ ମିଳି ନ ଥାଏ। ଚାଷ କାର୍ଯ୍ୟରେ ପର ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅର୍ଚ୍ଚନା ନାଗଙ୍କୁ କାରଣ ଦର୍ଶାଅ ନୋଟିସ

### ଓକିଲାତି ଲାଇସେନ୍ସ ଆବେଦନପତ୍ରରେ ଫୌଜଦାରି ମାମଲା ତଥ୍ୟ ଲୁଚାଇଛନ୍ତି

କଟକ, ୧୩।୫(କାର୍ତ୍ତିକ ସାହୁ)

ରାଜ୍ୟ ବାର୍ କାଉନସିଲରୁ ଗତ ୧୦ ତାରିଖରେ ଓକିଲାତି ପାଇଁ ଲାଇସେନ୍ସ ପାଇଥିବା ଅର୍ଚ୍ଚନା ନାଗ ଲାଇସେନ୍ସ ପାଇଁ ଦେଇଥିବା ଆବେଦନପତ୍ରରେ ତାଙ୍କ ନାମରେ ଥିବା ଫୌଜଦାରି ମାମଲାଗୁଡ଼ିକର ତଥ୍ୟ ଲୁଚାଇଥିବା ଜଣାପଡ଼ିଛି। ଏହାକୁ ନେଇ ବାର୍ କାଉନ୍‌ସିଲ ପକ୍ଷରୁ ମଙ୍ଗଳବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନାନୁସାରେ, ଅର୍ଚ୍ଚନା ନାଗ ଓକିଲାତି କରିବା ପାଇଁ ରାଜ୍ୟ ବାର କାଉନସିଲକୁ ଆବେଦନ କରିଥିଲେ।

## କ୍ରିକେଟ୍ ଖେଳରୁ ଝଗଡ଼ା, ୩ ଅଟକ

### ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣା

ଭୁବନେଶ୍ୱର, ୧୩।୫ (ସତ୍ୟଜିତ ରାଉତ)

ଶିଶୁ ଭବନ ଟ୍ରାଫିକ୍ ଛକ ପାଖ ଫରେଷ୍ଟ ପାର୍କ ରାସ୍ତାରେ ଭିକି ନାୟକଙ୍କୁ ଗୋଡ଼େଇ ହାଣିବା ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଡିସିପି ଜଗମୋହନ ମୀନା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ କ୍ରିକେଟ୍ ଖେଳରୁ ଝଗଡ଼ାର ସୂତ୍ରପାତ ହୋଇଥିବା ଜଣାପଡ଼ିଛି। ଭିକିଙ୍କ ଭଉଣୀଙ୍କ ଏତଲାକୁ ଆଧାର କରି (ନଂ.୧୪୫/୨୦୨୫) ମାମଲା ରୁଜୁ କରାଯାଇଛି। ଅନ୍ୟମାନଙ୍କୁ ଧରିବାକୁ ବିଭିନ୍ନ ପୋଲିସ ଟିମ୍ ଚଢ଼ାଉ ଜାରି ରଖିଥିବା ଡିସିପି କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ରାତି ପ୍ରାୟ ୯ଟାବେଳେ ଭିକିଙ୍କୁ କେତେଜଣ ଯୁବକ ଗୋଡ଼େଇ ଗୋଡ଼େଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ।

# ବନ୍ଧାହେଲେ ଆଉ ୨୦ ଅଭିଯୁକ୍ତ



ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ପିସ୍ତଲ ଓ ଗୁଳି।

ଛତ୍ରପୁର, ୧୩।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଆଉ ୨୦ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ବେଆଇନ୍ ଭାବେ ପିସ୍ତଲ, ଗୁଳି ଆଦି ରଖିବା ଏବଂ ବିଭିନ୍ନ ଆପରାଧିକ ମାମଲାରେ ଏମାନେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତମାନଙ୍କଠାରୁ ୮ଟି ପିସ୍ତଲ, ୩୧ଟି ଗୁଳି ଓ ୧୨ଟି ମାଗାଜିନ୍ ଜବତ ହୋଇଥିବା ମଙ୍ଗଳବାର ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଛତ୍ରପୁରଠାରେ ସୂଚନା ଦେଇଛନ୍ତି।

ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦକ୍ଷିଣାଞ୍ଚଳ ଆଇଜି ଖବରଦାତା ସମ୍ମିଳନୀ କରି ଅପରାଧ ରୋକିବାରେ ବିଭିନ୍ନ ଥାନା ପୋଲିସ ଭଲ କାମ କରିଥିବା କହିଥିଲେ। ଅପରାଧୀମାନଙ୍କୁ ଧରିବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଚାଲିଛି। ଗତ ରବିବାର ପୋଲିସ ଏଭଳି ୧୮ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୦ ଦିନ ମଧ୍ୟରେ ୩୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ବହୁତ ପିସ୍ତଲ ଓ ଗୁଳି ଜବତ ହୋଇଛି। ଗଞ୍ଜାମକୁ ଅପରାଧମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିବ ବୋଲି ଆଇଜି କହିଛନ୍ତି। ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ୍ସ ଆକ୍ଟ ଲଗାଯାଇ ମାମଲା ରୁଜୁ କରାଯାଇଛି।

- ଅପରାଧମୁକ୍ତ ଗଞ୍ଜାମ ଲକ୍ଷ୍ୟ: ଦକ୍ଷିଣାଞ୍ଚଳ ଆଇଜି
- ଧରାପଡ଼ିଲେ ସୁରଟ, ରାଉରକେଲା ପୋଲିସର ୨ ୱାଣ୍ଟେଡ

ସୂଚନାଯୋଗ୍ୟ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନେତୃତ୍ୱରେ ଚାଲିଥିବା ସ୍ପେଶାଲ ଡ୍ରାଇଭରେ ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ଥାନା ଯଥା କୋଦିନଡା, ଆସିକା, ପୋଲସରା ଓ ହିଞ୍ଜିଳି ଥାନା ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି। କୋଦିନଡା ଥାନା ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଜୁଗୁଡି ଗାଁର ରାମଚନ୍ଦ୍ର ଗୌଡ ଓରଫ ରାମ, ବ୍ରହ୍ମପୁର ସଦର ଥାନା ଲାଠି ଗାଁର ପିଣ୍ଟୁ ଗୌଡ ଓରଫ ପଣ୍ଡା, କୋଦଳା ଥାନା ଛଟିନା ଗାଁର ରାଜୁ ଜେନା, ରମ୍ଭା ଥାନା ଖଣ୍ଡଦେଉଳି ଗାଁର ସନ୍ତୋଷ ବେହେରା, ପୋଲସରା ଥାନା ସୋଡ଼କ ଗାଁର ଗଣେଶ ନାହାକ, କୋଦିନଡା ଥାନା ଭେଟନଇ ଗାଁର ପିଣ୍ଟୁ ବେହେରା, ଛତ୍ରପୁର ଥାନା ଅପରବସନ୍ତାଣ୍ଡ ରାଜେଶ ମହାରଣା ଓ ପଟ୍ଟନାୟକ କଲୋନୀର ପ୍ରତାପ କୁମାର ଜେନା ଓରଫ ପପୁ। ସେମାନଙ୍କଠାରୁ ୪ଟି ପିସ୍ତଲ, ୧୮ଟି ଗୁଳି, ୮ଟି ମାଗାଜିନ୍, ଗୋଟିଏ କାର୍ ଓ ଗୋଟିଏ ବାଇକ୍ ଏବଂ ୯ ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ରାଜେଶଙ୍କ ନାଁରେ ସାକୁରା ବେହେରା ହତ୍ୟା ସମେତ ୨ଟି ମାମଲା ରହିଥିବା ବେଳେ ରାମଙ୍କ ନାଁରେ ୪ଟି, ପିଣ୍ଟୁଙ୍କ ନାଁରେ ୯ଟି ମାମଲା, ସନ୍ତୋଷଙ୍କ ନାଁରେ ୧୩ଟି, ଗଣେଶଙ୍କ ନାଁରେ ଗୋଟିଏ ଏବଂ ପ୍ରତାପଙ୍କ ନାଁରେ ୩ଟି ମାମଲା ରହିଛି। ଅଭିଯୁକ୍ତ ରାଜୁ ସୁରଟର ସାରଥନା ଥାନାର ଏକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସେହିପରି ସୁନା ଦୋକାନ ଡକାୟତି ଯୋଜନା କରୁଥିବାବେଳେ ଆସିକା ଥାନା ପୋଲିସ ପକ୍ଷରୁ ୫ ଜଣଙ୍କୁ ଗିରଫ କରାଯାଇଛି।

# କାର୍ଗୋ ପରିଚାଳନାରେ ଐତିହାସିକ ମାଇଲଖୁଣ୍ଟ

## ବାର୍ଷିକ ଭିତ୍ତିରେ ୪.୩% ବୃଦ୍ଧି



ଭୁବନେଶ୍ୱର,୧୩।୫(ଅଭୟ ଦାଶ)

ଗତ ଦଶନ୍ଧିରେ ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ନିରନ୍ତର ଉଲ୍ଲେଖନୀୟ ପ୍ରଗତି ପ୍ରଦର୍ଶନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ କାର୍ଗୋ ପରିଚାଳନା, ପରିଚାଳନାଗତ ଦକ୍ଷତା ଏବଂ ଭିତ୍ତିଭୂମି ଆଧୁନିକୀକରଣ ଦୃଷ୍ଟିରୁ ଏକ ମାଇଲଖୁଣ୍ଟ ବର୍ଷ ଭାବେ ଉଭାହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକ କାର୍ଗୋ ପରିଚାଳନାରେ ୪.୩% ବାର୍ଷିକ ଭିତ୍ତିରେ ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛନ୍ତି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୮୧୯ ନିୟୁତ ଟନ୍‌ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୮୫୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି, ବୃଦ୍ଧି ପାଉଥିବା ବାଣିଜ୍ୟ ପରିମାଣକୁ ସମାୟୋଜନ କରିବାରେ ପ୍ରମୁଖ ବନ୍ଦରଗୁଡ଼ିକର ସ୍ଥିରତା ଏବଂ କ୍ଷମତାକୁ ଉଜାଗର କରିଥାଏ। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ କଣ୍ଟେନର ଥ୍ରୁପୁଟ୍ (୧୦%), ସାର କାର୍ଗୋ ପରିଚାଳନା (୧୩%), ପିଓଏଲ୍ କାର୍ଗୋ ପରିଚାଳନା (୩%) ଏବଂ ବିବିଧ ସାମଗ୍ରୀ ପରିଚାଳନା (୩୧%) ଯୋଗୁ ଟ୍ରାଫିକ୍ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ବନ୍ଦରଗୁଡ଼ିକରେ ପରିଚାଳିତ ସାମଗ୍ରୀ ମଧ୍ୟରେ ପେଟ୍ରୋଲିୟମ, ତୈଳ ଏବଂ ଲୁବ୍ରିକାଣ୍ଟ (ପିଓଏଲ୍) ଅଶୋଧିତ, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜି/ଏଲ୍‌ଏନ୍‌ଜି ସମେତ ୨୫୪.୪ ନିୟୁତ ଟନ୍ (୨୯.୮%) ପରିମାଣ ସହିତ ଚାର୍ଟରେ ଆଗୁଆ ରହିଛି। ଏହା ପରେ ୧୯୩.୫ ନିୟୁତ ଟନ୍ (୨୨.୬%), କୋଇଲା ୧୮୬.୬ ନିୟୁତ ଟନ୍ (୨୧.୮%) ଏବଂ ଅନ୍ୟାନ୍ୟ କାର୍ଗୋ ସାର ଏବଂ ଅନ୍ୟାନ୍ୟ କାର୍ଗୋ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ହୋଇଛି। ସେହିପରି ଦେଶର ପ୍ରମୁଖ ବନ୍ଦରଗୁଡ଼ିକର ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଦୀନଦୟାଲ ବନ୍ଦର କର୍ତ୍ତୃପକ୍ଷ (ଡିପିଏ) ୧୫୦ ନିୟୁତ ଟନ୍ କାର୍ଗୋ ପରିଚାଳନା ମାର୍କକୁ ଅତିକ୍ରମ କରିଛନ୍ତି, ଯାହା ସାମୁଦ୍ରିକ ବାଣିଜ୍ୟ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ପ୍ରମୁଖ କେନ୍ଦ୍ର ଭାବେ ସେମାନଙ୍କର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସମୟରେ ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ (ଜେଏନ୍‌ପିଏ) ୭.୩ ନିୟୁତ ଟିଇୟୁ ପରିଚାଳନାକରି ଏକ ରେକର୍ଡ ସ୍ଥାପନ କରିଛି, ଯାହା ବାର୍ଷିକ ୧୩.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ବନ୍ଦରଗୁଡ଼ିକ ସାମୂହିକ ଭାବେ ବନ୍ଦର ନେତୃତ୍ୱାଧୀନ ଶିଳ୍ପାୟନ ପାଇଁ ୪୨୨ ଏକର ଜମି ଆବଣ୍ଟନ କରିଥିଲେ, ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ୭,୫୨୫ କୋଟି ଟଙ୍କା ଆୟ ସୃଷ୍ଟି କରିବ ବୋଲି ଆକଳନ କରାଯାଇଥିଲା। ଏହା ବ୍ୟତୀତ, ଲିଜ୍‌ଧାରୀମାନେ ଆବଣ୍ଟିତ ଜମିରେ ଭବିଷ୍ୟତରେ ୬୮,୭୮୦ କୋଟି ଟଙ୍କା ନିବେଶ କରିବେ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୩।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୮୧.୬୮ ପଏଣ୍ଟ ହ୍ରାସ ଘଟି ୮୧,୧୪୮.୨୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୬.୩୫ ପଏଣ୍ଟ କମି ୨୪,୫୭୮.୩୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସପ୍ତାହବ୍ୟାପୀ ନର୍ସ ଦିବସ ପାଳୁଛି କେୟାର



ଭୁବନେଶ୍ୱର, ୧୩।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲ ପକ୍ଷରୁ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି। ହସ୍ପିଟାଲ ନର୍ସିଂ ପ୍ରଶାସନର ଉପାଧ୍ୟକ୍ଷ ଡା. ଭିକ୍ଟୋ ଅଶୋକ ତ୍ରିପୁରନ୍ଦଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଗ୍ରୁପ୍ ମୁଖ୍ୟ ଆର୍ଥିକ ଅଧିକାରୀ ବିଶାଳ ମାହେଶ୍ୱରୀ, ଡା. ନିଖିଲ ମାଥୁର, ଡା. ଅମିତ ସିଂହ, ହରେଶ ତ୍ରିବେଦୀ, ବିନୋଦ ରମଣ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। 'ଆମର ନର୍ସ ଆମର ଭବିଷ୍ୟତ ଯତ୍ନର ଅର୍ଥନୈତିକ ଶକ୍ତି' ଦିବସର ବାର୍ତ୍ତା ରହିଥିବାବେଳେ କାର୍ଯ୍ୟକ୍ରମରେ ନର୍ସଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ବୃଦ୍ଧି କର୍ମଶାଳା ଆଦିର ଆୟୋଜନ କରାଯାଇଥିଲା। ଏହାସହ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ଅନାଥାଶ୍ରମରେ ପିଲାମାନଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ମଧ୍ୟ ଆୟୋଜନ କରିଥିଲା। କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଳୟ ଆନନ୍ଦ କହିଛନ୍ତି, ନର୍ସମାନେ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ। ସେମାନଙ୍କର କ୍ଲିନିକାଲ ବିଶେଷଜ୍ଞତା, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ନିରନ୍ତର ସମର୍ପଣ ପ୍ରତିଦିନ ନିରାପଦ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ସିମ୍ଫୋନିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୩।୫ (ଅନୁରାଧା ମହାରଣା)

Symphony

ମେ ୭ ତାରିଖରେ ବଜାର ବନ୍ଦ ହେବା ପରେ ସିମ୍ଫୋନି ଏହାର ଚତୁର୍ଥ ତ୍ରୈମାସିକ (ଆର୍ଥିକବର୍ଷ-୨୫ର ଚତୁର୍ଥ ତ୍ରୈମାସିକ) ଫଳାଫଳ ଘୋଷଣା କରିଥିଲା। ଏଥିରେ କମ୍ପାନୀ ୭୯ କୋଟିର ନେଟ୍ ଲାଭ ରିପୋର୍ଟ କରିଥିଲା। ଏହା ଗତ ବର୍ଷର ସମାନ ସମୟରେ ରେକର୍ଡ ହୋଇଥିବା '୪୮ କୋଟି ନେଟ୍ ଲାଭ ତୁଳନାରେ ପ୍ରାୟ ୬୫ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ସମୟ ମଧ୍ୟରେ କମ୍ପାନୀର ପରିଚାଳନା ଆୟ ୪୮୮ କୋଟିକୁ ବୃଦ୍ଧି ପାଇଛି। ଏହି ଏୟାର କୁଲର ନିର୍ମାଣକାରୀ କମ୍ପାନୀ ୧୦୩ କୋଟିର ଏବିଟିଡା ରିପୋର୍ଟ କରିଛି, ଯାହା ବର୍ଷ ଅନୁପାତରେ ୭୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏବିଟିଡା ମାର୍ଜିନ ୨୧.୨୨ ପ୍ରତିଶତ ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକ ଫଳାଫଳ ସହ ସିମ୍ଫୋନି ଆର୍ଥିକବର୍ଷ ୨୫ ପାଇଁ ପ୍ରତି ଇକ୍ୱିଟି ଶେୟାର ପାଇଁ ୮ଟଙ୍କାର ଅନ୍ତିମ ଲାଭାଂଶ ଘୋଷଣା କରିଛି।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୩।୫

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପଚାର (ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ) ସଫଳତାର ସହ ଶେଷ ହୋଇଛି। ବାଲେଶ୍ୱରରୁ ଆସିଥିବା ଜଣେ ୬୦ ବର୍ଷୀୟ ରୋଗୀ ହଠାତ୍ ପେଟ ଓ ପିଠିରେ ଯନ୍ତ୍ରଣା ହେବାରୁ ତାଙ୍କ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ଏହା ଜଟିଳ ରୋଗର ଲକ୍ଷଣ ଦେଖି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ରେଫର କରାଇଥିଲେ। ସେଠାରେ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜନ ବେହେରା ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ପରେ ରୋଗୀ ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ୍‌ରେ ପୀଡିତ ବୋଲି ଜାଣିବାକୁ ପାଇଥିଲେ, ଯେଉଁଥିରେ ଶରୀରକୁ ରକ୍ତ ପ୍ରଦାନ କରୁଥିବା ମୁଖ୍ୟ ରକ୍ତନଳୀ ଆବ୍‌ଡୋମିନାଲ୍ ଏଓର୍ଟ୍ରା ପତଳା ହୋଇ ଏକ ବେଲୁନ୍ ଭଳି ଫୁଲି ଫାଟିଯିବା ପରିସ୍ଥିତିରେ ପହଞ୍ଚିଯାଇଥିଲା। ଏ ସମ୍ପର୍କରେ ଡା. ବେହେରା କହିଛନ୍ତି, ଠିକ୍ ସମୟରେ ରୋଗକୁ ଚିହ୍ନଟକରି ଅତ୍ୟାଧୁନିକ ପଦ୍ଧତିରେ ଚିକିତ୍ସା କରାଯିବାରୁ ରୋଗୀର ଜୀବନ ରକ୍ଷା କରାଯାଇପାରିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏଥିପାଇଁ ଡାକ୍ତର ଦିବ୍ୟରଞ୍ଜନ ବିଶେଷ କରି ଡାକ୍ତର ବିଶ୍ୱଜିତ ମହାପାତ୍ର, ଡାକ୍ତର ସୁଭଶ୍ରୀ ସାମନ୍ତରାୟ, ଡାକ୍ତର ରାଜଶ୍ରୀ, ଡାକ୍ତର ବିବେକ ଚୌଧୁରୀଙ୍କ ସମେତ କ୍ୟାଥ୍‌ଲାବ୍ ଓ ସିସିୟୁର ସମସ୍ତ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ଜଟିଳ ଅପରେଶନ ପାଇଁ ଡାକ୍ତର ଦିବ୍ୟରଞ୍ଜନ ବେହେରା ଓ ତାଙ୍କ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।


## GOVT. OF ODISHA
No.O-145
### OFFICE OF THE SUPERINTENDING ENGINEER, RURAL WORKS DIVISION-I, KEONJHAR
"e" Procurement Notice for Road Works
Identification No. Online NCB-02/2025-26
Tel. 06766-258094 (O), Mail: eerw1_kjr@yahoo.com

1. Name of the Work : 01 No. Building Work, 2. Total Number of Work :01 No., 3. Estimated Cost: Rs.78.61 Lakhs, 4. Class of Contractor: "B" Class, 5. Period of Completion: As per annexure of e-Procurement Notice No.02 of 2025-26, 6. Other details:

| Procurement Officer | Bid Identification No. | Availability of tender Online for bidding | | Last date and time of seek-ing Tender Clarification | Date & Time of Opening of Tender in O/o S.E.,R.W. Division, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No.02 | Dt.14.05.2025 at 11.00 A.M. | Dt.21.05.2025 upto 5.00 P.M. | Dt.20.05.2025 upto 5.00 P.M. | Dt.22.05.2025 upto 5.00 P.M. | Will be intimated later |

Further details can be seen from the Website www.tenderorissa.gov.in
OIPR-25110/11/0015/2526 Sd./- Executive Engineer, R.W. Division-I, Keonjhar

## OFFICE OF THE DEAN & PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT
Mail ID- slnmchkptrecruitment@gmail.com
No.2658/Estt./II-738 (Vol-II)/ 2025 Dt:09.05.2025
### OFFICE ORDER
No.E-86: In pursuance of notification no.-13296, Dtd.08.05.2025 of Commissioner-Cum-Secretary to Govt. H&FW Department, Govt. of Odisha, the advertisement for recruitment of Junior Resident at SLNMCH, Koraput vide this office Advt. No.2609, dt.07.05.2025 is hereby cancelled.
Sd./- Dean & Principal SLNMCH, Koraput
OIPR-10121/11/0036/2526

## GOVERNMENT OF ODISHA
No.O-150
### OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
Unit-IX (Near Boys High School) Po-Bhoinagar, BBSR, Email:se_ccrw@yahoo.co.in,Phone No:0674-2540742(O)
No.2402 , Date 09.05.2025
2nd Corrigendum to Bid Identification No.Tender Online-C.C.10 of 2025, Dated 28.04.2025 invited vide Lr.No.2153 dated 28.04.2025 of Chief Construction Engineer, Central Rural Works Circle, Bhubaneswar
The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender Online-C.C-10 of 2025 Dt.28.04.2025 issued vide this office Lr.No.2153, Dt.28.04.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | Date & Time of opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 21.05.2025 upto 5.00 PM | 22.05.2025 at 11.00 A/M. | To be intimated later on |

All other conditions remain unaltered.
Sd./- Chief Construction Engineer, Central Rural Works Circle, Bhubaneswar
OIPR-25194/11/0044/2526

## ODISHA HYDRO POWER CORPORATION LTD
OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO-CHIPLIMA, VIA-C.A. CHIPLIMA-768025, DIST-SAMBALPUR (ODISHA)
WEB: www.ohpcltd.com, Ph:(0663) 2460661, Email-hpschiplima@yahoo.in
No.-CHEP/HRD-79 (Vol.-II)/1753 Date: 13.05.25
ADVERTISEMENT
ENGAGEMENT OF ASST. TEACHER (TGT) SCIENCE ON CONTRACTUAL BASIS
No.CAD-400:Applications are invited from the intending eligible candidates for engagement of Asst. Teacher (TGT) Science purely on contractual basis in Chiplima Hydro Electric Project, Chiplima, a unit under Odisha Hydro Power Corporation Ltd., Bhubaneswar, as follows.

| Name of the Post | Vacancy | Consolidated Remuneration | Last date of Receipt Application |
|---|---|---|---|
| Asst. Teacher (TGT Science) | 01 | Rs.26400/- PM | 16.06.2025 |

For details Notification please visit our website www.ohpcltd.com
OIPR-04006/11/0081/2526 Sd./- Unit Head, CHEP, Chiplima

## GOVERNMENT OF ODISHA
### OFFICE OF THE EXECUTIVE ENGINEER, NATIONAL HIGHWAY DIVISION, KESINGA
At/Po-Kesinga, Dist.-Kalahandi (Odisha), Pin-766012, Phone/Fax : 06670-222450,
E-mail-eenh.ksng@gmail.com
ORDER No.909/Dated 07.04.2025
No.b- :The Single tender received for the work "Construction of New RCC drain with RCC chamber and cover slab from Km. 181.550 to Km. 181.640 (LHS) of NH.26 for the year 2024-25 "NIT No. EENHKSNG- Online 02/2024-25 invited vide this office order No. 366 Date. 19.02.2025 Is here by cancelled as per Works Department, Odisha Amendment No. 2015 vide file No. 07556900052104- 16/WE dt. 01.01.2015 with OPWD Code Vol 1-2 Notes- (iii) of Para 3.5-18 & other 2 Nos i.e. (1) Construction of New RCC Drains in built up area of Dharamagarh Town, Bandaaskuturs village and Chhilipa Village of NH-130C for the year 2024-25 (2) Construction of C.C. Drain, Site Development and Parking Shed inside New N.H. Division Office Campus for the year 2024-25 is also cancelled due to administrative ground.
Sd./- Superintending Engineer N.H. Division, Kesinga
OIPR-34018/11/0005/2526

## ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751007, Tel:2545586/2545852
email-serifedodisha@gmail.com, website:www.serifedodisha.in
### INVITATION FOR BIDS (e-Procurement)
Bid Identification No.:-VI-07(09)/SERIFED/2025-26/592/Dt.09.05.2025
No.CAD-395:The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the 01 (One) no. of works at Nayagarh. The bid documents such as DTCN/BOQ etc. can be seen/downloaded from the government website: www. tendersodisha.gov.in. during the period dt.15.05.2025 to 17.00 hours upto dt. 22.05.2025. Online bids shall be received till 17.00 hours dt.22.05.2025 & shall be opened at 11.30 AM on Dt.23.05.2025. Any addendum/ corrigendum/ cancellation of tender can also be seen in the said website.
Sd./- MANAGING DIRECTOR
OIPR-39036/11/0046/2526

## ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର
No.H-05:ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ଉପଖଣ୍ଡର ସମସ୍ତ ଚାଷୀଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଚଳିତ ରବି ଋତୁ ୨୦୨୪-୨୫ ବର୍ଷ ପାଇଁ ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ନିର୍ଦ୍ଧାରଣ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ, ଚାଷୀ ଭାଇ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନାମ ପଞ୍ଜିକୃତ ହୋଇଥିବା ପ୍ରାଥମିକ ସମବାୟ ସମିତି ଲିଃ (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ଆସନ୍ତା ତା.୧୫.୦୫.୨୦୨୫ ତାରିଖ ଠାରୁ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ। ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ଯେ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ।
ଧାନ ବିକ୍ରି ଦିବସ-ରବିବାର ବ୍ୟତୀତ ସମସ୍ତ କାର୍ଯ୍ୟଦିବସ

### ସରକାରୀ ଦର
ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟଦର (କ୍ୱିଣ୍ଟାଲ ପ୍ରତି) |
|---|---|---|
| ୧ | ଗ୍ରେଡ ଏ ଧାନ | ଟ.୨୩୨୦.୦୦ |
| ୨ | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୨୩୦୦.୦୦ |
| ୩ | ଇନପୁଟ ସହାୟତା | ଟ.୮୦୦.୦୦ |

ପୂର୍ବବର୍ଷ ପରି ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ବାର୍ତ୍ତା ଆସିଲେ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସରେ ସକାଳ ଘ.୮ ରୁ ଅପରାହ୍ଣ ଘ.୧ ମଧ୍ୟରେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର, ବ୍ୟାଙ୍କ ଖାତା ସାଙ୍ଗରେ ଆଣିବେ ଏବଂ ଧାନ ବିକ୍ରୟ କରିପାରିବେ।
ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
OIPR-07089/11/0001/2526

## GOVERNMENT OF ODISHA
### OFFICE OF THE PANCHAYAT SAMITI, AGALPUR, AT:DUDUKA, DIST:BALANGIR
ଓଡ଼ିଶା ସରକାର
"e" Procurement Notice
No.i-87: Bid Identification No.PS-AGLP-01 OF 2025-26
Letter No.1616 E-mail ID:ori-agalpur@nic.in Date:08.05.2025

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of Building and Electrical Works as detailed in DTCN. | | |
| 2. | Nature of Works | : | Building Works |
| 3. | No. of Works | : | 06 (One) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | D & C Contractor |
| 6. | Availability of bid document in the website | : | From 10.00 AM Date: 14.05.2025 to 05.00 PM Date 28.05.2025 |
| 7. | Date of Opening of Bid | : | 11.00 AM On Dt.04.06.2025 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer Agalpur (Duduka)
OIPR-19300/11/0006/2526

## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail i.d : seccbbsr@gmail.com
E-procurement Tender Call Notice No.4 of 2025-26
No. 2367(Estg.) Bhubaneswar the 8th May-2025
No.B-121 : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for two number road works to be received in online bidding, double cover system as detailed in : https://tendersodisha.gov.in. The details of bid documents will be available in the above website from 5.00 P.M. of 19.05.2025 to 5.00 P.M. of 02.06.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 03.06.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.
Sd./- Er. M.K. Mahananda Chief Construction Engineer Central (R&B) Circle, Bhubaneswar
OIPR-34156/11/0029/2526

## OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA
No.O-146
Government of Odisha e-Procurement Notice
Bid Identification No. Online Tender - 02/EERWD BLG/2025-26
rw_balliguda@yahoo.com
Letter No. : 1961 //RWDBLG Date : 09.05.2025

| | | | |
|---|---|---|---|
| 1 | Name of the work | : | Road Works (03 Nos.) |
| 2 | Estimated cost | : | Varies from Rs. 61.25 Lakhs to Rs. 84.70 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 14.05.2025 at 10.00 A.M. to 20.05.2025 up to 5.00 P.M. |
| 5 | Last date / Time for receipt of Bids in the Portal | : | 20.05.2025 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website only.
Sd./- Executive Engineer Rural Works Division Balliguda
OIPR-25164/11/0014/2526

## GOVERNMENT OF ODISHA
### OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI
'e' Procurement Notice
Bid Reference No. SE MID BPT-01/2025-26
E-mail : eemikldbpt@gmail.com
No.A-157 : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 02 (Two) Nos. |
| 3 | Estimated cost | : | Varies From Rs. 39.28 lakhs to 49.04 lakhs (Approximately) |
| 4 | Period of completion | : | 8 (Eight) calendar months |
| 5 | Date and Time of availability of bid documents in the portal | : | From 16.05.2025 (09.00 A.M.) to 25.05.2025 (5.00 P.M.) |
| 6 | Last date / time of receipt of bids in the portal | : | Dt. 25.05.2025 up to 5.00 P.M. |
| 7 | Date of opening of Bid | : | Dt. 28.05.2025 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 08.06.2025 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

**Further details can be seen from the e-Procurement market place http://tendersodisha.gov.in.
Sd./- Er. Saroj Sha Superintending Engineer M.I.Division, Kalahandi
OIPR-32035/11/0019/2526

## Government of Odisha, e-Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl. (R&B) 02/2025-26
Email Id - sedklpwd@gmail.com
Letter No. 988/Dt. 08.05.2025
No.B-115 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Bridge work & Building work as detailed below :

| | | | |
|---|---|---|---|
| 1 | Name of the work | : | Road work |
| 2 | No. of works | : | 01 (One) No |
| 3 | Estimated cost | : | Rs.2.04 Crore (as given in column No. 03 of table) |
| 4 | Cost of tender paper | : | Rs. 10,000.00 |
| 5 | Class of contractor | : | 'A' Class & 'B' Class (as given in column No. 07 of table) |
| 6 | Period of completion of work | : | 07 (Seven) Calendar months (as given in column No. 08 of table) |
| 7 | Date and time of availability of bid document in the website | : | From Dt.14.05.2025 to 5.00 P.M. of Dt.29.05.2025 |
| 8 | Date of opening of bid | : | Dt.30.05.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer Dhenkanal (R&B) Circle, Dhenkanal
OIPR-34132/11/0029/2526

## DISTRICT PROJECT OFFICE
ସମଗ୍ର ଶିକ୍ଷା समग्र शिक्षा Samagra Shiksha
SAMAGRA SHIKSHA, MALKANGIRI
NEAR CIRCUIT HOUSE, MALKANGIRI, ODISHA-764048
E-mail : dpcmalkanssa.opepa@nic.in, ssamalkangiri@gmail.com
No.2036/Estt/25 Date : 13.05.2025
### TENDER NOTICE
No.n-44 : Sealed tenders are invited from reputed Manpower Agencies/ Service Providers to provide the services of Data Entry Operators (07 Nos) to be engaged at Block Level @ 01 for each BEO under Samagra Shiksha, Malkangiri for handling Data Entry related works for a period of one year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The Collector-cum-Chairman, Samagra Shiksha, Malkangiri reserves the right to accept or cancel any application without assigning any reason (s) thereof.
For details please visit our website in www.malkangiri.odisha.gov.in
1. Last date of receipt of Sealed Bid is on 26.05.2025 up to 5.30 P.M. through Registered/ Speed Post only.
2. Opening of Bid papers i.e.(i) Technical Bid on: dt. 28.05.2025 at 10.00 A.M.
(ii) Financial Bid of eligible Tenders on dt. 28.05.2025 at 12.30 P.M.
By Order of Collector-cum-Chairman, Sd./- District Project Coordinator Samagra Shiksha, Malkangiri
OIPR-27141/11/0006/2526

## ପଞ୍ଚାୟତ ସମିତି, ନୂଆଗାଁ, ଜିଲ୍ଲା - ସୁନ୍ଦରଗଡ଼, ଓଡ଼ିଶା
At/Po - Nuagaon, District - Sundargarh, State - Odisha
PIN-770035, e-mail : ori-snuagaon@nic.in
Letter No. : 1196 Date : 09.05.2025
### TENDER CALL NOTICE No-01/2025-26
No.i- : Sealed Tenders are invited from the interested bidder for the Electrical work under BDO, Nuagaon of Sundargarh District. The detail of works eligibility, estimated cost, EMD, Cost of Tender paper has been uploaded in the district website www.sundargarh.odisha.gov.in. The bidder should be a "HT" Category (Electrical) contractor. They have to submit the bid document to the undersigned in the address of "Office of the B.D.O., Nuagaon, At/Po-Nuagaon, Pin-770035, Dist.-Sundargarh (Odisha)" through Registered Post/Speed Post only on or before 30/05/2025 (up to 05.00 P.M.). DTCN & other details can be downloaded from the Dist. website www.sundargarh.odisha.gov.in from 09/05/2025 to 22/05/2025. The authority reserves the right to cancel or reject the entire process without assigning any reason thereof. The tender will be opened on dt. 31/05/2025 at 11.00 A.M. in the Office of the undersigned in the presence of the bidders or his/her representatives.
Sd./- Block Development Officer Nuagaon
OIPR-19358/11/0009/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୃତ୍ୟୁଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଞ୍ଜୀବ ନୂଆ ସମ୍ପାଦକ

**ଓଡ଼ିଶା ଟେନିସ୍ ଆସୋସିଏଶନ ନିର୍ବାଚନ**

## ସଭାପତି ପଦ ବଜାୟ ରଖିଲେ ଅସିତ୍

**ଭୁବନେଶ୍ୱର, ୧୩।୫(ତପନ ସ୍ୱାଇଁ)**

ଓଡ଼ିଶା ଟେନିସ୍ ଆସୋସିଏଶନର ନୂଆ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ ଗଠିତ ହୋଇଛି। ବାର୍ଷିକ ସାଧାରଣ ବୈଠକରେ ୨୦୨୫-୨୦୨୯ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପୂର୍ବତନ ସଭାପତି ଅସିତ୍ ତ୍ରିପାଠୀ ନିଜ ପଦ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ସଞ୍ଜୀବ ପଣ୍ଡା ନୂଆ ସମ୍ପାଦକ ହୋଇଛନ୍ତି। ମଧୁସୂଦନ ପାଢ଼ୀ ପରାମର୍ଶଦାତା ରହିଥିବାବେଳେ ସତ୍ୟଜିତ୍ ମହାନ୍ତି ଉପସଭାପତି ହୋଇଛନ୍ତି।, କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ଶୁଭ୍ରାଂଶୁ ଷଡ଼ଙ୍ଗୀ ଓ ଦିବ୍ୟଲୋକ ପଟ୍ଟନାୟକ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସଞ୍ଜୀବ ପଣ୍ଡା ସମ୍ପାଦକ,ବଂ ସମ୍ବିତ୍ ପଟ୍ଟନାୟକ ଯୁଗ୍ମ ସମ୍ପାଦକ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟି ସଦସ୍ୟମାନେ ହେଲେ ନିଖିଲ ପବନ କଲ୍ୟାଣ, ବିବେକାନନ୍ଦ ପଟ୍ଟନାୟକ, ଗଲିଭର ଲ', ସରୋଜ କୁମାର ସାହୁ, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁନୀଲ ମହାପାତ୍ର ଓ ରାଜେଶ କାନୁନ୍‌ଗୋ। ବୈଠକ ଅବସରରେ ଅସିତ୍ ତୃଣମୂଳସ୍ତରରେ ଟେନିସ୍‌କୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିପାଇଁ ବିଭିନ୍ନ ଜିଲାରେ ଭିତ୍ତିଭୂମିର ଉନ୍ନତି ସହ କୋଚିଂ ପ୍ରୋଗ୍ରାମ ଉପରେ ଜୋର୍ ଦେଇଥିଲେ। ନବନିର୍ବାଚିତ ସମ୍ପାଦକ ସଞ୍ଜୀବ ପଣ୍ଡା ଏହାକୁ ସମର୍ଥନ କରିବା ସହ ରାଜ୍ୟର ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଚିହ୍ନଟକରି ସେମାନଙ୍କ ଖେଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟକୁ ଅଧିକରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆଣିବାକୁ ଯୋଜନା କରିବା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ। ଏହି ଅବସରରେ ବିଦାୟୀ ସମ୍ପାଦକ ସତ୍ୟଜିତ୍ ମହାନ୍ତିଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଥିଲା।


## ମନେ ପଡ଼ନ୍ତି

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୬ବଟକୃଷ୍ଣ ଚୌଧୁରୀ**

ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୭୬୮୨୪


# ଅଧିକାଂଶ ବିଦେଶୀ ଖେଳାଳି ଫେରିବେ

**ଆଇପିଏଲ୍**

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଆସନ୍ତା ୧୭ ତାରିଖରୁ ଆଇପିଏଲ୍ ପୁନଃ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଦେଶୀ ଖେଳାଳିଙ୍କ ଉପଲବ୍ଧତା ଲାଗି ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପକ୍ଷରୁ ବିଦେଶୀ ବୋର୍ଡ ଉପରେ ଚାପ ପକାଯାଉଛି। ବିସିସିଆଇ ପକ୍ଷରୁ ଆଇପିଏଲ୍ ସିଓଓ ହେମଙ୍ଗ ଆମିନଙ୍କୁ ବ୍ୟକ୍ତିଗତ ଭାବେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥା ହେବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁରକ୍ଷାଜନିତ ଅନୁମତି ମିଳିବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିଯୋଗୁ ସମସ୍ତ ୧୦ ଦଳ ସେମାନଙ୍କ ଖେଳାଳିଙ୍କୁ ଏକତ୍ରିତ କରାଇବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍‌କୁ ଗତ ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ବିବାଦ କାରଣରୁ ସ୍ଥଗିତ ରଖାଯାଇଥିଲା। ସ୍ଥଗିତ ହେବାର ଦିନକ ପରେ ଦୁଇ ଦେଶ ମଧ୍ୟରେ ସିସ୍‌ଫାୟାର ଘୋଷଣା ହୋଇଥିଲା, ଯାହାଫଳରେ ଆଇପିଏଲ୍ ପୁନଃ ଆରମ୍ଭ ଲାଗି ବାଟ ଫିଟିଥିଲା।

'ଆମେ ବିଦେଶୀ ବୋର୍ଡ଼ଙ୍କ ସହ କଥା ହେଉଛୁ। ଫ୍ରାଞ୍ଚାଇଜ୍‌ମାନେ ସିଧାସଳଖ ଖେଳାଳିଙ୍କ ସହ କଥା ହେଉଛନ୍ତି। ଆମେ ଆଶା କରୁଛୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଖେଳାଳି ଫେରିବେ' ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ଆଇପିଏଲ୍‌ରେ ଖେଳିବେ କି ନାହିଁ ନିଷ୍ପତ୍ତିକୁ ଖେଳାଳିଙ୍କ ଉପରେ ଛାଡ଼ିଦେଇଛି ସିଏ। ଏଭଳି ବିଷୟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ଆସୋସିଏଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଖେଳାଳିଙ୍କ ଉପଲବ୍ଧତା ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ସିଇଓ କାଶୀ ବିଶ୍ୱନାଥନ କହିଛନ୍ତି, ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ସୋମବାର ରାତିରେ ଘୋଷଣା କରାଯାଇଛି। ଆମେ ଆମ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ ଆରମ୍ଭ କରିଛୁ। ଆମକୁ ବୁଧବାର ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିଯିବ। ଆମେ ଆସନ୍ତା ୨୦ ତାରିଖରେ ମ୍ୟାଚ୍ ଖେଳିବୁ। ଆମ ପାଖରେ ଯଥେଷ୍ଟ ସମୟ ଅଛି। ସିଏସ୍‌କେର ବିଦେଶୀ ଖେଳାଳିଙ୍କ ମଧ୍ୟରେ ଡେଭନ କନ୍‌ୱେ, ରାଚିନ ରବୀନ୍ଦ୍ର, ସାମ୍ କୁରାନ, ଜେମି ଓଭରଟନ, ନୂର ଅହମ୍ମଦ ଓ ମାଥିଶା ପାଥିରନା ରହିଛନ୍ତି। ଆଫଗାନିସ୍ତାନର ନୂର ଓ ଶ୍ରୀଲଙ୍କାର ପାଥିରାନା ଦଳରେ ଯୋଗଦେବେ। କିନ୍ତୁ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଉପଲବ୍ଧତାକୁ ନେଇ ସନ୍ଦେହ ରହିଛି। ଅଷ୍ଟ୍ରେଲିଆର ମାର୍କସ୍ ଷ୍ଟୋଇନିସ୍ ଓ ଜୋଶ୍ ଇଙ୍ଗଲିଶଙ୍କ ଫେରିବାର ସମ୍ଭାବନା କମ୍। ସେମାନଙ୍କୁ ପଞ୍ଜାବ କିଙ୍ଗ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଅଷ୍ଟ୍ରେଲିଆର ଜାଭିୟର ବାର୍ଟଲେଟ, ଆରୋନ ହାର୍ଡି, ଆଫଗାନିସ୍ତାନର ଆଜମାତୁଲା ଓମାରଜାଇ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଫେରିବେ ବୋଲି ଆଶା କରାଯାଉଛି। ୨୦୧୪ ପରେ ପ୍ରଥମଥର ପାଇଁ ପଞ୍ଜାବ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିବାକୁ ଯାଉଛି। ସିଏସ୍‌କେ ଭଳି ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି। ହେଲେ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ଓ ଓପ୍‌ନର ଟ୍ରାଭିସ ହେଡ୍ ବଳକା ୩ ମ୍ୟାଚ୍ ଲାଗି ଫେରିବେ ବୋଲି ଆଶା କରାଯାଉଛି। ପ୍ଲେଅଫ୍ ଦୌଡ଼ରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମଙ୍ଗଳବାର ସକାଳେ ବିଦେଶୀ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି। ବୁଧବାର ସୁଦ୍ଧା ଏ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି। ଆଇପିଏଲ୍ ଜୁନ୍ ୩ରେ ଶେଷହେବାକୁ ଥିବାବେଳେ ୧୧ ତାରିଖରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଡବ୍ଲ୍ୟୁଟିସି ଫାଇନାଲ ଖେଳାଯିବ। ଏଥିଯୋଗୁ ଆଇପିଏଲ୍ ପ୍ଲେଅଫ୍ସରେ ଭାଗନେବାକୁ ଥିବା ଏହି ଦୁଇ ଦେଶର ଖେଳାଳିଙ୍କ ପାଖରେ ଖୁବ୍ କମ୍ ଦିନ ରହିବ।

# ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ରେସ୍‌ଲର ସ୍ନାଇଡର ଗିରଫ

**କଲମ୍ବସ, ୧୩।୫ (ଏପି)**

ଯୁକ୍ତରାଷ୍ଟ୍ର ଆମେରିକା ଇତିହାସରେ ଅନ୍ୟତମ ସଫଳତମ ରେସ୍‌ଲର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ କାଇଲ ସ୍ନାଇଡର ଦେହବ୍ୟବସାୟ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସ୍ନାଇଡର ମାତ୍ର ୨୦ ବର୍ଷ ବୟସରେ ସର୍ବକନିଷ୍ଠ ରେସଲର ଭାବେ ୨୦୧୬ ରିଓ ଡି' ଜେନିରେ ଗେମ୍ସରେ ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥିଲେ। ପରେ ସେ ଟୋକିଓ ଗେମ୍ସରେ ଏକ ରୌପ୍ୟ ଏବଂ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ ବ୍ରୋଞ୍ଜ ପଦକ ପାଇଁ ମୁକାବିଲାରେ ହାରିଯାଇଥିଲେ। କେବଳ ସେତିକି ନୁହେଁ ସେ ଓହିଓ ଷ୍ଟେଟ୍‌ରେ ୩ଥର ଏନ୍‌ସିଏଏ ଚାମ୍ପିୟନ ହୋଇଛନ୍ତି ଓ ୩ଥର ବିଶ୍ୱ ଚାମ୍ପିୟନଶିପ୍ ଜିତିଛନ୍ତି। ଗତ ସପ୍ତାହରେ ରିଅଲ ଆମେରିକା ଫ୍ରିଷ୍ଟାଇଲ ରେସ୍‌ଲିଂ ଲିଗ୍ ଘୋଷଣା କରାଯାଇଥିଲା। ଏହାର ଲାଇନ୍ ଅପ୍‌ରେ ସ୍ନାଇଡରଙ୍କ ନାମ ସ୍ଥାନ ପାଇଥିଲା। ପ୍ରୋ ରେସ୍‌ଲିଂ ଆଇକନ୍ ହକ୍ ହୋଗାନ ଏହି ଲିଗ୍‌ର କମିଶନର ଅଛନ୍ତି। ଏହାର ପ୍ରଥମ ଇଭେଣ୍ଟ ଅଗଷ୍ଟରେ ଅୟୋଜନ କରାଯାଇଛି। ସ୍ନାଇଡର ତାଙ୍କ ଗିରଫ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ସ୍ନାଇଡର ତାଙ୍କ ଗିରଫକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି।

# ଓଡ଼ିଶା ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖେଳାଳିଙ୍କ ସଫଳତା



ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖୋ ଖୋ ଖେଳାଳି।

**ଭୁବନେଶ୍ୱର, ୧୩।୫**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୩ ଖେଳାଳି ଚଳିତ ବର୍ଷ ବିହାରର ଗୟାଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶା ବାଳିକା ଓ ବାଳକ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଥିରେ ବାଳିକା ଦଳ ଚାମ୍ପିୟନ ଓ ବାଳକ ଦଳ ରନରଅପ୍ ହୋଇଥିଲା। ଓଡ଼ିଶା ବାଳିକା ଦଳ ଏକ ରୋମାଞ୍ଚକ ଫାଇନାଲରେ ମହାରାଷ୍ଟ୍ରକୁ ହରାଇ ଥିବାବେଳେ ବାଳକ ଦଳ ମହାରାଷ୍ଟ୍ରଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଏହା ବ୍ୟତୀତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ତାଲିମପ୍ରାପ୍ତ କୋହ୍ଲାପୁରର ଜଣେ ଆଥଲେଟ୍ ଶରଦ ଘଟଗେ ମହାରାଷ୍ଟ୍ର ଦଳର ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଚପିସିର ଆଉ ଜଣେ ଆଥଲେଟ୍ ରାହୁଲ ମଧ୍ୟ ଦିଲ୍ଲୀ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, ''ଏହି ସଫଳତା ଆମ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଦୃଢ଼ ନିଷ୍ଠା ଏବଂ ନିରନ୍ତର ପ୍ରୟାସର ଫଳ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ତୃଣମୂଳସ୍ତରରୁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମ ଆଥଲେଟ୍‌ମାନେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ''।



କରାଟେ କ୍ରୀଡ଼ାର ବିକାଶ ଲକ୍ଷ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଓଡିଶା ରାଜ୍ୟ କରାଟେ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ।


# Classified Everyday 0674-2580101, 9692975378



**MATRIMONIAL**

**BRIDE WANTED**

Teli Boy 1992, 5'5", +2, dving Business Monthly 30,000/- "Sunasansar"- 9937512659. D-76268

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"- 9937512659. D-76267

**GROOM WANTED**

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491



**REAL ESTATE SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76452

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265



**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





Ground Floor Single Room attached Toilet for office at VSS Nagar. 7873657633. D-520





**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open health benefits SPA by expert therapist. Contact- 8280961126. D-76913

**AFFIDAVIT**

I, Saswat Routray, S/o- Subodha Chandra Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 40, dated 02.05.2025 that I have changed the name of my son from Shaunak to SHAUNAK ROUTRAY for all purposes. D-528

By virtue of an affidavit Sl. No.-460, dated 13.05.2025, I, Khushboo Paswan (New name), formerly called Khushboo Barma (Old name), W/o- Suraj Barma, R/o. At- Kudabaga, P.O.- Kundukela, P.S.- Bhasma, Dist.- Sundargarh, Odisha, PIN- 770019 declare that I have changed my name from Khushboo Barma to Khushboo Paswan. Henceforth, I shall be known as Khushboo Paswan for all purposes. D-521

By virtue of an affidavit sworn before the Executive Magistrate, Baripada, Mayurbhanj, dt. 18.03.2025, I, Guru Bari Devi, W/o- Late Kalicharan Bindhani, At-Tulasibani, P.O.- Baunsda, P.S-Jharpokharia, Dist.-Mayurbhanj (Odisha)- 757031 declare that I have changed my name Guru Bari Bindhani to Guru Bari Devi. Henceforth, I will be known as Guru Bari Devi for all purpose. D-524

I, Arzoo Gattani, W/o- Saswat Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 41, dated 03.05.2025 that I have changed my name from Arjoo Gattani to ARZOO GATTANI for all purposes. D-529

By virtue of an affidavit before Notary Public, Kantabanji on 13.5.2025 formerly I known as Manjula Herna, D/o- Purasatam Herna of Village- Budhibahal, P.O./P.S.- Turekela, Dist.- Bolangir and after marriage to Bisnu Bag my name is written as Manjula Bag, W/o- Bisnu Bag which is also updated my Aadhaar Card and now I treated as Manjula Bag, W/o- Bisnu Bag of Village- Larki, P.O./P.S.- Turekela, Dist.- Bolangir whereas Manjula Herna and Manjula Bag, W/o- Bisnu Bag is same and one person and from today I will be known as Manjula Bag, W/o- Bisnu Bag in all purposes. D-522

By virtue of an affidavit sworn before the Executive Magistrate, Saintala, dated 13.05.2025, I, Nira Meher, aged about 75 years, D/o- Gokul Meher, W/o- Laxmicharan Meher, resident of Village: At- Kudasingha, P.O.- Tikrapada, P.S.- Saintala, Dist.- Balangir (Odisha), PIN- 767026 declare that I have changed my name from Nirabati Meher to Nira Meher. Henceforth, I shall be known as Nira Meher for all purpose.
Nira Meher D-530

## LEGAL NOTICE

I.R. No.- 622/ Date- 21.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଆର୍.ପି. କେସ୍ ନଂ.- ୧୯୫୫/୨୦୧୪

କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ, ପିତା- ଭରତ ପାଣିଗ୍ରାହୀ ....ବାଦୀ

ବନାମ

ଏମ୍/ଅସ ସୃଷ୍ଟି ଇଷ୍ଟେଟ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୩(କ) ରାମଚନ୍ଦ୍ର ଭୋଇ, ପିତା- ସ୍ୱର୍ଗତ ଭ୍ରମରବର ଭୋଇ, ସା/ପୋଷ୍ଟ- ଘାଟିକିଆ, ଥାନା-ଖଣ୍ଡଗିରି, ଜିଲା-ଖୋର୍ଦ୍ଧା

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ସାବକ

ଖାତା ନଂ.-୧୮, ପ୍ଲଟ୍ ନଂ.-୯୫୮, କିସମ- ଶାରଦ-୩, ରକବା- ଏ.୦.୯୧୮ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.- ୧୫୫, ପ୍ଲଟ୍ ନଂ.- ୫୨୨୯, କିସମ- ଶାରଦ ଅଣ ଜଳସେଚିତ-୩, ରକବା- ଏ.୦.୧୦୦ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୫୨୩


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଫଳଚାରା ଲଗାଇବା ସମୟରେ...

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ। ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ ।

**ସଫଳ ଚାଷୀ**
**ରଞ୍ଜନ କୁମାର ସେଠୀ**

# ଫୁଲଚାଷ ନୂଆ ପରିଚୟ ଦେଇଛି





ନିଜର ଉଦ୍ୟମ ବଳରେ ସେ ଆଜି ଚାଷ କ୍ଷେତ୍ରରେ ସଫଳତା ହାସଲ କରିପାରିଛନ୍ତି। ପାଠପଢ଼ା ଶେଷହେବା ପରେ ସେ ଚାକିରି ନ କରି ନିଜ ପୈତୃକ ଚାଷଜମିରେ ଚାଷକାମ ଆରମ୍ଭ କରିବାକୁ ବାହାରିଲେ। ଆଉ ଆଜି ସେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ଗ୍ରାମର ରଞ୍ଜନ କୁମାର ସେଠୀ। ତା'ସହ ନିଜ ଅଞ୍ଚଳରେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା ରଞ୍ଜନ କହନ୍ତି, ''ପ୍ରଥମେ ନିଜର ୨ ଏକର ଜମିରେ ଜୈବିକ ପଦ୍ଧତିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୨୦୧୬ରେ ଏମ୍‌ଏ ପାସ୍ କଲି। କିନ୍ତୁ ତା'ପରେ ଚାକିରି କରିବାକୁ ମୋର ଆଗ୍ରହ ନ ଥିଲା। ଚାଷରେ ଜଣେ ଭଲ ରୋଜଗାର କରିପାରିବ–ଏକଥା ମୋ ମନରେ ଆସିଥିଲା। ବାସ୍, ତା'ପରେ କୃଷିକୁ ହିଁ ମୋ ଜୀବିକା ଭାବରେ ଗ୍ରହଣ କରିନେଇଥିଲି। ଆଜି ସେହି ଗେଣ୍ଡୁଫୁଲ ଚାଷ ମୋତେ ଏକ ନୂଆ ପରିଚୟ ଦେଇଛି। ବର୍ଷକୁ ପାଖାପାଖି ୧୨ ଲକ୍ଷ ଟଙ୍କା ଆୟ ହେଉଛି। ୨୦୨୦ରେ ମୁଁ ମାତ୍ର ୧୦,୦୦୦ ଟଙ୍କା ପୁଞ୍ଜିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ଏବେ ମୁଁ ଚେରି, ଚିନା, ବାସନ୍ତୀ, ନାଲି ଗେଣ୍ଡୁ, ରକ୍ତ ଗେଣ୍ଡୁ ଇତ୍ୟାଦି ଚାଷ କରୁଛି। ଏହି ଫୁଲଚାଷ ପାଇଁ ଚାରା ପଶ୍ଚିମବଙ୍ଗର ରାଏ, ପାଂଶ୍‌କୁଡ଼ା, କଲାଘାଟ ଆଦି ଅଞ୍ଚଳରୁ ସଂଗ୍ରହ କରିଥାଏ। ଚାରା ଲାଗିବାର ୩୫ରୁ ୪୦ ଦିନ ମଧ୍ୟରେ ଗଛରେ ଫୁଲ ଫୁଟିବା ଆରମ୍ଭ ହୁଏ। ଫୁଲ ଫୁଟିବା ଆରମ୍ଭ ହେଲେ ସେବେଠାରୁ ପାଖାପାଖି ୪ ମାସ ପର୍ଯ୍ୟନ୍ତ ଫୁଲ ଅମଳ ହୁଏ।'' ରଞ୍ଜନ ଉତ୍ପନ୍ନ ହେଉଥିବା ଫୁଲକୁ ଜଳେଶ୍ୱର ସମେତ ଭୋଗରାଇ, ବସ୍ତା, ବାଲିଆପାଳ, ରାସଗୋବିନ୍ଦପୁର ଏପରିକି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ପଠାଇଥାନ୍ତି। ରଞ୍ଜନଙ୍କ ପରିବାର ଏବଂ ତାଙ୍କ ଗ୍ରାମର ୫ ଜଣ ଏହି ଫୁଲଚାଷ କାମରେ ନିୟୋଜିତ ଥାଆନ୍ତି। ଗତ ୪ ବର୍ଷ ହେଲା ରଞ୍ଜନ କେବଳ ଗେଣ୍ଡୁଫୁଲ ଚାଷକୁ ଗୁରୁତ୍ୱ ଦେଉଥିବା ବେଳେ ଚଳିତ ବର୍ଷଠାରୁ ବୁକେ ଓ ଫୁଲତୋଡ଼ା ପ୍ରସ୍ତୁତ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟ ଫୁଲ ଓ ଡାଳ ସବୁ ଚାଷ କରିବାକୁ ସ୍ଥିର କରିଛନ୍ତି। ଯଦି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଙ୍କୁ ଫୁଲଚାଷ ପାଇଁ ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା ମିଳିପାରନ୍ତା ତା'ହେଲେ ସେ ଆହୁରି ଅଧିକ ଜମିରେ ଚାଷ କରିପାରନ୍ତେ ବୋଲି କହନ୍ତି ରଞ୍ଜନ।

–ନବୀନ ସାହୁ, ଜଳେଶ୍ୱର

# ଫସଲ ଉତ୍ପାଦନରେ ମାଙ୍ଗାନିଜ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଫସଲ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ ବିବିଧ ଜୈବ ଏନ୍‌ଜାଇମ୍ ଉପରେ ନିର୍ଭର କରିଥାଏ । ଉକ୍ତ ଜୈବ ଏନ୍‌ଜାଇମ୍‌ଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ ମାଙ୍ଗାନିଜ୍ ବଡ଼ ଭୂମିକା ନେଇଥାଏ। ଗଛ ପ୍ରସ୍ତୁତ କରୁଥିବା ଜଟିଳ ଶ୍ୱେତସାରକୁ ଭାଙ୍ଗି ସରଳ ଶ୍ୱେତସାରରେ ପରିଣତ କରିବା ମାଙ୍ଗାନିଜ୍‌ର କାମ । ଗଛ ଦିବାଲୋକରେ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ଏବଂ ରାତିରେ ଅଙ୍ଗାରକାମ୍ଳଜାନ ନିର୍ଗତ କରିବା କାମକୁ ମାଙ୍ଗାନିଜ୍ ତ୍ୱରାନ୍ୱିତ କରିଥାଏ । ଉକ୍ତ ଦୁଇ ପ୍ରକ୍ରିୟା ପାଇଁ ଫସଲ ଯେଉଁ ଏନ୍‌ଜାଇମ୍ ଆବଶ୍ୟକ କରିଥାଏ, ମାଙ୍ଗାନିଜ୍ ଉକ୍ତ ଏନ୍‌ଜାଇମ୍‌ର ପ୍ରସ୍ତୁତି ପାଇଁ ସାହାଯ୍ୟକରେ। ମାଙ୍ଗାନିଜ୍ ଏପରି ଏକ ଉପାଦାନ, ଯାହା ଫସଲର ସବୁ ଏନ୍‌ଜାଇମ୍ ପାଇଁ କାମକରି ନିଜେ ଅକ୍ଷତ ଥାଏ ଏବଂ ପୁନର୍ବାର ସେହି କାର୍ଯ୍ୟରେ ଲାଗେ।

ମାଙ୍ଗାନିଜ୍ ଅଣୁ ଖାଦ୍ୟ ଉପାଦାନ ଅଭାବରେ ଗଛର ନୂଆପତ୍ରର ଉପରଭାଗ ବାଦାମୀ ଏବଂ ନିମ୍ନଭାଗ ଫିକା ସବୁଜ ଥାଏ । କ୍ରମେ ଉକ୍ତ ପତ୍ର ଫିକା ହଳଦୀ ରଙ୍ଗର ହୁଏ । ଏହି ସମୟରେ ଗଛର ପୁରୁଣା ପତ୍ର ବାଦାମୀ ରଙ୍ଗ ହୁଏ । ମାଙ୍ଗାନିଜର ଅଭାବଜନିତ ଲକ୍ଷଣ ବିଭିନ୍ନ ଫସଲରେ ସମାନ ନ ହୋଇ ପୃଥକ୍ ପୃଥକ୍ ହୋଇଥାଏ। ଶସ୍ୟଜାତୀୟ ଫସଲ ଯଥା : ଧାନ, ଗହମ, ବାଜରା, ଜୁଆର ଆଦିର ଉଭୟ ନୂଆ ଏବଂ ପୁରୁଣା ପତ୍ର ବାଦାମୀ ରଙ୍ଗର ହୁଏ। ଅନ୍ୟାନ୍ୟ ଫସଲ ଅପେକ୍ଷା ଗହମ ଫସଲରେ ମାଙ୍ଗାନିଜ୍‌ର ଅଭାବ ଅଧିକ ପରିସ୍ଫୁଟ ହୁଏ । ମାଙ୍ଗାନିଜ୍‌ର କମ୍ ଅଭାବରେ ଗହମର ଉପର ପତ୍ରର ମଝି ଅଂଶ ଫିକା ହଳଦିଆ ଥିଲା ବେଳେ ପତ୍ରର ତଳ ଭାଗ ଫିକା ସବୁଜ ଥାଏ । ମଧ୍ୟମ ମାଙ୍ଗାନିଜ୍ ଅଭାବରେ ଗହମ ପତ୍ରର ମଝି ଶିରା ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ରଙ୍ଗର ହୁଏ । ମାତ୍ରାଧିକ ମାଙ୍ଗାନିଜ୍ ଅଭାବରେ ଗହମ କେଣ୍ଡା ସମ୍ପୂର୍ଣ୍ଣ ବାହାରିପାରେ ନାହିଁ । ଗହମ କେଣ୍ଡାର ପାର୍ଶ୍ୱ ପତ୍ର ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ହୁଏ । ମାଙ୍ଗାନିଜ୍ ଅଭାବରେ ମୁଗ ଗଛର ଉପର ପତ୍ର ସବୁଜ ଥିଲାବେଳେ ତଳ ପତ୍ର ବାଦାମୀ ହୁଏ ଏବଂ ଉପର ପତ୍ରର ଆକାର ଠାରୁ ଛୋଟ ହୁଏ । ସୋୟାବିନ୍ ଫସଲର ଶିରା ସବୁ ସବୁଜ ଥିଲାବେଳେ ଦୁଇ ଶିରାର ମଝି ଭାଗ ହଳଦୀ ରଙ୍ଗର ହୁଏ। ଚିନାବାଦାମ ଫସଲର ଚେର ବଢ଼ିପାରେ ନାହିଁ ଏବଂ ଯେଉଁ ଫଳ ଆସେ, ତାହା ଛୋଟ ଆକାରର ହୁଏ।

ବାଲି ଏବଂ ବାଲିଆ ଦୋରସା ମାଟିରେ ମାଙ୍ଗାନିଜ ଉପାଦାନ ବାନ୍ଧିହୋଇ ନ ପାରି ବର୍ଷା ଏବଂ ଅଧିକ ଜଳସେଚନ ଦ୍ୱାରା ଧୋଇ ନଷ୍ଟହୁଏ । ସମସ୍ତ ବୟନ ଶ୍ରେଣୀର ମାଟିର ପିଏଚ୍ ୭.୫ରୁ ଅଧିକ ହେଲେ ସେହି ମାଟିରେ ସୁଲଭ ମାଙ୍ଗାନିଜ୍ ଅଭାବ ହୁଏ। ଖାରି

''ପ୍ରତ୍ୟେକ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ଫସଲ ଆବଶ୍ୟକ କରୁଥିବା ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ସମତୁଲ ପରିମାଣରେ ରହିବା ଦରକାର। ଉକ୍ତ ଖାଦ୍ୟ ଉପାଦାନଗୁଡ଼ିକ ମଧ୍ୟରୁ ମାଙ୍ଗାନିଜ୍ ଅନ୍ୟତମ। ଫସଲ, ଉକ୍ତ ଉପାଦାନକୁ ସ୍ୱଳ୍ପ ପରିମାଣରେ ଚାହୁଁଥିବାରୁ ମାଙ୍ଗାନିଜ୍ ଏକ ଅଣୁ ଖାଦ୍ୟ ଉପାଦାନ। ଉକ୍ତ ଅଣୁ ଉପାଦାନ ୧ କି.ଗ୍ରା. ମାଟିରେ ୨ ମିଲିଗ୍ରାମରୁ କମ୍ ରହିଲେ ଫସଲ ଅମଳ ପ୍ରାୟ ୨୦ ରୁ ୨୫ ଶତକଡ଼ା କମିଥାଏ।''



ମାଟିରେ ମାଙ୍ଗାନିଜ ଦ୍ରବୀଭୂତ ହୋଇ ନ ପାରି ବାନ୍ଧିହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ ନାହିଁ। ମାଟି ପରୀକ୍ଷାରୁ ହେକ୍ଟର ପ୍ରତି ୨.୦ କି.ଗ୍ରା.ରୁ ମାଙ୍ଗାନିଜ୍ କମ୍ ହେଲେ ମାଟିରୁ ମାଙ୍ଗାନିଜ ଅଭାବ ହୁଏ । ଆମ ରାଜ୍ୟର ବିଭିନ୍ନ ଜିଲାର ମାଟିର ସୁଲଭ ମାଙ୍ଗାନିଜ୍ ପରୀକ୍ଷାରୁ ଜଣାପଡ଼େ ଯେ, ଓଡ଼ିଶାର ସମୁଦାୟ ଚାଷଜମିର ମାତ୍ର ୧.୨୨ ଶତକଡ଼ା ଜମିରେ ସୁଲଭ ମାଙ୍ଗାନିଜ୍‌ର ଅଭାବ ରହିଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ ଜଗତ୍‌ସିଂହପୁର ଜିଲାର ସମୁଦାୟ ଚାଷ ଜମିର ସର୍ବାଧିକ ୩୦ ଭାଗ ଜମିରେ ସୁଲଭ ମାଙ୍ଗାନିଜ୍ ଅଧିକ ମାତ୍ରାରେ ରହିଛି । ଅନ୍ୟାନ୍ୟ ଜିଲା ଅର୍ଥାତ୍ କଟକ ଜିଲାରେ ସମୁଦାୟ ଚାଷଜମିରେ ଶତକଡ଼ା ୫ ଭାଗ ଜମିରେ ମାଙ୍ଗାନିଜ୍ ଅଭାବ ଥିଲାବେଳେ ଗଜପତି ଜିଲାରେ ଶତକଡ଼ା ୧.୦ ଭାଗ, ବାଲେଶ୍ୱର ଜିଲାରେ ଶତକଡା ୦.୪ ଭାଗ ଏବଂ ମାଲକାନାଗିରି ଜିଲାର ସବୁଠାରୁ କମ୍ ଅର୍ଥାତ୍ ଶତକଡା ୦.୭ ଭାଗ ଜମିରେ ଅଭାବ ରହିଛି। ରାଜ୍ୟର ଅନ୍ୟାନ୍ୟ ଜିଲାର ଚାଷଜମି ମାଟିରେ ଲୁକ୍କାୟିତରୁ ନଗଣ୍ୟ ପରିମାଣର ସୁଲଭ ମାଙ୍ଗାନିଜ୍ ଅଛି।

ମାଙ୍ଗାନିଜ୍ ଅଭାବ ଥିବା ମାଟିରେ ଫସଲ ପାଇଁ ମାଙ୍ଗାନିଜ୍ ସାର ପ୍ରୟୋଗ କରାଯାଏ । ମାଙ୍ଗାନିଜ୍ ଜାତୀୟ ସାର ମଧ୍ୟରେ ମାଙ୍ଗାନିଜ୍ ସଲ୍‌ପେଟ୍, ମାଙ୍ଗାନିଜ୍ ଅକ୍ସାଇଡ୍ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ମୁଖ୍ୟ । ମାଙ୍ଗାନିଜ୍ ସଲ୍‌ପେଟ୍‌ରେ ଶତକଡ଼ା ୩୦ ଭାଗ, ମାଙ୍ଗାନିଜ୍ ଅକ୍ସାଇଡ୍‌ରେ ଶତକଡା ୨୫ ଭାଗ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ୨ ଗ୍ରେଡ୍‌ର ଯଥା ଶତକଡ଼ା ୧୦ ଏବଂ ଶତକଡ଼ା ୧୬ ଭାଗ ମାଙ୍ଗାନିଜ୍ ଥାଏ । ଆମ ରାଜ୍ୟର କୃଷି ବିଭାଗ ଦ୍ୱାରା ମୁଖ୍ୟତଃ ୩୦ ଭାଗଥିବା ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ଫସଲରେ ପ୍ରୟୋଗ ପାଇଁ ଅନୁମୋଦନ କରାଯାଏ । ହେକ୍ଟର ପ୍ରତି ୫୦ କି.ଗ୍ରା. ମାଙ୍ଗାନିଜ୍ ସଲ୍‌ଫେଟ୍‌ରେ ଏହାର ୫ ଗୁଣା ଶୁଖିଲା ଗୁଣ୍ଡ ଗୋବରଖତ ମିଶାଇ ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ କରାଯାଇ ପାରେ । ଠିଆ ଶସ୍ୟଜାତୀୟ ଫସଲରେ ମାଙ୍ଗାନିଜ୍‌ର ଅଭାବ ଦେଖାଦେଲେ ଶତକଡା ୧.୦ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୧୦୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ର ଛିଞ୍ଚା କରାଯିବା ଉଚିତ୍ ।

ବିଭିନ୍ନ ପନିପରିବା ଯଥା–ବନ୍ଧାକୋବି, ଫୁଲକୋବି, ଗଣ୍ଠିକୋବି, ବିଟ୍ ଓ ଗାଜର ଆଦିରେ ମାଙ୍ଗାନିଜ୍‌ର ଅଭାବ ଅଧିକ ଦେଖାଯାଏ। ଏପରି ସ୍ଥଳେ ଶତକଡା ୦.୫ ଭାଗ ଅର୍ଥାତ୍ ୧୦ ଲିଟର ପାଣିରେ ୫୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌ର ଦ୍ରବଣକରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ । ଫଳଜାତୀୟ ଗଛ ଯଥା: ଆମ୍ବ, ପିଜୁଳି, ଲେମ୍ବୁ, କମଳା, କରମଙ୍ଗା ଆଦି ଗଛରେ ମାଙ୍ଗାନିଜ୍‌ର ଅଭାବ ଦେଖାଯାଏ। ଏପରି ସ୍ଥଳେ ଶତକଡ଼ା ୦.୫ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୫୦ ଗ୍ରାମ୍ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଯାଏ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଅଣଧାନ ଫସଲ ଚାଷ କରୁଥିଲେ...



ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ତଳି ପଟିରେ ବିହନ ବୁଣିବା ସମୟରେ...



ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ। ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିଲାଗି ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମି ଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନ ଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

# ଢିପ ଜମିରେ ଡାଲି ଜାତୀୟ ଫସଲ



ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ।

## ଚିନାବାଦାମ ଚାଷ

ଚିନାବାଦାମ ଚାଷ କରିବା ସମୟରେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଫସଲରେ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରବ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

# ପନିପରିବାରେ ରୋଗ ପୋକ ନିୟନ୍ତ୍ରଣ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ।



ଆଲବାନିଆର ଭ୍ଲୋରେଠାରେ ଅନୁଷ୍ଠିତ ଗିରୋ ଡି' ଇଟାଲିଆ ସାଇକେଲ ରେସର ତୃତୀୟ ଷ୍ଟେଜ୍ ଅବସରରେ ପ୍ରତିଯୋଗୀମାନେ।

# ପେଡେରେଶନ ଡବଲ ଷ୍ଟେଜ୍ ବିଜେତା

**ରୋମ୍, ୧୩ା୫**

ବିଶ୍ୱର ଅନ୍ୟତମ ସମ୍ମାନଜନକ ସାଇକେଲ ରେସ୍ ଗିରୋ ଡି' ଇଟାଲିଆର ୧୦୮ତମ ସଂସ୍କରଣ ଆଲବାନିଆର ଡୁରେସରେ ଆରମ୍ଭ ହୋଇଯାଇଛି। ୩ ସପ୍ତାହବିଶିଷ୍ଟ ଏହି ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ଷ୍ଟେଜ୍ ରେସ୍ ଆସନ୍ତା ୧ ତାରିଖରେ ରୋମ୍‌ରେ ଶେଷହେବ। ପ୍ରତିଯୋଗିତାରେ

**ଗିରୋ ଡି ଇଟାଲିଆ-୨୦୨୫**

ମୋଟ ୨୧ଟି ଷ୍ଟେଜ୍ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୨ଟି ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍ ଓ ୩ଟି ୨୦୦ କିମିରୁ ଊର୍ଦ୍ଧ୍ୱ ଷ୍ଟେଜ୍ ବିଶିଷ୍ଟ ରେସ୍ ରହିଛି। ଏଥର ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ(ୟୁସିଆଇ) ନିୟମ ଅନୁସାରେ, କୌଣସି ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଟିମ୍ ଅଂଶଗ୍ରହଣ କରିପାରିବେ। ସେହି ଅନୁସାରେ ଗିରୋ ଡି' ଇଟାଲିଆରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସିଜନରେ ୨ଟି ଉଚ୍ଚ ର୍‍ୟାଙ୍କପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ୨ଟି ଆମନ୍ତ୍ରଣୀୟ ଟିମ୍ ଏଥିରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ଗ୍ରାଣ୍ଡ ଟୁର୍ ରେସ୍ ଆୟୋଜକ ଏଏସ୍‌ଓ ଏବଂ ଆରସିଏସ ସ୍ୱୋର୍ଟ ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଟିମ୍‌କୁ ସାମିଲ କରିବାକୁ ୟୁସିଆଇକୁ ଅନୁରୋଧ କରିବାପରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୨୩ରେ ପହଞ୍ଚିଛି। ଆଲ୍‌ବାନିଆର ଡୁରେସଠାରୁ ଟିରାନା ପର୍ଯ୍ୟନ୍ତ ୧୬୦ କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌ରେ ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରେଶନ ବିଜେତା ହୋଇଛନ୍ତି। ଟିରାନାରେ ଅନୁଷ୍ଠିତ ୧୩.୭ କିଲୋମିଟର ବିଶିଷ୍ଟ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ ରେସ୍‌କୁ ଗ୍ରେଟ୍ ବ୍ରିଟେନର ଜୋଶୁଆ ଟାର୍ଲିଂ ଜିତିଛନ୍ତି। ଆଲବାନିଆର ଭ୍ଲୋରେରେ ଅନୁଷ୍ଠିତ ୧୬୦ କିଲୋମିଟର ବିଶିଷ୍ଟ ତୃତୀୟ ତଥା ହିଲି ଷ୍ଟେଜ୍‌କୁ ପେଡେରେଶନ ପୁଣି ଜିତି ଷ୍ଟାଣ୍ଡିଂର ଆଗରେ ରହିଛନ୍ତି। ୧୨ ତାରିଖ ବିଶ୍ରାମ ଦିବସ ଥିବାବେଳେ ମଙ୍ଗଳବାର ଆଲବେରୋବେଲୋଠାରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ୪ର୍ଥ (ଫ୍ଲାଟ୍) ଷ୍ଟେଜ୍ ଅନୁଷ୍ଠିତ ହେଉଛି।



ତୃତୀୟ ଷ୍ଟେଜ୍ ଜିତିବା ପରେ ମ୍ୟାଡ୍ସ ପେଡେରେଶନ।

# ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକିରେ ଭାଗନେବ ଭାରତ

**ନୂଆଦିଲ୍ଲୀ, ୧୩ା୫ (ପି.ଟି.):** ଆସନ୍ତା ୨୫ରୁ ଆର୍ଜେଣ୍ଟିନାରେ ଖେଳାଯିବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ମହିଳା ଦଳ ଭାଗନେବ। ବର୍ଷର ପରବର୍ତ୍ତୀ ଭାଗରେ ହେବାକୁଥିବା ବିଶ୍ୱକପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହା ସହାୟକ ହେବ। ଦଳ ରୋସାରିଓ ଗସ୍ତକରି ସେଠାରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ବିପକ୍ଷରେ ୬ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଭାରତ ମେ'୨୫ରେ ଚିଲି ବିପକ୍ଷରେ ଏକ ମ୍ୟାଚ୍ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରଦିନ ଦଳ ଉରୁଗୁଏ ବିପକ୍ଷରେ ଖେଳିବ। ଗୋଟିଏ ଦିନ ବିଶ୍ରାମ ପରେ ମେ' ୨୮ରେ ଆର୍ଜେଣ୍ଟିନାକୁ ଭେଟିବ। ସମାନ ଭେନ୍ୟୁରେ ଭାରତ ଏହାର ରିଟର୍ନ ଲେଗ୍‌ରେ ଚିଲିକୁ ମେ' ୩୦, ଉରୁଗୁଏକୁ ଜୁନ୍ ୧ ଏବଂ ଆର୍ଜେଣ୍ଟିନା ସହିତ ଜୁନ୍ ୨ରେ ମୁକାବିଲା କରିବ।

# କୋହଲି-ରୋହିତଙ୍କ ଅନୁପସ୍ଥିତି ଇଂଲଣ୍ଡକୁ ଫାଇଦା: ମୋଇନ

**ମୁମ୍ବାଇ, ୧୩ା୫:** ଭାରତୀୟ ଟେଷ୍ଟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଘରୋଇ ଦଳକୁ ବଡ଼ ଫାଇଦା ଦେବ। ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ମୋଇନ ଅଲୀ ମଙ୍ଗଳବାର ଏହା କହିଛନ୍ତି। ତାଙ୍କ ମତରେ ଆସନ୍ତା ମାସରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶୁବମନ ଗିଲ ଭାରତୀୟ ଦଳର ନେତୃତ୍ୱ ନେବେ। ରୋହିତ ଓ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବାରୁ ଭାରତୀୟ ଦଳକୁ ତା'ର ସବୁଠୁ ଅଭିଜ୍ଞ ବ୍ୟାଟରଙ୍କ ବିନା ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଖେଳିବାକୁ ପଡ଼ିବ। ଏହି ସିରିଜ ସହିତ ୨୦୨୫-୨୭ ଡବ୍ଲ୍ୟୁଟିସି ସାଇକେଲ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ ୨୦ ତାରିଖରେ ହେଡିଂଲେଠାରେ ଖେଳାଯିବ।

ମୋ ମତରେ ଦୁଇ ସିନିୟର ବ୍ୟାଟରଙ୍କ ଅନୁପସ୍ଥିତି ଇଂଲଣ୍ଡ ଦଳକୁ ବଡ଼ ଫାଇଦା ପ୍ରଦାନ କରିବ। ଦୁଇ ସିନିୟର ଖେଳାଳି ଅନେକ ଥର ଇଂଲଣ୍ଡ ଟୁର କରିଥିଲେ। ଏଣୁ ସେମାନଙ୍କ ପାଖରେ ଅଭିଜ୍ଞତା ଥିଲା। ମୋର ମନେ ଅଛି, ରୋହିତ ଗତ ଥର ଇଂଲଣ୍ଡ ଟୁରରେ ଖୁବ ଭଲ କରିଥିଲେ। ଦୁହେଁ ଭାରତୀୟ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ଭାରତୀୟ ଦଳ ପାଇଁ ବଡ଼ କ୍ଷତି ବୋଲି ମୋଇନ କହିଛନ୍ତି। ଏତଦ ବ୍ୟତୀତ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସେ ଶୁବମନ ଗିଲଙ୍କୁ ବାଛିଛନ୍ତି।

# ପ୍ରେମାନନ୍ଦ ଜୀ ମହାରାଜଙ୍କ ଦର୍ଶନ କଲେ କୋହଲି, ଅନୁଷ୍କା



ଅନୁଷ୍କା ଶର୍ମା ଓ ବିରାଟ କୋହଲି।

**ନୂଆଦିଲ୍ଲୀ, ୧୩ା୫**

ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିବା ପରେ ଭାରତର ମହାନ୍ କ୍ରିକେଟର ବିରାଟ କୋହଲି ମଙ୍ଗଳବାର ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଥିଲେ। ସେଠାରେ ସେ ଶ୍ରୀ ହିତ ପ୍ରେମାନନ୍ଦ ଗୋବିନ୍ଦ ଶରନ ଜୀ ମହାରାଜଙ୍କଠାରୁ ତାଙ୍କ ଆଶ୍ରମରେ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପ୍ରେମାନନ୍ଦ ଜୀ ମହାରାଜଙ୍କ ସହ କୋହଲିଙ୍କର ସ୍ୱତନ୍ତ୍ର ବାର୍ତ୍ତାଳାପ ହୋଇଥିଲା, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଆଶ୍ରମରେ ପହଞ୍ଚିବା ପରେ କୋହଲି ଓ ଅନୁଷ୍କା ପ୍ରେମାନନ୍ଦ ଜୀ ମହାରାଜଙ୍କୁ ପ୍ରଣାମ କରିଥିଲେ। ପ୍ରେମାନନ୍ଦ ଜୀ ମହାରାଜ ପ୍ରଶ୍ନ କରିଥିଲେ ଯେ, ଖୁସି ଅଛ? ଏହାର ଉତ୍ତରରେ କୋହଲି କହିଥିଲେ, ଏବେ ଠିକ୍ ଅଛି। ଏହାପରେ କୋହଲି ଓ ଅନୁଷ୍କାଙ୍କୁ ମହାରାଜ ଆଧ୍ୟାତ୍ମିକ ଶିକ୍ଷା ଦେଇଥିଲେ। ଏହି ଦମ୍ପତି ଚଳିତବର୍ଷ ଦ୍ୱିତୀୟଥର ପାଇଁ ବୃନ୍ଦାବନ ଗସ୍ତ କରିଛନ୍ତି। ଗତ ଜାନୁଆରୀରେ କୋହଲି ଅନୁଷ୍କା ଓ ସେମାନଙ୍କ ପିଲାଙ୍କ ସହ ବୃନ୍ଦାବନ ଯାଇ ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶୀର୍ବାଦ ନେଇଥିଲେ।

# ମଧୁସ୍ମିତାଙ୍କ ମାଉଣ୍ଟ ଲବୁଚେ ଆରୋହଣ




ମାଉଣ୍ଟ ଲବୁଚେ ଆରୋହଣ ପରେ ମଧୁସ୍ମିତା ପାତ୍ର।

**ଭୁବନେଶ୍ୱର, ୧୩ା୫(ତପନ ସ୍ୱାଇଁ)**

ଗଞ୍ଜାମ ଜିଲା ମହାଶାୟୀ ପେଣ୍ଠର ମଧୁସ୍ମିତା ପାତ୍ର ନେପାଳର ଆଉ ଏକ ପର୍ବତ ମାଉଣ୍ଟ ଲବୁଚେ (୬,୧୧୯ମି)କୁ ସଫଳତାର ସହ ଆରୋହଣ କରିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଆରୋହଣ। ପୂର୍ବରୁ ସେ ୨୯ ଏପ୍ରିଲରେ ମାଉଣ୍ଟ ମୀରା (୬,୪୭୬ମି) ଓ ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି) ଆରୋହଣ କରିଥିଲେ। ଏହି ଶୃଙ୍ଗଗୁଡ଼ିକ ଆରୋହଣ ଦ୍ୱାରା ମଧୁସ୍ମିତା ପର୍ବତାରୋହଣ ପାଇଁ ଅତି ଆବଶ୍ୟକ ଧୈର୍ଯ୍ୟ, ସହନଶୀଳତା ଏବଂ ଟେକ୍‌ନିକ୍ ଆଦି ଅଭିଜ୍ଞତା ହାସଲ କରିଛନ୍ତି।

# ଓଡ଼ିଶା ମହିଳା ହକି ଦଳ ଚାମ୍ପିୟନ

**ଭୁବନେଶ୍ୱର, ୧୩ା୫ (ତପନ ସ୍ୱାଇଁ):** ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ବାଜି ମାରିଛି ଓଡ଼ିଶା ମହିଳା ହକି ଦଳ। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଦଳ ପେନାଲ୍ଟି ଶୁଟ୍ ଆଉଟରେ ଝାଡ଼ଖଣ୍ଡକୁ ହରାଇ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସେମିଫାଇନାଲରେ ଓଡ଼ିଶା ୨-୧ ଗୋଲରେ ମଧ୍ୟପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଓଁକାର ନନ୍ଦ ରାଜ୍ୟକୁ ଗର୍ବିତ କରିଛନ୍ତି।

# ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ମେଲବୋର୍ନ, ୧୩ା୫(ପି.ଟି.):** ଆସନ୍ତା ଜୁନ୍ ୧୧ରେ ଇଂଲଣ୍ଡର ଲର୍ଡ୍ସଠାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବାର ଅଛି। ଏଥିଲାଗି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଙ୍ଗଳବାର ସେମାନଙ୍କ ଦଳ ଘୋଷଣା କରାଯାଇଛି।

ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ବିସ୍ଫୋରକ ଓପନର ସାମ୍ କନଷ୍ଟାସ୍ ଓ ଆହତ ସମସ୍ୟାରୁ ଫେରିଥିବା ଅଲ୍‌ରାଉଣ୍ଡର କାମରନ ଗ୍ରୀନ୍ ସ୍ଥାନ ପାଇଛନ୍ତି। ଏହାଛଡ଼ା ଗତ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିଥିବା ପ୍ରାୟ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ଗ୍ରୀନ୍ ବ୍ୟାକ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତବର୍ଷ ଏଥିଲାଗି ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପିନର ମ୍ୟାଟ୍ କୁହ୍ନେମ୍ୟାନଙ୍କୁ ରେଗୁଲାର ସ୍ପିନର ନାଥନ ଲିୟନଙ୍କ ବ୍ୟାକ୍‌ଅପ ଭାବେ ଏବଂ ବ୍ରେଣ୍ଡନ ଡଗେଟଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ଦଳରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଲୁଙ୍ଗି ଏନ୍‌ଗିଡି, କାଗିସୋ ରାବାଡ଼ା ଓ ଅଲ୍‌ରାଉଣ୍ଡର କର୍ବିନ ବୋଶ୍ଚ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଜୁନ୍ ୩ରୁ ୬ ପର୍ଯ୍ୟନ୍ତ ଜିମ୍ବାୱେ ବିପକ୍ଷରେ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବ। ହେଲେ ଆଇପିଏଲରେ ଭାଗନେବାକୁ ଯାଉଥିବା ୮ ଖେଳାଳି ଯଥା ଏନ୍‌ଗିଡି, ବୋଶ୍ଚ, ରାବାଡ଼ା, ମାର୍କୋ ଜାନସେନ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକଲଟନ ଏଥିଲାଗି ଉପଲବ୍ଧ ରହିବେ ନାହିଁ।

**ଡବ୍ଲ୍ୟୁଟିସି ଫାଇନାଲ**

ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କୁମିନ୍ସ (ଅଧିନାୟକ), ସ୍କଟ୍ ବୋଲାଣ୍ଡ, ଆଲେକ୍ସ କ୍ୟାରି, କାମରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସ୍ମାନ ଖ୍ୱାଜା, ସାମ୍ କନଷ୍ଟାସ, ମ୍ୟାଟ କୁହ୍ନେମ୍ୟାନ, ମାର୍ନସ ଲାବୁସେନ, ନାଥନ ଲିୟନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ବେଉ ୱେବଷ୍ଟର। ଟ୍ରାଭେଲିଂ ରିଜର୍ଭ: ବ୍ରେଣ୍ଡନ ଡଗେଟ।

ଦକ୍ଷିଣ ଆଫ୍ରିକା ଦଳ: ଟେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ, କର୍ବିନ ବୋଶ୍ଚ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶବ ମହାରାଜ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ସେନୁରାନ ମୁଥୁସାମୀ, ଲୁଙ୍ଗି ଏନ୍‌ଗିଡି, ଡେନ ପାଟରସନ, କାଗିସୋ ରାବାଡ଼ା, ରିୟାନ ରିକଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନେ।

# ୭ ରାଉଣ୍ଡ ଶେଷସୁଦ୍ଧା ୯ ମିଳିତ ଅଗ୍ରଣୀ

**ଭୁବନେଶ୍ୱର, ୧୩ା୫ (ତପନ ସ୍ୱାଇଁ)**

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

କିଟ୍ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍ 'ଏ' ବର୍ଗର ୨ଟି ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୭ମ ରାଉଣ୍ଡ ଶେଷସୁଦ୍ଧା ୯ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ରୁଷିଆ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଡାଭିଡ ଗୋଚେଲାଶଭିଲି, ପଶ୍ଚିମବଙ୍ଗ ଆଇଏମ୍ କୌସ୍ତୁଭ କୁଣ୍ଡୁ, ଫିଡେ ଅଧୀନରେ ଖେଳୁଥିବା ମାକ୍ସିମ ଶେକାଚିଖିନ, ଭିଏତନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ ଭାନ୍ ହୁଇ, ବେଲାରୁଷ୍ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଡୋରୋଭ ଓ ଏଭଗେନି ପେଡୋଲଚେଙ୍କୋ, ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ ସାଭ୍‌ଚେଙ୍କୋ, କାଜାଖସ୍ତାନ ଆଇଏମ୍ ଟୋଲୋଗୋନ ଟେଲିନ ସେମେଟେଇ ଏବଂ ସ୍ଲୋଭାକିଆ ଗ୍ରାଣ୍ଡମାଷ୍ଟର ମିକୁଲାସ ମାନିକ। ୧୦ ଖେଳାଳି ୫ ପଏଣ୍ଟ ଲେଖାଏ ପାଇଥିବାବେଳେ ଓଡ଼ିଶାର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହିତ ୨୦ତମ ସ୍ଥାନରେ ରହିଛନ୍ତି। ଏହି ୧୦ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତା ୧୬ ତାରିଖରେ ଶେଷହେବ। ୧୭୦୦ ରେଟିଂରୁ କମ୍ 'ସି' ବର୍ଗ ପ୍ରତିଯୋଗିତା ଆରମ୍ଭ ହୋଇଛି।

# ଜୋକୋଭିଚ୍-ମୁରେ ବିଚ୍ଛେଦ

**ଲଣ୍ଡନ, ୧୩ା୫ (ଏପି):** ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ଆଉ ଦୁଇ ସପ୍ତାହ ବାକିଥିବା ବେଳେ ସର୍ବୀୟ ଟେନିସ୍ ଷ୍ଟାର୍ ନୋଭାକ ଜୋକୋଭିଚ୍‌ଙ୍କର କୋଚ୍ ଆଣ୍ଡି ମୁରେଙ୍କ ସହ ରହିଥିବା ପାର୍ଟନରଶିପ୍ ଭାଙ୍ଗିଯାଇଛି। ଏହି ଦୁଇ ପୂର୍ବତନ ନମ୍ବର-୧ ର୍‍ୟାଙ୍କିଂ ଖେଳାଳି ଏଣିକି ଏକତ୍ର କାର୍ଯ୍ୟ କରିବେ ନାହିଁ ବୋଲି ମୁରେଙ୍କ ପ୍ରତିନିଧି ପ୍ରକାଶ କରିଛନ୍ତି। ମୁରେ ୬ ମାସ ହେଲା ଜୋକୋଭିଚ୍‌ଙ୍କ କୋଚ୍ ଭାବେ କାର୍ଯ୍ୟ କରିଆସୁଥିଲେ। ସୂଚନାଯୋଗ୍ୟ, ବ୍ରିଟିଶ ଖେଳାଳି ମୁରେ ଗତବର୍ଷ ଖେଳରୁ ଅବସର ନେବାପରେ ଅଷ୍ଟ୍ରେଲିଆନ୍ ଓପନ୍ ପୂର୍ବରୁ ଜୋକୋଭିଚ୍‌ଙ୍କ କୋଚ୍ ହୋଇଥିଲେ। ଜୋକୋଭିଚ୍ ଫେବୃଆରୀରେ କହିଥିଲେ ଯେ, କିଛି କ୍ଲେ-କୋର୍ଟ ଟୁର୍ନାମେଣ୍ଟ ସମେତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଙ୍କ କୋଚ୍ ଭାବେ କାର୍ଯ୍ୟ କରିବା ଲାଗି ମୁରେ ରାଜି ହୋଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ